

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ


The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.107, Wednesday, 5 August 2026, Puri, Pages - 21, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୭, ବୁଧବାର, ୫ ଅଗଷ୍ଟ ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.107, Wednesday, 5 August 2026, Puri, Pages - 21, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୭, ବୁଧବାର, ୫ ଅଗଷ୍ଟ ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟସ୍ଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.107, Wednesday, 5 August 2026, Puri, Pages - 21, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୭, ବୁଧବାର, ୫ ଅଗଷ୍ଟ ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


## ଗୁରୁତ୍ୱପୂର୍ଣ୍ଣ ସଚିବସ୍ତରୀୟ ବୈଠକ

# ଘାଇ ମରାମତି ଓ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର(ବ୍ୟୁରୋ)** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ଆର୍ଥିକ ପ୍ରଦର୍ଶନ, କ୍ୟାବିନେଟ୍ ନିଷ୍ପତ୍ତିର ସମୟବଦ୍ଧ କାର୍ଯ୍ୟାନ୍ୱୟନ, ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଏବଂ 'ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭' ଲକ୍ଷ୍ୟରେ ଗଜପତି ଜିଲ୍ଲାର ସାମଗ୍ରିକ ବିକାଶ ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ପୁରୀ ରଥଯାତ୍ରାର ସଫଳ ଆୟୋଜନ ଏବଂ ସାମ୍ପ୍ରତିକ ଲଗାଣ ବର୍ଷାଜନିତ ବନ୍ୟା ପରିଚାଳନା ପାଇଁ ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ପ୍ରଶଂସା କରିଥିଲେ। ବନ୍ୟା ପରବର୍ତ୍ତୀ ରିଲିଫ୍, ଘାଇ ମରାମତି ଓ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ କୁମାର ମିଶ୍ର ରାଜ୍ୟର ଆର୍ଥିକ ସ୍ଥିତି ଉପସ୍ଥାପନ କରିଥିଲେ। ଗତବର୍ଷ ତୁଳନାରେ ଚଳିତ ବର୍ଷ ଜୁଲାଇ ଶେଷ ସୁଦ୍ଧା ରାଜସ୍ୱ ଆଦାୟ ବୃଦ୍ଧି ପାଇବା ସହ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିବ୍ୟୟ ୨୦.୨ ପ୍ରତିଶତ ଏବଂ ସାମାଜିକ କ୍ଷେତ୍ରରେ ୧୬.୧ ପ୍ରତିଶତ ବୃଦ୍ଧି ପାଇଥିବା ବୈଠକରୁ ଜଣାପଡ଼ିଛି। 'ବିକଶିତ ଓଡ଼ିଶା' ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲ୍ଲାର ବିକାଶ ପାଇଁ ୨୫ଟି ପ୍ରମୁଖ ପ୍ରକଳ୍ପର ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ। ଏଥିରେ ଜିରାଙ୍ଗ ବୌଦ୍ଧପୀଠ, ମହେନ୍ଦ୍ରଗିରି ଇକୋଟୁରିଜିମ୍, ପାରଳାଖେମୁଣ୍ଡି 'ବୃନ୍ଦାବନ ରାଜପ୍ରାସାଦ', ଜାତୀୟ ରାଜପଥ-୩୨୬ ସମ୍ପ୍ରସାରଣ ଏବଂ ୨୦୨୭ ସୁଦ୍ଧା ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା କ୍ଷେତ୍ରରେ 'ପ୍ରୟାସ ସୁପର-୩୦' କାର୍ଯ୍ୟକ୍ରମ ଯୋଗୁଁ ୨୦୨୫ ମାଟ୍ରିକ ପରୀକ୍ଷାରେ ଜିଲ୍ଲା ୯୯.୩୫% ପାସ୍ ହାର ହାସଲ କରିବା ସହ ଘଓରଚଇ ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଜିଲ୍ଲା ପ୍ରଶାସନର ପ୍ରୟାସକୁ ବୈଠକରେ ଉଚ୍ଛସିତ ପ୍ରଶଂସା କରାଯାଇଥିଲା। ରାଜ୍ୟ କ୍ୟାବିନେଟ୍‌ରେ ନିଆଯାଉଥିବା ନିଷ୍ପତ୍ତିଗୁଡ଼ିକର ସମୟବଦ୍ଧ କାର୍ଯ୍ୟାନ୍ୱୟନ, ନିୟମିତ ଫଲୋ-ଅପ୍ ଏବଂ ଅନୁପାଳନ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ତପ୍ତପାଣିରେ ମହାମହିମ

- ଉଷ୍ମ ପ୍ରସ୍ରବଣ ଗନ୍ଧକଯୁକ୍ତପାଣିରେ ସ୍ନାନ
- ମା' କନ୍ଧୁଣୀଦେବୀଙ୍କୁ ପୂଜାର୍ଚ୍ଚନା
- ପିଲାଙ୍କୁ ଭେଟି ଦେଲେ ଚକୋଲେଟ୍



**ବ୍ରହ୍ମପୁର(ଅମୃତ ମିଡ଼ିଆ)** ଦେଶର ପ୍ରଥମ ନାଗରିକ ତଥା ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଗଞ୍ଜାମ-ଗଜପତି ସୀମାନ୍ତର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଗସ୍ତ କରି ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି। ତପ୍ତପାଣିର ପ୍ରକୃତିଦତ୍ତ ଉଷ୍ମ ପ୍ରସ୍ରବଣ ଏବଂ ଆଦିବାସୀଙ୍କ ଆସ୍ଥାର ପ୍ରତୀକ ମା' କନ୍ଧୁଣୀ ଦେବୀଙ୍କ ପୀଠ ପରିଦର୍ଶନ କରିବାରେ ସେ ହେଉଛନ୍ତି ଦେଶର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୧ ଟା ସମୟରେ ଝିପିଝିପି ବର୍ଷା ଓ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାଷ୍ଟ୍ରପତି ପାନ୍ଥନିବାସରେ ପହଞ୍ଚିଥିଲେ। ସେଠାରୁ କିଛି ସମୟ ବିଶ୍ରାମ ପରେ ସେ ସ୍ୱତନ୍ତ୍ର ସୁଟ୍ ପିନ୍ଧି ଉଷ୍ମ ପ୍ରସ୍ରବଣର ପାଇପ୍ ଯୋଗେ ଆସୁଥିବା ଗନ୍ଧକଯୁକ୍ତ ଗରମ ପାଣିରେ ସ୍ନାନ କରିଥିଲେ। ପରେ ଜନଜାତି ସମ୍ପ୍ରଦାୟର କଳାକାରମାନେ ପାରମ୍ପରିକ ବାଦ୍ୟ ବାଜଣାର ତାଳେ ତାଳେ ନୃତ୍ୟ ପରିବେଷଣ କରି ରାଷ୍ଟ୍ରପତିଙ୍କୁ ଉଷ୍ମ ପ୍ରସ୍ରବଣ କୁଣ୍ଡରେ ବିରାଜିତ ମା' କନ୍ଧୁଣୀ ଦେବୀଙ୍କ ମନ୍ଦିର ଯାଏ ଆଦରରେ ପାଛୋଟି ନେଇଥିଲେ। ଏହି ଗସ୍ତ ସମୟରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଙ୍ଗରେ ଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସ୍ଥାନୀୟ ଜନଜାତି ସମ୍ପ୍ରଦାୟ ମଧ୍ୟରେ ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ପରିସର ଶୁଭ ଶଙ୍ଖଧ୍ୱନି, ଘଣ୍ଟନାଦ, ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା। ପାରମ୍ପରିକ ଆଦିବାସୀ ରୀତିନୀତି ଅନୁଯାୟୀ ମନ୍ଦିରର ପୂଜକମାନେ ଏବଂ ସ୍ଥାନୀୟ ଜନଜାତି ସମ୍ପ୍ରଦାୟର ଲୋକେ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆନ୍ତରିକତାର ସହ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ରାଷ୍ଟ୍ରପତି ମା' କନ୍ଧୁଣୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ପରେ ସେ ନିକଟସ୍ଥ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ଦର୍ଶନ କରିବା ସହ ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ। ପରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ମଞ୍ଚରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ଦଳର ନୃତ୍ୟ ଗୀତ ଉପଭୋଗ କରିଥିଲେ। ସେଠାରେ ଉପସ୍ଥିତ କୁନି କୁନି ପିଲା ଓ ଛାତ୍ରୀମାନଙ୍କୁ ରାଷ୍ଟ୍ରପତି ଚୋକଲେଟ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଏସ.ପି. ଡା. ଶ୍ରବଣା ବିବେକ ଏମ., ଗଞ୍ଜାମ ଏସ.ପି. ହରିଶ୍ ବି. ସି., ଆସିକା ଏମ.ପି. ଅନିତା ଶୁଭଦର୍ଶନୀ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ସାନଖେମୁଣ୍ଡି ବ୍ଲକ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବଂ ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଗଞ୍ଜାମ ଓ ଗଜପତି ଜିଲାର ବହୁ ସଂଖ୍ୟକ ପଦସ୍ଥ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ପାନ୍ଥ ନିବାସରେ ମଧ୍ୟାହ୍ନ ଭୋଜନ କରି କିଛି ସମୟ ବିଶ୍ରାମ ପରେ ଅପରାହ୍ନ ପ୍ରାୟ ୪ ଟାରେ ତପ୍ତପାଣିରୁ ବାହାରି ଠିକ୍ ସାଢେ ୪ ଟାରେ ଦିଗପହଣ୍ଡି ଅତିକ୍ରମ କରି ଭାୟା ବ୍ରହ୍ମପୁର ଦେଇ ଗୋପାଳପୁର ଅଭିମୁଖେ ଯାଇଥିଲେ। ଏହି ଅବିସ୍ମରଣୀୟ ଦିବସ ଅବସରରେ ମା' କନ୍ଧୁଣି ଦେବୀଙ୍କ ମୁଖ୍ୟ ପୂଜକ ପ୍ରଶାନ୍ତ କୁମାର ଜାନୀ ଅତ୍ୟନ୍ତ ଆନନ୍ଦିତ ହୋଇ କହିଥିଲେ ଯେ ରାଷ୍ଟ୍ରପତିଙ୍କୁ ଆମ ପ୍ରାଚୀନ ପରମ୍ପରା ଅନୁଯାୟୀ ଶଙ୍ଖଧ୍ୱନି, ଘଣ୍ଟନାଦ ଓ ବୈଦିକ ରୀତିନୀତିରେ ସ୍ୱାଗତ କରିବା ଆମ ପାଇଁ ପରମ ସୌଭାଗ୍ୟର ବିଷୟ ଏବଂ ମା' କନ୍ଧୁଣି ଦେବୀଙ୍କ ପବିତ୍ର ପୀଠର ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ସେ ଅଭିହିତ କରିଛନ୍ତି। ରାଷ୍ଟ୍ରପତିଙ୍କ ଏହି ଗସ୍ତ ସମଗ୍ର ଅଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି କରିବା ସହ ଜନଜାତି ସଂସ୍କୃତି, ପରମ୍ପରା ଏବଂ ଧାର୍ମିକ ପର୍ଯ୍ୟଟନକୁ ଜାତୀୟ ସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିଛି।

## ମହିଳାଙ୍କୁ ନିର୍ଯାତନା ଘଟଣା

# ଆତ୍ମସମର୍ପଣ କଲେ ପୂର୍ବତନ ଆଇଆଇସି

**ନୟାଗଡ(ଅମୃତ ମିଡ଼ିଆ):** ଯୌନ ନିର୍ଯାତନା ଅଭିଯୋଗରେ ଛନ୍ଦି ହୋଇ ଫେରାର ଥିବା ଶରଣକୁଳ ଥାନାର ପୂର୍ବତନ ଅଧିକାରୀ ସୁଜିତ କୁମାର ଦାସ ଶେଷରେ ଆତ୍ମସମର୍ପଣ କରିଛନ୍ତି। ଆଜି ସେ କ୍ରାଇମବ୍ରାଞ୍ଚ ନିକଟରେ ହାଜର ହୋଇ ନିଜକୁ ସମର୍ପଣ କରିଥିବା ଜଣାପଡ଼ିଛି। ଆତ୍ମସମର୍ପଣ ପରେ ପୋଲିସ ତାଙ୍କୁ ହେପାଜତକୁ ନେଇ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ସୁଜିତ କୁମାର ଦାସ ଶରଣକୁଳ ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ନାମରେ ଏକ ସଙ୍ଗିନ ଅଭିଯୋଗ ଆସିଥିଲା। ଜଣେ ମହିଳା ତାଙ୍କ ବିରୋଧରେ ଶରଣକୁଳ ଥାନାରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ।

# ଓଡ୍ରାଫ୍ ହେବ ଏସ୍‌ଡିଆର୍‌ଏଫ୍

## ଜାତୀୟ ଢାଞ୍ଚାରେ ସୁଦୃଢ଼ ହେବ ବିପର୍ଯ୍ୟୟ ମୁକାବିଲା ବାହିନୀ



**ଭୁବନେଶ୍ୱର(ବ୍ୟୁରୋ)** ଓଡ୍ରାଫକୁ ରାଜ୍ୟର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ବା ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ ଭାବେ ଉନ୍ନୀତ କରାଯିବ ଏବଂ ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ। ଲୋକସେବା ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଭିତ୍ତିଭୂମି ସମ୍ପର୍କରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଓଡ୍ରାଫର ଆବଶ୍ୟକ ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି ଉପରେ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ସାମ୍ପ୍ରତିକ ବନ୍ୟା ପରିପ୍ରେକ୍ଷୀରେ ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଦ୍ୱାରା ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ପ୍ରଦତ୍ତ ସେବା ଏବଂ ସମ୍ମୁଖୀନ ହୋଇଥିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଗଷ୍ଟ ୪ ତାରିଖ ସୁଦ୍ଧା ୯ଟି ଜିଲ୍ଲାରେ ପ୍ରାୟ ୫୮ ଘଣ୍ଟାର ରାତ୍ରିକାଳୀନ ଉଦ୍ଧାର ଅଭିଯାନ ସହ ପ୍ରାୟ ୫୯ଟି ବୋଟ୍ ବ୍ୟବହୃତ ହୋଇଛି। ଏଥିରେ ୮୫୨ ଜଣ ପୁରୁଷ ଏବଂ ୫୪୧ ଜଣ ମହିଳାଙ୍କୁ ଓଡ୍ରାଫ୍ ଦ୍ୱାରା ସୁରକ୍ଷିତ ଉଦ୍ଧାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସ୍‌ଡିଆର୍‌ଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି। ଏହିକ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା କମିଟିର ବୈଠକରେ ଓଡ୍ରାଫକୁ ରାଜ୍ୟର ଏସଡ଼ିଆରଏଫ ଭାବେ ଉନ୍ନୀତ କରିବା ନିମନ୍ତେ ଆଲୋଚନା ହୋଇଛି। ମନ୍ତ୍ରୀ ଶ୍ରୀ ପୂଜାରୀ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରି ଓଡ୍ରାଫକୁ ରାଜ୍ୟର ଏସଡ଼ିଆରଏଫ ଭାବେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ସମ୍ପୂର୍ଣ୍ଣ ସମର୍ପିତ ବାହିନୀ ଭାବେ ଦାୟିତ୍ୱ ଏବଂ କ୍ଷମତା ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ।

## ସିଏମ୍‌ଓରୁ ଫାଇଲ୍ ଗାଏବ୍ ମାମଲା

# ତଦନ୍ତ ପରେ ଜାରିହେବ ସମନ: କ୍ରାଇମବ୍ରାଞ୍ଚ ଡିଜି

**ଭୁବନେଶ୍ୱର(ବ୍ୟୁରୋ)** ସିଏମଓରୁ ଫାଇଲ ଗାଏବ ମାମଲାରେ ତଦନ୍ତ ପରେ ହିଁ ଜାରି ହେବ ସମନ । ଅତି ତରବରିଆ ହେବନି ତଦନ୍ତ। ଏଭଳି କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର । କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି, ମାମଲାର ତଦନ୍ତ ବର୍ତ୍ତମାନ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ତେଣୁ କୌଣସି ପଦକ୍ଷେପ ନେବା ପୂର୍ବରୁ ସମସ୍ତ ଦସ୍ତାବିଜ ଓ ଫାଇଲର ଗତିବିଧିକୁ ଖୁବ ସୂକ୍ଷ୍ମ ଭାବେ ଯାଞ୍ଚ କରାଯାଉଛି । ତାଙ୍କ କହିବା ଅନୁଯାୟୀ, ଗୃହ ବିଭାଗରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଫାଇଲର ସମ୍ପୂର୍ଣ୍ଣ ଗତିବିଧିକୁ ଯାଞ୍ଚ କରାଯାଉଛି।ଏହି ପ୍ରକ୍ରିୟାକୁ ସହଜ କରିବା ପାଇଁ ତିନୋଟି କାର୍ଯ୍ୟାଳୟକୁ ନୋଡାଲ ଅଫିସର ନିଯୁକ୍ତ କରିବାକୁ ଚିଠି ଲେଖାଯାଇଛି। ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ମଗାଯାଇଛି। ସମସ୍ତ ତଥ୍ୟ ଓ ପ୍ରମାଣ ସଂଗ୍ରହ ହେବା ପରେ ସେଗୁଡ଼ିକର ବିଶ୍ଳେଷଣ କରାଯିବ। ତା'ପରେ କେଉଁ ବ୍ୟକ୍ତିଙ୍କୁ ନୋଟିସ୍ କିମ୍ବା ସମନ ଜାରି କରାଯିବ, ସେନେଇ ନିଷ୍ପତ୍ତି ନିଆଯିବ। କୌଣସି ବ୍ୟକ୍ତିଙ୍କୁ ଅଯଥା ଡକାଯିବ ନାହିଁ । ବରଂ ତାଙ୍କର ଭୂମିକା ଅନୁଯାୟୀ ପଚରାଉଚରା କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ସ୍ପଷ୍ଟ କରିଛନ୍ତି। ବିନୟତୋଷ ମିଶ୍ର କହିଛନ୍ତି, ସାକ୍ଷୀ, ସନ୍ଦିଗ୍ଧ କିମ୍ବା ଅଭିଯୁକ୍ତ ଯେଉଁ ଶ୍ରେଣୀରେ ହେଉନା କାହିଁକି, ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ହିଁ ସମନ ଜାରି କରାଯିବ। ତଦନ୍ତରେ କୌଣସି ତରବରିଆ କରାଯିବ ନାହିଁ ଏବଂ ସମସ୍ତ ସମ୍ପୃକ୍ତ ବ୍ୟକ୍ତି ତଦନ୍ତରେ ସହଯୋଗ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ସେ କହିଲେ...



ନୂତନ ବ୍ୟବସ୍ଥା ଅନୁଯାୟୀ, ଯଦି ଦୁଇ ବର୍ଷ ମଧ୍ୟରେ ଜନ୍ମ କିମ୍ବା ମୃତ୍ୟୁ ପଞ୍ଜିକୃତ ନହୁଏ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏବେ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରିବର୍ତ୍ତେ ଜଣେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀଙ୍କଠାରୁ ଆଦେଶ ନେବାକୁ ପଡିବ। ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଲ୍ ବହୁତ କମ୍ ସମୟ ମଧ୍ୟରେ ଧ୍ୱନୀ ମତରେ ଗୃହୀତ ହୋଇଥିଲା ଏବଂ ଗୃହରେ ଏହା ଉପରେ ପର୍ଯ୍ୟାପ୍ତ ଆଲୋଚନା ହୋଇନଥିଲା । ଏହା ବିରୋଧୀଙ୍କୁ ସେମାନଙ୍କର ଆପତ୍ତିକୁ ବିସ୍ତୃତ ଭାବରେ ଉପସ୍ଥାପନ କରିବାର ସୁଯୋଗରୁ ବଞ୍ଚିତ କରିଥିଲା।

**ପ୍ରିୟଙ୍କା ଚତୁର୍ବେଦୀ**
**ଶିବସେନା ନେତ୍ରୀ**

## ଶିଷ୍ଟାଚାର ଭୁଲି ଯାଉଛନ୍ତି ନେତା-ମନ୍ତ୍ରୀ

# ଅଫିସରଙ୍କୁ ମାଡ଼, ସାହସ ଦେଉଛି କିଏ ?

କ୍ଷମତାର ଗର୍ବରେ କିଏ ସରକାରୀ ଅଫିସରଙ୍କ ଉପରକୁ ହାତ ଉଠାଉଛି, ତ ଆଉ କିଏ ଦେଉଛି ଧମକ ଚମକ। ଗୋଟିଏ କି ଦୁଇଟି ଜାଗା ନୁହେଁ, ବରଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଏବେ ଏମିତି ଅଭାବନୀୟ ଚିତ୍ର ସାମ୍ନାକୁ ଆସିବାରେ ଲାଗିଛି। ପିପିଲିରେ ବ୍ୟାଙ୍କ ମ୍ୟାନେଜରଙ୍କୁ ବିଧାୟକ ପ୍ରତିନିଧିଙ୍କ ଆକ୍ରମଣ ହେଉ କିମ୍ବା ଢେଙ୍କାନାଳରେ ମନ୍ତ୍ରୀଙ୍କ କଡ଼ା ତାଗିଦ୍ ଅବା ବିଞ୍ଝାରପୁରରେ ବିଧାୟିକାଙ୍କ ବିବାଦୀୟ ଆଚରଣ। ଲାଗୁଛି ଯେମିତି ଲୋକପ୍ରତିନିଧିମାନେ ନିଜ ସୀମା ଓ ଶିଷ୍ଟାଚାର ଭୁଲି ଯାଇଛନ୍ତି। ଯାହାକୁ ନେଇ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ଓ ଭୟର ବାତାବରଣ ସୃଷ୍ଟି ହୋଇଛି।







- ନାଲିଆଖି ଦେଖାଇ ଡରାଉଛନ୍ତି
- ସନ୍ଦେହଘେରରେ ପୋଲିସ ଭୂମିକା
- କର୍ମଚାରୀ ମହଲରେ ଅସନ୍ତୋଷ
- ସରକାର ଚୁପ୍ ବସିଛନ୍ତି କାହିଁକି ?

**ଭୁବନେଶ୍ୱର (ବ୍ୟୁରୋ)**

ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ତୃଣମୂଳସ୍ତରରେ ସଂଗଠନ ବଢ଼ାଇବା ପାଇଁ ବିଜେପି କରୁଛି ବଡ଼ ରଣନୀତି। ନିର୍ବାଚନ ମଇଦାନରେ ପ୍ରତିପକ୍ଷଙ୍କୁ ଚିତ୍ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏହାରି ଭିତରେ ବିରୋଧୀଙ୍କ ଚେହେରାକୁ ଦଳକୁ ଆଣି ନିଜର ଶକ୍ତି ବଢ଼ାଇବାକୁ ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇଛି। ପ୍ରତିପକ୍ଷଙ୍କ ଭୋଟବ୍ୟାଙ୍କ ଶକ୍ତିକୁ ଦଳ ପାଇଁ ଅନୁକୂଳ କରିବାକୁ ଦିଲ୍ଲୀରେ ପ୍ରସ୍ତୁତ ହୋଇଛି ବ୍ଲୁ ପ୍ରିଣ୍ଟ। ସେହି ଆଧାରରେ ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ କରି ପୂର୍ଣ୍ଣ ଶକ୍ତି ସହ ପଞ୍ଚାୟତ ଓ ପୌର ନିର୍ବାଚନକୁ ଓହ୍ଲାଇବାକୁ ଯୋଜନା ରଖିଛି ରାଜ୍ୟ ବିଜେପି।

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ବାଜିମାତ୍ ପାଇଁ ସଂଗଠନ ସୁଦୃଢ଼ କରିବା ଉପରେ ବିଜେପିର ଫୋକସ୍। ଏଥିପାଇଁ ଦିଲ୍ଲୀରେ ପ୍ରସ୍ତୁତ ହୋଇଛି ରଣନୀତି। ଆଉ ତାକୁ କାର୍ଯ୍ୟକାରୀ କରିବାକୁ ଓଡ଼ିଶାରେ ଆରମ୍ଭ ହୋଇଯାଇଛି କସରତ। ବିଜେପିରେ ସାମିଲ ହେବାକୁ ଚାହୁଁଥିବା ନେତାଙ୍କୁ ନିର୍ବାଚନ ପୂର୍ବରୁ ଦଳକୁ ଆଣି ଶକ୍ତି ବଢ଼ାଇବ ଦଳ। ତୃଣମୂଳସ୍ତରରେ ଭୋଟବ୍ୟାଙ୍କ ଥିବା ନେତାଙ୍କୁ ଦଳକୁ ଆଣିବାକୁ ଉଦ୍ୟମ କରାଯିବ। ପଞ୍ଚାୟତ ଓ ପୌର ଭୋଟ ଯେମିତି ଦଳୀୟ ଖାତାକୁ ଯିବ, ତାହାର ଅଙ୍କ କଷିଛନ୍ତି ବିଜେପିର ଶୀର୍ଷ ନେତୃତ୍ୱ। ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ଅବସରରେ ବିଜେପି ନେତୃତ୍ୱଙ୍କ ସହ ବିଚାରବିମର୍ଶ କରି ଆଗକୁ ପାଦ ବଢ଼ାଉଛି ଦଳ।

ସରକାରକୁ ଆସିବାକୁ ଦୁଇ ବର୍ଷ ବିତିଥିଲେ ବି ଏପର୍ଯ୍ୟନ୍ତ ସବୁ ନିର୍ବାଚନ ମଣ୍ଡଳୀରେ ସଂଗଠିତ ହୋଇପାରିନି ବିଜେପି। ତେଣୁ ସଂଗଠନକୁ ମଜଭୁତ କରିବାକୁ ଲାଗିପଡ଼ିଛି ଦଳ। ସେ ଉପକୂଳ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ ଓଡ଼ିଶା। ସବୁ ଅଞ୍ଚଳରୁ ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ସଂଗଠନ ସହ ଯୋଡ଼ିବାକୁ ରୀତିମତ ଉଦ୍ୟମ ହେଉଛି। ଏକଦା ବିଜେଡିର ଗଡ଼ ବୋଲାଉଥିବା କଟକ, ଭଦ୍ରକ, ବାଲେଶ୍ୱର ଜିଲ୍ଲାର ଛାମୁଆ ନେତା ଏବେ ଶଙ୍ଖ ଛାଡ଼ି ପଦ୍ମଦଳରେ ସାମିଲ ହୋଇଛନ୍ତି। ଏହାର ସିଧା ସଳଖ ପ୍ରଭାବ ପଞ୍ଚାୟତ ଓ ପୌର ନିର୍ବାଚନରେ ଦେଖିବାକୁ ମିଳିବ ବୋଲି ବିଜେପି ଆଶା ରଖିଛି। କିନ୍ତୁ ବିଜେପିର ଏହି ରଣନୀତିରେ ଲାଭ ସହ କିଛି କ୍ଷତି ମଧ୍ୟ ରହିଛି ବୋଲି କହିଛନ୍ତି ରାଜନୈତିକ ବିଶେଷଜ୍ଞ। ପଞ୍ଚାୟତ-ପୌର ଦଖଲ ପାଇଁ କେବଳ ବିଜେପି ରଣନୀତି କରିଛି ତା ନୁହେଁ। ବିରୋଧୀ ବିଜେଡି ଓ କଂଗ୍ରେସ ମଧ୍ୟ ରାଜନୈତିକ ରଣକୌଶଳ କରି ବିଜୟ ପାଇଁ ପଥ ପ୍ରସ୍ତୁତ କରୁଛନ୍ତି। ତୃଣମୂଳ ସଂଗଠନକୁ ଅଧିକ ସୁସଂଗଠିତ କରିବା ଲାଗି ଏହି ଦୁଇ ବିରୋଧୀ ଦଳ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି।

**ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ସେମାନଙ୍କ ସଠିକ୍ ଲାଳନପାଳନ ଓ ନୈତିକ ଶିକ୍ଷାର ବିକାଶ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ପ୍ରାରମ୍ଭିକ ଓ ଉଚ୍ଚଶିକ୍ଷା ପ୍ରଦାନ ପରେ ଦକ୍ଷ କରିବା କାଠିକର ପାଠ। ଏକ୍ଷେତ୍ରରେ ପିତା-ମାତା ଓ ପରିବାରର ଯେତିକି ଦାୟିତ୍ୱ ରହିଛି ଶିକ୍ଷାନୁଷ୍ଠାନର ବି ସେତିକି ଗୁରୁଦାୟିତ୍ୱ ରହିଛି। ପାରିପାର୍ଶ୍ୱିକ ସ୍ଥିତି ଓ ବ୍ୟବସ୍ଥାଗତ ସମର୍ଥନ ସେମାନଙ୍କ ବିକାଶ ଲାଗି ନିତାନ୍ତ ଅପରିହାର୍ଯ୍ୟ। ହେଲେ ଶୈକ୍ଷିକ ବାତାବରଣ ଖରାପ ହେଲେ କିମ୍ବା ପରୀକ୍ଷାଗତ ତ୍ରୁଟି ଉପୁଜିଲେ, ସେମାନଙ୍କ ମନୋବଳ ଭାଙ୍ଗିଯିବା ସ୍ୱାଭାବିକ। ଏନେଇ ପ୍ରଶାସନିକ ସ୍ୱଚ୍ଛତା ଓ ସରକାରୀ ଉତ୍ତରଦାୟିତ୍ୱ ରହିବା ଜରୁରୀ। ନହେଲେ ପରିସ୍ଥିତି ବିଗିଡ଼ିଯିବାର ଆଶଙ୍କା ରହିଛି। ଯୁବଛାତ୍ରଙ୍କୁ ବିଚଳିତ କଲାଭଳି ପରିସ୍ଥିତି ସୃଷ୍ଟିକରିବା ଉପରେ ସରକାର ତୁରନ୍ତ ନିୟନ୍ତ୍ରଣ ଆଣିବା ଜରୁରୀ। ବାରମ୍ବାର ପ୍ରଶ୍ନପତ୍ର ବିଭ୍ରାଟ ଓ ପରୀକ୍ଷାଗତ ତ୍ରୁଟି ଯୋଗୁଁ ଯୁବଛାତ୍ର ଗୋଷ୍ଠୀ ବିବ୍ରତ ହୋଇ ବିଭିନ୍ନ ହିଂସାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏକ୍ଷେତ୍ରରେ ସରକାରୀ ଉତ୍ତରଦାୟିତ୍ୱ ଓ ପଦକ୍ଷେପ ଶୀଘ୍ର ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।**




# ଶିକ୍ଷା ସଂସ୍କାର ଓ ତ୍ରୁଟି



ସୁଶାନ୍ତ କୁମାର ଦାସ

ଦେଶରେ ବିଭିନ୍ନ ପରୀକ୍ଷାରେ ବାରମ୍ବାର ହେଉଥିବା ପ୍ରଶ୍ନପତ୍ର ପ୍ରଘଟକୁ ରୋକିବାରେ କେନ୍ଦ୍ର ସରକାରଙ୍କ ବିଫଳତା ପରିପ୍ରେକ୍ଷୀରେ ଉତ୍ତରଦାୟିତ୍ୱ ଦାବି କରି ଦିଲ୍ଲୀର ଜନ୍ତରମନ୍ତରରେ ଆରମ୍ଭ ହୋଇଥିଲା ଛାତ୍ର ଆନ୍ଦୋଳନ। ଶେଷରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ଏହା ସମାପ୍ତ ହୋଇଛି। ଏହି ଆନ୍ଦୋଳନ ଦେଢ଼ମାସ ତଳୁ ଆରମ୍ଭ ହୋଇଥିଲେ ମଧ୍ୟ ସରକାର ସେମାନଙ୍କ ସହ କୌଣସି ଆଲୋଚନା ନ କରି ଅଣଦେଖା କରିଥିଲେ। ଶେଷରେ ସେମାନେ ଯେତେବେଳେ ୨୦ ଜୁଲାଇରେ ସଂସଦ ମାର୍ଚ୍ଚର ଡାକରା ଦେଇଥିଲେ, ସେତେବେଳେ ମଧ୍ୟ ସରକାର ସେମାନଙ୍କୁ ବଳପ୍ରୟୋଗ କରି ଚୁପ୍ କରିବାକୁ ଚେଷ୍ଟା କରିଥିଲେ। ଦୀର୍ଘଦିନ ଧରି ଭାଜପାର ଭୋଟବ୍ୟାଙ୍କ ରହିଆସିଥିବା ମଧ୍ୟବିତ୍ତ ପରିବାର ଭିତରୁ ଆକ୍ରୋଶ ଦେଖିବାକୁ ମିଳିଥିଲା। ସରକାରୀ ଦମନକୁ ଭୃକ୍ଷେପ ନ କରି ଜେନ୍-ଜିମାନେ ରାସ୍ତାକୁ ଓହ୍ଲାଇଥିଲେ। ପରିସ୍ଥିତି ସମ୍ଭାଳିବାକୁ ପ୍ରଧାନମନ୍ତ୍ରୀ ସାମନାକୁ ଆସିଥିଲେ ମଧ୍ୟ ତାହା ବହୁତ ବିଳମ୍ବ ହୋଇଯାଇଥିଲା। ଜେନ୍-ଜିଙ୍କୁ ଫ୍ରେଣ୍ଡସ୍ ବୋଲି ସମ୍ବୋଧନ କରି ମାତ୍ର କିଛି ଘଣ୍ଟାର ବ୍ୟବଧାନରେ ତିନି ତିନୋଟି ଭିଡିଓ ଜରିଆରେ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆଶ୍ୱାସନ ଦେଲେ ମଧ୍ୟ ତାହା ସେମାନଙ୍କୁ ପ୍ରଭାବିତ କରିପାରି ନ ଥିଲା। ଶେଷରେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଇଥିଲେ।

## ୧୨ ବର୍ଷରେ ୧୫୨ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍

ଦେଶରେ ଲଗାତର ପ୍ରଶ୍ନପତ୍ର ଲିକ୍ ଘଟଣା ପରିପ୍ରେକ୍ଷୀରେ ସରକାରଙ୍କ ପରୀକ୍ଷା ପରିଚାଳନା ବ୍ୟବସ୍ଥା ଉପରୁ ଛାତ୍ରୀଛାତ୍ରଙ୍କ ଭରସା ତୁଟିଯିବା ସ୍ୱାଭାବିକ ଥିଲା। କାରଣ କେନ୍ଦ୍ର ସରକାରଙ୍କ ଗତ ବାରବର୍ଷର ଶାସନକାଳରେ ଉଭୟ ଜାତୀୟ ଓ ରାଜ୍ୟସ୍ତରରେ ଆୟୋଜିତ ବିଭିନ୍ନ ପରୀକ୍ଷା ମଧ୍ୟରୁ ୧୫୨ଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି ଏବଂ ଏହା ଯୋଗୁ ଦେଶର ପ୍ରାୟ ୬ କୋଟିରୁ ଅଧିକ ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି। ଉପରୋକ୍ତ ୧୫୨ଟି ପରୀକ୍ଷା ମଧ୍ୟରୁ ୪୯ଟି ପରୀକ୍ଷାକୁ ପୁଣି ଥରେ ଆୟୋଜନ କରିବାକୁ ପଡ଼ିଛି। ୨୨ଟି ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ୍ ଯୋଗୁ ଆୟୋଜନ ହେବା ପୂର୍ବରୁ ବାତିଲ କରାଯାଇଛି। ଗତ ୧୨ ବର୍ଷ ଭିତରେ ପ୍ରଶ୍ନପତ୍ର ଲିକ୍‌ର ଘଟଣାରେ ମୋଟ ୧୪୮ଟି ଆପରାଧିକ ମାମଲା ଦେଶର ବିଭିନ୍ନ ସ୍ଥାନରେ ଆନୁଷ୍ଠାନିକ ଭାବେ ଦାଏର ହୋଇଛି।

## ଶିକ୍ଷା ବ୍ୟବସ୍ଥାରେ ତ୍ରୁଟି ଜଳଜଳ

ଆଶ୍ଚର୍ଯ୍ୟର କଥା, ଏଯାଏ ଗୋଟିଏ ବି ମାମଲାରେ ଦଣ୍ଡବିଧାନ ହୋଇନାହିଁ। ଅଧିକାଂଶ ମାମଲାରେ ଅଭିଯୁକ୍ତମାନେ ଅତି ସହଜରେ ଜେଲରୁ ବାହାରି ପୁଣିଥରେ ପେପର ଲିକ୍ ଅପରାଧର ସାମ୍ରାଜ୍ୟରେ ନିଜକୁ ସାମିଲ କରାଇବା ଦେଖିବାକୁ ମିଳିଛି। ଯଦି ଦେଶର ପରୀକ୍ଷା ବ୍ୟବସ୍ଥାରେ ସବୁକିଛି ଠିକ୍ ଚାଲିଥିଲା, ତା'ହେଲେ ଶିକ୍ଷମନ୍ତ୍ରୀଙ୍କ ଇସ୍ତଫା ପୂର୍ବରୁ ସରକାରଙ୍କୁ ଏନ୍‌ଟିଏର ୪୭ ଜଣ ଅଧିକାରୀଙ୍କୁ (ଏକ ଚତୁର୍ଥାଂଶ) ଦୁର୍ନୀତିରେ ସାମିଲ ଅଭିଯୋଗରେ ସିଧାସଳଖ ବରଖାସ୍ତ କରିବାକୁ ପଡ଼ିଲା କାହିଁକି? ଏଥିରୁ ଦେଶର ଶିକ୍ଷା ମନ୍ତ୍ରଣାଳୟ ବିଶେଷ କରି ପରୀକ୍ଷା ପରିଚାଳନାରେ ଚାଲିଥିବା କେଳେଙ୍କାରୀଟି ସ୍ପଷ୍ଟ ପ୍ରମାଣିତ ହେଉଛି।

## ୨୨ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

ପରିତାପର ବିଷୟ, ପ୍ରଶ୍ନପତ୍ର ଲିକ୍ କରି ଦେଶର ଅନେକ କୋଟି ପିଲାଙ୍କ ଭବିଷ୍ୟତ ସହିତ ଯେଉଁମାନେ ଖେଳୁଛନ୍ତି, ସେମାନଙ୍କର କୌଣସି ପ୍ରକାର ଅସୁବିଧା ହେଉନି। ବାରମ୍ବାର ପ୍ରଶ୍ନପତ୍ର ଲିକ୍ ସତ୍ତ୍ୱେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର ଉତ୍ତରଦାୟିତ୍ୱ ଥିବା ଦେଖାଯାଉନାହିଁ। ଏନ୍‌ଇଇଟି ପରୀକ୍ଷାର ପେପର ଲିକ୍ ହେବା ଫଳରେ ଆଜି ପର୍ଯ୍ୟନ୍ତ ଦେଶର ବିଭିନ୍ନ ରାଜ୍ୟର ୨୨ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଏହା କୌଣସି ଛୋଟିଆ ଘଟଣା ନୁହେଁ। ଉତ୍ତରଦାୟିତ୍ୱହୀନ ବ୍ୟବସ୍ଥା ଦ୍ୱାରା ଏସବୁ ଗୋଟିଏ ଗୋଟିଏ ସଂସ୍ଥାଗତ ହତ୍ୟା। (ଇନଷ୍ଟିଚ୍ୟୁଶନାଲ ମର୍ଡର) ବୋଲି କୁହାଯିବା ଠିକ୍ ହେବ। କାରଣ ଯଦି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇ ନ ଥାନ୍ତା, ତା'ହେଲେ ଏହି ପିଲାମାନେ ଆତ୍ମହତ୍ୟା କରି ନ ଥାନ୍ତେ। ଏଭଳି ବ୍ୟବସ୍ଥାର ଅନ୍ତ ହେବା ନିହାତି ଜରୁରୀ।

## ଦଣ୍ଡ ପରିବର୍ତ୍ତେ ଦାୟିତ୍ୱବୋଧ ଜରୁରୀ

ଜେନ୍-ଜିଙ୍କୁ ବୁଝାଇବାକୁ ଯାଇ ପ୍ରଧାନମନ୍ତ୍ରୀ ପେପର ଲିକ୍‌ରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ତ୍ୱରିତ ବିଚାର ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରିବାକୁ କହିଛନ୍ତି। କଠୋର ଦଣ୍ଡ ଦେବା ପାଇଁ ଏକ ନୂତନ ବିଲ୍ ଆଣିଛନ୍ତି। କିନ୍ତୁ ତାଙ୍କ ଘୋଷଣାର ୨୪ ଘଣ୍ଟା ନ ପୂରୁଣୁ ଏନ୍‌ଇଇଟି-୨୦୨୪ ପେପର ଲିକ୍ କେଳେଙ୍କାରୀର ମାଷ୍ଟରମାଇଣ୍ଡ ସଞ୍ଜୀବ ମୁଖିଆଙ୍କ ବିରୋଧରେ ସିବିଆଇ ପ୍ରମାଣ ଦେଇ ନ ପାରିବାରୁ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେତେବେଳେ ପୋଲିସ ଓ ସମ୍ପୂର୍ଣ୍ଣ ଜାତୀୟ ଗଣମାଧ୍ୟମ ଚିତ୍କାର କରି ଏହି ବ୍ୟକ୍ତି ମାଷ୍ଟର ମାଇଣ୍ଡ ବୋଲି ଦାବି କରୁଥିଲେ। ଅତଏବ ସିବିଆଇ ତା' ବିରୋଧରେ ପ୍ରମାଣ ଯୋଗାଡ଼ କରି ନ ପାରିବା ଆମ ବ୍ୟବସ୍ଥାର ଗାଲରେ ଏକ ଶକ୍ତ ଚାପୁଡ଼ା ଭଳି ହୋଇଛି। ଏଠାରେ ପ୍ରଶ୍ନ ଉଠେ, ଯଦି ସେ ମାଷ୍ଟରମାଇଣ୍ଡ ନ ଥିଲା, ତା'ହେଲେ ଏନ୍‌ଇଇଟି-୨୦୨୪ ପରୀକ୍ଷାର ପେପର ଲିକ୍‌ର ଅସଲ ଅପରାଧୀ ସବୁ କୁଆଡ଼େ ଗଲେ।

ଏହି ଘଟଣାରୁ ଦେଶରେ ପରୀକ୍ଷା କେଳେଙ୍କାରୀର ଚେର କେତେ ଗଭୀରରେ ରହିଛି ଏବଂ କେତେ ଶକ୍ତିଶାଳୀ ତାହା ପୁଣିଥରେ ପ୍ରମାଣିତ ହୋଇଛି। ପ୍ରଧାନମନ୍ତ୍ରୀ ପେପର ଲିକ୍ ରୋକିବା ପାଇଁ ଯେଉଁ ବିଲ୍ ଓ ଫାଷ୍ଟଟ୍ରାକ୍ କୋର୍ଟ କରିବା କଥା କହିଛନ୍ତି ତାହା କେବଳ ପିଲାଙ୍କ ମନ ବୁଝାଇବା ଭଳି ହୋଇଛି। କାରଣ ତାଙ୍କ ସରକାର ହିଁ ଏ ସଂକ୍ରାନ୍ତରେ ଏକ ଆଇନ ୨୦୨୪ରେ ପ୍ରଣୟନ କରିଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ତା'ଦ୍ୱାରା ଜଣେ ବି ଅପରାଧୀ ଦଣ୍ଡିତ ହୋଇନାହାନ୍ତି। ବର୍ତ୍ତମାନ ସେଥିରେ କେବଳ ଦଣ୍ଡର ପରିମାଣକୁ ବୃଦ୍ଧିକରି ନୂତନ ବିଲ୍ ଅଣାଯାଉଛି। ଆଇନକୁ କେବଳ କଠୋର କିମ୍ବା ଫାଷ୍ଟଟ୍ରାକ୍ କୋର୍ଟ କରିଦେଲେ ଅପରାଧଙ୍କୁ ଦଣ୍ଡ ମିଳିବ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ; ଯାହା ସଞ୍ଜୀବ ମୁଖିଆଙ୍କ ଖଲାସରୁ ସ୍ପଷ୍ଟ ପ୍ରମାଣିତ ହେଉଛି।




## ବନ୍ଦ ହେଉ ଶିକ୍ଷା ବ୍ୟବସ୍ଥାର ଘରୋଇକରଣ

ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ର ଏହା ପ୍ରଥମ କିମ୍ବା ଶେଷ ଘଟଣା ନୁହେଁ। ପୂର୍ବରୁ ଅନ୍ୟ ସରକାରଙ୍କ ସମୟରେ ଦେଶରେ ବିଭିନ୍ନ ରାଜ୍ୟରେ ପେପର ଲିକ୍ ହେଉଥିଲା। କିନ୍ତୁ ତାହା କାଁ ଭାଁ ହେଉଥିଲା, ଆଜିପରି ଏତେ ବ୍ୟାପକ ନ ଥିଲା। କିନ୍ତୁ ଏହି ସରକାର ସମୟରେ ଏଭଳି ଘଟଣାରେ କେବଳ ଲଗାତର ବୃଦ୍ଧି ଘଟିନି ବରଂ ସାଧାରଣ ଘଟଣାରେ ପରିଣତ ହୋଇଯାଇଛି। ଏନ୍‌ଟିଟି, ସିୟୁଇଟି, ସିବିଏସ୍‌ଇ, କ୍ଲାଟ୍ ପରି ପରୀକ୍ଷାଗୁଡ଼ିକରେ ଲଗାତର ଦୁର୍ନୀତି ଓ ପେପର ଲିକ୍ ପଛରେ ମୁଖ୍ୟତଃ ଦୁଇଟି କାରଣ ରହିଛି। ଗୋଟିଏ ହେଉଛି ଉତ୍ତରଦାୟିତ୍ୱର ଅଭାବ ଏବଂ ଅନ୍ୟଟି ପରୀକ୍ଷା ପଦ୍ଧତିର ଘରୋଇକରଣ। ଭାଜପା ସରକାର ଆଣିଥିବା ନୂତନ ଶିକ୍ଷାନୀତି ମଧ୍ୟ ଶିକ୍ଷାର ଏହି ଘରୋଇକରଣକୁ ଖୋଲାଖୋଲି ପ୍ରୋତ୍ସାହିତ କରୁଛି। ଏହା ଅନ୍ତର୍ଗତ ପରୀକ୍ଷା ପରିଚାଳନାକୁ କେନ୍ଦ୍ରୀକୃତ କରି ଏନ୍‌ଟିଏ ଗଠନ କରାଯାଇଛି ଏବଂ ତାହା ଜରିଆରେ ଦେଶର ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଘରୋଇ ଆଉଟ୍‌ସୋର୍ସିଂ କମ୍ପାନୀଗୁଡ଼ିକ ହାତରେ ଟେକି ଦେଇଛନ୍ତି। ଏପରିକି ପ୍ରତିବର୍ଷ ୨୭୦ରୁ ଊର୍ଦ୍ଧ୍ୱ ପରୀକ୍ଷା ପରିଚାଳନା କରୁଥିବା ଏନ୍‌ଟିଏରେ ମାତ୍ର ୨୪ ଜଣ ନିୟମିତ କର୍ମଚାରୀ ଥିବା ବେଳେ ବିଭିନ୍ନ ଘରୋଇ ସଂସ୍ଥା ଦ୍ୱାରା ନିୟୋଜିତ ୧୯୭ ଜଣ ଆଉଟସୋର୍ସିଂ କର୍ମଚାରୀ ଅଛନ୍ତି। ଯଦିଓ ସରକାରୀ ପରୀକ୍ଷା ବୋଲି କୁହାଯାଉଛି, କିନ୍ତୁ ସମ୍ପୂର୍ଣ୍ଣ ପରୀକ୍ଷା ପରିଚାଳନା ଅର୍ଥାତ୍ ପରୀକ୍ଷାର ପ୍ରଶ୍ନପତ୍ର ତିଆରି କରିବାଠାରୁ ଆରମ୍ଭ କରି ତାକୁ ଛାପିବା, ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା, ମୂଲ୍ୟାୟନ, ପରୀକ୍ଷଫଳ ବାହାର କରିବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅନେକ ଘରୋଇ ସଂସ୍ଥାଙ୍କ ଦୟାରେ ଛାଡ଼ି ଦିଆଯାଇଛି। ସରକାର ଜାଣିବା ଦରକାର ଯେ, ପରୀକ୍ଷା କୌଣସି ଲାଭଜନକ ବ୍ୟବସାୟ ନୁହେଁ। ଏହା ଗୋଟେ ମଣିଷର ଜୀବନ ଗଢ଼ିବାର ମାଧ୍ୟମ। ଅନ୍ୟପଟେ ଘରୋଇ ସଂସ୍ଥାଙ୍କ ପାଇଁ ପରୀକ୍ଷା ହେଉଛି ଏକ ଲାଭ ପାଇବାର ମାଧ୍ୟମ। ତେଣୁ ସେସବୁ ସଂସ୍ଥାଗୁଡ଼ିକ ପ୍ରଶ୍ନପତ୍ର ଚୋରି ର୍‌ୟାକେଟ୍‌ର ଅଂଶବିଶେଷ ହେବା ସହଜ। ଏଭଳି ଏକ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ବିଫଳ ହେବା ସ୍ୱାଭାବିକ ଥିଲା।

ଏଭଳି ବିଭ୍ରାଟକୁ ନେଇ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ ହେବା ସ୍ୱାଭାବିକ ଘଟଣା। ବାରମ୍ବାର ଏଭଳି ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଶ୍ନପତ୍ର ପ୍ରଘଟ ହେବା ଓ ପରୀକ୍ଷା ବାତିଲ ହେବା ଦ୍ୱାରା ପିଲାମାନଙ୍କ ମାନସିକ ସନ୍ତୁଳନ ବିଗୁଡୁଛି। ଏହା ସହ ଶିକ୍ଷା ବ୍ୟବସ୍ଥାର ଘରୋଇକରଣ କରାନଯାଇ ସରକାରୀ ଅଧିକାରୀଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯିବା ଜରୁରୀ। କେବଳ କଠୋର ଦଣ୍ଡବିଧାନ କି ଆଇନ ପ୍ରଣୟନ କରିଦେଲେ ଯେ, ସବୁ ହୋଇଗଲା ଭାବିବା ବି ଭୁଲ। ସରକାରଙ୍କ ଉତ୍ତରଦାୟିତ୍ୱ, ବିଭାଗୀୟ ଶୃଙ୍ଖଳା ଓ ପିଲାଙ୍କ ପରିଶ୍ରମ, ମାନସିକ ସ୍ଥିତିକୁ ବି ସେତିକି ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଏଥିରେ ସୁଧାର ଓ ସଂସ୍କାର ଅଣାନଗଲେ ପରିସ୍ଥିତି ଆଗକୁ ଯେ, ବିଷମୟ ନହେବ, ସେ କଥା କିଏ କହିବ।







# ବିଦ୍ୟାଳୟ ଭିତରେ ଶିକ୍ଷକଙ୍କୁ ରକ୍ତାକ୍ତ ଆକ୍ରମଣ

**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଥନଟରେ ଆଜି (ମଙ୍ଗଳବାର) ମଧ୍ୟାହ୍ନ ଭୋଜନ ପରିବେଷଣ ସମୟରେ ଘଟିଥି?ବା ଏକ ଲଜ୍ଜାଜନକ ଘଟଣା ସମଗ୍ର ଶିକ୍ଷକ ସମାଜକୁ ସ୍ତବ୍ଧ କରିଦେଇଛି। ଅଭିଯୋଗ ଅନୁସାରେ, ସୁବାସ ସୁନାନୀ ନାମକ ଜଣେ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟରେ ପ୍ରବେଶ କରି ପ୍ରଧାନଶିକ୍ଷକ ସରୋଜ କୁମାର ଧଙ୍ଗଡାମାଝିଙ୍କୁ ଅଶଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନିର୍ମମ ଭାବେ ଆକ୍ରମଣ କରିଥିଲେ। ଫଳରେ ପ୍ରଧାନଶିକ୍ଷକ ରକ୍ତାକ୍ତ ହୋଇପଡ଼ିଥିଲେ। ସହକର୍ମୀ ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ୧୧୨ ହେଲ୍ପଲାଇନକୁ ସୂଚନା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ନିକଟସ୍ଥ ପଞ୍ଜିଆ ଗ୍ରାମର ବାସିନ୍ଦା ହୋଇ ଥିବା ବେଳେ ତାଙ୍କ ଶାଶୁ ଏସ୍.ଏଚ.ଜି ସଭ୍ୟା ରୂପେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଦାୟୀତ୍ୱ ତୁଲାଉ ଥିଲେ। ଘଟଣାର କାରଣ ସମ୍ପର୍କରେ ଅଭିଯୋଗ ହୋଇଛି ଯେ, ମଧ୍ୟାହ୍ନ ଭୋଜନର ନିମ୍ନ ମାନ ନେଇ ପୂର୍ବରୁ ଉଠିଥିବା ପ୍ରସଙ୍ଗ ଏବଂ ଆଜିର ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଏହାକୁ ଆଲୋଚନା ନ କରିବାକୁ ଦିଆଯାଇଥିବା ଧମକ ସହ ଏହି ଘଟଣାର ସମ୍ପର୍କ ଥାଇପାରେ।



ସୂଚନାଯୋଗ୍ୟ, ଆହତ ପ୍ରଧାନଶିକ୍ଷକ ଜଣେ ଭଦ୍ର, ସରଳ, କର୍ମଠ ଓ ଲୋକପ୍ରିୟ ଶିକ୍ଷକ ଭାବେ ପରିଚିତ। ହାତ ଭାଙ୍ଗିଥିବା ସତ୍ତ୍ୱେ ମଧ୍ୟ ସେ ବି.ଏଲ୍.ଓ ଦାୟିତ୍ୱରେ ଥାଇ ଏସ.ଆଇ.ଆର୍ ପରି ସରକାରୀ ଦାୟିତ୍ୱ ନିଷ୍ଠାର ସହ ପାଳନ କରିଆସୁଥିବା କଥା ସହକର୍ମୀମାନେ କହିଛନ୍ତି। ଏହି ଘଟଣା ପରେ ବିଦ୍ୟାଳୟର ଶିକ୍ଷକମାନଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। ଯେଉଁ ଶିକ୍ଷକମାନେ ଜାତିର ଭବିଷ୍ୟତ ଗଢ଼ନ୍ତି, ସେମାନେ ଯଦି ନିଜ କର୍ମକ୍ଷେତ୍ରରେ ହିଁ ଅସୁରକ୍ଷିତ ଅନୁଭବ କରିବେ, ତେବେ ଏହା ସମାଜ ପାଇଁ ଅତ୍ୟନ୍ତ ଚିନ୍ତାଜନକ। ଶିକ୍ଷକଙ୍କ ପ୍ରତି ସମ୍ମାନବୋଧର ଅବକ୍ଷୟ ଓ ବଢୁଥିବା ହିଂସା ପ୍ରବୃତ୍ତ ସମାଜର ମୂଲ୍ୟବୋଧ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକଙ୍କ ସୁରକ୍ଷା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରୁ ଦାବି ଜୋର ଧରିଛି।

## ସରକାରୀ ଜମିକୁ ନେଇ ଗଣ୍ଡଗୋଳ : ଆକ୍ରମଣକାରୀ କୋର୍ଟଚାଲାଣ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ସୋମବାର ଜମି ବାଡିକୁ କେନ୍ଦ୍ର କରି କଳମପୁର ଥାନା ଅଧୀନ ମାଟିଖାଲ ଗ୍ରାମ ଠାରେ ଘଟିଥିଲା ଏକ ଅଭାବନୀୟ ଘଟଣା। ଏକ ସରକାରୀ ଜମି ଜବର ଦଖଲକୁ ନେଇ ପୂର୍ବରୁ ଲାଗି ରହିଥିଲା ଗଣ୍ଡଗୋଳ। ଧନୁକର ନାମକ ଜନୈକ ବ୍ୟକ୍ତି ଗ୍ରାମର ଏକ ସରକାରୀ ଜମି ଦଖଲ କରି ଘର କରିଥିଲେ। ସେଠାରେ ଥିବା ଅନ୍ୟ ସରକାରୀ ଜମିରେ ଗ୍ରାମର ଘନଶ୍ୟାମ ମାଝୀ ଶୌଚାଳୟ ନିର୍ମାଣ କରି ଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ଲାଗି ରହିଥିଲା। ଗତକାଲି ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ଘନଶ୍ୟାମ ମାଝୀ ଧନୁ କର ଉପରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ କଳମପୁର ପୁଲିସରେ ଅଭିଯୋଗ ହେଇଥିଲା ଓ ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ ଥାନାରେ ମରଣାନ୍ତକ ଆକ୍ରମଣ ନେଇ ୧୧୩/୨୦୨୬ରେ ମାମଲା ରୁଜୁ କରାଯାଇ ଏସ.ଆଇ ଶିବଶଙ୍କର ମାହାନ୍ତି ଘଟଣାର ତଦନ୍ତ କରିଥିଲେ। ଏହା ସହ ଘନଶ୍ୟାମକୁ ଗିରଫ କରିଥିଲେ। ସୋମବାର ଘନଶ୍ୟାମର ଡାକ୍ତରୀ ପରୀକ୍ଷା କରିବା ପରେ ଅପରାହ୍ନରେ ଜୟପାଟଣା ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି। ଅନ୍ୟପଟେ ତହସିଲ ପକ୍ଷରୁ ଉକ୍ତ ସରକାରୀ ଜମିକୁ ଜବର ଦଖଲ ମୁକ୍ତ କରି ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଇଁ ପ୍ରଦାନ କରାଯିବା ନେଇ ସୂଚନା ରହିଛି।

# ବେସରକାରୀ କ୍ଲିନିକ ଓ ଔଷଧ ଦୋକାନୀଙ୍କ ମାଫିଆରାଜ

### ସରକାରୀ ଚିକିତ୍ସାଳୟ ଛାଡ଼ି ଭଡ଼ାଟିଆ ଡାକ୍ତରଙ୍କ ପାଖକୁ ଯାଉଛନ୍ତି ରୋଗୀ

**କଳାହାଣ୍ଡି (ଅମୃତ ମିଡ଼ିଆ) :** ଧର୍ମଗଡ଼ ସହରରେ ଏବେ ବେସରକାରୀ କ୍ଲିନିକ ଓ କିଛି ନିର୍ଦ୍ଦିଷ୍ଟ ଔଷଧ ଦୋକାନୀଙ୍କ ମନମୁଖୀ କାର୍ଯ୍ୟକଳାପ ଚରମ ସୀମାରେ ପହଞ୍ଚିଛି। ସରକାରୀ ସ୍ୱାସ୍ଥ୍ୟ ସେବାକୁ ବେପରୁଆ କରି ସହରରେ ଦିନିକିଆ 'ଭଡାଟିଆ ଡାକ୍ତର'ଙ୍କ ରାଜ୍ ଚାଲିଥିବା ଅଭିଯୋଗ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ମାତ୍ର ଦିନକ ପାଇଁ ଡାକ୍ତରମାନଙ୍କୁ ଆଣି ଗରିବ ରୋଗୀଙ୍କୁ ଶୋଷଣ କରିବା ଏବେ ଏଠାରେ ଏକ ବଡ଼ ରୋଜଗାରର ପନ୍ଥା ପାଲଟିଛି। ଧର୍ମଗଡ଼ ଠାରେ ଉପଖଣ୍ଡ ଚିକିତ୍ସାଳୟ ରହିଛି, ଯେଉଁଠାରେ ସରକାର ମାଗଣା ଚିକିତ୍ସା ଓ ଔଷଧ ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି। ହେଲେ ଏହି ସରକାରୀ ହସ୍ପିଟାଲରେ ରୋଗୀ ସଂଖ୍ୟା କମୁଥିବା ବେଳେ ବେସରକାରୀ କ୍ଲିନିକ ଗୁଡ଼ିକରେ ପ୍ରବଳ ଭିଡ଼ ଜମୁଛି। କିଛି ଦଲାଲ ଓ ଅସାଧୁ ବ୍ୟବସାୟୀଙ୍କ ଚକ୍ରବ୍ୟୁହ ଯୋଗୁଁ ରୋଗୀମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ବାହାର ମାଫିଆ ଡାକ୍ତର ମାନେ କେବଳ ଦେଖା କରିବା ପାଇଁ ୨୦୦ ରୁ ୩୦୦ ପର୍ଯ୍ୟନ୍ତ ଟିକେଟ୍ ଫିସ୍ ନେଉଛନ୍ତି। ଏତିକିରେ ସମସ୍ୟା ସରୁନି। ଏହି ଡାକ୍ତରମାନେ କେବଳ ସେହି ନିର୍ଦ୍ଦିଷ୍ଟ ଔଷଧ ଦୋକାନରେ ମିଳୁଥିବା ମହଙ୍ଗା ବ୍ରାଣ୍ଡର ଔଷଧ ଲେଖୁଛନ୍ତି। ଫଳରେ ସାଧାରଣ ଓ ଗରିବ ରୋଗୀମାନେ ବାଧ୍ୟ ହୋଇ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି ଏବଂ ଆର୍ଥିକ ସ୍ତରରେ ସର୍ବସ୍ୱାନ୍ତ ହେଉଛନ୍ତି। ଏହି ବେଆଇନ କ୍ଲିନିକ ଏବଂ ଭଡାଟିଆ ଡାକ୍ତରଙ୍କ ବ୍ୟବସାୟ ସହରରେ ଏତେ ମାତ୍ରାରେ ବଢ଼ିଗଲାଣି ଯେ, ଏହା ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଜନସାଧାରଣ ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ବେଆଇନ କ୍ଲିନିକ ଉପରେ ଚଢ଼ାଉ ନହେଲେ ଆଗାମୀ ଦିନରେ ଏହାକୁ ନେଇ ଜନ ଅସନ୍ତୋଷ ହେବାର ଆଶଙ୍କା ରହିଛି।

# 'କୁଷ୍ଠମୁକ୍ତ ଓଡ଼ିଶା' ଲକ୍ଷ୍ୟରେ ବ୍ୟାପକ ଅଭିଯାନ

## ୯.୪୫ ଲକ୍ଷ ଲୋକଙ୍କ ସ୍କ୍ରିନିଂ କରାଯିବ




ରାଇଘର (ଅମୃତ ମିଡିଆ) : ନବରଂଗପୁର ଜିଲ୍ଲା କୁଷ୍ଠ ମୁକ୍ତ ଓଡ଼ିଶା' ଗଠନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ନବରଙ୍ଗପୁର ଜିଲ୍ଲାରେ ଆଜିଠାରୁ ୧୫ ଦିନିଆ କୁଷ୍ଠ ରୋଗ ଚିହ୍ନଟ ଓ ସଚେତନତା ଅଭିଯାନ ଆସନ୍ତା ୧୫.୦୮.୨୦୨୬ ରୁ ୩୧. ୦୮. ୨୦୨୬ ଯାଏଁ ଚାଲିବ। ଏହି ଅଭିଯାନ ମାଧ୍ୟମରେ ଘରକୁ ଘର ଯାଇ ସମ୍ଭାବ୍ୟ କୁଷ୍ଠ ରୋଗୀଙ୍କୁ ଚିହ୍ନଟ କରି ତୁରନ୍ତ ଚିକିତ୍ସା ସେବା ପ୍ରଦାନ କରାଯିବ।ଏହି ଅଭିଯାନ ଜିଲ୍ଲାର ୮ଟି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯିବ।ଗତ ୧.୮.୨୨୦୬ ରିଖ ସ୍ଥାନିୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ର ସୂଚନା ଅନୁଯାୟୀ, ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ମୋଟ ୬,୧୩୩ ଜଣ କୁଷ୍ଠ ରୋଗୀ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୫,୯୩୬ ଜଣ ଆରୋଗ୍ୟ ହେଇଛନ୍ତି। ଚଳିତ ବର୍ଷରେ ୧୯୭ ଜଣ କୁଷ୍ଠ ରୋଗୀ ଚିକିତ୍ସାଧିନ ଅଛନ୍ତି।ଅଭିଯାନ ସମୟରେ ଜିଲ୍ଲାର ୨,୧୧,୬୪୩ଟି ପରିବାରର ପ୍ରାୟ ୯,୪୫,୩୯୭ ଜଣଙ୍କୁ ଘରକୁ ଘର ଯାଇ ସ୍କ୍ରିନିଂ କରାଯିବ। ପ୍ରତିଦିନ ଅଭିଯାନର ଅଗ୍ରଗତି ସମ୍ପର୍କିତ ରିପୋର୍ଟ ଜିଲ୍ଲା ମୁଖ୍ୟାଳୟକୁ ପ୍ରେରଣ କରାଯିବ। ଏହି ଅଭିଯାନକୁ ସଫଳ କରିବା ପାଇଁ ୧୪୮୦ ଜଣ ଆଶା କର୍ମୀ, ୩୦୦ ଜଣ ଗଟଐଡ, ୧୨୫ ଜଣ କମ୍ୟୁନିଟି ହେଲ୍ଥ ଅଫିସର, ୨୬ ଜଣ ସ୍ୱାସ୍ଥ୍ୟ ପରିଦର୍ଶକ ଏବଂ ୭୦ ଜଣ ଗଇଇଝ ଡାକ୍ତର ଏବଂ ୪୬ ଜଣ ଇଣଟଝଐ ଡାକ୍ତର ନିୟୋଜିତ କରାଯାଇଛି। ସମସ୍ତଙ୍କୁ କୁଷ୍ଠ ରୋଗ ଚିହ୍ନଟ ଓ ପରିଚାଳନା ସମ୍ପର୍କରେ ପୂର୍ବରୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି।ଅଭିଯାନ ଅଧୀନରେ ଆଶା କର୍ମୀମାନେ ପ୍ରତ୍ୟେକ ଘରକୁ ଯାଇ ପରିବାର ସଦସ୍ୟଙ୍କ ମଧ୍ୟରେ ଚେତନାଶୂନ୍ୟ ଧଳା କିମ୍ବା ତମ୍ବା ରଙ୍ଗର ଦାଗ, ଚର୍ମର ଅସ୍ୱାଭାବିକ ପରିବର୍ତ୍ତନ, ହାତ କିମ୍ବା ପାଦ ଝିମଝିମ ହେବା ଭଳି ଲକ୍ଷଣ ସମ୍ପର୍କରେ ଯାଞ୍ଚ କରିବେ। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ରୋଗ ନିଶ୍ଚିତ ହେଲେ ସରକାରଙ୍କ ପକ୍ଷରୁ ମଲ୍ଟି ଡ୍ରଗ୍ ଥେରାପି ଔଷଧ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ନିୟମିତ ଔଷଧ ସେବନ ଦ୍ୱାରା ୬ରୁ ୧୨ ମାସ ମଧ୍ୟରେ କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଭଲ ହୋଇପାରିବ।ଏଥିସହିତ ଜଇଝକ ଟିମ୍ ଦ୍ୱାରା ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କର ସ୍କ୍ରିନିଂ କରାଯିବ, ଯାହାଦ୍ୱାରା ଶିଶୁମାନଙ୍କ ମଧ୍ୟରେ କୁଷ୍ଠ ରୋଗକୁ ପ୍ରାରମ୍ଭିକ ସ୍ତରରୁ ଚିହ୍ନଟ କରି ଚିକିତ୍ସା ସୁନିଶ୍ଚିତ କରାଯିବ କ୍ଷଭାରତ ସରକାର ୨୦୨୭ ସୁଦ୍ଧା ଦେଶରୁ କୁଷ୍ଠ ରୋଗ ନିରାକରଣର ଲକ୍ଷ୍ୟ ରଖିଥିବାବେଳେ ନବରଙ୍ଗପୁର ଜିଲ୍ଲାରେ ବର୍ତ୍ତମାନ ଶିଶୁ କୁଷ୍ଠ ରୋଗୀଙ୍କ ସଂଖ୍ୟା ଶୂନ କରିବାକୁ ଲକ୍ଷ ରହିଛି।

# ବଙ୍ଗୋମୁଣ୍ଡା ବ୍ଲକ ନୂତନ ଓଷ୍ଟା କମିଟି ଗଠିତ

## ସଭାପତି ବରୁଣ ଓ ସମ୍ପାଦକ ଅନୁପ

**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ମାଧମିକ ସ୍କୁଲ ଶିକ୍ଷକ ସଙ୍ଘ (ଓଷ୍ଟା)ର ସମ୍ବିଧାନୀକ ସମ୍ମିଳନୀ ବଙ୍ଗୋମୁଣ୍ଡା ବ୍ଲକ କୁଣ୍ଡାବୁଟୁଲା ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ କମିଟିର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ନୂତନ ଭାବେ ସଭାପତି ଭାବରେ କପିଳାଭଟା ହାଇସ୍କୁଲର ଶିକ୍ଷକ ବରୁଣ କୁମାର ବାରିକ, ସମ୍ପାଦକ ଭାବରେ ଗନ୍ଧର୍ଲା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅନୁପ କୁମାର ବାଗ, ଉପସଭାପତି ସୁଧୀର ସାହୁ, ରାମଚନ୍ଦ୍ର ଷଡ଼ଙ୍ଗୀ ଏବଂ ମମତା ମେହେର, ସହ- ସମ୍ପାଦକ କିଶୋର ସାହୁ, ଜ୍ୟୋଷ୍ଣାମୟୀ ମେହେର ଏବଂ ଗଣେଶ୍ୱର ସ୍ୱାଇଁ, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଅରୁଣ ରାଜପାଳିଆ, ବିକ୍ରମ ମେହେର, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଶିବରାମ ସ୍ୱାଇଁ ଓ ସୁଦାମ ସିଂ ବାରିକଙ୍କୁ ମନୋନିତ କରାଯାଇଥିଲା

## ସରକାରୀ ମହିଳା ମହାବିଦ୍ୟାଳୟରେ ଏକାଦଶଶ୍ରେଣୀ ଛାତ୍ରୀଙ୍କ ପାଇଁ ସ୍ୱାଗତ ସମାରୋହ




**ବଲାଙ୍ଗୀର (ଅମୃତ ମିଡିଆ) :** ସ୍ଥାନୀୟ ସରକରୀ ମହିଳା ମହାବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରୀଙ୍କ ସକାଶେ ସ୍ୱାଗତ ସମାରୋହ ତଥା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଥମକରି ପାଦ ଥାପିଥିବା ଛାତ୍ରୀଙ୍କ ପାଇଁ ମହାବିଦ୍ୟାଳୟ ପ୍ରେକ୍ଷାଳ ଯରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ଲାଗିଥିବା ସିସିଟିଭି, ପାନୀୟଜଳ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ଶିକ୍ଷଣ କୌଶଳ ଇତ୍ୟାଦି ବିଷୟରେ ମତବ୍ୟକ୍ତ କରିଥିଲେ। ସଂସ୍କୃତ ବିଭାଗୀୟ ମୁଖ୍ୟ ଡ. ସଦାଶିବ ମଲ୍ଲିକ ଉତ୍ସବରେ ଯୋଗଦେଇ ମହାବିଦ୍ୟାଳୟର ଗୌରବାବହ ଇତିହାସ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଅର୍ଥନୀତି ବିଭାଗୀୟ ମୁଖ୍ୟ ଡ. ବିଭୂତି ଭୂଷଣ ସାହୁ ଓ ଅଧ୍ୟାପକ ଡ. କୁମାର ସମ୍ଭବ ଚୋପଦାର ନବାଗତା ଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ନିଯୁକ୍ତି ପାଇଥିବା ଅଧ୍ୟାପକ/ ଅଧ୍ୟାପିକା ନିଜ ନିଜ ପରିଚୟ ପ୍ରଦାନ କରିଥିଲେ। ହଷ୍ଟେଲ ପରିଚାଳନା ବିଷୟରେ ପ୍ରତୀକ୍ଷା ପ୍ରତିଶ୍ରୁତି ଏବଂ ସିଖା ମେହେର, ଛାତ୍ରବୃତ୍ତି ବିଷୟରେ ଝାନ୍ସିରାଣି ମହାନନ୍ଦ, ପରୀକ୍ଷା ପରିଚାଳନା ବିଷୟରେ ନିରଦା ରଣା, ୟୁଡ଼ିଆଇଏସଇ ଅପାର ଆଇଡି ବିଷୟରେ ଶେଖର ରାଏ,ଆତ୍ମରକ୍ଷା କୌଶଳ, ଆଭ୍ୟନ୍ତରୀଣ ଶୃଙ୍ଖଳା ସମ୍ପର୍କରେ ଡ. ଅର୍ପିତା ବେହେରା, ପାଠ୍ୟ ଖସଡ଼ା ସମ୍ପର୍କରେ ଆଲୋକ ପଧାନ, ନିଟ, ଜେଇଇ, ଶିକ୍ଷାଜ୍ୟୋତି ପୋର୍ଟାଲ ସମ୍ପର୍କରେ ସିଦ୍ଧିପ୍ରଦା ନନ୍ଦ ଏବଂ ଦେବହୁତି ପୁଟା ସବିଶେଷ ସୂଚନା ପ୍ରଦାନ କରିଥିଲେ। ସ୍ୱାଗତ ସଙ୍ଗୀତ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଉକ୍ତ ସ୍ୱାଗତ ସମାରୋହକୁ ରାଜେଶ କୁମାର ମହାପାତ୍ର ସଞ୍ଚାଳନ କରିଥିବାବେଳେ ଜତୀନ୍ଦ୍ର ଦଣ୍ଡସେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା ପାଇଁ ଅଙ୍କିତାରାଣୀ କର୍ଣ୍ଣ, ନୀତା ମିଶ୍ର, ଶ୍ୱେତା ଲିନା ତ୍ରିପାଠୀ, ରଶ୍ମୀ ଶତପଥୀ, ଦୀପା ପୂର୍ବଲୋକି ଭୋଇ, ଅମିୟ କୁମାର ନନ୍ଦ, ମନୋଜ ବଗର୍ତ୍ତୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ମହିଳାଙ୍କ ପାଇଁ ବରଦାନ ସାଜିଛି କରଡ଼ି

**କଳାହାଣ୍ଡି (ପ୍ୟାରିଲାଲ ଦୁର୍ଗା) :** କଳାହାଣ୍ଡି ଜିଲାରେ ଦିନ ଥିଲା କରଡି (ବାଉଁଶ ଗଜା)କୁ କେବଳ ଆଦିବାସୀ ତଥା ଜଙ୍ଗଲରେ ବସବାସ କରୁଥିବା ଲୋକେ ନିଜର ଖାଦ୍ୟ ଭାବେ ବ୍ୟବହାର କରୁଥିଲେ। ଏହାକୁ ତରକାରି କରି ଖାଇବା ସହିତ ଶୁଖାଇ ଗୁଣ୍ଡ (ହଣ୍ଡୁଆ) କରି ସାଇତି ରଖୁଥିଲେ। ଜୁଲାଇ ଆରମ୍ଭରୁ ବାଉଁଶ ଗଛ ମୂଳରେ ଗଜା ବାହାରେ। ଏହି ବାଉଁଶ ଗଜା ବା କରଡ଼ି ସଂଗ୍ରହ ପାଇଁ ଆଦିବାସୀମାନେ ତତ୍ପର ହୋଇଉଠନ୍ତି। ଏଥିରେ ପ୍ରମୁଖ ଭୂମିକା ନିଅନ୍ତି ଆଦିବାସୀ ରମଣୀ ଓ ଏହା ସେମାନଙ୍କ ଦୁଇ ମାସର ରୋଜଗାରର ପନ୍ଥା ପାଲଟିଯାଏ। କଳାହାଣ୍ଡି ଜିଲାର ଘନା, ନିୟମଗିରି ଓ କର୍ଲାପାଟ ଅଭୟାରଣ୍ୟ ସମେତ ବିଭିନ୍ନ ସ୍ଥାନରେ ଥିବା ଛୋଟ ବଡ଼ ଜଙ୍ଗଲରେ ବହୁ ବାଉଁଶ ବୁଦା ରହିଛି। ଏହିସବୁ ବାଉଁଶ ବୁଦାରୁ କରଡ଼ି ସଂଗ୍ରହ ପରେ ପ୍ରଥମେ ସେଥିରୁ ଛାଲି ଛଡ଼ାଯାଇ ପାଣିରେ ଧୁଆଯାଏ। କରଡ଼ିକୁ ପଥରରେ ଛେଚି କିମ୍ବା କଟୁରିରେ ଛୋଟ ଛୋଟ ଖଣ୍ଡ କରି କାଟି ପାଣିରେ ବୁଡ଼େଇ ରଖାଯାଏ। କିଛି ସମୟ ପରେ ତାହାକୁ ପାଣିରୁ ବାହାର କରି ତରକାରି କରାଯାଏ। ମାଣ୍ଡିଆ ଜାଉ ସହିତ କରଡ଼ି ତରକାରିକୁ ସେମାନେ ଆଗ୍ରହର ସହ ଖାଇଥାନ୍ତି। କରଡ଼ିକୁ ନେଇ ସେମାନେ ସ୍ଥାନୀୟ ବଜାରରେ କିମ୍ବା ଗାଁ ଗାଁରେ ବିକ୍ରି କରିଥାନ୍ତି। ଗୋଟିଏ ଭାଗକୁ



୨୦ ଟଙ୍କାରେ କିମ୍ବା ୩ ଭାଗକୁ ୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରନ୍ତି ଓ ଡାକ୍ତରଙ୍କ କହିବା ଅନୁଯାୟୀ କରଡ଼ିରେ ଲୌହସାର, ପ୍ରୋଟିନ, ଭିଟାମିନ ସି ଓ ଅନେକ ରୋଗର ପ୍ରତିରୋଧକ କ୍ଷମତା ରହିଛି। ଏବେ କଳାହାଣ୍ଡି ଜିଲାର ମୁଖ୍ୟାଳୟ ଭବାନୀପାଟଣା ସମେତ ଜୁନାଗଡ଼, ଧର୍ମଗଡ଼ ଅନ୍ୟାନ୍ୟ ସହରରେ କରଡ଼ି ବିକ୍ରି ହେଉଛି ଓ ଜୁନାଗଡ଼ –ଭବାନୀପାଟଣା ଜାତୀୟ ରାଜପଥ ୨୬ ପାର୍ଶ୍ୱରେ ମଧ୍ୟ ଏହା ବିକ୍ରି ହେଉଛି। ଏହାକୁ କିଣିବା ପାଇଁ ଲୋକଙ୍କ ଭିଡ଼ ଲାଗୁଥିବା ଦେଖିବାକୁ ମିଳୁଛି। ବର୍ତମାନ କେବିକେର ୮ଟି ଜିଲାରେ କରଡ଼ିର ଚାହିଦା ବଢ଼ିଛି। କରଡ଼ିକୁ ତରକାରି, ଭଜା, ସନ୍ତୁଳା କରି ରନ୍ଧା ଯାଇପାରୁଛି। ଏଭଳି ଏକ ଜଙ୍ଗଲଜାତ ଖାଦ୍ୟ ପାଇଁ ସହରୀ ଲୋକଙ୍କ ଆଗ୍ରହ ବଢୁଛି। କରିଡ଼ିକୁ ଶୁଖାଇ ତାହାକୁ ଗୁଣ୍ଡକରି ରଖାଯାଇ ପାରୁଛି। ଏହାକୁ ହଣ୍ଡୁଆ କୁହାଯାଉଛି। ଏହି ହଣ୍ଡୁଆକୁ ବାରମାସ ଯାଏ ସୁରକ୍ଷିତ ରଖାଯାଇ ପାରୁଛି। ବର୍ତମାନ କରଡ଼ି କେବଳ ଆଦିବାସୀଙ୍କ ଖାଦ୍ୟ ହୋଇ ରହିନାହିଁ। ବରଂ ଜିଲାର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇ ମଧ୍ୟ ମୁଖ୍ୟ ଖାଦ୍ୟ ହୋଇଯାଇଛି। ଏବେ କିଛି ହୋଟେଲର ମେନୁରେ ମଧ୍ୟ କରଡ଼ି ଦେଖିବାକୁ ମିଳୁଛି। କରଡ଼ିର ସହର, ଗାଁ ପ୍ରବେଶ ପରେ ଏହା ଆଦିବାସୀଙ୍କ ରୋଜଗାର ପନ୍ଥା ପାଲଟିଛି।

ସମ୍ପାଦକୀୟ...

# ଅନନ୍ୟତାର ଅନାବରଣ

ବିଳମ୍ବରେ ହେଲେ ବି ଏକ ବିଶିଷ୍ଟ ତଥା ବୃହତ୍ କାର୍ଯ୍ୟ ସମ୍ପାଦନ ହୋଇଯାଇଛି ଯାହାକି ଜାତୀୟସ୍ତରରେ ଜଣେ ମହାନ ଓଡ଼ିଆଙ୍କୁ ତାଙ୍କ ମୃତ୍ୟୁର ଦୀର୍ଘବର୍ଷ ପରେ ବି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଶୈଳୀରେ ତାଙ୍କୁ ସମ୍ମାନିତ କରାଯାଇଛି। ଯାହାକି କେବଳ ଓଡ଼ିଶା ରାଜ୍ୟ ପାଇଁ ନୁହେଁ, ସମଗ୍ର ଭାରତ ଦେଶ ପାଇଁ ଏକ ମହତ୍ୱପୂର୍ଣ୍ଣ ବିଷୟ। ଓଡ଼ିଶାର ଏଭଳି ବ୍ୟକ୍ତିତ୍ୱ ଯେ କି ବିଶ୍ୱରେ ବି ବିରଳ। କାରଣ ତାଙ୍କର ଗୁଣ ଚରିତ୍ର ସମ୍ପୂର୍ଣ୍ଣ କଳଙ୍କମୁକ୍ତ ଥିବା ସହ ତାଙ୍କର କାର୍ଯ୍ୟ ଦକ୍ଷତା ମଧ୍ୟ ସେହିଭଳି ଉନ୍ନତ, ବିକଶିତ ଏବଂ ସମାଜ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଥିଲା। ରାଜ୍ୟରେ କୌଣସି ବି ବିପର୍ଯ୍ୟୟ ସମୟରେ ସେ ସତେ ଯେମିତି ଏକ ଦେବଦୂତ ଭଳି ଉଭା ହୋଇଯାଉଥିଲେ। ବିଶେଷକରି ବନ୍ୟା,ବାତ୍ୟା, ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ରାଜ୍ୟର ବିପନ୍ନ ଏବଂ ଦୁର୍ଗତମାନଙ୍କ ପାଇଁ ଯେଉଭଳି ଭାବେ ନିଜକୁ ସମର୍ପିତ ଭାବ ନେଇ ଲୋକଙ୍କ ସେବାରେ ନିୟୋଜିତ କରୁଥିଲେ ତାହା ତତ୍କାଳୀନ ସମାଜରେ , ତତ୍କାଳୀନ ସମୟରେ ଏକ ବିଶେଷତ୍ୱର ପରିଚୟ ଦେଉଥିଲା ଯାହା ଥିଲା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ଆଉ କେହି ନୁହଁନ୍ତି.. ଉତ୍କଳର ବରପୁତ୍ର, ଉତ୍କଳର ସୁଯୋଗ୍ୟ ସନ୍ତାନ, ଦୀନଦରିଦ୍ରର ବନ୍ଧୁ, ଶତାୟୁ ସମାଜର ପ୍ରତିଷ୍ଠାତା,ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ଉତ୍କଳମଣି- ଭାରତମଣି ପଣ୍ଡିତ ଗୋପବନ୍ଧୁଙ୍କୁ ମରଣୋତ୍ତର ଏକ ବିଶେଷ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପରେ ତାହା ଅନାବରଣ କରାଯାଇଛି ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୂଙ୍କ ଦ୍ୱାରା ଏଇ ତିନି ତାରିଖରେ, ଶ୍ରାବଣର ପ୍ରଥମ ସୋମବାରରେ। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ସ୍ଥିତ ଲୋକସେବକ ମଣ୍ଡଳ କାର୍ଯ୍ୟାଳୟ ପରିସରସ୍ଥ ଲାଜପତ ଭବନ ପରିସରରେ। ଗୋପବନ୍ଧୁଙ୍କ ସେହି ପ୍ରତିମୂର୍ତ୍ତିର ଅନାବରଣ କେବେ ବି ଏକ ସାଧାରଣ କଥା ବା ଘଟଣା ନୁହେଁ। ଅନାବରଣ ଉତ୍ସବରେ ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଯୋଗଦାନ ନିଶ୍ଚିତରୂପେ ଏକ ବିଶେଷ ଘଟଣା। ଅନାବରଣ ସମାରୋହରେ ଅନ୍ତର୍ଜାତୀୟ ସ୍ତରର ବ୍ୟକ୍ତତ୍ୱ ମଧ୍ୟ ଥିଲେ ଉପସ୍ଥିତ। ଅବସୋସର ବିଷୟ ଯେ ସେତେବେଳେ କୌଣସି ମିଡ଼ିଆ ଅବା ଗଣମାଧ୍ୟମ ସେତେ ଉନ୍ନତ ନଥିଲା। ପଣ୍ଡିତ ଗୋପବନ୍ଧୁ ଯେ କେତେ ସରଳ, ନିଷ୍କପଟ ଏବଂ ସମାଜ ପ୍ରତି ଏତେ ସମର୍ପିତ ବ୍ୟକ୍ତିତ୍ୱ ଥିଲେ , ତାହା ବି ସାଧାରଣ ଭାଷାରେ ବର୍ଣ୍ଣନା କରିବା ସେତେ ସହଜ ନୁହେଁ। ଏଣୁ ସେ ତ ସେଥିପାଇଁ କେବଳ ରାଜ୍ୟ ଭିତରେ ସୀମିତ ରହିଯାଇଥିଲେ ନଚେତ ଯଦି ନିଜକୁ ନିଜେ ଅତିରଞ୍ଜିତ କରିବାକୁ ଚେଷ୍ଟା କରିଥାନ୍ତେ , ତେବେ ପଣ୍ଡିତ ଗୋପବନ୍ଧୁ ମଧ୍ୟ ଜାତୀୟ ସ୍ତରରେ ନିଜକୁ ପରିଚିତ କରାଇପାରିଥାନ୍ତେ। କହିବା ବାହୁଲ୍ୟ ଯେ ଗୋପବନ୍ଧୁଙ୍କ ମଧ୍ୟରେ ଥିବା ମାନବୀୟ ସଦଗୁଣ ଏବଂ ସମାଜ ପ୍ରତି ତାଙ୍କର ସମର୍ପିତ ବ୍ୟକ୍ତିତ୍ୱ , ଯାହା କେବଳ ଓଡ଼ିଶାରେ କି ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଯେ ବିରଳ ...ଏ କଥାକୁ ଅବଶ୍ୟ ସ୍ୱୀକାର କରାଯାଇପାରେ। ତେବେ ବିଶ୍ୱସ୍ତରୀୟ ବ୍ୟକ୍ତିତ୍ୱର ଅଧିକାରୀ କେବେ ଭାରତର ସ୍ୱାଧୀନତା ପ୍ରାପ୍ତି ପାଇଁ ଦେଶକୁ ପରାଧୀନତାରୁ ମୁକ୍ତି ଦେବା ପାଇଁ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଜାତୀୟ ଆନ୍ଦୋଳନରେ ଝାସଦେଇ ଏବଂ ସମାନ୍ତରାଳ ଭାବେ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସ୍ୱପ୍ନକୁ ସାକାର କରିବାରେ ନିଜର ସକ୍ରୀୟ ଯୋଗଦାନ ଦେଇଥିବା ଜଣେ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତିକୁ ଦିଲ୍ଲୀରେ ଅନାବରଣରେ ମାତ୍ରାଧିକ ବିଳମ୍ବ ନିଶ୍ଚିତରୂପେ ଏକ ପରିତାପର ବିଷୟ। ବହୁତ ଆଗରୁ ଏପରି ହେବାର ଥିଲା, ଯେପରି ସାରାଭାରତ ଗୋପବନ୍ଧୁଙ୍କ ଗୌରବମୟ ଗାଥାକୁ ଆହୁରି ଆଗରୁ ଜାଣିପାରି,ସେ ବିଷୟରେ ଅବଗତ ହୋଇପାରିଥାନ୍ତା। ରାଜ୍ୟରେ ଅବା ଦେଶରେ ଆଜିର ସମୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବେ ବି ଭାରି ମନେ ପଡ଼ନ୍ତି ଉତ୍କଳମଣି। ଏଣୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଗୋପବନ୍ଧୁଙ୍କ ନୀତି ଆଦର୍ଶ ସମ୍ବଳିତ ତଥ୍ୟକୁ ଉଭୟ ଜାତୀୟ ଏବଂ ରାଜ୍ୟ ସ୍ତରରେ ପାଠ୍ୟପୁସ୍ତକରେ ସ୍ଥାନିତ କରି ସେ ବିଷୟରେ ସମାଜକୁ ଅବଗତ କରିବାର ଆବଶ୍ୟକତା ରହିଛି ଯାହାକି ଏକ ସୁନ୍ଦର ସମାଜ ଗଠନରେ ସହାୟକ ହୋଇପାରିବ।

ଜ୍ଞାନାମୃତ

## ଛାତ୍ରଙ୍କ କୃତିତ୍ୱ

ପ୍ରଶ୍ନଟା ବି ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ମଧ୍ୟ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରୀ ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥାଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ପୂରାପୂରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୂରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜୀ ଜାନ୍ ଲଗାଇଦିଅନ୍ତି । କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେଯାବତ୍ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହାରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପନ୍ତରିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପନ୍ତରିଆ କାମକୁ ପୂରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୂରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲା। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସଫଳତା ହାସଲ କଲେ।

ଶ୍ରାବଣର ପାଣିଭାର

# ଭକ୍ତି, ପରମ୍ପରା ଓ ପୌରାଣିକ ବିଶ୍ୱାସର ସମନ୍ୱୟ



ସୁବ୍ରତ କୁମାର ଦାସ

ଶ୍ରାବଣ ମାସ ଆସିଲେ ପ୍ରତ୍ୟେକ ଧାର୍ମିକ ଜୀବନ ଏକ ନୂତନ ଚେତନାରେ ଉଲ୍ଲସିତ ହୋଇଉଠେ। ଚାରିଆଡ଼େ 'ହର ହର ମହାଦେବ' ଓ 'ବୋଲ ବମ୍'ର ଧ୍ୱନିରେ ପରିବେଶ ମୁଖରିତ ହୁଏ। ହଜାର ହଜାର କାଉଡ଼ିଆ ଭକ୍ତ କାନ୍ଧରେ ପାଣିଭାର ବହନ କରି ମାଇଲ ମାଇଲ ପଦଯାତ୍ରା କରି ଭଗବାନ ଶିବଙ୍କ ମସ୍ତକରେ ପବିତ୍ର ଜଳ ଅର୍ପଣ କରନ୍ତି। ଏହା କେବଳ ଏକ ଧାର୍ମିକ ରୀତି ନୁହେଁ; ଏହା ଭାରତୀୟ ସଂସ୍କୃତି, ଆସ୍ଥା, ତ୍ୟାଗ ଓ ଆଧ୍ୟାତ୍ମିକତାର ଏକ ଚିରନ୍ତନ ପ୍ରତୀକ।

ଏହି ପରମ୍ପରାର ମୂଳ ଭାରତୀୟ ପୁରାଣରେ ନିହିତ। ସମୁଦ୍ର ମନ୍ଥନ ସମୟରେ ଅମୃତ ସହିତ ଏକ ଭୟଙ୍କର ବିଷ ଗରଳ ବାହାରିଥିଲା। ସେହି ବିଷର ପ୍ରଭାବରେ ସମଗ୍ର ସୃଷ୍ଟି ବିନାଶର ସମ୍ମୁଖୀନ ହୋଇଥିଲା। ଦେବତା ଓ ଅସୁରମାନଙ୍କ ପ୍ରାର୍ଥନାରେ ଭଗବାନ ଶିବ ସୃଷ୍ଟିର କଲ୍ୟାଣ ପାଇଁ ସେହି ବିଷ ପାନ କରିଥିଲେ। ପାର୍ବତୀ ଦେବୀ ଶିବଙ୍କ କଣ୍ଠକୁ ଚାପି ଧରିଥିବାରୁ ବିଷ ତାଙ୍କ କଣ୍ଠରେ ଅଟକି ରହିଥିଲା ଏବଂ ସେ ନୀଳକଣ୍ଠ ନାମରେ ପରିଚିତ ହେଲେ।

କୁହାଯାଏ, ବିଷର ପ୍ରଖର ଉତ୍ତାପକୁ ପ୍ରଶମିତ କରିବା ପାଇଁ ଦେବତାମାନେ ଭଗବାନ ଶିବଙ୍କ ମସ୍ତକରେ ଗଙ୍ଗାଜଳ ଅଭିଷେକ କରିଥିଲେ। ଏହି ବିଶ୍ୱାସରୁ ଶିବଙ୍କୁ ଜଳାଭିଷେକ କରିବାର ପରମ୍ପରା ପ୍ରଚଳିତ ହୋଇଥିବା କଥା ଲୋକବିଶ୍ୱାସରେ ମିଳେ। ଶ୍ରାବଣ ମାସରେ ଶିବଙ୍କୁ ପବିତ୍ର ଜଳ ଅର୍ପଣ କରିବା ଏହି ପୌରାଣିକ ଘଟଣାର ସ୍ମୃତି ବହନ କରେ।

ଅନ୍ୟ ଏକ ଲୋକପ୍ରିୟ କିମ୍ବଦନ୍ତୀ ଅନୁସାରେ, ତ୍ରେତୟା ଯୁଗରେ ଲଙ୍କାପତି ରାବଣ ଶିବଙ୍କ ପରମ ଭକ୍ତ ଥିଲେ। ସେ ଗଙ୍ଗାଜଳ ବହନ କରି ବୈଦ୍ୟନାଥ ଧାମରେ ଶିବଙ୍କୁ ଅଭିଷେକ କରିଥିଲେ। ଅନେକଙ୍କ ମତରେ ସେହି ଘଟଣା କାଉଡ଼ିଆ ପରମ୍ପରାକୁ ଅଧିକ ଲୋକପ୍ରିୟ କରିଥିଲା। ଯଦିଓ ଏହି କଥାର ଐତିହାସିକ ପ୍ରମାଣ ନାହିଁ, ତଥାପି ଏହା ଲୋକବିଶ୍ୱାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ।

ଶ୍ରାବଣ ମାସକୁ ଶିବଙ୍କ ପ୍ରିୟ ମାସ ବୋଲି କୁହାଯାଏ। ବର୍ଷା ଋତୁରେ ପ୍ରକୃତି ଯେପରି ସବୁଜ ଓ ସଜୀବ ହୋଇଉଠେ, ସେହିପରି ମନୁଷ୍ୟର ମନ ମଧ୍ୟ ଭକ୍ତିରେ ମଗ୍ନ ହୋଇଯାଏ। ବିଶେଷକରି ଶ୍ରାବଣର ପ୍ରତ୍ୟେକ ସୋମବାର ଶିବପୂଜାର ବିଶେଷ ମହତ୍ତ୍ୱ ରହିଛି। ଭକ୍ତମାନଙ୍କ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ନିଷ୍ଠାର ସହ ଶିବଙ୍କ ଉପାସନା କଲେ ମନୋକାମନା ପୂରଣ ହୁଏ ଏବଂ ଜୀବନରେ ଶାନ୍ତି ଓ ମଙ୍ଗଳ ଆସେ।

କାଉଡ଼ିଆ ଯାତ୍ରା କେବଳ ପାଣି ଭାର ବହନର ଯାତ୍ରା ନୁହେଁ। ଏହା ମନୁଷ୍ୟର ଅହଂକାରକୁ ପରିତ୍ୟାଗ କରି ଭଗବାନଙ୍କ ପ୍ରତି ସମର୍ପଣର ଯାତ୍ରା ଅଟେ। କାନ୍ଧରେ ପାଣିଭାର ଧରି ଖାଲି ପାଦରେ ଦୀର୍ଘ ପଥ ଅତିକ୍ରମ କରିବା ଭକ୍ତଙ୍କ ଧୈର୍ଯ୍ୟ, ସଂଯମ, ସହନଶୀଳତା ଓ ଶୃଙ୍ଖଳାର ପରିଚୟ ଦିଏ। ଏହି ଯାତ୍ରାରେ ଧନୀ-ଗରିବ, ଜାତି-ବର୍ଣ୍ଣ କିମ୍ବା ଉଚ୍ଚ-ନୀଚର କୌଣସି ଭେଦ ଭାବ ରହେ ନାହିଁ। ସମସ୍ତଙ୍କର ଏକମାତ୍ର ପରିଚୟ ସେମାନେ ଶିବଭକ୍ତ ଓ ସେମାନଙ୍କ ର ଲକ୍ଷ୍ୟ ଶିବ ଦର୍ଶନ ।



ଓଡ଼ିଶା ସମେତ ସମଗ୍ର ଭାରତରେ ଶ୍ରାବଣ ମାସରେ ଅସଂଖ୍ୟ କାଉଡ଼ିଆ ଭକ୍ତ ନଦୀରୁ ପବିତ୍ର ଜଳ ସଂଗ୍ରହ କରି ବିଭିନ୍ନ ଶୈବପୀଠରେ ଜଳାଭିଷେକ କରନ୍ତି। ଏହି ଯାତ୍ରା ସମୟରେ ସେବା ଶିବିର, ଜଳଛତ୍ର, ଚିକିତ୍ସା ଶିବିର ଓ ଅନ୍ନସେବାର ବ୍ୟବସ୍ଥା ସମାଜର ସେବାଭାବ ଓ ସହଯୋଗର ପରିଚୟ ଦେଇଥାଏ। ଏହା ଧର୍ମ ସହ ମାନବସେବାର ମଧ୍ୟ ଏକ ମହାନ ଉଦାହରଣ ସୃଷ୍ଟି କରେ।ଏଠାରେ ଗୋଟିଏ କଥା ସ୍ମରଣୀୟ ଯେ, କାଉଡ଼ିଆ ଯାତ୍ରାର ପ୍ରାଚୀନତା ନେଇ କୌଣସି ନିର୍ଦ୍ଦିଷ୍ଟ ଐତିହାସିକ ବର୍ଷ କିମ୍ବା ତାରିଖ ମିଳେନାହିଁ। ଏହା ବେଦ, ପୁରାଣ, ଲୋକବିଶ୍ୱାସ ଓ ଶତାବ୍ଦୀ ଧରି ଚାଲିଆସୁଥିବା ଧାର୍ମିକ ପରମ୍ପରାର ସମନ୍ୱୟରେ ବିକଶିତ ହୋଇଛି। ସେହି କାରଣରୁ ଏହା କେବଳ ଏକ ରୀତିନୀତି ନୁହେଁ, ବରଂ ଭାରତୀୟ ସାଂସ୍କୃତିକ ଐତିହ୍ୟର ଏକ ଜୀବନ୍ତ ଅଧ୍ୟାୟ।ଶ୍ରାବଣର କାଉଡ଼ିଆ ଓ ପାଣିଭାର ପରମ୍ପରା ଆମକୁ ଶିଖାଏ ଯେ, ଭକ୍ତି କେବଳ ମନ୍ଦିରରେ ନୁହେଁ, ବରଂ ଶୃଙ୍ଖଳିତ ଜୀବନ, ତ୍ୟାଗ, ସେବା, ସହନଶୀଳତା ଓ ସମର୍ପଣରେ ପ୍ରକାଶ ପାଏ। କାନ୍ଧରେ ପାଣିଭାର ଏବଂ ହୃଦୟରେ ଅତୁଟ ବିଶ୍ୱାସ ନେଇ ଆଗକୁ ବଢୁଥିବା କାଉଡ଼ିଆ ଭକ୍ତମାନେ ପ୍ରକୃତରେ ଆମ ସଂସ୍କୃତିର ଜୀବନ୍ତ ଦୂତ ଅଟନ୍ତି। ସେମାନଙ୍କ ପଦଧ୍ୱନିରେ ଆଜି ମଧ୍ୟ ଭାରତୀୟ ଆଧ୍ୟାତ୍ମିକତାର ଚିରନ୍ତନ ସ୍ୱର ପ୍ରତିଧ୍ୱନିତ ହେଉଛି।

ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

# ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ମାଫିଆ



ଅଧ୍ୟାପକ ଗୋପବନ୍ଧୁ

ସୁଶାସନ ପାଇଁ ଶାସନଗତ ଦୃଢତା ଅତ୍ୟନ୍ତ ଜରୁରୀ। ଶାସନ ବ୍ୟବସ୍ଥା ହୁଗୁଳି ଗଲେ ଅରାଜକତା ଦେଖାଦିଏ। ଚାରିଆଡ଼େ ମାଫିଆମାନଙ୍କ ପ୍ରାଦୁର୍ଭାବ ବଢିଯାଏ। ବ୍ୟବସ୍ଥା ବିରୋଧି ଅରାଜକ ତତ୍ତ୍ୱ ଆତ୍ମ ପ୍ରକାଶ କରନ୍ତି। ନିଜ ସ୍ୱାର୍ଥପାଇଁ ଏମାନେ ସମାନ୍ତରାଳ ବ୍ୟବସ୍ଥା ଚାଲୁ କରିବାକୁ ଚେଷ୍ଟା କରନ୍ତି। ଏହା ରାଷ୍ଟ୍ର ସତ୍ତାକୁ ଆଞ୍ଚ୍ ପହଞ୍ଚାଏ। ରାଷ୍ଟ୍ର ସ୍ୱଚ୍ଛ ଓ ନିର୍ମଳ ଶାସନ ଦେଇପାରେ ନାହିଁ। ନାଗରିକମାନେ ନ୍ୟାୟ ପାଇ ପାରନ୍ତି ନାହିଁ। ସରଳ ଓ ଶୃଙ୍ଖଳିତ ଲୋକଙ୍କ ଉପରେ ଅତ୍ୟାଚାର ବଢେ। ସମସ୍ତ କ୍ଷେତ୍ରରେ ସେମାନେ ବଞ୍ଚିତ ହୁଅନ୍ତି। ରାଷ୍ଟ୍ରର ଗୋଟିଏ ବ୍ୟବସ୍ଥା ଦୁର୍ବଳ ହେଲେ ଅନ୍ୟ ବ୍ୟବସ୍ଥାକୁ ଏହା ପ୍ରଭାବିତ କରେ। ଏହା ଅଧିକ ପରିବ୍ୟାପ୍ତ ହେଲେ ରାଷ୍ଟ୍ରସତ୍ତା ଅରାଜକ ତତ୍ତ୍ୱ ହାତକୁ ଚାଲିଯାଏ। ଏମାନେ ନିଜ ସ୍ୱାର୍ଥପାଇଁ ରାଷ୍ଟ୍ରକୁ ବିପଦରେ ପକାଇବା ପାଇଁ ପଛଘୁଞ୍ଚା ଦିଅନ୍ତି ନାହିଁ। ଅଣାୟତ୍ତ ପରିସ୍ଥିତିକୁ ସୁଧାରିବାକୁ ପୁଣି ଅନେକ ସମୟ ଲଗିଯାଏ। କାରଣ ଏଥିପାଇଁ ପ୍ରବଳ ଜନମତର ଆବଶ୍ୟକତା ପଡେ। ରାଷ୍ଟ୍ରବାଦୀମାନଙ୍କୁ ଆଗକୁ ଆସିବାକୁ ପଡେ।

ଗୋଟିଏ ରାଷ୍ଟ୍ରର ବିକାଶ ପାଇଁ ଏକ ଦୃଢ ଶିକ୍ଷାବ୍ୟବସ୍ଥା ଅପରିହାର୍ଯ୍ୟ। ଦେଶରେ ଶିକ୍ଷାବ୍ୟବସ୍ଥାର ଦାୟିତ୍ୱ ହେଉଛି ଏକ ସୁସ୍ଥ ଓ ପାରଦର୍ଶୀ ଶୈକ୍ଷିକ ବାତାବରଣକୁ ବଜାୟୀ ରଖିବା ଓ ସ୍ୱଚ୍ଛ ମୂଲ୍ୟାୟନ ଜରିଆରେ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ପ୍ରମାଣପତ୍ର ବା ସାର୍ଟିଫିକେଟ ମାଧ୍ୟମରେ ସ୍ୱୀକୃତି ଦେବା। ଏହି ପ୍ରମାଣପତ୍ର ପାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅକ୍ଳାନ୍ତ , କରିବାକୁ ପଡେ। ମାଟ୍ରିକୁଲେସନ୍ ସାର୍ଟିଫିକେଟ ପାଇଁ ଜଣକୁ ଅନ୍ୟୁନ ଦଶବର୍ଷ ପଢିବାକୁ ହୁଏ। ପରୀକ୍ଷାରେ କୃତକାର୍ଯ୍ୟ ହେଲେ ତାକୁ ପାସର ପ୍ରମାଣ ପତ୍ର ମିଳେ। ଫେଲ ହେଲେ ପୁଣି ଅଧିକ ବର୍ଷ ପଢିବାକୁ ହୁଏ। ସେହିପରି +୨ ପାଇଁ ଅନ୍ୟୁନ ଦୁଇ ବର୍ଷ, +୩ ପାଇଁ ଅନ୍ୟୁନ ତିନି ବର୍ଷ, ପୋଷ୍ଟ ଗ୍ରାଜୁଏସନ ପାଇଁ ଅନ୍ୟୁନ ଦୁଇବର୍ଷ, ଏହିପରି ପ୍ରତି ସ୍ତରର ପାଠ୍ୟକ୍ରମ ପାଇଁ ସମୟସୀମା ନିର୍ଦ୍ଧାରଣ କରାଯାଇଛି। ହିସାବ କଲେ ହାଇସ୍କୁଲ ସାର୍ଟିଫିକେଟ ପାଇଁ ଅନ୍ୟୁନ ଦଶ ବର୍ଷ, +୨ ପାଇଁ ଅନ୍ୟୁନ ବାର ବର୍ଷ, +୩ ସାର୍ଟିଫିକେଟ ପାଇଁ ଅନ୍ୟୁନ ପନ୍ଦର ବର୍ଷ ଓ ଉଚ୍ଚତର ଡିଗ୍ରୀ ପାଇଁ ଆହୁରି ଅଧିକ ବର୍ଷ ପଢିବାକୁ ହୁଏ।

ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନେ ପୂର୍ଣ୍ଣ ସମୟ ଭଲ ପରୀକ୍ଷା ଫଳ ପାଇବା ପାଇଁ ଲଗାଇ ଦିଅନ୍ତି। ରାତି ଅନିଦ୍ରା ରହି ପାଠ ପଢନ୍ତି। ଉତ୍କଣ୍ଠା ଓ ପ୍ରତିଯୋଗିତା ମଧ୍ୟରେ ଅଧ୍ୟୟନ କରନ୍ତି। ଏକ ମାତ୍ର ଲକ୍ଷ୍ୟ ଭଲ ନମ୍ବର ରଖି ଭଲ ଡିଭିଜନରେ ପାସ୍ କରିବା। ଏହି ରେଜାଲ୍ଟ ତାର ସ୍ୱପ୍ନକୁ ସାକାର କରିବ। ଭଲ ଚାକିରିଟିଏ କରିବାରେ ସହାୟକ ହେବ। ପରିବାରର ଆଶା ପୂରଣ କରିବ। ବହୁ କଷ୍ଟ ସ୍ୱୀକାର କରି ପରିବାର ଯେଉଁ ପାଠ ପଢାଇଛନ୍ତି, ସେ ରୋଜଗାର କଲେ ପରିବାର ପ୍ରତି ସହାୟକ ହେବ। ଏ ସମସ୍ତ ବିଷୟ ଆମ ଅନୁଭୂତିର। ଆମେ ସମସ୍ତେ ଏହି ସୋପାନ ଦେଇ ଆସିଛୁ। ପଢି ସାରିଲା ପରେ ଜଣେ ଯେଉଁ ଶିକ୍ଷା ପ୍ରମାଣପତ୍ର ପାଏ, ତାହା ତାର ତପସ୍ୟାର ଫଳ। ଏହା ତାର ଆତ୍ମତୃପ୍ତି। ଏହି ପ୍ରମାଣ ପତ୍ର ସାରା ଜୀବନ ତାର ବ୍ୟକ୍ତିତ୍ୱର ପ୍ରମାଣ ଦିଏ। ମଲା ପରେବି ପରବର୍ତ୍ତୀ ବଂଶଧରମାନେ ଏହାକୁ ନେଇ ଗର୍ବ କରନ୍ତି। ଆଲୋଚନାବି କରନ୍ତି। ତେଣୁ ଶିକ୍ଷାନୁଷ୍ଠାନ ମାନଙ୍କରେ ପରୀକ୍ଷାର ଯେଉପରି ସ୍ୱତନ୍ତ୍ର ମହତ୍ତ୍ୱ ଥାଏ, ସେଠାରୁ ଯେଉଁ ଶିକ୍ଷା ପ୍ରମାଣ ପତ୍ର ମିଳେ ତାହାର ମହତ୍ତ୍ୱ ଆହୁରି ଅଧିକ ଥାଏ।

ଏହିପ୍ରକାର ଶୃଙ୍ଖଳିତ ବ୍ୟବସ୍ଥା ଭୂଲୁଣ୍ଠିତ ହୁଏ ଯେତେବେଳେ ଏହାର ଏକ ଭ୍ରଷ୍ଟ ଓ ବିରୋଧି ବ୍ୟବସ୍ଥା କାୟା ବିସ୍ତାର କରେ। ଶ୍ରେଣୀଶିକ୍ଷା ଉପରୁ ଗୁରୁତ୍ୱ ହ୍ରାସ କରାଯାଏ। ପରୀକ୍ଷା ପଦ୍ଧତିରେ ଅସ୍ୱଚ୍ଛତା ଆସେ। ସାର୍ଟିଫିକେଟ ହାସଲ କରିବା କେବଳ ମାତ୍ର ଲକ୍ଷ୍ୟ ହୋଇଯାଏ। ଛାତ୍ରଛାତ୍ରୀମାନେ ନକଲ ଉପରେ ଗୁରୁତ୍ୱ ଦିଅନ୍ତି। କାର୍ଯ୍ୟରତ କର୍ମଚାରୀମାନେ ପରୀକ୍ଷାରେ ଅସାଧୁ ଉପାୟର ଅବଲମ୍ବନକୁ ପ୍ରୋତ୍ସାହିତ କରନ୍ତି। କପି ମାଫିଆମାନେ ସକ୍ରୀୟ ହୋଇଯାଆନ୍ତି ଓ ବ୍ୟବସ୍ଥା ସହିତ ବୁଝାମଣା କରି ପ୍ରଶ୍ନପତ୍ର ଲିକ୍ ସହିତ, କପି ଯୋଗାଣ, ମୂଲ୍ୟାୟନରେ ହେରଫେର, ଟେବୁଲେସନ୍ ବେଳେ ନମ୍ବର ହେରଫେର ପରି ଅସାଧୁ କାର୍ଯ୍ୟ ବିନା ପ୍ରତିବନ୍ଧକରେ କରିଚାଲନ୍ତି। ଏପରି ସ୍ଥଳେ ପରୀକ୍ଷା ନିୟମର ବିରୁଦ୍ଧରେ ଏକ ଭ୍ରଷ୍ଟ ସମାନ୍ତରାଳ ବ୍ୟବସ୍ଥା କାର୍ଯ୍ୟକରେ। ଗୋଟିଏ ରାଷ୍ଟ୍ରର ଶିକ୍ଷାବ୍ୟବସ୍ଥାକୁ ସୂଚାରୁରୂପେ ପରିଚାଳିତ କରିବା ପାଇଁ ଯେଉଁସବୁ ନିୟମର ପ୍ରବର୍ତ୍ତନ ହୋଇଥାଏ, ତାହା କ୍ରମେ ମୂଲ୍ୟହୀନ ହୋଇଯାଏ ଏବଂ ମାଫିଆ ଓ ଭ୍ରଷ୍ଟାଚାରୀଙ୍କ ଇଙ୍ଗିତରେ ଦେଶର ବ୍ୟବସ୍ଥା ପରିଚାଳିତ ହୁଏ। ସାମ୍ପ୍ରତିକ ଅବସ୍ଥାରେ ବହୁଚର୍ଚ୍ଚିତ ନୀଟ ପ୍ରଶ୍ନପତ୍ର ପ୍ରଘଟ, ବିଭିନ୍ନ ସମୟରେ



ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍, ଓଡ଼ିଶାରେ ଏସଆଇ ନିଯୁକ୍ତି ପରୀକ୍ଷାରେ ଟଙ୍କା ବଦଳରେ ପୂର୍ବ ସେଟିଂ, ପରୀକ୍ଷାରେ ନକଲ, ବିଭିନ୍ନ ପ୍ରକାର ନିଯୁକ୍ତିରେ ଜାଲିଆତି ଇତ୍ୟାଦି ବହୁ ଅନିୟମିତତା ସମ୍ମୁଖକୁ ଆସୁଛି। ଏଗୁଡ଼ିକର ସଂଖ୍ୟା କ୍ରମେ ବଢି ଚାଲିଛି।

ବ୍ୟବସ୍ଥାରେ ଚରମ ବିଶୃଙ୍ଖଳା ଦେଖାଦିଏ ଯେତେବେଳେ ସାର୍ଟିଫିକେଟ ବା ପାଶ୍ ପ୍ରମାଣପତ୍ର ବଜାରରେ କିଣିବାକୁ ମିଳେ। ଶିକ୍ଷା ମାଫିଆ ଓ କଳାବଜାରୀମାନେ ଏହାକୁ ସବୁଠାରୁ ସହଜ ମାଧ୍ୟମ ଭାବେ ଗ୍ରହଣକରି ନେଇଛନ୍ତି। ଏଥିରେ ଶ୍ରେଣୀ ଶିକ୍ଷାଲାଭ କରିବାର ଆବଶ୍ୟକତା ନଥାଏ। ଦଶପନ୍ଦର ବର୍ଷ ପର୍ଯ୍ୟନ୍ତ ପାଠ ପଢିବାର ଝାମେଲା ଏବଂ ଅର୍ଥ ଓ ସମୟ ବ୍ୟୟର ଆବଶ୍ୟକତା ପଡେନାହିଁ। କୋଉ ସ୍କୁଲ ବା କଲେଜରେ ନାମ ଲେଖାଇବାକୁ ପଡେ ନାହିଁ। କେହି ଯଦି ନାମ ଲେଖାଇ ଥାଏ, ତେବେ ସେ ଫେଲ ହୋଇଥିଲେବି ତାକୁ ଅଧିକ ନମ୍ବର ରଖିଥିବା ପାସ୍ ସାର୍ଟିଫିକେଟ ଓ ନମ୍ବର ଫର୍ଦ୍ଦ ବା ମାର୍କସିଟ୍ ମିଳିଯାଏ। ଏହାକୁ ନେଇ ସେ ଭଲ ଚାକିରି ପାଇଯାଏ। ଯିଏ ଜାଲ୍ ସାର୍ଟିଫିକେଟ୍ ଯୋଗାଡ କରିପାରେ ତାପାଇଁ ଚାକିରୀ ଯୋଗାଡ କରିବା କେଉଁ କଷ୍ଟକର କାମ ? କେତେକ ରାଜନେତାଙ୍କ ପାଇଁ ନିଜର ରାଜନୈତିକ ପ୍ରଭାବ ବିସ୍ତାର ଉଦ୍ଦେଶ୍ୟରେ ସାଧାରଣ ଜନତାକୁ ନିଜର ଉଚ୍ଚଶିକ୍ଷା ଯୋଗ୍ୟତାର ପ୍ରଦର୍ଶନ କରିବା ଦିଗରେ ଏହା ଏକ ସହଜ ମାଧ୍ୟମ। ପାଠ ନପଢି ଗୋଟିଏ ଉଚ୍ଚ ଡିଗ୍ରୀ ସାର୍ଟିଫିକେଟ ଯୋଗାଡ କରିନେଲେ ହେଲା। ଏହାକୁ ନେଇ ଏପରିକି ନିର୍ବାଚନ ଅଧିକାରୀ ନିକଟରେ ଏବାବଦକୁ ଏଫିଡେଭିଟ ଦେବାକୁ ସେମାନେ କୁଣ୍ଠାବୋଧ କରନ୍ତି ନାହିଁ। ଯଦି ଏପରି ବ୍ୟକ୍ତି ଉଚ୍ଚପଦ ପଦବୀରେ ଅଧିଷ୍ଠିତ ହୋଇ ଯାଆନ୍ତି ଓ ତାଙ୍କ ବିରୁଦ୍ଧରେ ଅଭିଯୋଗ ଆସେ, ତେବେ ସେ ନିଜର କ୍ଷମତା ବଳରେ ଏପ୍ରକାର ଅଭିଯୋଗକୁ ଚାପିଦେବା ପାଇଁ ଭରପୁର ଚେଷ୍ଟା କରନ୍ତି। ଏହାକୁ ସୂଚୀତ ଅନୁଷ୍ଠାନରେ ରେକର୍ଡଭୁକ୍ତ କରିବାକୁ ଚେଷ୍ଟା କରନ୍ତି ଧରାପଡିବା ଭୟରେ।

ଦେଶରେ ହଜାର ହଜାର ସଂଖ୍ୟାରେ ଜାଲ ସାର୍ଟିଫିକେଟ୍ ଓ ମାର୍କସିଟ୍ ବିକ୍ରୀ ହେବାର ତଥ୍ୟ ପ୍ରଘଟ ହୋଇଛି। ଏହାର ଚେର ଚାରିଆଡ଼େ ଲମ୍ବିଛି ଓ ଚେରର ଗଭୀରତା ବହୁତ ବେଶିବୋଲି ଜଣାପଡିଛି। ଅନେକେ ଏହିପ୍ରକାର ପ୍ରମାଣପତ୍ର ଜରିଆରେ ଚାକିରୀ କରୁଛନ୍ତି। କେତେକେ ଧରା ପଡିଲେଣୀ। ଏହା ଉପରେ ଖୋଳତାଡ଼ ଚାଲିଛି। ଅନେକଙ୍କ ଧାରଣା ଯେ ଏହା ପଛରେ ରାଜନୈତିକ ନେତାଙ୍କ ପୃଷ୍ଠପୋଷକତା ଥାଇପାରେ। ଏପ୍ରକାର ବ୍ୟବସ୍ଥା ଦୀର୍ଘବର୍ଷ ଧରି ଚାଲିଛି। ଏତ ସମୁଦ୍ରକୁ ଶଙ୍ଖେ। ଠିକଭାବେ ଇନକ୍ୱାରୀ କଲେ ଅନେକ କଥା ସାମ୍ନାକୁ ଆସିବ ଓ ଅନେକଙ୍କ ମୁଖା ଖୋଲିବ। ତେବେ ସାଧାରଣରେ ଏହାବି ସନ୍ଦେହ ରହିଛି ଯେ ଯେଉଁମାନେ ଏତେ କରିତକର୍ମା, ଯେଉଁମାନେ ପାଠନପଢି ଜାଲ ସାର୍ଟିଫିକେଟ ସଂଗ୍ରହ କରି ଚାକିରୀ କରିପାରୁଛନ୍ତି, ସେମାନେ ଇନକ୍ୱାରୀକୁବି କିଣି ନେବେନିତ ? କାରଣ ଦେଶର ଗୋଟିଏ ବ୍ୟବସ୍ଥାରେ ଘୁଣ ଲାଗିଲେ ତାହା ଅନ୍ୟ ବ୍ୟବସ୍ଥାକୁ ମଧ୍ୟ ସଂକ୍ରମିତ ହୁଏ। ତୁତ ମୁତୁରୀ ମୁତ ମୁତୁରୀ ଦୋଷ କାହା ଉପରେ ଲଦିବା ନ୍ୟାୟରେ କେଶ୍ ଦଫାରଫା ହୋଇଯାଏ। ବୁଝାମଣାରେ ସବୁ ଚାଲେ।

ରାଜନେତାମାନେ ଦେଶର ଦିଗଦର୍ଶକ। କେତେକ ରାଜନେତାଙ୍କ ବିରୁଦ୍ଧରେ ଜାଲ ଶିକ୍ଷାଗତ ଯୋଗ୍ୟତାର ଗମ୍ଭୀର ଅଭିଯୋଗ ଆସିଛି। ଅତୀତରେ ଦିଲ୍ଲୀର ଆଇନ୍ ମନ୍ତ୍ରୀଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ଆସିଥିଲା ଓ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ଏବେ ଦେଶର ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ମଧ୍ୟ ଏପ୍ରକାର ଅଭିଯୋଗ କେତେକ ରାଜନୈତିକ ଦଳ ଆଣୁଛନ୍ତି। ଅବଶ୍ୟ ତାଙ୍କ ଦଳ ଏହା ଉପରେ ସ୍ପଷ୍ଟିକରଣ ଦେଇ ସାରିଛି। ବିହାର ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମଧ ଏପରି ଅଭିଯୋଗ ଆସୁଛି। ସେ ମଧ୍ୟ ଏପରି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଆହୁରି ଅନେକ ନେତାଙ୍କ ବିରୋଧରେ ଏପରି ଅଭିଯୋଗ ଆସୁଛି। କେବଳ ଏତିକି ନୁହେଁ ଜାଲ ଜାତି ସାର୍ଟିଫିକେଟ, ଜାଲ ଜନ୍ମ ସାର୍ଟିଫିକେଟ, ଜାଲ ସମ୍ପତ୍ତି ପ୍ରମାଣ ପତ୍ର ପରି ଅଭିଯୋଗ ମଧ୍ୟ ଆସୁଛି। ରାଜନୈତିକ ନେତାମାନେ ଏ ସମସ୍ତ ଅଭିଯୋଗରୁ ମୁକ୍ତ ହେବା ଉଚିତ। ଅନ୍ୟଥା ଏମାନଙ୍କ ହାତରେ ଦେଶ ସୁରକ୍ଷିତ ରହିବ କିପରି ? ଅଭିଯୋଗ ହେବାମାତ୍ରେ ଏମାନେ ନିଜଆଡୁ ନିଜର ସ୍ୱଚ୍ଛତା ବିଷୟରେ ଲୋକଙ୍କୁ ଅବଗତ କରାଇବା ଉଚିତ୍। ଏହା ଦ୍ୱାରା ନିଜର ସ୍ୱଚ୍ଛ ଭାବମୂର୍ତ୍ତି ବଜାୟୀ ରହିବ। ଅନ୍ୟଥା ଲୋକେ ବିଶ୍ୱାସ କରିବେ 'ଦାଲ ମେ କୁଛ୍ କାଲା ହେ'।

ଦେଶରେ ଦେଖା ଦେଇଥିବା ଜାଲ ସାର୍ଟିଫିକେଟ ଓ ଜାଲି କାରବାର ଦେଶକୁ ତଳିତଳାନ୍ତ କରିଦେବ। ଦେଶରେ ସଚ୍ଚୋଟ ଓ ସାଧୁଙ୍କ କୌଣସି ସ୍ଥାନ ରହିବ ନାହିଁ। ଦୀର୍ଘବର୍ଷ ଧରି ଭଲ ପରୀକ୍ଷା ଫଳ ପାଇଁ ଚେଷ୍ଟା କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଓ ତାଙ୍କ ଉପରେ ଭରସା ରଖୁଥିବା ଅଭିଭାବକମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଯାଇ ପାରିବ ନାହିଁ। ଲୋକଙ୍କ ଶିକ୍ଷା ବ୍ୟବସ୍ଥା ଉପରୁ ଭରସା ତୁଟିଯିବ। ଏହାଯେ ଶିକ୍ଷାବ୍ୟବସ୍ଥାକୁ ଧ୍ୱଂସ କରିଦେବ ତାହା ନୁହେଁ ଏହା ସହିତ ଅନ୍ୟ ବ୍ୟବସ୍ଥାଗୁଡିକୁ ମଧ୍ୟ ଦୁର୍ବଳ କରିଦେବ। ତେଣୁ ଏହିପ୍ରକାର କାରବାରରେ ଲିପ୍ତଥିବା କଳାବଜାରୀ ଓ ମାଫିଆମାନଙ୍କୁ କୋଠାର ହସ୍ତରେ ଦମନ କରାଯିବା ଉଚିତ। ଆଉ ଏଥିରେ ସମ୍ପୃକ୍ତ ରାଜନୈତିକ ନେତାମାନେତ ଆଦୌ କ୍ଷମାର ପାତ୍ର ନୁହଁନ୍ତି। ତାଙ୍କୁ ଯେତେ ଭର୍ତ୍ସନା କଲେବି କମ୍ ହେବ। ସାଧୁ ବେଳହୁଁ ସାବଧାନ। ବ୍ୟବସ୍ଥାର ଦୃଢ଼ତା ଦେଶର ଦୃଢତା।

ବାରିପଦା, ମୟୂରଭଞ୍ଜ-
୭୫୭୦୦୨ (ଅବସରପ୍ରାପ୍ତ)
ଦର୍ଶନ ବିଭାଗ



# ଖଟିଆରେ ୨ କିଲୋମିଟର ଗଲା ରୋଗୀ,ପଦାରେ ପଡିଲା ନେତାଙ୍କ ପାରିବାପଣିଆ

## ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

**ଦଶପଲ୍ଲା (ଅମୃତ ମିଡିଆ) :** ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ମଧ ରାଜ୍ୟର ଅନେକ ଗ୍ରାମାଞ୍ଚଳରେ ମୌଳିକ ସୁବିଧା ଏବେ ବି ସାତସପନ। ବିକାଶର ପୋଷ୍ଟର ବ୍ୟାନର ଭିତରେ ଲୁଚି ରହିଥିବା ଏକ ଅତି ଦୁଃଖଦ ତଥା ହୃଦୟବିଦାରକ ଚିତ୍ର ସାମ୍ନାକୁ ଆସିଛି ନୟାଗଡ଼ ଜିଲ୍ଲାରୁ, ଯେଉଁଠି ଆଜି ବି ଜଣେ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଖଟିଆ ହିଁ ଏକମାତ୍ର ସାହାରା ପାଲଟିଛି। ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଟାକରା ପଞ୍ଚାୟତର ବାଙ୍କତଇଲା ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ଗାଁର ରବୀନ୍ଦ୍ର ଭୋଇଙ୍କ ପତ୍ନୀ ସୁଷମା ଭୋଇ ଅଚାନକ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ଅବସ୍ଥା ବିଗିଡ଼ିବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ମେଡିକାଲ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଖବର ପାଇ ଆମ୍ବୁଲାନ୍ସ ନିର୍ଦ୍ଧାରିତ ସମୟରେ ବାହାରିଥିଲା ସତ, ହେଲେ ଗାଁ ଭିତରକୁ ପଶିପାରି ନଥିଲା। ବାଙ୍କତଇଲା ଗାଁକୁ ଯିବା ପାଇଁ କୌଣସି ପକ୍କା କିମ୍ବା ଚଳନଶୀଳ ରାସ୍ତା ନାହିଁ। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ୧୦୮



ଆମ୍ବୁଲାନ୍ସ ଗାଁ ମୁହାଁ ହୋଇପାରି ନଥିଲା ଏବଂ ଗାଁଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଅଟକି ରହିଥିଲା। ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ସମୟ କମ ଥିବାରୁ ଗ୍ରାମବାସୀମାନେ ଆଉ ଅପେକ୍ଷା ନକରି ଏକ ଦେଶୀ ଖଟିଆର ସାହାରା ନେଇଥିଲେ। ଗୁରୁତର ଅସୁସ୍ଥ ସୁଷମାଙ୍କୁ ଖଟିଆରେ ଶୁଆଇ ଗ୍ରାମବାସୀମାନେ କାନ୍ଧରେ ବୋହି ପାହାଡ଼ିଆ ଓ ପଥୁରିଆ ରାସ୍ତା ଦେଇ ପ୍ରାୟ ୨ କିଲୋମିଟରରୁ ଅଧିକ ବାଟ ଚାଲି ଚାଲି ଆମ୍ବୁଲାନ୍ସ ପାଖକୁ ଆଣିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ୱାଧୀନତାର ଏତେ ବର୍ଷ ପରେ ବି ନୟାଗଡ଼ର ଏହି ଆଦିବାସୀ ବହୁଳ ଅଞ୍ଚଳରେ ମୌଳିକ ସୁବିଧା ସୁଯୋଗ ପହଞ୍ଚି ନପାରିବା ସ୍ଥାନୀୟ ପ୍ରଶାସନର ନେତାଙ୍କ କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗମନାଗମନର ସୁବିଧା ନଥିବାରୁ ଏହି ଗାଁର ଶହ ଶହ ଲୋକ ପ୍ରତିଦିନ ନିଜ ଜୀବନ ସହ ସଂଘର୍ଷ କରୁଛନ୍ତି। ବିଶେଷ କରି ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତିରେ ଗର୍ଭବତୀ ମହିଳା ଓ ବୃଦ୍ଧବୃଦ୍ଧାମାନେ ଚରମ ନିର୍ଯାତନା ଭୋଗୁଛନ୍ତି। ଗ୍ରାମବାସୀଙ୍କ ମଧରେ ଏହାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ,ନେତ କେବେ ନିଦରୁ ଉଠିବ ଏବଂ ଏହି ବାଙ୍କତଇଲା ଗାଁକୁ ଏକ ସ୍ଥାୟୀ ରାସ୍ତା ନିର୍ମାଣ କରି ଲୋକଙ୍କ ଦୁର୍ଦ୍ଦଶା ଦୂର କରିବ, ତାହା ହିଁ ଏବେ ସବୁଠାରୁ ବଡ଼ ପ୍ରଶ୍ନ।ଅନ୍ୟପଟେ ଦୁରବାଜି ଜନ୍ତ ପାଇଲେ ନେତାଙ୍କ ବଡବଡ ଭାଷଣ ରେ କମ୍ପିଜାଉଛି।ଗାଁ ଭିତରେ କଂକ୍ରିଟ ଦାଣ୍ଡ ଗାଁର ବାହାରେ କାଦୁଅ ରାସ୍ତା।ସୁବିଧାପାଇଲେ ଦୋଷଦେଉଛନ୍ତି ପ୍ରଶାସନ ୨୪ ବର୍ଷ ଶାସନରେ ଜନପ୍ରତିନିଧି ଦୃଷ୍ଟି ଆଢୁଆଳେରେ ଏଭଳି ଅନେକ ଗାଁର ଚିତ୍ର ରହିଛି। ଫେସବୁକ, ବ୍ୟାନର,ପୋଷ୍ଟର ମାଧ୍ୟମରେ ଜେତିକି ପାରିବାର ପୋଷ୍ଟ କରୁଛନ୍ତି।ସ୍ୱାଧୀନତାର ୭୮ବର୍ଷ ୨୪ବର୍ଷ ସରକାରରେ ଦଶପଲ୍ଲା ଅଞ୍ଚଳରେ ଥିବା ଆଦିବାସୀମାନଙ୍କ ଚଳଣି, ପାହାଡ ଜଙ୍ଗଲରେ ଦୁର୍ଦ୍ଦଶାରୁ ଜୀବନ କାଟୁଛନ୍ତି ତାର ଚିତ୍ର ଫେସବୁକ ରେ ଦେଖେଇଲେ ୨୪ବର୍ଷ ସରକାରଙ୍କ କେତେ ସଫଳ,ବିଫଳ ନେତାଙ୍କ ପାରିବା ପଣିଆ ସଫଳ ହୋଇଛି ବୋଲି ଗାଁ ଗାଁରେ ଆଲୋଚନା ହେଲାଣି।

# ଜିଲ୍ଲାପାଳଙ୍କଦ୍ୱାରା 'ସୋଲାର ରଥ'ର ଶୁଭାରମ୍ଭ

**କଟକ (ବ୍ୟୁରୋ) :** ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରିବା ସହ ପିଏମ୍ ସୂର୍ଯ୍ୟ ଘର : ମାଗଣା ବିଜୁଳି ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଟିପିସିଓଡିଏଲ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି । ଜିଲ୍ଲପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ସୋଲାର ରଥକୁ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳ ପରିଦର୍ଶନ କରି ଘର ଛାତ ଉପରେ ସୌର ଶକ୍ତି ପ୍ରକଳ୍ପ ସ୍ଥାପନର ସୁବିଧା, ପିଏମ୍ ସୂର୍ଯ୍ୟ ଘର : ମାଗଣା ବିଜୁଳି ଯୋଜନା ଅଧୀନରେ ମିଳୁଥିବା ସରକାରୀ ସହାୟତା ଏବଂ ସହଜ ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ । ଏଥିସହ 'ସୋଲାର ସାଙ୍ଗ ' ଦଳ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ସହ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ସୁଲଭ ସୌର ଶକ୍ତି ଗ୍ରହଣ ପାଇଁ ପ୍ରୋତ୍ସାହିତ କରିବେ । 'ସୋଲାର ରଥ' ଅଭିଯାନ ମାଧ୍ୟମରେ ପିଏମ୍



ସୂର୍ଯ୍ୟ ଘର : ମାଗଣା ବିଜୁଳି ଯୋଜନାର ସୁବିଧା ସମ୍ପର୍କରେ ସଚେତନତା ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚିବ। ଅଧିକରୁ ଅଧିକ ପରିବାରକୁ ସୋଲାର ସୁବିଧା ନେବା ପାଇଁ ଉତ୍ସାହିତ କରିବା ସହ ନବୀକରଣଯୋଗ୍ୟ ଶକ୍ତିର ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି ରଥର ଶୁଭାରମ୍ଭ ଅବସରରେ ଯୋଗଦେଇ କହିଥିଲେ ଯେ, ଏହି ରଥ ଗ୍ରାମାଞ୍ଚଳରେ ବୁଲିବା ଦ୍ୱାରା ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଅଧିକରୁ ଅଧିକ ଉପଭୋକ୍ତା ଉକ୍ତ ଯୋଜନାର ଲାଭ ଉଠାଇପାରିବେ । ଟି ପି ସି ଓ ଡି ଏଲ ପକ୍ଷରୁ 'ମୋ ଛାତ, ମୋ ସଞ୍ଚୟ', ପିଏମ୍ ସୂର୍ଯ୍ୟ ଘର ଗ୍ରାମ ସଭା ଏବଂ 'ସୋଲାର ରଥ' ପରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଉପଭୋକ୍ତାମାନଙ୍କୁ ଘରୋଇ ସୌର ଶକ୍ତିର ସୁବିଧା, ଯୋଜନାରେ ସାମିଲ ହେବାର ପ୍ରକ୍ରିୟା ଏବଂ ସରକାରୀ ସହାୟତା ସମ୍ପର୍କରେ ଅବଗତ କରାଯାଉଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ଇଂ ଶ୍ରୀ ଅମରଜିତ୍ ପଟ୍ଟନାୟକ ସୂଚନା ଦେବା ସହ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସଞ୍ଜୟ କୁମାର ମହାନ୍ତି, କର୍ପୋରେଟ ଯୋଗାଯୋଗ ମୁଖ୍ୟ,ଗୌରୀ ମହାନ୍ତିଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ବଡ଼ଭାଇକୁ ହତ୍ୟାଧମକ ନେଇ ସାନଭାଇ ଓ ପୁତୁରା ନାମରେ ମାମଲା

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବାଲିଚନ୍ଦ୍ରପୁର ଥାନା ଅଧିନ ପଲେଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଉପୁଜୁଛି, ଦୁଇଭାଇଙ୍କ ମଧରେ ତିକ୍ତତା ବଢି ଘଟଣା ଥାନାରେ ପହଁଞ୍ଚିଛି, ନିଜର ବଡ଼ଭାଇକୁ ବିଭିନ୍ନ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ସାନଭାଇ ଏବଂ ତାଙ୍କ ପୁଅ ନାମରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି,ବଡ ଭାଇ ଶୁଭେନ୍ଦୁ ଭୂୟାଙ୍କ ଅଭିଯୋଗ ମୁତାବକ ଗତ ରବିବାର ସକାଳେ ଶୁଭେନ୍ଦୁଙ୍କ ଘରସମ୍ମୁଖରେ ସାନଭାଇ ସୁମନ୍ତ ଭୂୟାଁ ଏବଂ ତା ପୁଅ ସୌମ୍ୟସାଇ ସିଦ୍ଧାର୍ଥ ଏକ କାର ଆଣି ରଖିଥିଲେ । ଏହା ଦେଖି ଶୁଭେନ୍ଦୁଙ୍କ ପରିବାର ଲୋକେ ଯିବାଆସିବା ପାଇଁ ଅସୁବିଧା ହେବ ବୋଲି କହିବାରୁ ସୌମ୍ୟସାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା, ପରେ ସୁମନ୍ତ ଭୂୟାଁ ସେଠାରେ ପହଞ୍ଚି ବଡ଼ଭାଇ ଶୁଭେନ୍ଦୁ ଏବଂ ତାଙ୍କ ସ୍ତ୍ରୀଙ୍କୁ ଗାଳି ଗୁଳଜ କରି ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେବା ସହ ଢେଲାପଥର ମାଡ କରିଥିଲେ ।ଫଳରେ ଶୁଭେନ୍ଦୁଙ୍କ ଏକ ବାଇକ କ୍ଷତିଗ୍ରସ୍ତ ହୋଇଥିବା ନେଇ ଅଭିଯୋଗ ହୋଇଛି, ଅଭିଯୋଗ ଆଧାରରେ ସୁମନ୍ତ ଏବଂ ତଙ୍କ ସୌମ୍ୟସାଇଙ୍କ ନାମରେ ଥାନା କେଶ ନମ୍ବର ୩୧୨/୨୬ ରେ ଏକ ମାମଲା ରୁଜୁ ହୋଇଥିବା ଜଣା ପଡିଛି, ଅପରପକ୍ଷରେ ସାନଭାଇ ସୁମନ୍ତ ଭୂୟାଁ ଥାନାକୁ ଆସି ଏକ ପାଲଟା ଅଭିଯୋଗ କରିଛନ୍ତି, ସୁମନ୍ତଙ୍କ ଅଭିଯୋଗ ମୁତାବକ ବଡ଼ ଭାଇ ଶୁଭେନ୍ଦୁ ସୁମନ୍ତଙ୍କ ଠାରୁ ତାଙ୍କ ପୁଅ ପାଠ ପଢା, ଚାକିରି ଓ ଘର ତିଆରି କରିବା ପାଇଁ ତେରଲକ୍ଷ୍ୟ ଟଙ୍କା ନେଇ ସେଥିରୁ ମାତ୍ର ଦୁଇଲକ୍ଷ ପଚାଶ ହାଜର ଟଙ୍କା ଫେରସ୍ତ ଦେଇ ଅବଶିଷ୍ଟ ଟଙ୍କା ଦେଉନାହାନ୍ତି ଟଙ୍କା ମାଗିବାରୁ ଶୁଭେନ୍ଦୁଙ୍କ ପରିବାର ସୁମନ୍ତଙ୍କୁ ଜୀବନରୁ ମାରିଦେବା ଅଭିଯୋଗ ଆଣିଛନ୍ତି, ସୁମନ୍ତଙ୍କ ପ୍ରତି ଅଭିଯୋଗ ଆଧାର ରେ ଥାନା ପକ୍ଷରୁ ୩୧୪/୨୦୨୬ ରେ ମାମଲା ମଧ ରୁଜୁ ହୋଇଥିବା ଜଣାପଡିଛି, ଏ ନେଇ ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କୁ ପଚାରିବାରେ ଉଭୟ ପକ୍ଷରୁ ଦୁଇ ଗୋଟି ପୃଥକ ମାମଲା ରୁଜୁ ହୋଇ ତଦନ୍ତ ଜାରିରହିଥିବା ଥାନା ଅଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

# ୮୦ ତମ ଉପଖଣ୍ଡସ୍ତରୀୟ ସ୍ୱାଧିନତାଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଜୟପୁର (ଅମୃତ ମିଡିଆ) :** ୮୦ତମ ସ୍ୱାଧିନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପ ଜିଲ୍ଲାପାଳ , ଯଦୁ ମଣି ନାୟକଙ୍କ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଜୟପୁର ଉପଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ସ୍ୱାଧିନତା ଦିବସ ଆଡମ୍ବରରେ ଜୟପୁର ସର୍ଦାର ବଲ୍ଲଭ ଭାଇ ପଟେଲ ମାର୍ଗରେ ପୂର୍ବାହ୍ନ ୯.୧୫ ମିନିଟ ସମୟରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ମୋହଦୟ ପତାକା ଉତ୍ତୋଳନ କରିବେ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗରର ଛାତ୍ରୀ ମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ ହେବ । ଏଥି ସହ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ, ଜୟପୁରଙ୍କୁ ଅନୁରୋଧ କରାଗଲା । ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟୁଷ ୫.୦୦ ଘ. ଠାରୁ ୬ ଘଟିକା ସମୟରେ ଡାକବାଜି ଯନ୍ତ୍ର ଯୋଗେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପରିବେଷଣ କରାଯିବ । ସକାଳ ୭.୩୦ଘ. ଠାରୁ ୮.୩୦ ସମୟ ମଧ୍ୟରେ ସମସ୍ତ ସରକରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ପତାକା ଉତ୍ତୋଳନ କରାଯିବ । ଘୋଷ ବାଦ୍ୟ ନିମନ୍ତେ ପ୍ରଧାନ ଆଚାର୍ଯ୍ୟ ସରସ୍ୱତି ଶିଶୁ ମନ୍ଦିର, ସାରଦା ବିହାର ଓ ସରସ୍ୱତୀ ମନ୍ଦିର ଅରବିନ୍ଦ ନଗରର ଘୋଷବାଦ୍ୟ ଯୋଗାଇ ଦେବା ନିମନ୍ତେ ଅନୁରୋଧ କରାଗଲା। ଯେଉଁ ଶିକ୍ଷାନୁଷ୍ଠାନ ଗୁଡିକ ପେରେଡ ଅଭ୍ୟାସ୍ ସମୟରେ ଭଲ ପ୍ରଦର୍ଶନ କରିବେ ନାହିଁ ଏହି ଥର ସେହି ଦଳ ମୁଖ୍ୟ କାର୍ଯ୍ୟକ୍ରମ ଦିନ



ଭାଗ ନେଇ ପାରିବେ ନାହିଁ ( ପେରେଡ ଅଭ୍ୟାସ ସକାଳ ୭ ଘଟିକା ଠାରୁ ଜୟପୁର ସର୍ଦାର ବଲ୍ଲଭ ଭାଇ ପଟେଲ ମାର୍ଗରେ ହେବ )। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜୟପୁର, ଭାରପ୍ରାପ୍ତ ପୋଲିସ ଅଧିକାରୀ, ସଦର ପୁଲିସ, ଭାରପ୍ରାପ୍ତ ପୋଲିସ ଅଧିକାରୀ, ଟାଉନ ପୁଲିସ, ଭାରପ୍ରାପ୍ତ ପୋଲିସ ଅଧିକାରୀ, ମହିଳା ପୁଲିସ ଅଧିକାରୀଙ୍କୁ ଆଇନ ଶୃଙ୍ଖଳ ରକ୍ଷାର ଦାୟିତ୍ୱ ଦିଆଗଲା । ସମସ୍ତ ଟୃପ, ଉତ୍କଳ ବାଳାଶ୍ରମର ଅନ୍ତେବାସୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶର୍ଯ୍ୟାଶାୟୀ ରୋଗୀ ଓ ଉପକଖଣ୍ଡ କାରାଗାର ଜୟପୁରର କଏଦୀ ମନଙ୍କୁ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି , ଜୟପୁର, ସଭାପତି ରୋଟାରୀ କ୍ଲବ ଓ ଲାଏନ୍ସ କ୍ଲବ ଓ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀଙ୍କ ପ୍ରଦତ୍ତରେ ମିଷ୍ଟାନ ଓ ଫଳ ବଣ୍ଟନ କରାଯିବ । ଚଳିତ ବର୍ଷ ଓଡିଆ ଓ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା , ଓଡିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ଚିତ୍ର କଳା ପ୍ରତିଯୋଗିତା ପ୍ରମୁଖ ପ୍ରତିଯୋଗିତା ହେବ । ସମସ୍ତ ପ୍ରତିଯୋଗିତା ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର ଓ ନାରାୟଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଠାରେ ଆୟୋଜିତ ହେବ ଏବଂ ଚିତ୍ର କଳା ପ୍ରତିଯୋଗିତା ସରକାରୀ ବିକ୍ରମ ଦେବ ଚାରୁ ଓ କାରୁ କଳା ମହା ବିଦ୍ୟାଳୟ, ଜୟପୁର ଠାରେ ଅନୁଷ୍ଠିତ ହେବ । ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ତା. ୧୫.୦୮.୨୦୨୬ ରିଖ ଦିନ ମୁଖ୍ୟ ମଞ୍ଚରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯିବ ଓ ଅନ୍ୟାନ୍ୟ ସର୍ବ ଶ୍ରେଷ୍ଠ ପୁଲିସ ଅଧିକାରୀ, ସର୍ବାଧିକ ଥର ରକ୍ତ ଦାନ କରି ଥିବା ବ୍ୟକ୍ତି ବିଶେଷ ଓ ଯେଉଁ ମାନେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ତଥା ରାଜ୍ୟ ବାହାରେ ସମ୍ମାନିତ ହୋଇଛନ୍ତି ସେମନଙ୍କୁ ମଧ ପୁରସ୍କୃତ କରାଯିବ । ପ୍ରାଥମିକ ଚିକିତ୍ସା ନିମନ୍ତେ ଅଧିକ୍ଷକ ଜିଲ୍ଲା ଚିକିତ୍ସାଳୟ, କୋରାପୁଟ ଜୟପୁରଙ୍କୁ ୧୨.୦୮.୨୦୨୬, ୧୩.୦୮.୨୦୨୬ ରିଖ ଦିନ ପୂର୍ବାହ୍ନ ୭ ଘଟିକା ଓ ୧୫.୦୮.୨୦୨୬ରିଖ ଦିନ ସକଳ ୮ ଘଟିକା ଠାରୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଛି । ଏହି ବୈଠକରେ ମଞ୍ଚାସୀନ , ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜୟପୁର, ଜୟପୁର ଅର୍ଚିତା ମିତ୍ତଲ, ତହସିଲଦାର ସବ୍ୟସାଚୀ ଜେନା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂଜା ରାଉତ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଟାଉନ ଥାନା ଅଧିକାରୀ ଅଧିକାରୀ ଶ୍ରୀ ଉଲ୍ଲାସ ରାଉତ ଓ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଚନ୍ଦନ ନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ରାସ୍ତା ଓ ଗୃହ ନିର୍ମାଣ) କୁଆଁର ବିପ୍ଳବ କୁମାର ଜୟପୁର, କାର୍ଯ୍ୟନିର୍ବାହୀ ଅଧିକାରୀ ପିଏଚଡି ସୁବ୍ରତ ସିଂ, ନିୟନ୍ତ୍ରିତ ବଜାର କମିଟି ର ସମ୍ପାଦକ, ଏନସିସି ଅଧିକାରୀ . ଡ. ଲକ୍ଷ୍ମଣ ପାତ୍ର, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜୟପୁର, ଜିଲ୍ଲା ଆୟୋଜନ କମିଶନର ସ୍କାଉଟ ନିରଞ୍ଜନ ପାଣିଗ୍ରାହୀ , ସମ୍ପାଦକ, କ୍ରିଡା ସଂସଦ, ଜୟପୁର ରବି ନାୟକ, ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ବିଭିନ୍ନ କଲେଜର ଅଧକ୍ଷ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସମସ୍ତ ଗଣମାଧମର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଥିଲେ । ଅଶୋକ ବିଶ୍ୱାଳ ଶିକ୍ଷକ ଜୟପୁର ସାହାର୍ଯ୍ୟ ସହଯୋଗ କରିଥିଲେ । ଏହି ବୈଠକକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ଯଶୋଦା ଗାଦବା ପରିଚାଳନା କରିଥିଲେ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ସଭାପତିଙ୍କ ଅନୁମତିରେ ସଭା ସାଙ୍ଗ କରାଯାଇ ଥିଲା ।

# ଜିଲ୍ଲାପାଳଙ୍କ ରାଇଘର ବ୍ଲକ ଗସ୍ତ

**ରାଇଘର (ଅମୃତ ମିଡିଆ) :** ନବରଙ୍ଗପୁର ଜିଲ୍ଲା ପାଳ ଆଜି ରାଇଘର ବ୍ଲକ ଗ୍ରସ୍ତ କରି ଛନ୍ତି। ଏହି ଗ୍ରସ୍ତ ଅବସରରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ହାଟ ଭରାଣ୍ଡି , ହାଟ ଭରାଣ୍ଡି ସ୍ଥିତ ପୁରାତନ ଆଶ୍ରମ ବିଦ୍ୟାଳୟ, ନୂତନ ଆଶ୍ରମ ବୁ ବିଦ୍ୟାଳୟ , ଗଣ୍ଡ ଓ୍ୱାନ ଭବନ, ହିରି ସ୍ଥିତି ଉଚ୍ଚ ବିଦ୍ୟାଳୟ , ଜି ପି ଏଲ ଏଫ୍ ବିଲ୍ଡିଙ୍ଗ, ଓ ପି ଟି ସି ଏଲ ଝୁନିକି ପାରା, ମହୁ ଭାଟା ଠାରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ପେଟ୍ରୋଲ ପମ୍ପ ଆଦି ସ୍ଥାନରେ ତଦାରକ କରିଥିଲେ। ଜିଲ୍ଲା ପାଳ ଙ୍କ ଗ୍ରସ୍ତ ରେ ରାଇଘର ବ୍ଲକ ଗୋଷ୍ଠି ଉନ୍ନୟନ




ଅଧିକାରୀ ରିତୁ ସିଂ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି, ରାଇଘର ତହସିଲଦାର ମନମୋହନ ସାହୁ, ହାଟ ଭରାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦଶରଥ ନାଗ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ରଣା, ଦୁର୍ଗା ପ୍ରସାଦ ହାଁସଦା, ତନ୍ମୟ ପଟନାୟକ, ରାଇଘର ମଙ୍ଗଳ ଅଧିକାରି ଶ୍ୟାମ ସୁନ୍ଦର ଧାରୁଆ , ଗ୍ରାମ ପଞ୍ଚାୟତ ଅଧିକାରି ମଣ୍ଟୁ ସ୍ୱାଇଁ, ଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଧମାଳରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଫୁଲବାଣୀ (ଅମୃତ ମିଡିଆ) :** ଚଳିତ ବର୍ଷ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନକୁ ସୁଚାରୁରୂପେ ଓ ଗରିମାମୟ ଭାବେ ଆୟୋଜନ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲ୍ଲାପାଳ ତଥା ଉତ୍ସବ ପାଳନ କମିଟିର ଅଧ୍ୟକ୍ଷ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସ୍ୱାଧୀନତା ଦିବସ ପାଳନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।ବୈଠକରେ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୫ ଅଗଷ୍ଟ ସକାଳ ୯.୦୦ ଘଟିକାରେ କନ୍ଧମାଳ ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ପାଳନ କରାଯିବ। ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବେ। ପ୍ୟାରେଡ୍ ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ



ପରିବେଷଣ କରାଯିବ।ସ୍ୱାଧୀନତା ଦିବସ ଅବସରରେ ଭୋର ସମୟରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ସହ ପ୍ରଭାତଫେରୀ ଅନୁଷ୍ଠିତ ହେବା ସହ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସକାଳ ୭.୩୦ ଘଟିକାରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିପରି ଉତ୍ସବର ପୂର୍ବଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଆଲୋକମାଳାରେ ସଜାଇବା ପାଇଁ ଅନୁରୋଧ କରାଯିବ। ପ୍ୟାରେଡ୍ ଅଭିବାଦନ ଗ୍ରହଣ ପରେ ମୁଖ୍ୟ ଅତିଥି ଜିଲ୍ଲା କାରାଗାର ପରିଦର୍ଶନ କରି ଅନ୍ତେବାସୀମାନଙ୍କୁ ସାକ୍ଷାତ କରିବେ। ପରେ ଗୋପବନ୍ଧୁ ବାଳାଶ୍ରମ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ ଏବଂ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ଫଳ ବଣ୍ଟନ କରାଯିବ। ଏଥିସହ ଫୁଲବାଣୀ ରକ୍ତଭଣ୍ଡାରଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରାଯିବ। ସନ୍ଧ୍ୟାରେ ସାଂସ୍କୃତିକ ବିଭାଗ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯିବ।ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ପୂର୍ବବର୍ଷଗୁଡ଼ିକ ପରି ମାଦିକୁନ୍ଦା ପୋଲିସ ପଡ଼ିଆରେ ନୁହେଁ, ବରଂ କନ୍ଧମାଳ ଷ୍ଟାଡିୟମଠାରେ ଆୟୋଜିତ ହେବ। ଏହି ପ୍ରସ୍ତୁତି ବୈଠକରେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ ଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପଜିଲ୍ଲାପାଳ ଫୁଲବାଣୀ ଭିକାରୀ ସାହୁ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନଳିନୀକାନ୍ତ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଫୁଲବାଣୀ ଅତିନିଆଲ ନାଇକାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ସଂଗଠନର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଡୋଭାବିଲ ଘାଇ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

**ଦଶରଥପୁର (ଅମୃତ ମିଡିଆ) :** ବୈତରଣୀ ଓ ଏହାର ଶାଖା ନଦୀ କାଣୀ ନଦୀରେ ହୋଇଥିବା ଘାଇ ଯୋଗୁଁ ଦଶରଥପୁର ବ୍ଲକର ୧୯ ଗୋଟି ପଂଚାୟତର ଲକ୍ଷାଧିକ ଲୋକେ ପ୍ରଭାବିତ ହୋଇଛନ୍ତି ।ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ତରପଦା ପଞ୍ଚାୟତସ୍ଥ ଡୋଭାବିଲ ଗ୍ରାମ ନିକଟରେ ହୋଇଥିବା ଘାଇ ସ୍ଥଳ ପରିଦର୍ଶନ କରିବା ସହିତ ତୁରନ୍ତ ଘାଇ ବାନ୍ଧିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ବନ୍ୟା



ଦ୍ୱାରା ପ୍ରଭାବିତ ଜନସାଧାରଣଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ପରେ ଖବରଦାତାଙ୍କ ସହିତ ଆଲୋଚନା ସମୟରେ ବନ୍ୟାର ସ୍ଥାୟୀ ପ୍ରତିକାର ଓ ଘାଇ ସୃଷ୍ଟି ହେବା ଦ୍ୱାରା ହୋଇଥିବା ସମସ୍ତ କ୍ଷୟ କ୍ଷତି ର ଭରଣା ସରକାର କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଉପମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବଡ଼ଚଣା ବିଧାୟକ ଅମର ନାୟକ, ଭାଜପା ନେତା ଗୌତମ ରାୟ ପ୍ରମୁଖ ଉପସ୍ଥିତ ରହି କାଣୀ ନଦୀ ଦ୍ୱାରା ଦଶରଥପୁର ବ୍ଲକରେ ପ୍ରତ୍ୟେକ ବର୍ଷ ହେଉଥିବା ବନ୍ୟା ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲାପାଳ ଅମ୍ବର କର,ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତିଙ୍କ ସମେତ ସମସ୍ତ ସରକାରୀ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।

# ସି ଆର୍ ପି ଏଫ୍ ଯବାନଙ୍କ ଅକାଳବିୟୋଗ

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବାଲିଚନ୍ଦ୍ରପୁର ଥାନା ନଳିପୁର ଗ୍ରାମର ଜଣେ ଯବାନଙ୍କ ଅକାଳ ବିୟୋଗ ଘଟିଛି. ଘଟଣାରୁ ପ୍ରକାଶ ଯେ ନଳିପୁର ଗ୍ରାମର ଅକ୍ଷୟ କୁମାର ନାୟକ (୫୧)କିଛି ଦିନ ହେବ ଛୁଟି ନେଇ ନିଜ ଘରକୁ ଆସିଥିଲେ. ଘରେ ତାଙ୍କୁ ଜ୍ୱର ହେବାରୁ ସେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକତ୍ସା ପାଇଁ ଯାଇ ସେଠାରେ ଚିକିତ୍ସା ସମୟରେ ମୃତ୍ୟୁ ବରଣ କରିଥିଲେ. ତାଙ୍କର ମୃତ୍ୟୁ ଖବର ଗ୍ରାମରେ ପହଂଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା. ତାଙ୍କ ମର ଶରୀର କୁ ପଟୁଆରରେ ଗ୍ରାମ ପରିକ୍ରମା ନିଜ ସ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ତାଙ୍କ ମରଶରୀର ଉପରେ ଜାତୀୟ ପତାକା ଆବରଣ ସହ ତୋପ ସଲାମି ଦେଇ ରାଷ୍ଟ୍ରୀୟ ମର୍ଯ୍ୟାଦା ଜ୍ଞାପନ କରାଯଇଥିଲା .ସେ ଜଣେ କର୍ତ୍ତ୍ୟନିଷ୍ଠ, ସ୍ୱଷ୍ଟ ବାଦୀ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ. ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶୋକ ସମ୍ବର୍ଦ୍ଧନା ଜଣାଇବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।



# ପଶ୍ଚିମ ଓଡ଼ିଶା



ଅମୃତ ଦୁନିଆ
୫ ଅଗଷ୍ଟ ୨୦୨୬

## ଗଡ଼ିଉଠିଛି ମଦଭାଟି, ହଜିଯାଉଛି ଭାଗବତ ଟୁଙ୍ଗୀ




**କଳାହାଣ୍ଡି (ପ୍ୟାରିଲାଲ ଦୁର୍ଗା) :** ଜଗନ୍ନାଥ ଦାଶଙ୍କ ଭାଗବତ ଓଡ଼ିଶାର ପ୍ରତ୍ୟେକ ଘରେ ଘରେ ପରିଚିତ ରହିଥିଲା । ସଂଧ୍ୟାରେ ପ୍ରାୟ ଓଡ଼ିଆଣୀର ଘରେ ଭାଗବତ ଗୁଞ୍ଜରଣ ହେଉଥିଲା । ଘର କୋଣରୁ ସଂଧ୍ୟାରେ ଗୁଞ୍ଜରିତ ହେଉଥିଲା 'କହଇ ଜଗନ୍ନାଥ ଦାଶ, ଭାଷା ପ୍ରବଧ ଭାଗବତ । ଏହା ବ୍ୟତୀତ ଗ୍ରାମାଞ୍ଚଳର କର୍ମଠ କୃଷକ ହେଉ ବା ଧାର୍ମିକ ପରାୟଣ ବ୍ୟକ୍ତି ବିଶେଷ ସଂଧ୍ୟା ସମୟରେ ସେହି ସମୟରେ ଗାଁ ମାନଙ୍କରେ ରହିଥ ?ିବା ଭାଗବତ କୋଠିରେ ଜମା ହେଉଥିଲା । ମନୋରଞ୍ଜନ ହେଉ ବା ଆଧାତ୍ମିକ ହେଉ ସଂଧ୍ୟାରେ ଭାଗବତ ପାଠ ହେଉଥିଲା । ଏହା ଉପରେ ଆଲୋଚନା ମଧ୍ୟ ହେଇଥିଲା । ଏହା ଦ୍ୱାରା ଗାଁରେ ଏକ ସକରାତ୍ମକ ଆଧାତ୍ମିକ ଭାବନା ଲୋକଙ୍କ ମଧ୍ୟରେ ଜାଗ୍ରତ ହେଉଥିଲା । ଯେଉଁଥି ପାଇଁ ଲୋକଙ୍କ ମଧ୍ୟରେ ଅସାମାଜିକ କାର୍ଯ୍ୟ କରିବାକୁ ଲୋକେ ପସନ୍ଦ କରୁନଥିଲେ । ଲୋକଙ୍କ ମଧ୍ୟରେ ଭାଗବତ ପଠନ ଯୋଗୁଁ ଏକତା, ଭାତୃଭାବ ସୃଷ୍ଟି ହେଉଥିଲା । ଏଠାରେ ଗାଁର ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୁଡ଼ିକ ପାରିତ ହେଉଥିଲା । ସେତେବେଳେ ଗାଁ ମାନଙ୍କରେ କାଁ ଭାଁ ମଦୁଆ ଦେଖା ଯାଉଥିଲା । ଭାଗବତ ପାଠ ସମୟରେ ମଦୂଆମାନେ ମଦ ପିଇଥିଲେ ମଧ୍ୟ ଭାଗବତ ଟୁଙ୍ଗୀ ପାଖ ମାଡୁ ନଥିଲେ । ସମୟ ବଦଳି ଯାଇଛି । ଏବେ ଗାଁ ମାନଙ୍କରେ ଥିବା ଭାଗବତ ଟୁଙ୍ଗୀର ଦେଖା ନାହିଁ । ଟୁଙ୍ଗୀ ଗୁଡିକ ଧିରେ ଧିରେ ବ୍ଲକ, ପାଠାଗାର ସ୍ଥାନ ନେଇ ଯାଇଛି । ଏଠାରେ ଭୋଟ ଦେବା, ଗାଁରେ ମଦଭାଟି ହେବ, ଭୋଜିଭାତ ହେବ, କାହାକୁ ବିରୋଧ କରିବେ, କାହାର କଣ କରାଯିବ ସେଠାରେ ଆଲୋଚନା ଶିବିର ପାଲଟି ଯାଇଛି ।ଭାଗବତ ଟୁଙ୍ଗୀ ପ୍ରାୟ ଗାଁମାନଙ୍କରେ ବିଲୁପ୍ତ ପ୍ରାୟ ଅବସ୍ଥାକୁ ଚାଲି ଯାଇଥିବା ବେଳେ ଦେଶୀ ମଦଭାଟି ଗୁଡ଼ିକ ଏବେ ରାଜ କରୁଛି । ପ୍ରତ୍ୟେକ ଗାଁ ଭିତରେ, ଗାଁ ମୁଣ୍ଡରେ ଏକ ପାନ ଦୋକାନ ନାମକୁ ମାତ୍ର ରହିଥିବା ବେଳେ ସେଠାରେ ଦେଶୀ କୁଡିଆ, ଭାଟି ମଦ ବିକ୍ରି ଚାଲିଛି ।ତା ପାଖକୁ ଲାଗି ରହିଛି ଏକ ବଡ କାଠ ଗଣ୍ଡି ପୋତା ହୋଇବାର, ଯାହାକୁ ଦେଖିଲେ ଜଣାଯାଏ ଯେ ଏଠାରେ କୁକୁଡା ମାଂସ, ଚାଖନା ପୁଟାର ଏକ ଆଡା । ଖୁଣ୍ଟକୁ ଦେଖିଲେ ମଦୁଆ ଅନୁମାନ କରି ନିଏ ଯେ ଏହାର ଆଖପାଖରେ ନିଶ୍ଚୟ ମଦ ମିଳିବ । ଗୋଟିଏ ଗାଁରେ ଏକାଧିକ ମଦଭାଟି ଦେଖିବାକୁ ମିଳୁଛି । ବିକ୍ରେତାମାନେ ଗାଁର କୁଜି ଟାଉଟର ମାନଙ୍କୁ ହାତକରି ଗାଁର ମନ୍ଦିର ନିର୍ମାଣ, ବିଦ୍ୟାଳୟ ପରିଚାଳନା ପାଇଁ ଗାଁକୁ କିଛି ଟଙ୍କା ଦେବାକୁ ପ୍ରବତାଇ ଥାନ୍ତି । ଏହା ସହିତ ସେମାନଙ୍କୁ ନିୟମିତ ମଦ ଓ ମାଂସ ଦେଇଥାନ୍ତି । ବଦଳରେ ଗାଁ ମୁଖିଆ ବୋଲାଉଥିବା ଟାଉଟର, ଗ୍ରାମଦ୍ରୋହୀମାନେ ମଦଭାଟି ଦେବାରେ ସହଯୋଗ କରିଥାନ୍ତି । ଏହାକୁ ସହଯୋଗ କରିଥାନ୍ତି ନିର୍ବାଚିତ ଜନପ୍ରତିନିଧି । ଗାଁରେ ଯଦି ମଦଭାଟି ହେବ ସେମାନେ ସେଠାରୁ ନିୟମିତ ଖାଇପିଇ ପାରିବେ । ତାଙ୍କର ବୋଲକରା ହେବେ । ଦରକାର ସମୟରେ ଅନିୟମିତତା, ଦୁର୍ନୀତି କାମରେ ତାଙ୍କର ବାହୁବଳୀ ହୋଇ ସହଯୋଗ କରିବେ । ଏମାନଙ୍କ ବ୍ୟତୀତ ଅବକାରୀ ବିଭାଗ, ପୁଲିସ ମଧ୍ୟ ମାସିକିଆ କୋଟା ଯୋଗୁଁ ଆମର କଣ ଯାଉଛି । ମାସିକିଆ ଆସିଲେ ହେଲା ନୀତିରେ ଗାଁ ମାନଙ୍କରେ ଏମିତି ଅନୈତିକ କାମ ଚାଲୁଛି । ଯାହା ଦ୍ୱାରା ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି । ସମୟ ବଦଳି ଯାଇଛି । ମଦୁଆମାନଙ୍କୁ ଦେଖିଲେ ଗାଁର ସଭା ସମିତି, ଆଧାତ୍ମିକ ବୈଠକ ବନ୍ଦ କରି ଭୟରେ ସେ ସ୍ଥାନ ଛାଡି ଲୋକେ ଚାଲି ଯାଉଛନ୍ତି । ନିଶା ଯୋଗୁଁ ଲୋକଙ୍କ ପାଖରେ ମାନବିକତା ଗୁଣ କମି ଯାଇଛି । ଯାହାଦ୍ୱାରା ଚୋରି, ହତ୍ୟା, ଅପହରଣ, ଦୁଷ୍କର୍ମ ଭଳି ଅସାମାଜିକ କାର୍ଯ୍ୟ ବଢ଼ି ଚାଲିଛି । ଏହାକୁ ଦୃଷ୍ଟିରେ ରଖି ବିଜେଡି ସରକାର ଭାଗବତ ଟୁଙ୍ଗୀର ପୁନଃରୁଦ୍ଧାର ପାଇଁ ଚେଷ୍ଟାକରି ଆସିଥିଲେ ମଧ୍ୟ ମଦକୁ ବନ୍ଦ ନକରିବାରୁ ଏହାର ଫଳପ୍ରଦ ହୋଇପାରି ନଥିଲା । କାଳିଆ ଯୋଜନା, ପିଏମ କିଷାନ ଯୋଜନା ମଦୁଆଙ୍କୁ ସୁହାଇଲା ଭଳି ହୋଇଯାଇଥିଲା । ଏହି ଟଙ୍କା ପାଇଲା ଦିନ ବ୍ୟାଙ୍କ ଓ ଏଟିଏମ ଗୁଡ଼ିକରେ ପ୍ରବଳ ଭିଡ ଦେଖ ?ିବାକୁ ମିଳିଥିବା ବେଳେ ସଂଧ୍ୟାରେ ମଦଭାଟି ଗୁଡ଼ିକରେ ଅଧିକାଂଶ ଟଙ୍କା ଉଡି ଯାଉଥିଲା । ବର୍ତ୍ତମାନ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନା ଯେତିକି ଆବଶ୍ୟକ ନୁହେଁ, ଏମାନଙ୍କ ଉନ୍ନତି ପାଇଁ ମଦ ବନ୍ଦ ହେବା ଜରୁରୀ ବୋଲି ସଚେତନ ମହିଳା ପ୍ରକାଶ କରିଛନ୍ତି । ସୁଭଦ୍ରା ଯୋଜନା ଅପେକ୍ଷା ମଦଭାଟି ବନ୍ଦ ହେଲେ ମହିଳାମାନେ ସୁରକ୍ଷିତ ରହିପାରିବେ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି ।

## ଜାତୀୟ ପକ୍ଷୀ 'ମୟୂର' ସୁରକ୍ଷା ପାଇଁ ଡିଏଫ୍‌ଓଙ୍କୁ ଦାବିପତ୍ର

### ଲୋୟର ସୁକତେଲ ଡ୍ୟାମରେ ଜଳବନ୍ଦୀ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କରିଡର ନିର୍ମାଣ ଦାବି



**ବଲାଙ୍ଗୀର (ଅମୃତ ମିଡିଆ) :** ମାଗୁରବେଡା ଲୋୟର ସୁକତେଲ ଡ୍ୟାମ ଯୋଗୁଁ ମଣିଷ ଏବଂ ମନ୍ଦିର ଗୁଡିକରେ ମହାପ୍ରଭୁ ବିସ୍ଥାପିତ ହୋଇଥିଲେ । ଲୋକଙ୍କ ଘରଦ୍ୱାର ଭଙ୍ଗା ହୋଇ ବିଭିନ୍ନ ଚାଷ ଜମି ମଧ୍ୟ କ୍ଷତିଗ୍ରସ୍ତ ହେଲା । ଚାଷୀଙ୍କ ହକ୍ ପାଇଁ ବିଭିନ୍ନ ସମୟରେ ବିରାଟ ଆନ୍ଦୋଳନ ହୋଇ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଲୋୟର ସୁକତେଲ ଡ୍ୟାମ ନିର୍ମାଣ ହୋଇଥିଲା । ନିଜ ଗ୍ରାମର ଭିଟାମାଟି ଛାଡି ବିସ୍ଥାପିତ ହୋଇଥିଲେ ଦେବା ଦେବୀ ମଧ୍ୟ । ଲୋୟର ସୁକତେଲ ଡ୍ୟାମ ନିର୍ମାଣ ଫଳରେ ପ୍ରାୟ ୩୦ଟି ଗାଁ ର ଜମି ଜଙ୍ଗଲ ଜଳମଗ୍ନ ହେବା ସହ ଲକ୍ଷ ଲକ୍ଷ ଗଛ କାଟି ଦିଆଯାଇଥିବାରୁ ବନ୍ୟଜନ୍ତୁଙ୍କ ପ୍ରାକୃତିକ ବାସସ୍ଥାନ ନଷ୍ଟ ହୋଇଯାଇଛି । ଫଳସ୍ୱରୂପ ବରାହ, କୁଟୁରା, ଝିଙ୍କ, ଠେକୁଆ, ଜାତୀୟ ପକ୍ଷୀ ମୟୁର ସମେତ ବିଭିନ୍ନ ବନ୍ୟପ୍ରାଣୀ ଓ ପକ୍ଷୀ ଖାଦ୍ୟ ଏବଂ ଆଶ୍ରୟ ସନ୍ଧାନରେ ରାଜପଥ ଓ ଜନବସତି ମଧ୍ୟକୁ ଚାଲି ଆସୁଥିବା ଦେଖିବାକୁ ମିଳୁଛି । ଏହି ପରିସ୍ଥିତିକୁ ଗୁରୁତ୍ୱର ସହ ବିଚାର କରି ଦେବାଳୟ ଐତିହ୍ୟ ସୁରକ୍ଷା କମିଟି, ବଲାଙ୍ଗିର ପକ୍ଷରୁ ଆଜି ବନ ବିଭାଗର ଡିଏଫ୍‌ଓ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସହକାରୀ ବନ ସଂରକ୍ଷକ (ଏସିଏଫ୍) ମାନସ ରଞ୍ଜନ ବେହେରା ଦାବିପତ୍ର ଗ୍ରହଣ କରିଥିଲେ । ଦାବିପତ୍ରରେ ମୁଖ୍ୟତଃ ଚାରିଟି ପ୍ରସ୍ତାବ ରଖାଯାଇଛି ୧. ଜଳବନ୍ଦୀ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ଓ ପୁନର୍ବାସ କରାଯାଉ । ୨. ଲୋୟର ସୁକତେଲ ଡ୍ୟାମ ଚାରିପାର୍ଶ୍ୱରେ ବନ୍ୟଜନ୍ତୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବୋର୍ଡ ଲଗାଯାଉ । ୩. ଜାତୀୟ ପକ୍ଷୀ ମୟୁର ସମେତ ବିଭିନ୍ନ ପ୍ରଜାତିର ପକ୍ଷୀ ଓ ବନ୍ୟଜନ୍ତୁଙ୍କ ନିରାପଦ ଚଳାଚଳ ପାଇଁ ୱାଇଲ୍ଡଲାଇଫ୍ କରିଡର ନିର୍ମାଣ କରାଯାଉ । ୪. ବେଆଇନ ଶିକାର ରୋକିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ସହ ନିୟମିତ ସଚେତନତା ସଭା ଆୟୋଜନ କରାଯାଉ । ଦାବିପତ୍ରରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଜାତୀୟ ପକ୍ଷୀ ମୟୁରର ସୁରକ୍ଷା ପାଇଁ ବନ୍ୟଜନ୍ତୁ ସୁରକ୍ଷା ଆଇନକୁ କଠୋର ଭାବେ କାର୍ଯ୍ୟକାରୀ କରାଯିବା ସହ ବେଆଇନ ଶିକାରୀଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ । ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ପ୍ରଶାନ୍ତ ମହାକୁର, ସହ-ସମ୍ପାଦକ ଶମ୍ଭୁ ପ୍ରସାଦ ଶତପଥୀ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ଅର୍ଜୁନ ସାହୁ, ରିଣ୍ଟୁ ସାହୁ ଏବଂ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୁଡାପାଲି ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



ବଲାଙ୍ଗୀର (ଅମୃତ ମିଡିଆ) : ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଚୁଡାପାଲି ଠାରେ ବିଦ୍ୟଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ପରିଚାଳନା ସମିତିର ଉପସଭାପତି ସଞ୍ଜୀବ କୁମାର ମେହେର ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନଆଚାର୍ଯ୍ୟ ଶମ୍ଭୁ ପ୍ରସାଦ ମହାକୁର ଅତିଥି ମାନଙ୍କର ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଧାରସ୍ତରରୁ ଆରମ୍ଭ କରି ମାଧ୍ୟମିକ ସ୍ତର ଶିଶୁମାନେ ଗଣିତ ଓ ବିଜ୍ଞାନ ବିଷୟର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ବିଜ୍ଞାନ ଓ ଗଣିତ ପତ୍ରବାଚନ, ପ୍ରଶ୍ନ ମଞ୍ଚ, ପ୍ରୟୋଗରେ ଅଂଶ ଗ୍ରହଣ କରିଥିଲେ । ସମାରୋହ ଉତ୍ସବରେ ପରିଚାଳନା ସମିତିର ସହ ସମ୍ପାଦକ ସନ୍ତୋଷ କୁମାର ସା ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶିଶୁ ମନ୍ଦିର ବିଜ୍ଞାନ ପ୍ରମୁଖ ଜିତେନ୍ଦ୍ର ମାଲ ଗଣିତ ପ୍ରମୁଖ ପବିତ୍ର ବାରିକଙ୍କ ତତ୍ତ୍ୱାବଧାନରେ ଓ ସମସ୍ତ ଗୁରୁଜୀ ଗୁରୁମାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

## କପିଳାଭଟା ହାଇସ୍କୁଲରେ ଦ୍ୱିତୀୟ ପିଟିଏ ବୈଠକ

ବଙ୍ଗୋମୁଣ୍ଡା (ଅମୃତ ମିଡିଆ) : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ଗ୍ରାମ ପଞ୍ଚାୟତ ହାଇସ୍କୁଲ ପରିସରରେ ଆଜି ଦ୍ୱିତୀୟ ପିଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବାଗଦେବୀ ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ବାରିକଙ୍କ ସଭାପତିତ୍ୱରେ ପରିଚାଳନା କମିଟିର ସଭାପତି ପରମେଶ୍ୱର ମହାନନ୍ଦ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଯୁବରାଜ ହଂସ, ଉପାଧ୍ୟକ୍ଷ ପ୍ରତିମା ଶବର, କପିଳାଭଟା ସମିତି ସଭ୍ୟ କେଦାର ଭୋଇ, ପୁରାତନ ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ହୁଲେଶ୍ୱର ହଂସ, ନାଏବ ସରପଞ୍ଚ ଝସକେତନ ସାହୁ, ସରପଞ୍ଚଙ୍କ ପ୍ରତିନିଧି ତେଜରାଜ ଭୋଇ, ବିଦ୍ୟାଳୟ କମିଟି ର ସଭ୍ୟ କୁଷଧ୍ୱଜ ବେହେରା, ସହକାରୀ ଶିକ୍ଷକ ଶିବରାମ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ହୋଇ



ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରି ନାମଲେଖା ହାରକୁ ବୃଦ୍ଧି କରିବା,ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତର ପରିଚୟ, ପ୍ରାରମ୍ଭିକସ୍ତର ପାଇଁ ଆକଳନ ରୂପରେଖ, ମା'ଙ୍କ ପାଇଁ ଗଛଟିଏ ୩.୦, କୈଶୋର ଛାତ୍ରୀମାନଙ୍କ ପାଇଁ ଇନ୍‌ସିନେରେଟର ଓ ଭେଣ୍ଡିଂ ମେସିନ୍ ଓ ବିଦ୍ୟାଳୟରେ ପରିଷ୍କାର ଓ ପରିଛନ୍ନତା, ସ୍ୱଚ୍ଛତା ପକ୍ଷ ପାଳନ - ୨୦୨୬, ଘରେ ଘରେ ତ୍ରିରଙ୍ଗା -୨୦୨୬ କାର୍ଯ୍ୟକ୍ରମ, ସୁରଭି -୨୦୨୬, ଡିଜିଟାଲ ଦୁନିଆରେ ଆମ ପିଲାଙ୍କ ସୁରକ୍ଷା : ଅଭିଭାବକଙ୍କର ଭୂମିକା, ବୃତ୍ତି ମାର୍ଗଦର୍ଶନ ଓ ଭବିଷ୍ୟତ ଯୋଜନାରେ ପିତାମାତାଙ୍କ ଭୂମିକା,ସମଗ୍ର ଶିକ୍ଷା ଯୋଜନାରେ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଓ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କର ଦାୟିତ୍ୱ, ଅଭିଭାବକ ମାନଙ୍କ ଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଗଠନମୂଳକ ପ୍ରସ୍ତାବ ଗ୍ରହଣ କରାଯିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ସହକାରୀ ଶିକ୍ଷକ ବରୁଣ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ କିରଣ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ମୋବାଇଲ ଚାର୍ଜ ବେଳେ ବିସ୍ଫୋରଣ : ଅଳ୍ପକେ ବର୍ତ୍ତିଲେ ପରିବାରଲୋକେ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁପାଟି ଗ୍ରାମପଞ୍ଚାୟତର କନ୍ଧ ବ୍ରାହ୍ମଣୀଗୁଡ଼ା ଗ୍ରାମର ବିକ୍ରମ ଜାନୀ (୩୫)ଙ୍କ ଘରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି । ପରିବାରର ଅଭିଯୋଗ ଅନୁସାରେ, ରାତି ପ୍ରାୟ ୧୨ଟା ସମୟରେ ମୋବାଇଲ ଫୋନକୁ ଚାର୍ଜରେ ଲଗାଇ ପରିବାରର ସମସ୍ତ ସଦସ୍ୟ ଶୋଇ ପଡ଼ିଥିଲେ । ପ୍ରାୟ ରାତି ୩ଟା ବେଳେ ମୋବାଇଲ ଫୋନଟି ବିସ୍ଫୋରଣ ହୋଇଥିବାରୁ ଘରର ଏକ ପାର୍ଶ୍ୱରେ ନିଆଁ ଲାଗିଯାଇଥିଲା । କିଛି ସମୟ ପରେ ନିଦ ଭାଙ୍ଗିଯିବାରୁ ପରିବାରର ସମସ୍ତ ସଦସ୍ୟ ବହୁ କଷ୍ଟରେ ଘରୁ ବାହାରକୁ ବାହାରି ଆସିଥିଲେ । ପରେ ପାଖପଡ଼ୋଶୀଙ୍କୁ ଡାକି ପାଣି ମୋଟରର ସାହାଯ୍ୟରେ ଜଳୁଥିବା ନିଆଁକୁ ଆୟତ୍ତ କରାଯାଇଥିଲ ଯାଇଥିଲା । ଏହି ଅଗ୍ନିକାଣ୍ଡରେ ଘରୋଇ ବ୍ୟବହାର ସାମଗ୍ରୀ, ଚାଉଳ, କପଡ଼ା ଓ ଅନ୍ୟାନ୍ୟ ଜିନିଷପତ୍ର ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ଘଟଣାର ଖବର ପାଇ ସ୍ଥାନୀୟ ଆ.ଆଇ.ସି ଉତ୍ତମ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ଆକଳନ କରିଥିଲେ । ବର୍ଷା ଦିନରେ ଅସୁବିଧାକୁ ଦୃଷ୍ଟିରେ ରଖି ପୀଡ଼ିତ ପରିବାରକୁ ଆରଆଇ ଅଫିସରୁ ଜରି ଓ ପାଲ ନେବାକୁ ପରାମର୍ଶ ଦେଇଥିଲେ । ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଚିନ୍ମୟୀ ସେଠୀଙ୍କ ପ୍ରତିକ୍ରିୟା ନିଆଯାଇଥିଲା । ସେ କହିଥିଲେ, ପୀଡ଼ିତ ପରିବାରର ନାମ ଯଦି ଆବାସ ଗୃହ ଯୋଜନା ତାଲିକାରେ ଥାଏ, ତେବେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସହାୟତା ପ୍ରଦାନ ପାଇଁ ପ୍ରୟାସ କରାଯିବ । ତେବେ କ୍ଷତିଗ୍ରସ୍ତ ପରିବାରକୁ କେବେ ସରକାରୀ ସହାୟତା ମିଳୁଛି, ତାହ ଦେଖିବାକୁ ବାକି ରହିଲା ।

## ଜଳ ଜୀବନ ମିଶନ୍ ନାଁ'ରେ ଜନଜୀବନ ସହ ଖେଳ !

### ଠିକାଦାରଙ୍କ ମନମୁଖି କାମକୁ ପ୍ରଶ୍ରୟ

**ଖପ୍ରାଖୋଲ (ଅମୃତ ମିଡିଆ) :** ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ପାଇଁ ଜଳ ଜୀବନ ମିଶନ୍ କାର୍ଯ୍ୟକାରୀ କରୁଥିବା ବେଳେ, କେତେକ ସ୍ଥାନରେ ସେହି ଯୋଜନା ଏବେ ଜନସାଧାରଣଙ୍କ ପାଇଁ ଆଶୀର୍ବାଦ ନୁହେଁ, ବରଂ ଅଭିଶାପ ପାଲଟିଥିବା ଅଭିଯୋଗ ଉଠିଛି । ଠିକାଦାର ଜିଆଇ ପାଇପକୁ ନିୟମ ମୁତାବକ ମାଟି ତଳେ ପୋତିବା ପରିବର୍ତ୍ତେ ଲୋକଙ୍କ ଘର ଦୁଆର ମୁହଁରେ ଓ ରାସ୍ତା ଉପରେ ବିଛାଇ ଦେଇଛନ୍ତି । ଫଳରେ ଲୋକମାନେ ନିଜ ଘରୁ ବାହାରିବା, ଯାନବାହାନ ବାହାର କରିବା ଏବଂ ଜରୁରୀ ସମୟରେ ଯାତାୟାତ କରିବାରେ ଭୟଙ୍କର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯେକୌଣସି ସମୟରେ କେହି ପାଇପରେ ଝୁଣ୍ଟି ପଡ଼ି ଗୁରୁତର ଆହତ ହେବାର ଆଶଙ୍କା ରହିଛି । ପ୍ରଶ୍ନ ଉଠୁଛି ଦୁର୍ଘଟଣା ଘଟିଲେ ଦାୟୀ କିଏ ? ଠିକାଦାର, ଯନ୍ତ୍ରୀ ନା ବିଭାଗ ? ପୂର୍ବରୁ ରାସ୍ତା କଡ଼ରେ ନିର୍ମିତ ଡ୍ରେନ ଯୋଗୁଁ ରାସ୍ତା ସଂକୁଚିତ ହୋଇଥିଲା । ଏବେ ସେହି ରାସ୍ତା ଉପରେ ପୁଣି ପାଇପ ବିଛାଇ ଲୋକଙ୍କ ଚଳପ୍ରଚଳକୁ ଆହୁରି ବିପଦପୂର୍ଣ୍ଣ କରାଯାଇଛି ।



### ଆରଡବ୍ଲ୍ୟୁଏସଏସ ବିଭାଗ ନୀରବ କାହିଁକି

ଏହା କି ପ୍ରକଳ୍ପର ଡିଜାଇନ୍ ଅନୁଯାୟୀ, ନା କେବଳ ଠିକାଦାରଙ୍କ ସୁବିଧା ପାଇଁ କରାଯାଇଥିବା ମନମୁଖୀ କାମ ? ଏହାର ଉତ୍ତର ଦେବ କିଏ ? ସବୁଠାରୁ ଗୁରୁତର କଥା ହେଉଛି, ଏଭଳି ଅନିୟମିତତା ଦିନ ଦିନ ଧରି ଚାଲିଥିଲେ ମଧ୍ୟ ଆରଡବ୍ଲ୍ୟୁଏସଏସ ବିଭାଗ ନୀରବ ଦର୍ଶକ ସାଜିଥିବା ଅଭିଯୋଗ ହେଉଛି । ନିର୍ମାଣ କାର୍ଯ୍ୟର ତଦାରଖ କରିବାକୁ ଥିବା ବିଭାଗୀୟ ଅଧିକାରୀମାନେ କାହିଁକି ଚୁପ୍ ? ସେମାନଙ୍କ ନୀରବତା କେବଳ ଅବହେଳା, ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି ? ଏହି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ଘୁରିବୁଲୁଛି । ସ୍ଥାନୀୟ ଜନପ୍ରତିନିଧିମାନଙ୍କ ନୀରବତା ମଧ୍ୟ ସନ୍ଦେହକୁ ଆହୁରି ବଢ଼ାଇଛି । ଜନସମସ୍ୟା ଆଖି ଆଗରେ ଥିଲେ ମଧ୍ୟ ସେମାନେ ପଦକ୍ଷେପ ନ ନେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ଏହି ଘଟଣା ସମ୍ପର୍କରେ ଆରଡବ୍ଲ୍ୟୁଏସଏସ ବିଭାଗର ଯନ୍ତ୍ରୀ ଶ୍ୟାମ କୁମାରଙ୍କ ପ୍ରତିକ୍ରିୟା ନେବା ପାଇଁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରିନଥିଲେ । ଜନସମସ୍ୟା ସମ୍ପର୍କରେ ଦାୟିତ୍ୱପୂର୍ଣ୍ଣ ପଦରେ ଥାଇ ମଧ୍ୟ ଏଭଳି ନୀରବତା ପ୍ରଶାସନିକ ସ୍ୱଚ୍ଛତା ଓ ଜବାବଦେହିତା ଉପରେ ଗୁରୁତର ପ୍ରଶ୍ନଚିହ୍ନ ସୃଷ୍ଟି କରିଛି । ସରକାରୀ ଯୋଜନାର ଉଦ୍ଦେଶ୍ୟ ଲୋକଙ୍କୁ ସୁବିଧା ଦେବା, କିନ୍ତୁ ଯଦି ସେହି ଯୋଜନା ଅବ୍ୟବସ୍ଥା, ଅବହେଳା ଓ ମନମୁଖୀ କାର୍ଯ୍ୟର ଶିକାର ହୁଏ, ତେବେ ଏହା କେବଳ ଏକ ଠିକାଦାରଙ୍କ ବିଫଳତା ନୁହେଁ, ବରଂ ସମଗ୍ର ତଦାରଖ ବ୍ୟବସ୍ଥାର ବିଫଳତା । ଜିଲ୍ଲା ପ୍ରଶାସନ ଏହି ଅଭିଯୋଗର ତୁରନ୍ତ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ କି, ନା ସବୁକିଛି ପୂର୍ବଭଳି ଚାଲିବ ଏବେ ସମସ୍ତଙ୍କ ନଜର ସେହି ଦିଗରେ ।

### ଆଶ୍ରମ ବିଦ୍ୟାଳୟରେ ନିମ୍ନମାନର ଖାଦ୍ୟ, ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ

# ଶିକ୍ଷକଙ୍କ ବହିଷ୍କାର ଦାବିରେ ୩ କିମି ଚାଲିଲେ ଛାତ୍ରୀଛାତ୍ରୀ






**ବାରିପଦା(ଅମୃତମିଡିଆ):** ବିଦ୍ୟାଳୟରେ ବିଭିନ୍ନ ଅନିୟମିତତା ତଥା ପୋକଯୁକ୍ତ ଖାଦ୍ୟ, ଛାତ୍ରୀଙ୍କୁ ଆଶାଳୀନ ବ୍ୟବହାର, ବିଦ୍ୟାଳୟରୁ ଜିନିଷ ନେଇ ନେବା ଆଦି ବିଭିନ୍ନ ଅଭିଯୋଗ ନେଇ ପ୍ରଧାନ ଶିକ୍ଷକଙ୍କ ବହିଷ୍କାର ଦାବି କରି ତିରିଶରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଚାଲି ଚାଲି ବିଡ଼ିଓଙ୍କୁ ସାକ୍ଷାତ କରିବାକୁ ଯିବା ଘଟଣା ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଉକ୍ତ ବ୍ଲକ ଅଧୀନ ପଥରନେସା ସରକାରୀ ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଦାନ ହେଉଥିବା ବେଳେ ବାଳକ ଓ ବାଳିକା ଆଶ୍ରମରେ ମୋଟ ୨୬୯ ଜଣ ଅନ୍ତେବାସୀ ଅଛନ୍ତି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଆଶ୍ରମର ଦାୟିତ୍ୱରେ ଅଛନ୍ତି ନୀଳମାଧବ ଦଳେଇ। ତେବେ ଦୀର୍ଘ ଦିନ ଧରି ଆଶ୍ରମରେ ଛାତ୍ରୀଛାତ୍ରଙ୍କ ପାଇଖାନା ଘର, କ୍ଲାସ ରୁମରୁ ଛାତରୁ ପାଣି ପଡୁଛି। ସେହିପରି ପିଲାଙ୍କୁ ଖାଇବାକୁ ଦିଆଯାଉଥିବା ବାଦାମ ଲଡୁରେ ପୋକ ବାହାରୁଛି। ଏନେଇ ପିଲା ମାନେ ବାରମ୍ବାର ପ୍ରଧାନ ଶିକ୍ଷକ ଦଳେଇଙ୍କୁ ଅଭିଯୋଗ କରିଥିଲେ ମଧ ସେ ପିଲାଙ୍କ କଥା ଶୁଣିବା ବଦଳରେ ସେମାନଙ୍କୁ ବିଦ୍ୟାଳୟରୁ ବାହାର କରିଦେବାର ଧମକ ସହିତ ପୋକ କୁ ଭାଜି ଖାଅ ବୋଲି କହୁଛନ୍ତି । ସେହିପରି ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଗିରିଶଚନ୍ଦ୍ର ନାଏକ ଛାତ୍ରୀଙ୍କୁ ଖରାପ ବ୍ୟବହାର ସହିତ ଶାରୀରିକ ଓ ମାନସିକ ନିର୍ଯାତନା କରୁଥିବାର ମଧ ଛାତ୍ରୀ ମାନେ ଅଭିଯୋଗ କରିଛନ୍ତି। ଆଜି ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ପେଟରେ ସେ ଭୁସା ମାରିଥିବାର ମଧ ଅଭିଯୋଗ ହୋଇଛି। ଦିନ ତମାମ ଉକ୍ତ ଛାତ୍ରଙ୍କ ପେଟ ଯନ୍ତ୍ରଣା ହେଉଥିଲେ ମଧ କେହି ତାଙ୍କୁ ଡାକ୍ତରଖାନାକୁ ନେଇ ନାହାନ୍ତି। ସେହିପରି ଅଭିଭାବକ ମାନେ ମଧ ସମାନ ଅଭିଯୋଗ କରିଛନ୍ତି । ସେହିପରି କାର୍ଯ୍ୟରତ ସିସିଏ ଗୋବିନ୍ଦଚନ୍ଦ୍ର ମାର୍ଣ୍ଡି ବିଦ୍ୟାଳୟରୁ ଖଟ, ମିକ୍ସଚର ଆଦି ନେଉଥିବାର ମଧ ଅଭିଯୋଗ ହେଉଛି। ଏମିତି ଅଭିଯୋଗକୁ ନେଇ ଆଜି ଛାତ୍ରୀଛାତ୍ର ମାନେ ଶୁଳିଆପଦାସ୍ଥିତ ବିଡ଼ିଓଙ୍କ କାର୍ଯ୍ୟାଳୟକୁ ଚାଲି ଚାଲି ୩କିମି ଅଭିଯୋଗ କରିବାକୁ ଯାଇଥିଲେ। କାର୍ଯ୍ୟରତ ସହକାରୀ ଶିକ୍ଷକ ଗିରିଶଚନ୍ଦ୍ର ନାଏକ ମଧ ଅଭିଯୋଗ କୁ ମାନି ସେ ପେଟ ରେ ମାରିଛନ୍ତି ବୋଲି କହିଛନ୍ତି । ତେବେ ଅଧାବାଟରେ ବିଡିଓ ଲକ୍ଷ୍ମୀସାଗର ମାଝୀ, ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ ପହଁଞ୍ଚି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଆଣିଥିଲେ। ବିଦ୍ୟାଳୟରେ ପହଞ୍ଚିବା ପରେ ମଧ ଶତାଧିକ ଛାତ୍ରୀଛାତ୍ର ପ୍ରଧାନ ଶିକ୍ଷକ ଦଳେଇଙ୍କ ବହିଷ୍କାର ଦାବି କରି ପ୍ଲାକାର୍ଡ ଧରି ହୋହାଲ୍ଲା କରିଥିଲେ। ବିଡ଼ିଓ ଶ୍ରୀ ମାଝୀ, ଥାନା ଅଧିକାରୀ ଶ୍ରୀ ବଳ,ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁମିତ ବିକ୍ରମ ନାଏକ, ବିଇଓ ରଶ୍ମିରଞ୍ଜନ ଗିରି, ଏବିଇଓ ଜଗନ୍ନାଥ ନାଏକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଶୁଣିବା ସହିତ ତଦନ୍ତ କରିଛନ୍ତି। ତଦନ୍ତ ରିପୋର୍ଟ ଜିଲ୍ଲାପାଳ ଓ ଜିଲ୍ଲା ସମ୍ପ୍ରସାରଣ ଅଧିକାରୀଙ୍କୁ ପ୍ରଦାନ କରାଯିବ ଓ ପରବର୍ତ୍ତୀ ସମୟରେ ପ୍ରଶାସନ ପଦକ୍ଷେପ ନେବେ ବୋଲି କହିଛନ୍ତି ବିଡ଼ିଓ ଶ୍ରୀ ମାଝୀ।

### ବାରିପଦାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

# ମୋଟ ୧୮୯ଟି ଅଭିଯୋଗ ମଧ୍ୟରୁ ୧୫ଟିର ତତ୍କାଳ ସମାଧାନ



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲାର ବାରିପଦା ଉପଖଣ୍ଡ ପାଇଁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଦିନ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକ, ଏବଂ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଏବଂ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ । ଏହି ଜନ ଅଭିଯୋଗ ଶୁଣାଣିରେ ସର୍ବମୋଟ ୧୮୯ ଟି ଅଭିଯୋଗ ମଧ୍ୟରୁ ୧୭୩ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୂହିକ ଅଭିଯୋଗ ଥିଲା । ତନ୍ମଧ୍ୟରୁ ୧୫ଟି ଅଭିଯୋଗର ତତ୍କାଳ ସମାଧାନ ଶିବିର ପରିସରରେ କରାଯାଇଥିଲା । ଏହାବ୍ୟତୀତ ୧୦ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଏବଂ ୫ ଜଣଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଅନ୍ୟାନ୍ୟ ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଯଥାର୍ଥ ଅନୁଧ୍ୟାନ କରି ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ସୟ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଜନ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ବିଭିନ୍ନ ବ୍ଲକ ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

# ରାସ୍ତାରୁ ପାଇଥିବା ଲକ୍ଷାଧିକ ଟଙ୍କା, ଲାପଟପ୍ ଓ ମୋବାଇଲ ଫେରାଇଲେ

## ମାନବିକତା ଦେଖାଇଲେ ସିପାହୀ ସତ୍ୟରଞ୍ଜନ



**ବାରିପଦା(ଅମୃତମିଡିଆ):** ଆଜିର ସ୍ୱାର୍ଥପର ଦୁନିଆରେ ମଧ ମାନବିକତା ଏବଂ ସାଧୁତା ବଞ୍ଚିଛି. ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବାରିପଦା ଠାରେ । ରାସ୍ତାରେ ପଡ଼ିଥିବା ପ୍ରାୟ ୧ ଲକ୍ଷ ୧୦ ହଜାର ଟଙ୍କା, ଲାପଟପ, ମୋବାଇଲ ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଭର୍ତ୍ତି ବ୍ୟାଗ ପାଇ ମାଲିକଙ୍କୁ ଖୋଜି ସୁରକ୍ଷିତ ଭାବେ ଫେରାଇ ସାଧୁତାର ଅନନ୍ୟ ପରିଚୟ ଦେଇଛନ୍ତି ଓଏସଏପି ୫ମ ବାଟାଲିୟନର ସିପାହୀ ସତ୍ୟରଞ୍ଜନ ରାଉତ । ଘଟଣା ମୁତାବକ ରବିବାର ଭୋର ପ୍ରାୟ ୪ଟା ସମୟରେ ଓଏସଏପି ୫ମ ବାଟାଲିୟନର ସିପାହୀ (୬୮୫) ସତ୍ୟରଞ୍ଜନ ରାଉତ ଏବଂ ତାଙ୍କର ଜଣେ ସାଥୀ ଚା ପିଇବାକୁ ଯାଉଥିବା ସମୟରେ, ଏମପିସି ଅଟୋନୋମସ କଲେଜ ଗାର୍ଲସ ହୋଷ୍ଟେଲ ସାମ୍ନା ରାସ୍ତାରେ ଏକ ବ୍ୟାଗ ପଡ଼ିଥିବାର ଦେଖିବାକୁ ପାଇଥିଲେ । ବ୍ୟାଗଟିକୁ ଖୋଲିବାରୁ ସେଥିରେ ନଗଦ ୧,୧୦,୦୦୦ ଟଙ୍କା, ୨ଟି ମୋବାଇଲ ଫୋନ, ଗୋଟିଏ ଲାପଟପ, ପେନଡ୍ରାଇଭ ଏବଂ କିଛି ଜମି ପଟ୍ଟା ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଦେଖିବାକୁ ପାଇଥିଲେ । ?ବ୍ୟାଗର ମାଲିକଙ୍କୁ ଖୋଜିବା ପାଇଁ ସତ୍ୟରଞ୍ଜନ କାଗଜପତ୍ରରେ ଥିବା ନାଁ ଓ ଠିକଣା ଆଧାରରେ ପ୍ରଚେଷ୍ଟା ଆରମ୍ଭ କରିଥିଲେ । ସେ ବାରିପଦା ଟାଉନ ଥାନା ଓ ସଦର ଥାନା ପୋଲିସ ସହ ଯୋଗାଯୋଗ କରି ବ୍ୟାଗର ପ୍ରକୃତ ମାଲିକଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇଥିଲେ । ବ୍ୟାଗ ହରାଇଥିବା ବ୍ୟକ୍ତିଜଣକ ହେଉଛନ୍ତି ତଖତପୁର ଅଞ୍ଚଳର ଦିଲୀପ କୁମାର ବେହେରା । ସେ କୋଲକାତାରୁ ବସଯୋଗେ ବାରିପଦା ଆସି ଅଟୋରେ ଘରକୁ ଫେରୁଥିବା ସମୟରେ ଅସାବଧାନତା ବଶତଃ ତାଙ୍କର ବ୍ୟାଗଟି ରାସ୍ତାରେ ଖସିପଡ଼ିଥିଲା । ବ୍ୟାଗ ଗାଏବ ହେବା ଜାଣିବା ପରେ ସେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ ଏବଂ ବିଭିନ୍ନ ସୋସିଆଲ ମିଡିଆ ସହ ଥାନାର ଦ୍ୱାରସ୍ଥ ହୋଇଥିଲେ । ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପାଲବଣୀ ଗସ୍ତ ଅବସରରେ ମନ୍ତ୍ରୀଙ୍କ ସମ୍ମୁଖରେ ବ୍ୟାଗଟିକୁ ଫେରାଇଥିଲେ ସତ୍ୟରଞ୍ଜନ । ଏଥିପାଇଁ ମନ୍ତ୍ରୀ ଶ୍ରୀ ମହାପାତ୍ର ସିପାହୀ ସତ୍ୟରଞ୍ଜନ ରାଉତଙ୍କର ଏହି ନିଷ୍ଠା ଓ ସାଧୁତାର ଭୂୟସୀ ପ୍ରଶଂସା କରିଛନ୍ତି ।

# ପଦ୍ମଭୂଷଣ ଦିଶୋମ ଗୁରୁ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳିତ



**ବାରିପଦା(ଅମୃତମିଡିଆ):** ଆଜି ବାରିପଦା ସ୍ଥିତ ଗଣେଶ କଲ୍ୟାଣୀ ମଣ୍ଡପ ଠାରେ ଝାଡଖଣ୍ଡ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡଖଣ୍ଡ ରାଜ୍ୟର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ, ଝାଡଖଣ୍ଡ ଦଳର ସୁପ୍ରିମୋ ସମାଜ ସଂସ୍କାରକ ପଦ୍ମଭୂଷଣ ଦିଶୋମ ଗୁରୁ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳର ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭା ରେ ସ୍ୱର୍ଗତ ଶିବୁ ସୋରେନଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବାପରେ ସ୍ମୃତି ଚାରଣ ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଏଥିରେ ଗୁରୁଜୀଙ୍କୁ ଭଲ ପାଉଥିବା ଓ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ବ୍ୟକ୍ତି ଗଣ ଉପସ୍ଥିତ ହୋଇ ତାଙ୍କ ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସ୍ୱର୍ଗତ ସୋରେନ ଏକା ଧାରାରେ ସମାଜ ସଂସ୍କାରକ, ନିର୍ଭିକ ଓ ସାହସୀ ରାଜନେତା ଥିଲେ । ତାଙ୍କରି ଚେଷ୍ଟାରେ ଝାରଖଣ୍ଡ ରାଜ୍ୟ ଗଠନ ହୋଇପାରିଛି । ଦିଶୋମ ଗୁରୁ ଶିବୁ ସୋରେନ , ପୂର୍ବରୁ ବିହାର ରାଜ୍ୟ ଓ ବର୍ତମାନ ଝାରଖଣ୍ଡ ରାଜ୍ୟର ନେମରା ଗ୍ରାମରେ ୧୯୪୪ ମସିହା ଜାନୁଆରୀ ୧୧ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ସେହିଠାରୁ ତାଙ୍କର ସଂଘର୍ଷ ଜୀବନ କାହାଣୀ ଆରମ୍ଭ ହୋଇଥିଲା । ଜମିଦାରୀ ପ୍ରଥା ବିରୋଧରେ ଲଢେଇ କରି ନିଜ ସମାଜ ତଥା ଗରିବ ଜନସାଧାରଣଙ୍କ ମସିହା ପାଲଟିଥିଲେ । ପରବର୍ତୀ ସମୟରେ ଦିଶୋମ ଗୁରୁ ଆଖ୍ୟା ପାଇଥିଲେ । ସ୍ୱର୍ଗତ ସୋରେନଙ୍କ ଉଦ୍ୟମରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ପ୍ରତିଷ୍ଠା ହୋଇ ଆଜି ଝାରଖଣ୍ଡ ରାଜ୍ୟରେ ଶାସନ କରିବା ସହିତ ଦେଶରେ ବହୁ ରାଜ୍ୟରେ ଆଦିବାସୀ ଗରିବ ନିଷ୍ପେଶିତ ଶ୍ରେଣୀର ଲୋକଙ୍କ ହକ ଓ ଅଧିକାର ପାଇଁ ଲଢେଇ କରୁଛି । ସେଥିମଧ୍ୟରୁ ଓଡିଶା ରାଜ୍ୟ ଓ ମୟୁରଭଞ୍ଜ ଜିଲ୍ଲା ଅନ୍ୟତମ । ସ୍ୱର୍ଗତ ସୋରେନ ମୟୁରଭଞ୍ଜ ତଥା ମୟୁରଭଞ୍ଜର ଲୋକଙ୍କୁ ବହୁତ ଭଲ ପାଉଥିଲେ ଓ ସେଥିପାଇଁ ମୟୁରଭଞ୍ଜରେ ପାରିବାରିକ ସମ୍ପର୍କ ଯୋଡ଼ିଥିଲେ । ଦିଶମ ଗୁରୁ ଶିବୁ ସୋରେନ ୧୦ ଥର ସାଂସଦ ହୋଇଥିଲେ ସେଥି ମଧ୍ୟରୁ ୮ଥର ଲୋକସଭା ଓ ୨ଥର ରାଜ୍ୟ ସଭାରୁ ତତସହିତ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିଲେ ଉକ୍ତ ସଭା ରେ ଜିଲ୍ଲା ଉପସଭାପତି ଜିତୁ ମହାନ୍ତ, ବିରଞ୍ଚି ପାତ୍ର, ବାରିପଦା ସହର ସଭାପତି, ଯୁବ ନେତା ଅମୀର ଖାନ, ସିପୁ ମୁଦୁଲି, ପରାଣ ହେମ୍ବ୍ରମ, ବାରିପଦା ବ୍ଲକର ପାରନ ହେମ୍ବ୍ରମ, ବବଲୁ ସିଂ, ରାଜ୍ୟ ପରିଷଦ ସଦସ୍ୟ ସୁଜିତ ବେହେରା, ପ୍ରିୟ ରଞ୍ଜନ ସୋରେନ, ହମନ୍ତ ମହାନ୍ତ, ଶ୍ରବଣ ମହାନ୍ତ, ଦୀପକ ଗିରି, ବିଜୟ ଗୋପ ପ୍ରମୁଖ ଶତାଧିକ ଗୁରୁଜୀଙ୍କ ସମର୍ଥକ ଯୋଗଦାନ କରିଥିଲେ।

## ହୁଲଡିହା ଥାନାରେ ନୂତନ ଥାନାଧିକାରୀ ବୀରେନ୍ଦ୍ର କୁମାର ରାଉତଙ୍କ ଯୋଗଦାନ



**ବାରିପଦା(ଅମୃତମିଡିଆ):** ରାଇରଙ୍ଗପୁର ପୁଲିସ ଜିଲ୍ଲା ଅଧିନ ମହୁଲଡିହା ଥାନାରେ ନୂତନ ଥାନାଧିକାରୀ ଭାବେ ଆଇଆଇସି ବିରେନ୍ଦ୍ର କୁମାର ରାଉତ ଯୋଗଦେଇଛନ୍ତି। ଆଇଆଇସି ତୁଷାର ନାୟକଙ୍କ ଘାଘରବେଡା ଥାନାକୁ ବଦଳି ହେବାରୁ ନୂତନ ଥାନାଧିକାରୀ ୨ ତାରିଖ ଶ୍ରୀ ନାୟକଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ମହୁଲଡିହା ଥାନା ଆସିବା ପୂର୍ବରୁ ଆଇଆଇସି ଭାବେ ଘାଘରବେଡା ଥାନାରେ କାର୍ଯ୍ୟରତ ଥିଲେ। ନୂତନ ଅଧିକାରୀଙ୍କ ଠାରୁ ମହୁଲଡିହା ଥାନା ଅଞ୍ଚଳବାସୀ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଉଚିତ ପଦକ୍ଷେପ ନେବେ ବୋଲି ଆଶାବାଦୀ ଅଛନ୍ତି।

## କରଞ୍ଜିଆରେ ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଲୁଟ୍

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ସହରର ୱାର୍ଡ ନମ୍ବର-୨ କରଡିଆ ଅଞ୍ଚଳରେ ମଙ୍ଗଳବାର ଭୋର ସମୟରେ ଜଣେ ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଛିନତାଇ ହୋଇଥିବାର ଘଟଣା ଘଟିଛି। ଏହି ଘଟଣା ପରେ ସହରର ମହିଳାମାନଙ୍କ ମଧ୍ୟରେ ଆତଙ୍କ ଓ ଭୟର ପରିବେଶ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, କରଡିଆ ନିବାସୀ ଦୁର୍ଯ୍ୟୋଧନ ବାରିକଙ୍କ ବୃଦ୍ଧା ମାତା ଭୋର ସମୟରେ ଘର ବାହାରେ ଝାଡୁ ଦେଉଥିବା ବେଳେ ଜଣେ ଦୁର୍ବୃତ୍ତ ଠିକଣା ପଚାରିବା ବାହାନାରେ ତାଙ୍କ ନିକଟକୁ ଆସିଥିଲା। କଥାବାର୍ତ୍ତା କରୁଥିବା ସମୟରେ ସୁଯୋଗ ନେଇ ସେ ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଦୌଡ଼ି ପଳାଇଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଦୁର୍ବୃତ୍ତ ରାସ୍ତାର ଅପର ପାର୍ଶ୍ୱରେ ଏକ ମୋଟରସାଇକେଲ ଷ୍ଟାର୍ଟ କରି ଅପେକ୍ଷା କରିଥିଲା। ଉଭୟ ଦୁର୍ବୃତ୍ତ ମୋଟରସାଇକେଲରେ ଗୋଲେଇ ଅଭିମୁଖେ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ। ଖବର ପାଇ କରଞ୍ଜିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଖପାଖ ଅଞ୍ଚଳରେ ତଦନ୍ତ ଆରମ୍ଭ କରିଥିଲା। ନିକଟସ୍ଥ ସିସିଟିଭି କ୍ୟାମେରାର ଫୁଟେଜ ସଂଗ୍ରହ କରାଯାଇଥିବାବେଳେ, ସେହି ଫୁଟେଜକୁ ଆଧାର କରି ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ସହରରେ ଦିନକୁ ଦିନ ଚୋରି , ଛିନତାଇ ଘଟଣା ବଢୁଥିବାରୁ ସ୍ଥାନୀୟ ବାସିନ୍ଦାମାନେ ପୋଲିସ ପକ୍ଷରୁ କଡ଼ା ପାଟ୍ରୋଲିଂ ଓ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



## ଠାକୁରମୁଣ୍ଡା ଥାନାର ନୂତନ ଆଇଆଇସି ଶରତ ମହାଳିକ



**ବାରିପଦା(ଅମୃତମିଡିଆ):** ଠାକୁରମୁଣ୍ଡା ଥାନାରେ ଆଇଆଇସି ଭାବେ ଶରତ କୁମାର ମହାଳିକ ଗତ ୨ ତାରିଖରେ ଯୋଗ ଦେଇଛନ୍ତି । ପୂର୍ବରୁ ଏଠାରେ ଥିବା ଓଆଇସି ସାବିତ୍ରୀ ଦଳେଇଙ୍କ ଜାମଦା ଥାନାକୁ ବଦଳି ହୋଇଛି । ପୂର୍ବରୁ ପାଞ୍ଚପୀଢ଼ ଉପଖଣ୍ଡ କରଞ୍ଜିଆରେ ମଧ ସେ ଆଇଆଇସି ଭାବରେ କାର୍ଯ୍ୟ କରିଛନ୍ତି । ସାମ୍ବାଦିକଙ୍କ ସହ ଆଲୋଚନା ସମୟରେ ନିଜ ବିଚାର ବ୍ୟକ୍ତ କରିଥିଲେ । ଥାନାକୁ ଆସୁଥିବା ଲୋକଙ୍କୁ କିପରି ନ୍ୟାୟ ପ୍ରଦାନ କରିହେବ ତାହା ପ୍ରାଥମିକତା ରହିବ ବୋଲି କହିଥିଲେ । ଲୋକ ଯେଉଁ ବିଶ୍ୱାସ ଓ ଭରସା ନେଇ ଥାନାକୁ ଆସୁଛି ତା'ର ବିଶ୍ୱାସ ବଜାୟ ରଖିବାକୁ ପ୍ରୟାସ ରହିବ ବୋଲି କହିଥିଲେ । ଆଲୋଚନା ସମୟରେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ, ଚକ୍ରଧର ଦାସ, ଯୋଗେନ୍ଦ୍ର ପାତ୍ର, ସଚ୍ଚିଦାନନ୍ଦ ପଲେଇ, ହରେକୃଷ୍ଣ ତ୍ରିପାଠୀ, ଶେଖ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଟଣା ପ୍ରେସ୍ କ୍ଲବର ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ବାରିପଦା /ସାହାରପଡ଼ା(ଅମୃତମିଡିଆ):** ଆସନ୍ତା ୮୦ତମ ସ୍ୱାଧୀନତା ଦିବସକୁ ଧୁମଧାମରେ ପାଳନ କରିବା ଉଦ୍ଦେଶ୍ୟରେ ପାଟଣା ମୁଖ୍ୟାଳୟ ସ୍ଥିତ ପାଟଣା ପ୍ରେସ କ୍ଲବ କାର୍ଯ୍ୟାଳୟରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି କିଶୋର ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ବିଜୟ ରନ୍ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରେସ କ୍ଲବର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ, ଶୃଙ୍ଖଳିତ ଓ ସଫଳ କରିବା ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା ଯେ, ଆସନ୍ତା ଅଗଷ୍ଟ ୧୫ ତାରିଖ ସକାଳ ୮ଟାରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ପତାକା ଉତ୍ତୋଳନ ପରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ମଧ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ରହି ସ୍ୱାଧୀନତା ଦିବସକୁ ସଫଳ ଓ ସ୍ମରଣୀୟ କରିବା ପାଇଁ ସହଯୋଗର ଆହ୍ୱାନ ଜଣାଇଥିଲେ।

# ଜିଲ୍ଲା ସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା



**ବାରିପଦା(ଅମୃତମିଡିଆ):** ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ନାଟ୍ୟମହୋତ୍ସବ ଉପଲକ୍ଷେ ସ୍ଥାନୀୟ ବଡବଜାର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ନାଟ୍ୟପ୍ରେମୀ ଯୁବକ, ଯୁବତୀ ମାନେ ଅଂଶଗ୍ରହଣ କରିଥିଲେ ।ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ସାଗରୀକା ସିଂହ ଉଦଘାଟନ କରିଥିବା ବେଳେ ଜାତୀୟ ନାଟ୍ୟମହୋତ୍ସବର ଆବାହକ, ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସପଟ୍ଟନାୟକ ପ୍ରତିଯୋଗୀ ମାନଂକୁ ଏହି ପ୍ରତିଯୋଗିତାର ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଭଳି ପ୍ରତିଯୋଗିତା ମାଧ୍ୟମରେ ନୂଆ ନୂଆ ନାଟ୍ୟକାର ସୃଷ୍ଟି କରିବାରେ ବିଶେଷ ସହାୟକ ହେବା ସହ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏଭଳି ପ୍ରତିଯୋଗିତା ପ୍ରଥମ ଥର ପାଇଁ ଅନୁଷ୍ଠିତ କରାଯାଉଛି ବୋଲି କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ସୂଚନା ଦେଇଥିଲେ । ସର୍ବଶ୍ରୀ ପ୍ରଦୀପ କିଶୋର ମହାନ୍ତି, ପ୍ରୟାଶ ଶତପଥୀ, ପ୍ରଦୀପ ସରଘରିଆ, ଜ୍ଞାନରଞ୍ଜନ ପଣ୍ଡା ଅଧ୍ୟାପକ ଡ଼ଃ ଚନ୍ଦ୍ରଶେଖର ଦାସ, ଅଧାପିକା ଡ଼ଃ ସ୍ୱାଗତିକା ମିଶ୍ର ଓ ସୁଜୟ ମହାନ୍ତି ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଏହି ନାଟ୍ୟମହୋତ୍ସବ ଅବସରରେ ହାଇସ୍କୁଲ ଓ ପ୍ରାଇମେରୀ ସ୍କୁଲ ସ୍ତର ରେ ଏକକ ଅଭିନୟ, ମୂକ ଅଭିନୟ, ନୃତ୍ୟ, ମଞ୍ଚ ସଂଚାଳନା , ମ୍ୟୁଜିକ ଚେୟାର ଓ ଫେନସି ଡ୍ରେସ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବା ସହ ନାଟକମହୋତ୍ସବ ର ଅନ୍ତିମ ରଜନୀ ରେ ବିଜେତା ମାନଙ୍କର ନାମ ଘୋଷଣା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡ଼ିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି ।

# କିସ୍ ଆବାସିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ କିସ ଆବାସିକ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତଙ୍କ ପ୍ରେରଣା କ୍ରମେ ଇକୋ କ୍ଲବ ଦ୍ୱାରା ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଗଣେଶ ମିଶ୍ରଙ୍କ ଅଧକ୍ଷତାରେ ପରିବେଶ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷ ରୋପଣର ଉପକାରିତା ବିଷୟରେ ବୁଝାଇବା ସହ ପ୍ରତ୍ୟେକ ଛାତ୍ରୀ ଅତି କମରେ ପାଞ୍ଚଟି ଗଛ ଲଗାଇ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯିବା ସହ ଛାତ୍ରୀ ମାନେ ପରିବେଷ ସୁରକ୍ଷା ଓ ବୃ ?କ୍ଷରୋପଣ ଉପରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବର ମୁଖ୍ୟ ଶିକ୍ଷକ ସୌରଭ ପରିଡ଼ା, ଚକ୍ରଧର ମହାନ୍ତ, ରତିକାନ୍ତ ନାୟକ, ସୁନାରାମ ହେମ୍ବ୍ରମ, ତରଣିସେନ ସମାଡ, ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ, ଅଙ୍କିତା ଭୂୟାଁ, ତପସ୍ୱିନୀ ଦାଶ, ଅଭିରାମ ସୋରେନ, ବିକାଶ ମହାନ୍ତ, ଦେବଦତ୍ତ ଦିଗାର ତଥା ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନଦୀରେ ଭାସିଯାଇଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବାରିପଦା(ଅମୃତମିଡିଆ):** ଅଖାପଲାଣ ନିକଟସ୍ଥ ସିମ ନଦୀରେ ଭାସିଯାଇ ବୃଦ୍ଧ ମୃତ । ଗୋଟିଏ ଦିନ ପରେ ଶବ ଉଦ୍ଧାର ପରେ ଏତଲାକ୍ରମେ ଠାକୁରମୁଣ୍ଡା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ପଠାଯାଇଛି । ଘଟଣାରୁ ପ୍ରକାଶଯେ ଅଖାପଲାଣ ଗ୍ରାମର ଅନାମ ରେଣସିଆ (୬୫) ୩ ତାରିଖ ମାଛ ଧରିବାକୁ ଜାଲ ଧରି ସନ୍ଧ୍ୟାରେ ସିମ ନଦୀକୁ ଯାଇଥିଲେ । ମାତ୍ର କୌଣସି କାରଣରୁ ପାଣିରେ ବୁଡି ଯାଇଥିଲେ । ଅନାମଙ୍କ ପୁଅ ସନାତନ ଘଟଣା ଜାଣିବା ପରେ ଗାଁ ଲୋକଙ୍କୁ ନେଇ ଖୋଜାଖୋଜି କରିଥିଲେ । ବିଫଳ ହେବାରୁ ଅଗ୍ନିଶମ ବାହିନୀ ଓ ଠାକୁରମୁଣ୍ଡା ଥାନାକୁ ଜଣାଇଥିଲେ । ଅଗ୍ନିଶମ ବାହିନୀ ଅକ୍ଲାନ୍ତ ପରିଶ୍ରମ କରି ୪ ତାରିଖ ଭୋର ୫ଟା ସମୟରେ ଶବ ଉଦ୍ଧାର କରିଥିଲା । ଉଦ୍ଧାର ସମୟରେ ଜାଲ ଡୋରି ହାତରେ ବନ୍ଧା ଥିବା ଓ ଜାଲ ସହ ଉଦ୍ଧାର ହୋଇଥିବା ଦେଖିବାକୁ ମିଳିଥିଲା । ସନାତନଙ୍କ ଏତଲାକ୍ରମେ ଠାକୁରମୁଣ୍ଡା ଥାନାରେ ୧୪/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଥାନାଧିକାରୀ ଶରତ କୁମାର ମହାଳିକ ଶବ ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ପଠାଇଥିବା ସୂଚନା ଦେଇଛନ୍ତି । ଅନାମଙ୍କ ପରିବାରକୁ ସରକାର ନିୟମ ମୁତାବକ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

# ପାଟଣା କଲେଜ ନୂତନ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ଜଗନ୍ନାଥ ମହାନ୍ତ



**ପାଟଣା(ଅମୃତ ମିଡିଆ):** କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ତଥା ରିଡର ଜଗନ୍ନାଥ ମହାନ୍ତ ମଙ୍ଗଳବାର ସାଧାରଣରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

କାର୍ଯ୍ୟଭାର ଗ୍ରହଣ ଅବସରରେ ମହାବିଦ୍ୟାଳୟର ଅଧାପକ, ଅଧାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଭବ୍ୟ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ। ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଜଗନ୍ନାଥ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି, ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି, ଭିତ୍ତିଭୂମିର ବିକାଶ ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କ୍ରୀଡ଼ା, ଏନ୍.ସି.ସି., ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରକୁ ଅଧିକ ଗତିଶୀଳ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ।

ଏହି ଶୁଭ ଅବସରରେ ଇଂରାଜୀ ବିଭାଗର ପ୍ରାଧାପକ ଅଞ୍ଜନ କୁମାର ଦୋରା, ଅଧାପିକା ସୁସ୍ମିତା ସୋଭାଲିନ ମହାପାତ୍ର, ଶୁଚିସ୍ମିତା ଦାଶ, ବ୍ରଜେନ୍ଦ୍ର କୁମାର ପତି, ଶରତ ଚନ୍ଦ୍ର ମିଶ୍ର, ମଦନ ମୋହନ ମହାନ୍ତ, ସଞ୍ଜୟ କୁମାର ଦାଶ ଏବଂ ପରମେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ବିଜେପି ପକ୍ଷରୁ ନିଶ୍ଚିନ୍ତକୋଇଲି ମଣ୍ଡଳ କମିଟି ବୈଠକ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ନିଶ୍ଚିନ୍ତକୋଇଲି ପଂଚାୟତ କାର୍ଯ୍ୟାଳୟ ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ନିଶ୍ଚିନ୍ତକୋଇଲି ମଣ୍ଡଳ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରାଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ପ୍ରଭାରୀ ହିମାଂଶୁ ମହାନ୍ତି,ଜିଲ୍ଲା ପ୍ରଭାରୀ କିଶୋର ପଣ୍ଡା,ବରିଷ୍ଠ ବିଜେପି କାର୍ଯ୍ୟକର୍ତା ମୀନକେତନ ଦାସ,ଦିଲ୍ଲୀପ ରାଉତ,ରବିଚନ୍ଦ୍ର ବେହେରା, ନିଶ୍ଚିନ୍ତକୋଇଲି ମହିଳା ମଣ୍ଡଳ ସଭାନେତ୍ରୀ କବିତା ଭଞ୍ଜ, ଯୁବନେତା ହେମନ୍ତ ରାଉତ, ଜ୍ଞାନରଂଜନ ରାଉତ, ଜାନକୀବଲ୍ଲଭ ଦାସ,ପ୍ରଣତୀ ରାଉତ,ଜଗବନ୍ଧୁ ସ୍ୱାଇଁ,ଭରତ ଦାସ,ରାକେଶ ସେଠୀ ଙ୍କ ସମେତ ବହୁ ବିଶିଷ୍ଟ କର୍ମୀବୃନ୍ଦ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ବିଜେପି କାର୍ଯ୍ୟକର୍ତା ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

# କୋଦଳା କଲେଜରେ ସ୍ୱଚ୍ଛତାପକ୍ଷ ପାଳନ

**ବେଗୁନିଆପଡା (ଅମୃତ ମିଡିଆ):** ମଙ୍ଗଳବାର ଦିବା ୯ ଘଣ୍ଟ ସମୟରେ କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଅଛି। ଏଥିରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଙ୍କ ସହ ବହୁସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦାନ ଦେଇ ମହାବିଦ୍ୟାଳୟ ପରିସର କୁ ଆବର୍ଜନା ମୁକ୍ତ କରାଇଥିଲେ।ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷା ଶ୍ରୀମତୀ ରଞ୍ଜୁବାଳା ନନ୍ଦ ଏବଂ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜିକା ଶ୍ରୀମତୀ ସାଗରିକା ଦାଶ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜିର ସମସ୍ତ କାର୍ଯ୍ୟକୁ ସଫଳ ରୂପାୟନ କରାଯାଇଥିଲା କ୍ଷଏଥିରେ ମହାବିଦ୍ୟାଳୟ ର ସମସ୍ତ ବିଭାଗୀୟ ଅଧାପକ, ଅଧାପିକା ଓ ଅଣ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ।



# କଂଗ୍ରେସ ପକ୍ଷରୁ ବନ୍ୟାଞ୍ଚଳରେ ଶୁଖିଲା ଖାଦ୍ୟ ପ୍ରଦାନ



**ରାଜନଗର (ଅମୃତ ମିଡିଆ):** ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ବନ୍ୟା ପୀଡ଼ିତଙ୍କ ପାଖରେ ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ ପାଣି ଘେରରେ ଥିବା ବିପନ୍ନ ଲୋକଙ୍କ ପାଖରେ ପାଖାରେ ପହଞ୍ଚି ସହାୟତା ପ୍ରଦାନ କରିଥିଲେ। ବିଶେଷକରି ବେଲପାଳ ଓ ରାଜପୁର ପଞ୍ଚାୟତରେ ରିଲିଫ ସହାୟତା ପ୍ରଦାନ କରିଥିଲେ। ତାଙ୍କ ସହିତ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ ରାଜପୁର ଗ୍ରାମ ପଞ୍ଚାୟତ ସଭାପତି କପିଳାସ ସ୍ୱାଇଁ ବାଲିସାହିପାଟଣା ପଞ୍ଚାୟତ ସଭାପତି ଅମୂଲ୍ୟ ଜେନା ଯୁବ କଂଗ୍ରେସ ସଭାପତି ସୁଶୀଲ କୁମାର ପ୍ରଧାନ ଛାତ୍ର କଂଗ୍ରେସ ସଭାପତି ଅଭିକ୍ ଦାସ ୩୦ନମ୍ବର ଜୋନ୍ ସମ୍ପାଦକ ସମରେନ୍ଦ୍ର ପ୍ରଧାନ ବରିଷ୍ଠ କଂଗ୍ରେସ ନେତା ଶ୍ୟାମ ପ୍ରସାଦ ରାଉତ ଦୁର୍ଗା ଚରଣ ସାହୁ ବାସୁଦେବ ଜେନା ବନ୍ଧପଡା ଗ୍ରାମ ପଞ୍ଚାୟତ ସଭାପତି ରଞ୍ଜିତ କୁମାର ବେହେରା ଯୁବ ନେତା ଶୁଭମ୍ ପତି ଦିଲ୍ଲୀପ ଖୁଣ୍ଟିଆ ଆକାଶ ମଲ୍ଲିକ ବାପି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟା ବିପନ୍ନଙ୍କ ବନ୍ଧୁ ପାଲଟିଲେ ଯୁବନେତା ଅମୂଲ୍ୟ ବିଶ୍ୱାଳ

## ନିଜସ୍ୱ ଅନୁଦାନରେ ବାଣ୍ଟିଲେ ଡ୍ରାଇଫୁଡ୍



**ଚାନ୍ଦବାଲି (ଅମୃତ ମିଡ଼ିଆ) :** ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ଅଧୀନ ଭୂଇଁବୃତ୍ତି ପଞ୍ଚାୟତରେ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚିଛନ୍ତି ଯୁବ ନେତା ଅମୁଲ୍ୟ ବିଶ୍ୱାଳ। ବନ୍ୟା ଯୋଗୁଁ ଦୁର୍ଦ୍ଦଶାରେ ଥିବା ପରିବାରମାନଙ୍କୁ ନିଜସ୍ୱ ଅନୁଦାନରେ ଡ୍ରାଇ ଫୁଡ୍ ବଣ୍ଟନ କରି ସେ ମାନବିକତାର ପରିଚୟ ଦେଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଡ଼ଙ୍ଗା ମାଧ୍ୟମରେ ଯାଇ ଅମୁଲ୍ୟ ବିଶ୍ୱାଳ ବନ୍ୟା ବିପନ୍ନ ପରିବାରମାନଙ୍କ ସମସ୍ୟା ବୁଝିବା ସହ ସେମାନଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ, ପାଣି ଓ ଅନ୍ୟାନ୍ୟ ଆବଶ୍ୟକ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି ସହାୟତା ପାଇ ବନ୍ୟା ବିପନ୍ନମାନେ କୃତଜ୍ଞତା ପ୍ରକାଶ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବନ୍ୟା ସମୟରେ ଏଭଳି ବ୍ୟକ୍ତିଗତ ପଦକ୍ଷେପ ପ୍ରଭାବିତ ଲୋକଙ୍କ ପାଇଁ ବହୁତ ସହାୟକ ହୋଇଛି। ଆଗାମୀ ଦିନରେ ମଧ ଅସହାୟ ଲୋକଙ୍କ ସହ ରହିବେ ବୋଲି ଅମୂଲ୍ୟ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଗ୍ରାମାଞ୍ଚଳରେ ଡାକ୍ତରୀ ଟିମ୍‌ଙ୍କ ସ୍ୱାସ୍ଥ୍ୟସେବା ଜାରୀ



**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକର ଧୋୟାଞ୍ଚଳର ବନ୍ୟାଜଳକୁ ଖାତିର ନକରି ବନ୍ୟା ପ୍ରଭାବିତ ଗ୍ରାମାଞ୍ଚଳରେ ଡାକ୍ତରୀ ଟିମ ନିରନ୍ତର ସ୍ୱାସ୍ଥ୍ୟସେବା ଜାରୀ ରଖିଛନ୍ତି । ଭ୍ରାମ୍ୟମାଣ ଡାକ୍ତରୀ ଦଳ ବନ୍ୟା ଜଳରେ ପଶି ବନ୍ଧପଡା ପଂଚାୟତ ଟାଙ୍ଗଣଟେିଳା ଗ୍ରାମରେ ପହଁଚି ବନ୍ୟା ଘେରରେ ଜଳବନ୍ଦୀ ଜୀବନ କାଟୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦେଖି ଚିକିତ୍ସା କରିଥିଲେ। ଏହି ଗ୍ରାମର ରୋଗୀମାନେ ପାଣିଘେରରେ ରହିଥିବାରୁ ବାହ୍ୟ ଜଗତକୁ ଆସିପାରୁନଥିବାରୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିଲେ। ମଙ୍ଗଳବାର ଦିନ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଡାକ୍ତର ଟିଟି ମିଶ୍ର, ଡାକ୍ତର ସୁଧାଂଶୁବାଳା ବେହେରା, ଫାର୍ମାସିଷ୍ଟ ସୌମ୍ୟରଞ୍ଜନ ଜେନା, ସ୍ୱାସ୍ଥ୍ୟକର୍ମୀ ବନ୍ୟା ପ୍ରଭାବିତ ଜଳବନ୍ଦୀ ଏହି ଗ୍ରାମରେ ପ୍ରଭାବିତ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ବିଶେଷ କରି ଥଣ୍ଡା, ଜ୍ୱର, କାଶ, ମୁଣ୍ଡବିନ୍ଧା, ବାନ୍ତି ଆଦି ପଚାଶରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରିଥିଲେ। ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର କରିବାକୁ ପରାମର୍ଶ ଦେବା ସହ ବିଭିନ୍ନ ରୋଗର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ଲୋକମାନଙ୍କୁ ବୁଝାଇଥିଲେ । ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟଧିକ ଖରାପ ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ ଓ ଅଙ୍ଗନବାଡିକର୍ମୀ ସହଯୋଗ କରିଥିଲେ।

# ବିଧାୟକଙ୍କ ହସ୍ତକ୍ଷେପ ପରେ ବେଲଗୁଣ୍ଠାରେ ଲୋକଙ୍କୁ ମିଳିଲା ବିଶୁଦ୍ଧ ପାଣି




**ବେଲଗୁଣ୍ଠା (ଅମୃତ ମିଡ଼ିଆ) :** ଗଞ୍ଜାମ ଜିଲା ବେଲଗୁଣ୍ଠା ଏନ୍.ଏ.ସି. ଅନ୍ତର୍ଗତ ୧୨ ଏବଂ ୧୩ ନମ୍ବର ୱାର୍ଡ ଭଗବତପାଟଣା ଓ ଧନିଜାପଲ୍ଲୀରେ ବିଗତ କିଛି ଦିନ ହେବ ପାଇପ୍ ଯୋଗେ ଗୋଳିଆ ପାଣି ଆସୁଥିଲା। ଏନେଇ ସ୍ଥାନୀୟ ଲୋକେ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ୨ ନମ୍ବର ୱାର୍ଡ କାଉନସିଲର ଦିବ୍ୟରଞ୍ଜନ ଦାଶ ଏହାକୁ ଗୁରୁତର ସହ ଗ୍ରହଣ କରି ତୁରନ୍ତ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ ଏବଂ ଏନ୍.ଏ.ସି. ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପାଇବା ପରେ ବିଧାୟକ ନୀଳମଣି ବିଷୋୟୀ ଏହାକୁ ଅତି ଗୁରୁତର ସହ ନେଇ ପ୍ରଶାସନକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ତତ୍କାଳ ଟ୍ୟାଙ୍କର ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଇଥିଲା। ଘଟଣା ପ୍ରକାଶ ପାଇବାର ମାତ୍ର ଏକ ଘଣ୍ଟା ମଧ୍ୟରେ ଉଭୟ ୱାର୍ଡରେ ଶୁଦ୍ଧ ପାଣି ପହଞ୍ଚିବା ପରେ ଜନସାଧାରଣ ବେଶ୍ ଆଶ୍ୱସ୍ତି ଅନୁଭବ କରିଥିଲେ। ବିଧାୟକଙ୍କ ଏଭଳି ତତ୍ପରତା ଓ ଦ୍ରୁତ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି। ଏହା ସହିତ ସମସ୍ୟାର ସମାଧାନ ପାଇଁ ସକ୍ରିୟ ଭୂମିକା ଗ୍ରହଣ କରିଥିବା ୨ ନମ୍ବର ୱାର୍ଡ କାଉନସିଲର ଦାଶଙ୍କ କର୍ମତତ୍ପରତାକୁ ମଧ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

ପୂର୍ବରୁ ଗୋଳିଆ ପାଣି ସମସ୍ୟା ନେଇ ଭିଡିଓ ଭାଇରାଲ କରିଥିବା ସ୍ଥାନୀୟ ଲୋକେ, ବର୍ତ୍ତମାନ ତୁରନ୍ତ ଶୁଦ୍ଧ ପାଣି ପାଇବା ପରେ ପୁନର୍ବାର ସୋସିଆଲ ମିଡିଆରେ ଖୁସି ବ୍ୟକ୍ତ କରି ଭିଡିଓ ସେୟାର କରିଛନ୍ତି ଏବଂ ମାନ୍ୟବର ବିଧାୟକ ଓ ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଥିବା ଦେଖିବାକୁ ମିଳିଛି।

# ସାମାଜିକ ସୁରକ୍ଷାରୁ ବଞ୍ଚିତ ବିଧବା ମା’ ‘ଖୁରି’

**ବାରିପଦା /ଉଦଳା (ଅମୃତ ମିଡିଆ) :** ୟେ ହେଉଛି ଉଦଳା ବ୍ଲକର ଭିମତାଳି ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ବିଧବା ମା’ ‘ଖୁରି ହେମ୍ବ୍ରମ’ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମାସିକ ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବିଧବା ମା’ ‘ଖୁରି ହେମ୍ବ୍ରମ’ ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସ୍ୱାମୀ ଠାକୁରା ହାଁସଦାଙ୍କର ଆଜକୁ ୭ ବର୍ଷ ପୂର୍ବେ ଦେହାନ୍ତ ହୋଇ ଯାଇଥିବାର କଥା ସେ କହିଛନ୍ତି। ବିଧବା ମା’ ‘ଖୁରି ହେମ୍ବ୍ରମ’ଙ୍କୁ ତୁରନ୍ତ ଭତା ଯୋଗାଇ ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି।



# ଦିଶମଗୁରୁ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ



**ବେତନଟୀ (ଅମୃତ ମିଡିଆ):** ମୟୂରଭଞ୍ଜ ଜିଲ୍ଲା ବେତନଟୀବଜାର ସ୍ଥିତ ଡେଲି ମାର୍କେଟ ନିକଟରେ ବେତନଟୀ ବ୍ଲକ ଜେ ଏମ ଏମ ପକ୍ଷରୁ ଦିଶମ ଗୁରୁ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଜେ ଏମ ଏମ ବେତନଟୀ ବ୍ଲକ ସଭାପତି ଡମାନ ହେମ୍ବ୍ରମଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବେତନଟୀ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶିବୁ ସୋରେନଙ୍କୁ ଗୁରୁ ଭଳି ମାନୁ ଥିବା ଯୁବକ, ମହିଳା, ବୃଦ୍ଧ ବୃଦ୍ଧାଙ୍କ ସମେତ ଅନେକ ଜେ ଏମ ଏମ କର୍ମୀମାନେ ଯୋଗ ଦେଇଥିଲେ। ସମସ୍ତେ ପ୍ରଥମେ ତାଙ୍କ ଫୋଟୋ ଚିତ୍ରରେ ଧୂପ ପୁଷ୍ପ ମାଲ୍ୟାର୍ପଣ କରିବା ପରେ ଗୁରୁଙ୍କ ଅତୀତ ଜୀବନରେ ସମାଜ ପ୍ରତି ରହିଥିବା ଅବଦାନଗୁଡିକୁ ମନେ ପକେଇଥିଲେ। ଏହି ଶ୍ରାଦ୍ଧ ଦିବସରେ ଜେ ଏମ ଏମ କର୍ମୀଙ୍କ ମଧ୍ୟରେ ଶ୍ୟାମସୁନ୍ଦର ସୋରେନ, ବୁଲି ମାଝୀ, ଟିପୁ ଟୁଡୁ, ମାଇନ ମାଝୀ, କାନ୍ଦ୍ରା ମାଝୀ, ରିସୋ ଟୁଡୁ, ଜୁଝାରୀ ମାଝୀ, ସାଲାୟୁ ମାଝୀ, କାପୁରା ମାଝୀ, ମାୟା ଟୁଡୁ, ପୁଲୁଙ୍ଗି ମାଝୀ, ଜୀବନ ମୁର୍ମୁ, ଧୂନୁ ମାଝୀ, ମଙ୍ଗଳ ମାଝୀ, ମୁନି ମାଝୀ, ଲାଖିୟା ହାଁସଦା, ପୁଟୁରି ମାଝୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

# ପ୍ରସିଦ୍ଧ ରୁଦ୍ରେଶ୍ୱର ମନ୍ଦିରକୁ ଯୋଗାଯୋଗ ବିଚ୍ଛିନ୍ନ

## ଖରିପଡିଆ-କେରକେରା ରାସ୍ତାରେ ୪ ଫୁଟ ଉଚ୍ଚର ବନ୍ୟାଜଳ

**ରଘୁନାଥପୁର (ଅମୃତ ମିଡିଆ) :** ମହାନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ରଘୁନାଥପୁର ବ୍ଲକର ପାଇକା ନଦୀର ଜଳ ନିଷ୍କାସନ ହୋଇନପାରି ଫୁଲିଉଠିଥିଲା। ଫଳରେ ଖରିପଡିଆ-କୋରକୋରା ରାସ୍ତାରେ ୪ ଫୁଟ ଉଚ୍ଚର ଜଳ ପ୍ରବାହିତ ହେବା ଦ୍ୱାରା ୭ ଗୋଟି ଗ୍ରାମ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପ୍ରକାଶ ଥାଉକି, ରଘୁନାଥପୁର ବ୍ଲକ ଅନ୍ତର୍ଗତ ପାଇକା ନଦୀର ଜଳସ୍ତର ବୃଦ୍ଧି ପାଇବା ପରେ ରଘୁନାଥପୁରର କେରକେରା ରାସ୍ତାର ଖରିପଡିଆ ଠାରୁ କେରକେରା ରାସ୍ତାରେ ୪ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେବା ଫଳରେ ଏହି ରାସ୍ତାରେ ଯାତାୟାତ ସମ୍ପୁର୍ଣ୍ଣ ବନ୍ଦ ହୋଇଯାଇଛି। ଯଦ୍ୱାରା ୮ଗୋଟି ଗ୍ରାମ ଯଥା କୋରକୋରା, ପଣ୍ଡୁଆ, ପଦ୍ମପୁର, ଖରିପଡିଆ, ପୁରଣ ଓଡ଼ପଡ଼ା, ଗୋପାଳପୁର, ଜଗନ୍ନାଥପୁର, ରଘୁନାଥପୁର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏପରି କି କୋରକୋରା ଗ୍ରାମରେ ଥିବା ପ୍ରସିଦ୍ଧ ରୁଦ୍ରେଶ୍ୱର ମନ୍ଦିରକୁ ଯିବାପାଇଁ ହଜାର, ହଜକ୍ଷର ଭକ୍ତ ଶ୍ରଦ୍ଧାଳୁମାନେ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଖରିପଡିଆ - କୋରକୋରା ରାସ୍ତାକୁ ୫ଲଙ୍କଷ୍ଠ ଉଚ୍ଚରେ ନିର୍ମାଣ କରିବାକୁ ଏ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।



୧୨୬ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା

# ସତ୍ୟପଥରୁ ପୁରୀବାସୀଙ୍କ ପାଦ କେବେ ବିଚଳିତ ହେବନାହିଁ







**ପୁରୀ (ବ୍ୟୁରୋ):** ପୁରୀବାସୀଙ୍କ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଧିକାର ପୁନଃସ୍ଥାପନ ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ପଦଯାତ୍ରା ଆଜି କ୍ରମାଗତ ୧୨୬ ଦିନରେ ପହଞ୍ଚିଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ଅପ୍ରେଲ ପହିଲା ଉତ୍କଳ ଦିବସରୁ ଦୀର୍ଘ ଚାରି ମାସରୁ ଅଧିକ ସମୟ ଧରି ପୁରୀବାସୀ ସତ୍ୟ, ଅହିଂସା ଓ ସମ୍ବିଧାନର ମର୍ଯ୍ୟାଦାକୁ ସମ୍ମାନ ଦେଇ ନିଜର ଜନ୍ମସିଦ୍ଧ, ଐତିହାସିକ ଓ ପରମ୍ପରାଗତ ଅଧିକାର ପାଇଁ ପଦଯାତ୍ରା ମାଧ୍ୟମରେ ସଂଘର୍ଷ ଜାରି ରଖିଛନ୍ତି। କିନ୍ତୁ ଏହି ଦୀର୍ଘ ଅପେକ୍ଷା, ଅକ୍ଳାନ୍ତ ଧୈର୍ଯ୍ୟ ଓ ନୀରବ ପ୍ରତିବାଦ ପରେ ମଧ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନର ଉଦାସୀନତା ପୁରୀବାସୀଙ୍କୁ ଗଭୀର ଭାବେ ମର୍ମାହତ କରିଛି। ପୁରୀବାସୀ କୌଣସି ବିଶେଷ ଅଧିକାର ନୁହେଁ, କେବଳ ପୂର୍ବପରି ମହାପ୍ରଭୁଙ୍କ ଦର୍ଶନର ଅଧିକାର ଫେରି ପାଇବାକୁ ଦାବି କରୁଛନ୍ତି। ଏହି ନ୍ୟାୟସଙ୍ଗତ ଦାବି ପ୍ରତି ଅବହେଳା କେବଳ ପୁରୀବାସୀଙ୍କ ଭାବାବେଗକୁ ନୁହେଁ, ବରଂ ଶ୍ରୀକ୍ଷେତ୍ରର ପରମ୍ପରା ଓ ଗୌରବକୁ ମଧ୍ୟ ଆଘାତ ପହଞ୍ଚାଉଛି। ଆଜିର ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ଚକ୍ରଧର ମହାପାତ୍ର, ହରିଶଙ୍କର ମିଶ୍ର, ସୁକାନ୍ତ ପଣ୍ଡା, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ଯାଦବାନନ୍ଦ ରାୟ, ମିନାକ୍ଷୀ ଦାସ, ପ୍ରଣତୀ ରାୟ, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ଭାରତୀ ମହାନ୍ତି, ବନୀତା ଦିକ୍ଷୀତ, ମମତା ସ୍ୱାଇଁ, ସନ୍ତୋଷ ସେନାପତି, ଅଭିମନ୍ୟୁ ପ୍ରଧାନ, କିଶୋର ଚନ୍ଦ୍ର ଦାସ, ଲିଙ୍ଗରାଜ ସାହୁ, ଗଦାଧର ମହାରଣା, ଲାବଣ୍ୟ ସୁନାମୁଦି, ସୁବାଷ ପଟ୍ଟନାୟକ, ଜଗନ୍ନାଥ ଷଡ଼ଙ୍ଗୀ, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜର ସମର୍ଥନ ଜଣାଇଥିଲେ। ପଦଯାତ୍ରାର ଆବାହକ ଶ୍ରୀ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, '୧୨୬ ଦିନ ଧରି ପୁରୀବାସୀ ଶୃଙ୍ଖଳା, ଧୈର୍ଯ୍ୟ ଓ ଅହିଂସାର ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଆମେ ସତ୍ୟକୁ ଆମର ଅସ୍ତ୍ର ଓ ଗାନ୍ଧୀଙ୍କ ପଥକୁ ଆମର ମାର୍ଗଦର୍ଶକ କରିଛୁ। କିନ୍ତୁ ଯଦି ଲୋକଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସରକାର ଓ ପ୍ରଶାସନ ନିରନ୍ତର ନୀରବ ରହେ, ତେବେ ଏହା ଗଣତନ୍ତ୍ରର ଆତ୍ମା ପାଇଁ ଶୁଭ ସଙ୍କେତ ନୁହେଁ। ପୁରୀବାସୀଙ୍କ ଅଧିକାର ପୁନଃସ୍ଥାପିତ ନ ହେବା ପର୍ଯ୍ୟନ୍ତ ଆମର ନୀରବ ସତ୍ୟାଗ୍ରହ ଅଟୁଟ, ଅହିଂସାପୂର୍ଣ୍ଣ ଓ ଦୃଢ଼ ସଂକଳ୍ପ ସହ ଜାରି ରହିବ।'

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ସୋମବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଏହି ଜାତୀୟ ଦିବସକୁ ଆନନ୍ଦ,ଉଲ୍ଲାସ ଓ ଶୃଙ୍ଖଳାର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ।ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୂଚାରୁରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ। ପରେ ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ ତାଳବଣିଆ ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ସ୍ୱାଧୀନତା ଦିବସ ର ମୁଖ୍ୟ ଅତିଥି ପୂର୍ବାହ୍ନ ୯ ଘଟିକା ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ଼ ରେ ଅଭିବାଦନ ଗ୍ରହଣ ଓ ଉଦବୋଧନ ପ୍ରଦାନ କରିବେ। ପରେ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ , ପୁରସ୍କାର ବିତରଣ କରାଯିବ।ପରେ ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଙ୍କୁ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଚାରା ରୋପଣ, ଫଳ ବଣ୍ଟନ ଓ ରକ୍ତ ଦାନ ଶିବିରରେ ଯୋଗ ଦେବେ। ଅପରାହ୍ନ ରେ ଶ୍ରୀ ଜଗନ୍ନାଥ କ୍ରିକେଟ ପଡିଆ ଠାରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ।ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ ୪.୩୦ ମିନିଟ ସମୟରେ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ। ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ ମାନେ ପ୍ରଭାତ ଫେରି ସକାଳ ୬ ଟା ସୁଦ୍ଧା ଶେଷ କରି ଗାନ୍ଧୀ ସ୍ମୃତି ପୀଠ ଠାରେ ଏକତ୍ରିତ ହେବେ ଓ ସେଠାରେ ସକାଳ ୭ ଘଟିକା ସୁଦ୍ଧା ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ।ସହର ର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ପୁରୀ ମହାନଗର ନିଗମ ପକ୍ଷରୁ ମାଲ୍ୟାର୍ପଣ କରାଯିବ ଓ ଗାନ୍ଧୀ ଘାଟକୁ ଆଲୋକମାଳାରେ ସଜ୍ଜିତ କରାଯିବ। ଅଭ୍ୟାସ ପ୍ୟାରେଡ ଚଳିତ ମାସ ୧୧ ଓ ୧୨ ତାରିଖ ଅପରାହ୍ନ ୩ ଘଟିକା ଓ ୧୩ ତାରିଖ ପୂର୍ବାହ୍ନ ୮ ଘଟିକା ରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହେବ। ପ୍ୟାରେଡ଼ ପଡିଆ ସଜ୍ଜା, ବ୍ୟାରିକେଡ ନିର୍ମାଣ, ଶାନ୍ତି ଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ଯୋଗାଣ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଉତ୍ସବ ମଞ୍ଚକୁ ଫୁଲ କୁଣ୍ଡରେ ସଜେଇବା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦିଆଗଲା। ପ୍ରତ୍ୟେକ ବିଭାଗ ସେମାନଙ୍କ କାର୍ଯ୍ୟାଳୟକୁ ଓ ବ୍ୟକ୍ତି ବିଶେଷ ମାନେ ନିଜ ଗୃହ କୁ ଆଲୋକ ମାଳାରେ ସଜ୍ଜିତ କରିବାକୁ ଅନୁରୋଧ କରାଗଲା।ବିଭିନ୍ନ ବ୍ୟାଙ୍କ ମାନଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱାଗତ ତୋରଣ ନିର୍ମାଣ ପାଇଁ ଅନୁରୋଧ କରାଗଲା।ଅନ୍ୟ ମାନଙ୍କ ମଧ୍ୟରେ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଡିଆଇବି ର ଅତିରିକ୍ତ ଏସପି ଦେବୀ ଶଙ୍କର ପ୍ରତାପ, ପୋଲିସ ରିଜର୍ଭ ଇନିନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତି, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତ ଙ୍କୁ ସ୍ୱାଗତ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ।ଏହି ବୈଠକରେ ବରିଷ୍ଠ ନାଗରିକ, ସମାଜସେବୀ , ଶିକ୍ଷାବିତ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମିସିଂ ମୋବାଇଲ ମେଳା

# ଲୋକଙ୍କ ହଜିଲା ମୋବାଇଲ ଫେରାଇଲା ପୋଲିସ



**ପୁରୀ (ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ପୋଲିସ ଥାନା, ସାଇବର ପୋଲିସ ଥାନାର ସମନ୍ୱିତ ପ୍ରୟାସରେ ଏକ ସ୍ୱତନ୍ତ୍ର ଆଣ୍ଟି ସ୍ନାଚିଂ ଟିମ୍ ଗଠନ କରାଯାଇଥିଲା। ରଥଯାତ୍ରା ସମୟରେ ଜନଗହଳିପୂର୍ଣ୍ଣ ସ୍ଥାନ, ବଡ଼ଦାଣ୍ଡ, ଶ୍ରୀମନ୍ଦିର ପରିସର, ବସ୍‌ଷ୍ଟାଣ୍ଡ, ସମୁଦ୍ରକୂଳ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ଏହି ଟିମ୍ ସାଦା ପୋଷାକରେ ନିରନ୍ତର ନଜରଦାରୀ କରିଥିଲା। ଏହି ସୁପରିକଳ୍ପିତ ଅଭିଯାନର ଫଳସ୍ୱରୂପ ୧୭୫ ଜଣ ସ୍ନାଚରଙ୍କୁ ଗିରଫ କରିବାରେ ପୁରୀ ପୋଲିସ ସଫଳତା ହାସଲ କରିଛି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ସଂପୃକ୍ତ ଥାନାରେ ମାମଲା ରୁଜୁ କରାଯାଇ ଆଇନ ଅନୁଯାୟୀ ନ୍ୟାୟାଳୟକୁ ପ୍ରେରଣ କରାଯାଇଛି। ଅଭିଯାନ ସମୟରେ ୩୦୪ଟି ହଜିଯାଇଥିବା ମୋବାଇଲ ଫୋନ୍ ଉଦ୍ଧାର କରାଯାଇଛି। ଏଥିସହ ବହୁ ସୁନା ଅଳଙ୍କାର, ନଗଦ ଅର୍ଥ, ପର୍ସ, ପରିଚୟପତ୍ର ଓ ଅନ୍ୟାନ୍ୟ ବହୁମୂଲ୍ୟ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି। ସମସ୍ତ ଉଦ୍ଧାର ସାମଗ୍ରୀକୁ ଯାଞ୍ଚ ପରେ ପ୍ରକୃତ ମାଲିକଙ୍କୁ ପର୍ଯ୍ୟାୟକ୍ରମେ ଫେରସ୍ତ କରାଯାଉଛି। ଆଜି ଆୟୋଜିତ 'ମିସିଂ ମୋବାଇଲ ମେଳା' ମାଧ୍ୟମରେ ଅନେକ ନାଗରିକଙ୍କୁ ସେମାନଙ୍କର ହଜିଯାଇଥିବା ମୋବାଇଲ ଫୋନ୍ ହସ୍ତାନ୍ତର କରାଯାଇଛି। ନିଜର ହଜିଯାଇଥିବା ମୋବାଇଲ ଫେରି ପାଇ ନାଗରିକମାନେ ପୁରୀ ପୋଲିସର ତ୍ୱରିତ କାର୍ଯ୍ୟଶୈଳୀ, ପାରଦର୍ଶିତା ଓ ଜନସେବା ମନୋଭାବକୁ ଉଚ୍ଚ ପ୍ରଶଂସା କରିଛନ୍ତି। ପୁରୀ ପୋଲିସ ନାଗରିକମାନଙ୍କୁ ଅନୁରୋଧ କରୁଛି ଯେ, ଯଦି କାହାର ମୋବାଇଲ ଫୋନ୍ ହଜିଯାଇଛି ଏବଂ ସେ ଏପର୍ଯ୍ୟନ୍ତ ଅଭିଯୋଗ ଦାଖଲ କରିନାହାନ୍ତି କିମ୍ବା ନିଜର ମୋବାଇଲ ଫେରି ପାଇନାହାନ୍ତି, ତେବେ ପୁରୀ ପୋଲିସର 'ସହାୟକ' WhatsApp Chatbot (୮୭୬୩୧ ୯୯୪୦୦) ମାଧ୍ୟମରେ ସହଜରେ ନିଜର ଅଭିଯୋଗ ପଞ୍ଜୀକରଣ କରନ୍ତୁ। ଏହି ସେବା ମାଧ୍ୟମରେ ଘରେ ବସି ମୋବାଇଲ ହଜିବା ସମ୍ପର୍କିତ ଅଭିଯୋଗ ଦାଖଲ କରାଯାଇପାରିବ।

# ନିଖୋଜ ନାବାଳିକା ସୁରକ୍ଷିତ ଉଦ୍ଧାର

**ପୁରୀ (ବ୍ୟୁରୋ):** ପୁରୀ ସି ବିଚ୍ ଥାନାରେ କେସ୍ ନଂ ୨୫୩/୨୬ ଅନୁଯାୟୀ ଜଣେ ନାବାଳିକା ନିଖୋଜ ସମ୍ପର୍କରେ ଅଭିଯୋଗ ପ୍ରାପ୍ତ ହେବା ପରେ ସି ବିଚ୍ ଥାନା ପୋଲିସ ତୁରନ୍ତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏସପି ପ୍ରତୀକ ସିଂ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଅନୁସନ୍ଧାନ, ତଥ୍ୟ ସଂଗ୍ରହ ଏବଂ ବୈଷୟିକ ପ୍ରମାଣର ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା। ଫଳସ୍ୱରୂପ, ଅଭିଯୋଗ ପ୍ରାପ୍ତ ହେବାର ୨୪ ଘଣ୍ଟା ମଧ୍ୟରେ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ନାବାଳିକାଙ୍କୁ ଆଇନାନୁସାରେ ଆବଶ୍ୟକ ପ୍ରକ୍ରିୟା ସମ୍ପନ୍ନ କରାଯାଇ ତାଙ୍କ ପରିବାରର ଜିମାରେ ହସ୍ତାନ୍ତର କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି ।ନିଖୋଜ ଶିଶୁ ଓ ମହିଳାଙ୍କୁ ସୁରକ୍ଷିତ ଭାବେ ଖୋଜି ବାହାର କରିବା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା। ଏହି ସଫଳତା ସି ବିଚ୍ ଥାନା ପୋଲିସର ତତ୍ପରତା, ବୃତ୍ତିଗତ ଦକ୍ଷତା ଏବଂ ଜନସେବା ପ୍ରତି ଅଙ୍ଗୀକାରର ଆଉ ଏକ ଉଦାହରଣ। ପୁରୀ ପୋଲିସ ସାଧାରଣ ଜନସାଧାରଣଙ୍କୁ ଅନୁରୋଧ କରୁଛି ଯେ, କୌଣସି ଶିଶୁ କିମ୍ବା ମହିଳା ନିଖୋଜ ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ପୋଲିସ କଣ୍ଟ୍ରୋଲ ରୁମ୍ ? ୧୧୨କୁ ଅବଗତ କରନ୍ତୁ।

## ।।। ଯୁଗ୍ମ ଶୁଣାଣି ।।।

# ୧୦୪ ଅଭିଯୋଗ ଦାଖଲ

**ପୁରୀ (ବ୍ୟୁରୋ):** ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ସଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଡ଼ା ଜିଲାପାଳ ଦିବ୍ୟ ଜ୍ୟୋତି ଅଧ୍ୟକ୍ଷତା କରିବା ସହ ଅଭିଯୋଗ ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଯେଉଁ ବିଭାଗକୁ ପତ୍ର ପଠାଯାଉଛି, ଆଇନ ଅନୁଯାୟୀ ତୁରନ୍ତ ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣିରେ ମୋଟ ୧୦୪ ଅଭିଯୋଗ ମିଳିଥିଲା। ସେଥିରୁ ବ୍ୟକ୍ତିଗତ ୯୫, ସାମୂହିକ ୫, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୪ଟି ଆବେଦନପତ୍ର ମିଳିଥିଲା। ତତ୍ ?କ୍ଷଣାତ ୩ଟିର ସମାଧାନ ହୋଇଥିଲା। ଅନ୍ୟଗୁଡ଼ିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପଠାଯାଇଥିଲା। ଏହି ଶୁଣାଣି ଶିବିରରେ ଏସ୍ ?ପି ପ୍ରତୀକ ସିଂ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଶାନ୍ତ କୁମାର ପତି, ପୁରୀ ମ୍ୟୁନିସିପାଲ କମିଶନର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲୀପ କୁମାର ମହାରଣା, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରା ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଆସନ୍ତା ୧୦ରେ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ ଗୃହ, ୧୭ରେ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହ, ୨୪ରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ ଗୃହ ଓ ୩୧ରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ପୂର୍ବାହ୍ନ ୧୦ଟାଠାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।

# ରାଙ୍କ୍‌ରେ ଥାଇବି ନାମଲେଖାରୁ ବଞ୍ଚିତ ଛାତ୍ର

**ପୁରୀ (ବ୍ୟୁରୋ):** ବିଶ୍ୱବିଦ୍ୟାଳୟର ଅନିୟମିତତା ସମ୍ପର୍କରେ ସ୍ୱର ଉଠାଇବା ଦୁଇ ଛାତ୍ରଙ୍କୁ ମହଙ୍ଗା ପଡ଼ିଛି । ପ୍ରବେଶିକା ପରୀକ୍ଷାରେ ରାଙ୍କ ୧ ଓ ୧୧ରେ ଥିଲେ ସୁଦ୍ଧା ନାମଲେଖାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଏକାଡେମିକ ଡିନ୍, ୟୁଜିସି ଚେୟାରମ୍ୟାନ ଓ ଶିକ୍ଷା ମନ୍ତ୍ରାଳୟକୁ ଅବଗତ କରାଇବା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ ଦୁହେଁ ଅଧ୍ୟୟନରୁ ବଞ୍ଚିତ ହୋଇ ମାନସିକ ଚାପରେ ରହିଥିବା ନେଇ ଗଣମାଧ୍ୟମରେ ମତ ରଖିଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ କ୍ୟାମ୍ପସର ଦୁଇ ଛାତ୍ରଙ୍କୁ ଏହି ସମସ୍ୟା ଭୋଗିବାକୁ ପଡ଼ିଛି। ମାତ୍ର ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଏଥିପାଇଁ ସେମାନଙ୍କ 'ଅନୁଶାସନ ହୀନତାକୁ ଦାୟୀ କରିଛନ୍ତି । ଦୁଇ ଛାତ୍ର ହେଲେ ଲକ୍ଷ୍ମୀ ନାରାୟଣ କର ଓ ସନତ କୁମାର ତ୍ରିପାଠୀ ।ଲକ୍ଷ୍ମୀ ନାରାୟଣଙ୍କ କହିବା ଅନୁଯାୟୀ, ଦୁଇ ବର୍ଷ ଧରି ପଢ଼ିବା ସମୟରେ ସହପାଠୀଙ୍କ ସହ ପରିସରରେ ମୌଳିକ ସୁବିଧା,ଶିକ୍ଷାଗତ ବ୍ୟବସ୍ଥା, ଛାତ୍ରବୃତ୍ତି, ଡିଜିଟାଲ୍ ଉପସ୍ଥିତି, ପାନୀୟ ଜଳ, ପରିମଳ ବ୍ୟବସ୍ଥା, ପୁସ୍ତକାଳୟ, ଭିତ୍ତିଭୂମି, ଛାତ୍ର କଲ୍ୟାଣ ଓ ପ୍ରଶାସନିକ ସ୍ୱଚ୍ଛତା ନେଇ ଲିଖିତ ଭାବେ ନିର୍ଦ୍ଦେଶକ, କୁଳପତି,କୁଳସଚିବ ଓ ଅନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲୁ। ପ୍ରଶାସନିକ ସ୍ତରରେ କେତେକ ଆର୍ଥିକ ଅନିୟମିତତା ସମ୍ପର୍କରେ ମଧ୍ୟ ନିରପେକ୍ଷ ତଦନ୍ତ ଦାବି କରିଥିଲୁ। ମାତ୍ର ଅଧିକାଂଶ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିଲା। ତେଣୁ ଆନ୍ଦୋଳନ କରି ଗଣଧାରଣାରେ ବସିଥିଲୁ ୧୦ ମିନିଟ ପରେ ସ୍ଥାନୀୟ ପୁଲିସର ଅନୁରୋଧ ପରେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲୁ ପୁଲିସ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିଲା। ଯେବେ ହିନ୍ଦୁ ଅଧ୍ୟୟନରେ ଏସ୍‌ଏ କରିବା ପାଇଁ ପ୍ରବେଶିକା ପରୀକ୍ଷା ଦେଇ ଆର୍ଥିକ ଦୁର୍ବଳ ବର୍ଗରେ ରାଙ୍କ-୧ ହାସଲ କଲି, ସେତେବେଳେ ମୁଁ ମେଧା ତାଲିକାରେ ସ୍ଥାନ ପାଇଥିଲେ ମଧ୍ୟ ମୋତେ ନାମଲେଖାରୁ ବଞ୍ଚିତ କରାଗଲା। ପ୍ରମାଣପତ୍ର ଯାଞ୍ଚ ପରେ ମଧ୍ୟ ଆଡମିସନ ଦିଆଯାଇନଥିଲା । ଟିସି ଓ ସିସି ଆବେଦନ କରିବା ପରେ ହଇରାଣ ହେବାକୁ ପଡ଼ିଲା। ଏଯାଏ ପ୍ରୋଭିଜନାଲ ପ୍ରମାଣପତ୍ର ଦିଆଯାଇନଥିବାରୁ ଶୈକ୍ଷିକ ହାନୀ ଘଟୁଛି ବୋଲି ସେ କହିଛନ୍ତି। ଏନେଇ ସେ ଓଡ଼ିଶା ମାନବାଧିକାର ଆୟୋଗର ଦ୍ୱାରସ୍ଥ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗର ନିରପେକ୍ଷ ଯାଞ୍ଚ କରି ପଦକ୍ଷେପ ନେବାକୁ ସୁପାରିସ କରିଥିଲେ। ମାତ୍ର କାର୍ଯ୍ୟାନ୍ୱୟନ ଯଥାର୍ଥ ନଥିଲା ବୋଲି ସେ କହିଛନ୍ତି। ତାଙ୍କ କହିବାନୁଯାୟୀ, ସଂସ୍ଥାର ଭାବମୂର୍ତ୍ତି କ୍ଷୁଣ୍ଣ କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ, ବରଂ ସମଗ୍ର ଘଟଣାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ଦାବି ଚାହୁଁଛୁ । ଏନେଇ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବୋଧ କୁମାର ଝା କହିଛନ୍ତି, ହୋଇଥିଲେ । ଆୟୋଗ ଉଭୟଙ୍କର ବିଶୃଙ୍ଖଳ ଆଚରଣ ଯୋଗୁଁ ନାମଲେଖା କିମ୍ବା କ୍ୟାମ୍ପସ ଭିତରକୁ ଅନୁମତି ଦିଆଯାଉନାହିଁ। ପରୀକ୍ଷା ଚାଲିଥିବା ବେଳେ ଗେଟ ତାଲା ପକାଇ ଦେଇଥିଲେ। ଏହି ସମୟରେ ଜଣେ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା । ବାରମ୍ବାର ବୁଝାଇବା ପରେ ମଧ୍ୟ ଆଚରଣରେ ସୁଧାର ନ ଆଣିବାରୁ ବାଧ୍ୟ ହୋଇ ମୁଖ୍ୟାଳୟ ସହ ଆଲୋଚନା କରିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

# ବଡ଼ଦାଣ୍ଡରେ ଶୌଚାଳୟ ନିର୍ମାଣ ଦାବି

**ପୁରୀ (ବ୍ୟୁରୋ):** ପୁରୀକୁ ପର୍ଯ୍ୟଟକ ଓ ଭକ୍ତଙ୍କ ଆଗମନ ବଢ଼ିଥିବାରୁ ସେଇ ଅନୁପାତରେ ଆହୁରି ଅଧିକ ପରିସ୍ରାଗାର ନିର୍ମାଣ ଏବଂ ନିୟମିତ ସଫେଇ ନିମନ୍ତେ ମହାନଗର ନିଗମ କମିସନରଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରଥଯାତ୍ରା ସମୟରେ ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା । ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ତାହା ବହୁତ ଉପକାରୀ ହୋଇଥିଲା । ରଥଯାତ୍ରା ସରିବା ପରେ ସେହି ଶୌଚାଳୟଗୁଡ଼ିକୁ ହଟାଇ ଦିଆଯାଇଥିବାରୁ ପୁଣି ଅଭାବ ପରିଲକ୍ଷିତ ହୋଇଛି। ପୁରୀ ବିଶ୍ୱପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନ ନଗରୀ ହୋଇଥିବାରୁ ପ୍ରତିଦିନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି । ଶୌଚାଳୟ ଓ ପରିସ୍ରାଗାର ଅଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ଅସ୍ୱଚ୍ଛ ପରିବେଶ ଓ ଦୁର୍ଗନ୍ଧ ସୃଷ୍ଟି ହେଉଛି। ସହରର ସ୍ୱଚ୍ଛତା ଓ ଭାବମୂର୍ତ୍ତି ଉପରେ କୁପ୍ରଭାବ ପକାଉଛି। ତେଣୁ ରଥଯାତ୍ରା ସମୟରେ ଯେଉଁ ସ୍ଥାନରେ ଅସ୍ଥାୟ ୟୀ ଶୌଚାଳୟ ଥିଲା, ସେହି ସ୍ଥାନରେ ଅତି କମ୍ ?ରେ ଦୁଇଟି ସ୍ଥାୟୀ ପରିସ୍ରାଗାର ନିର୍ମାଣ ସହ ପ୍ରତିଦିନ ଦୁଇଥର ସଫେଇ କରାଯାଉ ଏବଂ ସବୁବେଳେ ପାଣି ଯୋଗାଣ ସୁନିଶ୍ଚିତ କରିବାକୁ ଦାବି ହୋଇଛି।

# ରାଷ୍ଟ୍ରପତି ଭବନରେ ସ୍ଥାପନ ହେବ ୩ ରଥର ତିନୋଟି ଚକ

**ପୁରୀ (ବ୍ୟୁରୋ):**ଭାରତ ର ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନି ଦିନିଆ ଓଡିଶା ଗସ୍ତ ରେ ଆସିଛନ୍ତି। ଏହି ଅବସର ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ଃ. ଅରବିନ୍ଦ ପାଢ଼ୀ ରାଷ୍ଟ୍ରପତି ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ରାଷ୍ଟ୍ରପତି ମହୋଦୟା ଘୋଷଯାତ୍ରାର ରଥତ୍ରୟର ଗୋଟିଏ ଲେଖାଏଁ ପବିତ୍ର ଚକକୁ ରାଷ୍ଟ୍ରପତି ଭବନରେ ସ୍ଥାପନ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି ।



# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବୃକ୍ଷ ପୂଜନ ଓ ବୃକ୍ଷ ରୋପଣ



**ପୁରୀ (ବ୍ୟୁରୋ):** ଅନ୍ନପୂର୍ଣ୍ଣା ଚାରିଟେବଲ ଟ୍ରଷ୍ଟ, ପୁରୀ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ପରିବେଶ ପ୍ରକୃତି ର ସୁରକ୍ଷା କୁ ଦୃଷ୍ଟିରେ ରଖି ବୃକ୍ଷ ପୂଜନ ଓ ବୃକ୍ଷ ରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ଡକ୍ଟର ପ୍ରଭାତ କୁମାର ମହାପାତ୍ର ସମେତ ପୁରୀ ସହର ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଶ୍ୱବିଦ୍ୟାଳୟ ର ଛାତ୍ରଛାତ୍ରୀ ତଥା ପ୍ରଫେସର ମାନେ ଯୋଗ ଦେଇ ଥିଲେ। ଟ୍ରଷ୍ଟ ର ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ପ୍ରମୋଦ କୁମାର ଆଚାର୍ଯ୍ୟ ଉପସ୍ଥିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ପରେ ପୂଜ୍ୟ ସ୍ୱାମୀ ଡକ୍ଟର ଶଙ୍କରାନନ୍ଦ ସରସ୍ୱତୀ ,ଅଧକ୍ଷ ନିଗମାନନ୍ଦ ସାରସ୍ୱତ ଆଶ୍ରମ,ପୁରୀ ବେଦ ପାଠ ମଧ୍ୟରେ ବୃକ୍ଷ ପୂଜନ କରିଥିଲେ। ଭାରତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ବାର୍ତ୍ତା ' ଏକ ପେଡ୍ ମା କେ ନାମ୍ ପେ' ଏହି ନାରା ଆଧାରରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ ।ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପୁରୋହିତ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର, ବିଶିଷ୍ଟ ସାହିତ୍ୟିକା ତଥା ସମାଜ ସେବୀ ଲୋପାମୁଦ୍ରା ମହାନ୍ତି,ଡାକ୍ତର ଦେବପ୍ରସାଦ ଦାସ,ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଦୋଳମଣ୍ଡପ ସାହି ସମ୍ପାଦକ ଅନନ୍ତ ତିଆଡି,ପୂର୍ବତନ ପ୍ରଧାନଶିକ୍ଷକ ବିଶ୍ୱନାଥ ବେହେରା,ବରିଷ୍ଠ ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ତରୁଣ କବି ଦାମୋଦର ପରିଡ଼ା, ସମାଜସେବୀ ପଠାଣି ଜେନା, ପ୍ରହଲ୍ଲାଦ ପରିଡ଼ା, ପ୍ରତାପ ଦାସ,ମୁକ୍ତିମଣ୍ଡପ ର ବରିଷ୍ଠ ସଦସ୍ୟ ତଥା ଲେଖକ ହରିଶଙ୍କର ମିଶ୍ର,ସବିତା ଦାସ, ବିଶ୍ୱବିଦ୍ୟାଳୟ ର ରେଜିଷ୍ଟ୍ରାର, ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ପୋଲିସ ଅଧିକାରୀ ପ୍ରଦୀପ ଦଳାଇ,ଅମୂଲ୍ୟ ପରିଡ଼ା,ସ୍ଥିତପ୍ରଜ୍ଞା ଜେନା, ପ୍ରତାପ ଚନ୍ଦ୍ର ଦାସ, ଦୀନବନ୍ଧୁ ନାୟକ, ଲକ୍ଷ୍ମୀଧର ବାରିକ,ଚନ୍ଦନ କୁମାର ମିଶ୍ର, ଅଧ୍ୟାପକ ବେଦ ବିଭାଗ,ସସ୍ମିତା ବନ୍ଦର ନାୟକ,ଅଧ୍ୟାପିକା, ଦର୍ଶନ ବିଭାଗ , ସମାଜସେବୀ ଅରବିନ୍ଦ ଦଳାଇ,ଟ୍ରଷ୍ଟ ର ସମ୍ପାଦିକା ଅନ୍ନପୂର୍ଣ୍ଣା ପାଣି କାର୍ଯ୍ୟକ୍ରମ କୁ ସଞ୍ଚାଳନ କରିବା ସହ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଚନ୍ଦନପୁର ହତ୍ୟାକାଣ୍ଡ ଘଟଣା

# ୭୨ ଘଣ୍ଟା ପରେ ଅପରାଧୀଙ୍କୁ ବାନ୍ଧିଲା ପୋଲିସ୍

- କଟୁରୀ ଓ ମୋବାଇଲ ଫୋନ ଜବତ
- ୩ ଅଭିଯୁକ୍ତ ଗିରଫ ଓ ଜଣେ ନାବାଳକ ଅଟକ
- ୨ ଗ୍ୟାରେଜବାଲାଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳରୁ ହତ୍ୟା



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ଅନ୍ତର୍ଗତ ଚନ୍ଦନପୁର ଥାନା ଅଞ୍ଚଳର ଦାମୋଦରପୁର ଗ୍ରାମର କାଳିଆ ମଲ୍ଲିକଙ୍କ ବୀଭତ୍ସ ହତ୍ୟାକାଣ୍ଡ ଘଟଣାର ତଦନ୍ତରେ ପୁରୀ ପୋଲିସ ଶେଷରେ ସଫଳତା ହାସଲ କରିଛି। ଅଭିଯୁକ୍ତ ଏବଂ ମୃତକଙ୍କ ମଧ୍ୟରେ ଥିବା ପୁରୁଣା ଶତ୍ରୁତା ଯୋଗୁଁ ୩୧ ଜୁଲାଇ ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା। ତଦନ୍ତ ପ୍ରକ୍ରିୟା ମଧ୍ୟରେ, ଗତକାଲି ଆଉ ଦୁଇଜଣ ଅଭିଯୁକ୍ତ ଯଥା- ସୁମନ ଓରଫ ସୋମନାଥ ନାୟକ ଏବଂ ବସୁ ଓରଫ ଅମିତା ଦାସଙ୍କୁ ଗିରଫ କରାଯାଇଛି ।ଉଭୟ ଚନ୍ଦନପୁର ଥାନା ଅନ୍ତର୍ଗତ ଦାମଦାରପୁର ଗ୍ରାମର ବାସିନ୍ଦା ଅଟନ୍ତି। ଏହି ଗିରଫଦାରୀ ସହିତ ମାମଲାରେ ବର୍ତ୍ତମାନ ସୁଦ୍ଧା ମୋଟ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ଜଣେ ନାବାଳକଙ୍କୁ ଅଟକ ରଖାଯାଇଛି । କ୍ରମାଗତ ପଚରାଉଚରା ସମୟରେ, ଅଭିଯୁକ୍ତ ସୁମନ ଓରଫ ସୋମନାଥ ନାୟକ ସ୍ୱେଚ୍ଛାକୃତ ଭାବେ ସେହି ସ୍ଥାନ ବିଷୟରେ ଜଣାଇଥିଲେ ଯେଉଁଠାରେ ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ରକୁ ଲୁଚାଇ ରଖାଯାଇଥିଲା। ଏହି ଜବତ ସାମଗ୍ରୀ ତଦନ୍ତ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବରେ ବିବେଚନା କରାଯାଉଛି। ଘଟଣାର ସମ୍ପୂର୍ଣ୍ଣ କ୍ରମ, ପ୍ରତ୍ୟେକ ଅଭିଯୁକ୍ତଙ୍କ ଭୂମିକା ସମ୍ପର୍କରେ ଅଧିକ ସ୍ପଷ୍ଟତା ହାସଲ କରିବା ଏବଂ ଅତିରିକ୍ତ ବୈଜ୍ଞାନିକ ତଥା ସମର୍ଥନକାରୀ ପ୍ରମାଣ ସଂଗ୍ରହ କରିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ପ୍ରତୀକ ଗୀତା ସିଂ ।

# ପୁରୀରେ ଅନୁଷ୍ଠିତ ଖୋ ଖୋ ଚାମ୍ପିଅନ୍‌ସିପ୍‌ର କିଛି ଝଲକ

































# ପୁରୀରେ ଅନୁଷ୍ଠିତ ଖୋ ଖୋ ଚାମ୍ପିଅନ୍‌ସିପ୍‌ର କିଛି ଝଲକ







# ଲୋକସଭାରେ ଟିକସ ଓ ଆଇନ ସଂଶୋଧନ ବିଲ୍ ଆଗତ

## ପେମେଣ୍ଟ ଆଣ୍ଡ୍ ସେଟେଲମେଣ୍ଟ ସିଷ୍ଟମ୍‌ସ ଆଇନ ବିଲ୍ ଜରିଆରେ ହେବ



**ନୂଆଦିଲ୍ଲୀ,୪।୮:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ଟିକସ ଓ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍ ଆଗତ କରିଛନ୍ତି। ଏଥିରେ ଟିକସ କ୍ଷେତ୍ରରେ ଏକାଧିକ ସଂଶୋଧନ ପ୍ରସ୍ତାବ ରହିଛି। ଦେଶରେ ନିବେଶକୁ ପ୍ରୋତ୍ସାହନ ଦେବା, ନିର୍ମାଣକୁ ବଢ଼ାଇବା, ଟିକସରେ ସ୍ଥିରତା ପ୍ରଦାନ କରିବା ଏବଂ ଆୟକର (ସଂଶୋଧନ) ଅଧ୍ୟାଦେଶ ୨୦୨୬କୁ ଆଇନରେ ପରିଣତ କରିବା ଲାଗି ବ୍ୟବସ୍ଥା ଏହି ବିଲ୍‌ରେ ରହିଛି। ବିଶେଷକରି ଆୟକର ଆଇନ ୨୦୨୫, ଅର୍ଥ ଆଇନ ୨୦୨୬ ଏବଂ ପେମେଣ୍ଟ ଆଣ୍ଡ୍ ସେଟେଲମେଣ୍ଟ ସିଷ୍ଟମ୍‌ସ ଆଇନ ୨୦୦୭ରେ ସଂଶୋଧନ ଏହି ବିଲ୍ ଜରିଆରେ ହେବ। ବିଶ୍ୱରେ ସଂପ୍ରତି ମୁଣ୍ଡ ଟେକିଥିବା ଭୂରାଜନୈତିକ ପରସ୍ଥିତି ଏବଂ ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳରେ ସୃଷ୍ଟି ହୋଇଥିବା ବ୍ୟାଘାତ ପୃଷ୍ଠଭୂମିରେ ଆଇନରେ ସଂଶୋଧନ ପ୍ରସ୍ତାବ ରହିଛି। ଦେଶକୁ ବିଦେଶୀ ପୁଞ୍ଜି ଆକୃଷ୍ଟ କରିବା ଲାଗି ସରକାର ଚଳିତବର୍ଷ ଜୁନ ୫ ତାରିଖରେ ଏକ ଅଧ୍ୟାଦେଶ ଜାରି କରିଥିଲେ। ସେଥିରେ ବିଦେଶୀ ପୋର୍ଟଫୋଲିଓ ନିବେଶକ ବା ଏଫ୍‌ପିଆଇମାନେ ସରକାରୀ ସିକ୍ୟୁରିଟିଜ୍‌ରେ ନିବେଶ କରି ଯେଉଁ ସୁଧ ଓ ପୁଞ୍ଜି ଲାଭ ପାଉଛନ୍ତି ତାହା ଉପରୁ ଆୟକର ଛାଡ଼ କରାଯାଇଥିଲା। ନୂଆ ବିଲ୍ ଜରିଆରେ ତାହା ଆଇନରେ ପରିଣତ ହେବ। ଆଜି ଆଗତ ହୋଇଥିବା ବିଲ୍‌ରେ ଯେଉଁ ବିଦେଶୀ କମ୍ପାନି ସୀମା ଶୁଳ୍କ ନିୟନ୍ତ୍ରିତ ଅଞ୍ଚଳରେ ସେମାନଙ୍କ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମହଜୁଦ ରଖି ଭାରତୀୟ ନିର୍ମାତାଙ୍କୁ ବିକ୍ରି କରୁଛନ୍ତି ସେମାନଙ୍କ ପାଇଁ ଟିକସ ଛାଡ଼ ବ୍ୟବସ୍ଥା ରହିଛି। ଏଥିସହିତ କଟା ଯାଇ ନଥିବା କିମ୍ବା ପଲିସ୍ ହୋଇ ନଥିବା ହୀରା ବ୍ୟବସାୟରେ ଯୋଗ୍ୟ ସଂସ୍ଥାଗୁଡ଼ିକଠାରୁ ୨୦୪୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଟିକସ ଛାଡ଼ ସୁବିଧା ରହିଛି। ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମ୍‌ସ ଆଇନ ୨୦୦୭ରେ ଯେଉଁ ସଂଶୋଧନ ପ୍ରସ୍ତାବ ରହିଛି ତାହାଦ୍ୱାରା ସରକାର ଗୋଟିଏ କିମ୍ବା ଏକାଧିକ ଇଲେକ୍ଟ୍ରୋନିକ୍ ପେମେଣ୍ଟ ବ୍ୟବସ୍ଥା ଉପରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର) ଲଗାଇବା ଅନୁମତି ପାଇବେ। ଅର୍ଥାତ୍ କେଉଁ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାରେ ଏମ୍‌ଡିଆର ଲାଗୁ ହେବ ଏବଂ କେଉଁଥିରେ ଲାଗୁ ହେବ ନାହିଁ ତାହାର ଅଧିକାର ସରକାରଙ୍କୁ ପ୍ରଦାନ ନେଇ ନୂଆ ବିଲ୍‌ରେ ପ୍ରସ୍ତାବ ରହିଛି।

## ଡିଜିଟାଲ ଆରେଷ୍ଟ ସ୍କାମ ରୋକିବା ନେଇ ଆର୍‌ବିଆଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ସାଇବର କ୍ରାଇମ ସହ ଜଡ଼ିତ ଆକାଉଣ୍ଟ ପାଇଁ ଏସ୍‌ଓପି ପ୍ରସ୍ତୁତ କରନ୍ତୁ



**ନୂଆଦିଲ୍ଲୀ,୪।୮:** ଡିଜିଟାଲ ଠକେଇ ବିରୋଧରେ ଚାଲିଥିବା ଲଢ଼େଇକୁ ଆହୁରି ସଶକ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛି ସୁପ୍ରିମକୋର୍ଟ। ସାଇବର କ୍ରାଇମ ସହ ଜଡ଼ିତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ପାଇଁ ଆରବିଆଇକୁ ଗୋଟିଏ ଏସ୍‌ଓପି ପ୍ରସ୍ତୁତ କରିବାକୁ କହିଛନ୍ତି ସର୍ବୋଚ୍ଚ ଅଦାଲତ। ଏଥିସହ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଅଭିଯୋଗର ତ୍ୱରିତ ବିଚାର ଓ ଠକେଇରେ ଶିକାର ଲୋକଙ୍କ ଟଙ୍କା ଫେରସ୍ତ ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ ବ୍ୟାଙ୍କ ଓ ଆର୍ଥିକ କାରବାର କରୁଥିବା ସଂସ୍ଥାଗୁଡ଼ିକ ସହ ଆଲୋଚନା କରିବା ପାଇଁ ଗୋଟିଏ ଅନ୍ତଃ ବିଭାଗୀୟ କମିଟି ଗଠନ କରିବାକୁ କହିଛନ୍ତି। କେମିତି ଡିଜିଟାଲ ଆରେଷ୍ଟ ସ୍କାମକୁ ରୋକା ଯାଇ ପାରିବ ଓ କେମିତି ଲୋକମାନେ ଠକେଇ ଟଙ୍କା ଫେରି ପାଇବେ, ସେ ସମ୍ପର୍କରେ କମିଟି ବ୍ୟାଙ୍କ ସହ ଆଲୋଚନା କରିବ। ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି ନିଜ ଆଡ଼କୁ କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ଆରବିଆଇକୁ ସାଇବର ଠକେଇ ଓ ମ୍ୟୁଲ୍ ଆକାଉଣ୍ଟ(ଠକେଇ ଟଙ୍କା ସ୍ଥାନାନ୍ତର ହେଉଥିବା ଆକାଉଣ୍ଟ) ସମ୍ପର୍କିତ ବ୍ୟାଙ୍କ ଖାତା ପରିଚାଳନା ପାଇଁ ଏସ୍‌ଓପି ପ୍ରସ୍ତୁତ କରିବାକୁ କହିଛନ୍ତି। ଏହି ଏସ୍ ?ଓପିର ନକଲ ସମସ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ପଠାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକୁ ସାଇବର ଠକେଇର ଶିକାର ଲୋକଙ୍କ ଅଭିଯୋଗ ବିଚାର ଓ ଟଙ୍କା ଫେରସ୍ତ ବ୍ୟବସ୍ଥାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ କୋର୍ଟ କହିଛନ୍ତି।

ସେହିପରି ସାଧାରଣ ଲୋକଙ୍କ ମଧ୍ୟରେ ଏହି ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ରାଜ୍ୟ ସରକାର ଓ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଠକେଇର ଶିକାର ହେଲେ କେଉଁଠି ଓ କିପରି ସହାୟତା ପାଇବେ, ସେନେଇ ସହଜରେ ଅବଗତ ହୋଇପାରିବେ।

ସମସ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ନିମ୍ନ ଅଦାଲତଗୁଡ଼ିକୁ ଏହି ଅଭିଯୋଗ ନିଷ୍ପତ୍ତି ଓ ଟଙ୍କା ଫେରସ୍ତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବାକୁ କୁହାଯାଇଛି। ସାଇବର ଠକେଇ ଅଭିଯୋଗର ପରିଚାଳନାରେ ସ୍ୱଚ୍ଛତା ବଢ଼ାଇବା ପାଇଁ ସୁପ୍ରିମକୋର୍ଟ ରାଜ୍ୟଭିତ୍ତିକ ଓ ବ୍ୟାଙ୍କଭିତ୍ତିକ ଅଭିଯୋଗ ପଞ୍ଜୀକରଣ ଓ ବିଚାର ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ସାଇବର ଠକେଇ ତଦନ୍ତ ସମୟରେ ଫ୍ରିଜ୍ କରାଯାଇଥିବା ବ୍ୟାଙ୍କ ଖାତା ଉପରେ ଶୀଘ୍ର ନିଷ୍ପତ୍ତି ନେବା ପାଇଁ ମଧ୍ୟ କୋର୍ଟ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି।

## ଚୁଟ୍‌କୀରେ...

### ଭଡ଼ା ଘରୁ ମିଳିଲା ୩ ଜଣଙ୍କ ମୃତଦେହ

**ନୂଆଦିଲ୍ଲୀ,୪।୮:** ଭଡ଼ା ଘରୁ ମିଳିଛି ୩ ଜଣଙ୍କ ମୃତଦେହ। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଓ ଜଣେ ପୁରୁଷ ରହିଛନ୍ତି। ଏମାନେ ସମସ୍ତେ ଶ୍ରୁତି ଓ ବାକ୍ ବାଧିତ। ଅର୍ଥାତ କେହି ବି କଥା କହି ପାରୁ ନଥିଲେ କିମ୍ବା ଶୁଣି ପାରୁ ନଥିଲେ। ହେଲେ ସେମାନଙ୍କ ମୃତଦେହ ସନ୍ଦେହ ଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ୩ ଜଣ ଯାକ ଉତ୍ତର ପ୍ରଦେଶର ପ୍ରୟାଗରାଜ ଅନ୍ତର୍ଗତ ଲିଡର ରୋଡ ନିକଟ ଗାରି କାଲା ଅଞ୍ଚଳରେ ଭଡ଼ା ନେଇ ରହୁଥିଲେ। ମଙ୍ଗଳବାର ଶାହଗଞ୍ଜ ପୁଲିସ୍ ଘର ଭିତରୁ ୩ ଜଣଙ୍କ ମୃତଦେହ ଉଦ୍ଧାର କରିଥିବା ବେଳେ ହଇଚଇ ସୃଷ୍ଟି ହୋଇଛି। ପ୍ରଥମେ ସ୍ଥାନୀୟ ଲୋକ ଘଟଣା ସମ୍ପର୍କରେ ଜାଣି ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ସିଟି ଡିଏସପି ମନୀଶ ଶାଣ୍ଡିଲ୍ୟାଙ୍କ ସମେତ ଫରେନ୍ସିକ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଘର ଭିତରୁ ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠା ଯାଇଛି। ଡିସିପି କହିଛନ୍ତି ଯେ ସମସ୍ତ ୩ ମୃତକଙ୍କ ପରିଚୟ ଜଣାପଡ଼ିନି। ଏବେ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଅଳ୍ପକେ ରକ୍ଷା ପାଇଲା ଏୟାର ଇଣ୍ଡିଆ ଫ୍ଲାଇଟ୍

**ନୂଆଦିଲ୍ଲୀ,୪।୮:** ବିମାନଯାତ୍ରାକୁ ସାଧାରଣତଃ ସୁରକ୍ଷିତ ବୋଲି ମନେକରାଯାଏ। କିନ୍ତୁ କେବେ କେବେ ଖରାପ ପାଗ ଓ ବାୟୁମଣ୍ଡଳର ପରିସ୍ଥିତି ଏଭଳି ସ୍ଥିତି ସୃଷ୍ଟି କରେ ଯେ, ଯାତ୍ରୀଙ୍କ ପାଇଁ ଭୟଙ୍କର ଅନୁଭବ ପାଲଟିଯାଏ। ମଙ୍ଗଳବାର ଥାଇଲ୍ୟାଣ୍ଡର ଫୁକେଟରୁ ନୂଆଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ (AI2379) ଆକାଶ ମାର୍ଗରେ ଟର୍ବୁଲାନ୍ସର ସମ୍ମୁଖୀନ ହୋଇଥିଲା। ଟର୍ବୁଲାନ୍ସ ଯୋଗୁଁ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ୍ ତଳକୁ ଖସି ଆସିଥିଲା। ଏହି କାରଣରୁ ବିମାନରେ ଥିବା ପ୍ରାୟ ୧୨ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଏହାପରେ ବିମାନଟି ଦିଲ୍ଲୀ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଛି ଏବଂ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି। ଏୟାର ଇଣ୍ଡିଆର ସୂଚନା ଅନୁସାରେ, ଫୁକେଟ୍‌ରୁ ଦିଲ୍ଲୀ ଆସୁଥିବା ଏହି ବିମାନକୁ ଉଡାଣ ବେଳେ କିଛି ସମୟ ପାଇଁ ଟର୍ବୁଲାନ୍ସର ସାମନା କରିବାକୁ ପଡିଥିଲା। ଯାହାଫଳରେ ବିମାନର ଉଚ୍ଚତାରେ ହଠାତ ଅଳ୍ପ ପରିବର୍ତ୍ତନ ଆସିଥିଲାର। ବିମାନ ଯଦିଓ ଦିଲ୍ଲୀରେ ସୁରକ୍ଷିତ ଭାବରେ ଜରୁରୀ ଅବତରଣ କରିଛି, ତେବେ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ବାହାର କରାଯାଇଛି।

### ଶିକ୍ଷାବିତ୍ ଓ ପୂର୍ବତନ ରାଜ୍ୟପାଳ ପଦ୍ମଶ୍ରୀ ଡିୱାଇ ପାଟିଲଙ୍କ ପରଲୋକ



**ମୁମ୍ବାଇ,୪।୮:** କଂଗ୍ରେସର ବରିଷ୍ଠ ନେତା ତଥା ଶିକ୍ଷାବିତ୍ ଏବଂ ପୂର୍ବତନ ରାଜ୍ୟପାଳ ଡିୱାଇ ପାଟିଲଙ୍କ ୯୧ ବର୍ଷ ବୟସରେ ପରଲୋକ ହୋଇଛି । ବାର୍ଦ୍ଧକ୍ୟ ଜନିତ କାରଣରୁ ମହାରାଷ୍ଟ୍ରର କୋହ୍ଲାପୁରରେ ନିଜ ବାସଭବନରେ ତାଙ୍କର ନିଧନ ହୋଇଛି। ପାଟିଲ ୨୦୦୯ ରୁ ୨୦୧୩ ପର୍ଯ୍ୟନ୍ତ ତ୍ରିପୁରାର ରାଜ୍ୟପାଳ, ୨୦୧୩ ରୁ ୨୦୧୪ ପର୍ଯ୍ୟନ୍ତ ବିହାରର ରାଜ୍ୟପାଳ ଏବଂ ୨୦୧୪ ରେ କିଛି ସମୟ ପାଇଁ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବରେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ । ୧୯୯୧ ମସିହାରେ ତାଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା । ୨୨ ଅକ୍ଟୋବର ୧୯୩୫ରେ କୋଲହାପୁରରେ ଜନ୍ମଗ୍ରହଣ କରିଥିବା ପାଟିଲ ମହାରାଷ୍ଟ୍ରର ବିଧାୟକ ଭାବରେ ତାଙ୍କର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ। ପରେ ସେ ୨୦୧୮ରେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ । ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଙ୍କ ଯୋଗଦାନ ସମଗ୍ର ଦେଶବାସୀ ଦୀର୍ଘଦିନ ଯାଏଁ ମନେ ରଖିବେ । ଡିୱାଇ ପାଟିଲ ଗ୍ରୁପର ପ୍ରତିଷ୍ଠାତା ଭାବେ ସେ ଜଣାଶୁଣା । ଏହି ଗ୍ରୁପ ମୁମ୍ବାଇ, ନଭି ମୁମ୍ବାଇ, ପୁଣେ ଏବଂ କୋଲହାପୁରରେ ଡିମ୍ଡ ବିଶ୍ୱବିଦ୍ୟାଳୟ ସମେତ ୧୫୦ ରୁ ଅଧିକ ଶିକ୍ଷାନୁଷ୍ଠାନ ପରିଚାଳନା କରୁଛି । ଆସନ୍ତାକାଲି ବୁଧବାର ସକାଳ ୧୧ଟାରୁ ସନ୍ଧ୍ୟା ୪ଟା ଯାଏଁ ତାଙ୍କ ପାର୍ଥିବ ଶରୀରକୁ ଅନ୍ତିମ ଦର୍ଶନ ଯାଏଁ ରଖାଯିବ । ଏହାପରେ ଅନ୍ତିମ ସଂସ୍କାର ଡି.ୱାଇ ପାଟିଲ ମେଡିକାଲ କଲେଜ ପରିସରରେ କରାଯିବ। ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ସାହା ପାଟିଲଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ତାଙ୍କୁ ଜଣେ ପ୍ରଖ୍ୟାତ ଶିକ୍ଷାବିତ୍, ତ୍ରିପୁରା ଏବଂ ବିହାରର ପୂର୍ବତନ ରାଜ୍ୟପାଳ ଏବଂ ଜଣେ ଦୂରଦୃଷ୍ଟିସମ୍ପନ୍ନ ଅନୁଷ୍ଠାନ ନିର୍ମାତା, ସମାଜସେବୀ ଏବଂ ସମ୍ମାନିତ ଜନ ବ୍ୟକ୍ତିତ୍ୱ ଭାବରେ ବର୍ଣ୍ଣନା କରିଛନ୍ତି ।

# ପୁଣି ରାସ୍ତାକୁ ଓହ୍ଲାଇଲେ ଶିକ୍ଷାର୍ଥୀ

- ପାଣି ମାଡ଼କଲା ପୋଲିସ
- ପ୍ରତିଶ୍ରୁତି ପାଳନରେ ବିହାର ସରକାର ବିଫଳ
- ସାଥୀମାନଙ୍କୁ ଜେଲରୁ ମୁକ୍ତି କରିବାକୁ ଦାବି



**ନୂଆଦିଲ୍ଲୀ,୪।୮:** ନିଟ ପ୍ରଶ୍ନପତ୍ର ଲିକ ବିରୋଧରେ ବିକ୍ଷୋଭ କରୁଥିବା ଶିକ୍ଷାର୍ଥୀଙ୍କୁ ମୁକ୍ତ କରିବା ପ୍ରତିଶ୍ରୁତି ପାଳନ କରିବାରେ ବିହାର ସରକାର ବିଫଳ ହୋଇଥିବା ଅଭିଯୋଗ ହୋଇଛି। ବିହାର ସରକାର ପ୍ରତିଶ୍ରୁତି ପାଳନ କରୁ ନଥିବାରୁ ମଙ୍ଗଳବାର ପୁଣି ପାଟନା ରାଜରାସ୍ତାକୁ ଓହ୍ଲାଇଛନ୍ତି ଶହଶହ ଶିକ୍ଷାର୍ଥୀ ଓ ଯୁବଗୋଷ୍ଠୀ। ସେମାନେ ବିଶାଳ ଶୋଭାଯାତ୍ରା କରି ନିଜ ସାଥୀମାନଙ୍କୁ ଜେଲରୁ ରିଲିଜ କରିବାକୁ ଦାବି କରିଛନ୍ତି। ସେହିପରି ନ୍ୟାୟ ଦାବିରେ ସେମାନେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରାରେ ଯାଉଥିବା ବେଳେ ପୁଲିସ୍ ସେମାନଙ୍କ ଉପରକୁ ପାଣି ମାଡ଼ କରିଛି। ଏହାକୁ ନେଇ ପୁଲିସ୍ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ପ୍ରଥମେ ବିକ୍ଷୋଭକାରୀମାନେ ଏନଏସ୍‌ୟୁଆଇ, ଏଆଇଏସଏଫ ଓ ଡିୱାଇଏଫଆଇ ଭଳି ସଂଗଠନର ପତାକା ଧରି ଗାନ୍ଧି ମୈଦାନରେ ଏକାଠି ହୋଇଥିଲେ। ସେଠାରୁ ସମସ୍ତେ ମୁଖ୍ୟମନ୍ତ୍ରୀ ଚୌଧୁରୀଙ୍କ ଅଭିମୁଖେ ଶୋଭାଯାତ୍ରା ଆରମ୍ଭ କରିଥିଲେ।ପୁଲିସ୍ ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଠାରୁ ପ୍ରାୟ ୨ କିମି ଦୂର ଇନକମ ଟ୍ୟାକ୍ସ ରାଉଣ୍ଡ ନିକଟରେ ବ୍ୟାରିକେଡ ଲଗାଇ ଅଟାଇ ଦେଇଥିଲା। ବିକ୍ଷୋଭକାରୀମାନେ ବ୍ୟାରିକେଡ ଡେଇଁବାକୁ ଚେଷ୍ଟା କରିବାରୁ ପୁଲିସ୍ ସେମାନଙ୍କୁ ଘଉଡ଼ାଇବା ପାଇଁ ପାଣି ମାଡ଼ କରିଥିଲା। ବିକ୍ଷୋଭକାରୀମାନେ ଜେଲ୍‌ରେ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ମୁକ୍ତ କରିବା ସହ ରାଜ୍ୟବ୍ୟାପୀ ଆନ୍ଦୋଳନ ସମୟରେ ଗିରଫ ହୋଇଥିବା ଛାତ୍ରମାନଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ଅପରାଧିକ ମାମଲା ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି।

ଜଣେ ବିକ୍ଷୋଭକାରୀ କହିଛନ୍ତି, ଗିରଫ ହୋଇଥିବା ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ କେଉଁମାନେ ଜେଲ୍‌ରୁ ମୁକ୍ତ ହୋଇଛନ୍ତି ଓ କେଉଁମାନେ ଏପର୍ଯ୍ୟନ୍ତ ଜେଲ୍‌ରେ ଅଛନ୍ତି, ତା'ର ଗୋଟିଏ ତାଲିକା ଆମକୁ ଦରକାର।" ଗତମାସରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଆୟୋଜିତ ବିହାର ବନ୍ଦ ସମୟରେ ବିହାର ପୁଲିସ ପ୍ରାୟ ୬୦୦ ଜଣଙ୍କୁ ଅଟକ ରଖିଥିଲା। ପରେ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ନାବାଳକ ବୋଲି ଜଣାପଡ଼ିବା ପରେ ପୁଲିସ ସେମାନଙ୍କୁ ଛାଡ଼ି ଦେଇଥିଲା। କିନ୍ତୁ ବାକି ଅଟକ ଥିବା ବିକ୍ଷୋଭକାରୀଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଥିଲା।

## ଅଭିନେତ୍ରୀ ତ୍ରିଷାଙ୍କୁ ଆପତ୍ତିଜନକ ମନ୍ତବ୍ୟ

# ଗିରଫ ପରେ ମୁକ୍ତହେଲେ ଷ୍ଟାଲିନ



**ନୂଆଦିଲ୍ଲୀ,୪।୮:** ନାଟକୀୟ ଢଙ୍ଗରେ ଗିରଫ ହୋଇଥିବା ତାମିଲନାଡ଼ୁ ବିଧାନସଭାର ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମାଡ୍ରାସ ହାଇକୋର୍ଟ। ତାମିଲନାଡ଼ୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କୁ ଟାର୍ଗେଟ କରିବା ବେଳେ ଜୁନିୟର ଷ୍ଟାଲିନ ଅଭିନେତ୍ରୀ ତ୍ରିଷାଙ୍କ ସମ୍ପର୍କରେ ଆପତ୍ତିଜନକ ବୟାନ ଦେଇଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ଆଜି ମଧ୍ୟାହ୍ନରେ ପୁଲିସ୍ ଷ୍ଟାଲିନଙ୍କ ଚେନ୍ନାଇ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ଗିରଫ ହେବା ପୂର୍ବରୁ ହିଁ ଷ୍ଟାଲିନଙ୍କ ଡିଏମକେ ଆଗୁଆ ଜାମିନ ଆବେଦନ କରିଥିଲା। ଏହାର ଶୁଣାଣି କରି ମାଡ୍ରାସ ହାଇକୋର୍ଟ ତାଙ୍କୁ ଆଜି ରିଲିଜ କରିବାକୁ ପୁଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ୍ ତାଙ୍କୁ ଜେରା କରିବା ପରେ ଆଜି ଷ୍ଟେଲନ ବେଲ ବଳରେ ଛାଡ଼ିବ। ତେବେ ଷ୍ଟାଲିନ ଆବଶ୍ୟକ ପଡ଼ିବା ମାତ୍ରେ ପୁଲିସ୍‌କୁ ତଦନ୍ତରେ ସହଯୋଗ କରିବେ ବୋଲି ହାଇକୋର୍ଟ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି କାବେରୀ ଜଳ ବିବାଦ ସମ୍ପର୍କରେ ମନ୍ତବ୍ୟ ଦେବା ବେଳେ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ସମାଲୋଚନା କରିଥିଲେ। ଏହି ସମୟରେ ସେ ତ୍ରିଷାଙ୍କୁ ମଧ୍ୟ ପରୋକ୍ଷରେ ଟାର୍ଗେଟ କରି ଅତ୍ୟନ୍ତ ଅରୁଚିକର ବୟାନ ଦେଇଥିଲେ। ଉଦୟନିଧି ଦେଇଥିବା ଯୌନ ଇଙ୍ଗିତପୂର୍ଣ୍ଣ ବୟାନକୁ ଡିଏମକେକୁ ଛାଡ଼ି ତାମିଲନାଡ଼ୁର ସମସ୍ତ ରାଜନୀତିକ ଦଳ କଡ଼ା ଭାଷାରେ ନିନ୍ଦା କରିଥିଲେ। ଏହି ମନ୍ତବ୍ୟ ପରେ ତାମିଲନାଡ଼ୁ ପୁଲିସ ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହାପରେ ସ୍ୱତନ୍ତ୍ର ପୁଲିସ୍ ଟିମ ଚେନ୍ନାଇରେ ତାଙ୍କ ବାସଭବନରେ ପହଞ୍ଚିଥିଲା। ଉଦୟନିଧିଙ୍କ ନୀଳାଙ୍କରାଇ ସ୍ଥିତ ବାସଭବନରେ ପୁଲିସ ପହଞ୍ଚିବା କ୍ଷଣି ଅଗ୍ରୀମ ଜାମିନ ଆବେଦନ ଦାଖଲ କରାଯାଇଥିଲା। ଏହାର ଶୁଣାଣି ବେଳେ ତାମିଲନାଡ଼ୁର ଆଡଭୋକେଟ୍ ଜେନେରାଲ ବିଜୟ ନାରାୟଣ ମାଡ୍ରାସ ହାଇକୋର୍ଟଙ୍କୁ ଜଣାଇଥିଲେ ଯେ ଥଞ୍ଜାଭୁର ପୁଲିସ ଉଦୟନିଧିଙ୍କୁ ଗିରଫ କରି ଥଞ୍ଜାଭୁରକୁ ନେଇଯାଇଛି। ତେବେ ପୁଲିସ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଇବାକୁ ଚାହୁଁନାହିଁ।

# ୩୦ ଆତଙ୍କୀଙ୍କୁ ଭାରତୀୟମାନେ ମାରିଦେଲେ

## ପାକିସ୍ତାନରେ ଲସ୍କରର ବଡ଼ ଦାବି

**ନୂଆଦିଲ୍ଲୀ,୪।୮:** ପାକିସ୍ତାନରେ ଆଶ୍ରୟ ନେଇଥିବା ଆତଙ୍କୀ ସଂଗଠନ ଲସ୍କର-ଏ-ତଏବାକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି । ପାକିସ୍ତାନ ମାଟିରୁ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଲସ୍କରର ଜଣେ ଆତଙ୍କୀ ଖୋଲାଖୋଲି ଭାବେ ସ୍ୱୀକାର କରିଛି ଯେ ଗତ ୩-୪ ବର୍ଷ ଭିତରେ ଭାରତୀୟ ଏଜେନ୍ସିଗୁଡ଼ିକ ୩୦ରୁ ଅଧିକ ଆତଙ୍କୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇଛନ୍ତି । ରିପୋର୍ଟ ଅନୁଯାୟୀ, ଗତ ମେ' ମାସରେ ରେକର୍ଡ ହୋଇଥିବା ଏହି ଭିଡିଓଟି ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଏଥିରେ ଅଭିଯୋଗ କରାଯାଇଛି ଯେ ଏହି ହତ୍ୟାକାଣ୍ଡଗୁଡ଼ିକ ପଛରେ ଭାରତୀୟ ଗୁପ୍ତଚର ଏଜେନ୍ସିର ହାତ ରହିଛି, ଯାହାକୁ ସେମାନେ 'ଅଜ୍ଞାତ ହତ୍ୟାକାରୀ' ବୋଲି କହୁଛନ୍ତି । ଆତଙ୍କୀ ରିଜୱାନ ମଞ୍ଜରୁ କହିଛି ଯେ ତାଙ୍କ ସମର୍ଥକମାନଙ୍କୁ ପେଶାୱର, କରାଚି, ରାୱଲପିଣ୍ଡି, ମୁଜାଫରାବାଦ ଏବଂ ରାୱଲକୋଟ ଭଳି ଅଞ୍ଚଳରେ ଟାର୍ଗେଟ୍ କରାଯାଇଛି । ପାକିସ୍ତାନ ଅଧିକୃତ କାଶ୍ମୀରରେ ମଧ୍ୟ ଭାରତୀୟ ଏଜେଣ୍ଟମାନେ ଅନେକ ଆତଙ୍କୀଙ୍କୁ ନିପାତ କରିଥିବା କଥା ସେ ସ୍ୱୀକାର କରିଛି । ରିଜୱାନର ଏହି ବୟାନରୁ ସ୍ପଷ୍ଟ ହୋଇଛି ଯେ, ଗତ କିଛି ବର୍ଷ ଭିତରେ ଲସ୍କର ସଂଗଠନକୁ ଅନେକ ବଡ଼ ଧରଣର କ୍ଷତି ସହିବାକୁ ପଡ଼ିଛି । ଭିଡିଓରେ ରିଜୱାନ ହନିଫ ଆତଙ୍କୀଙ୍କ ମୃତ୍ୟୁ ନେଇ କଥା କହିବା ସହ ଅନ୍ୟ ଧର୍ମ ଓ ଦେଶ ବିରୋଧରେ ଉତ୍ତେଜକ ଓ ଅପମାନଜନକ ମନ୍ତବ୍ୟ ଦେଇଥିବା ଦାବି କରାଯାଉଛି ।

# ବିଦେଶରୁ ୨୭୪ ପଳାତକ ଅପରାଧୀଙ୍କୁ ଫେରାଇ ଆଣିଲା ଭାରତ

**ନୂଆଦିଲ୍ଲୀ,୪।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ପଳାତକ ଅପରାଧୀଙ୍କ ବିରୋଧରେ ଏକ ନିର୍ଣ୍ଣାୟକ ଆଭିମୁଖ୍ୟ ଗ୍ରହଣ କରି ଭାରତ ୨୦୧୯ ଠାରୁ ୩୬ଟି ଦେଶରୁ ୨୭୪ ଜଣ ପଳାତକ ଅପରାଧୀଙ୍କୁ ଫେରାଇ ଆଣିଛି। ପଳାତକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ୨୦୧୮ରେ ପଳାତକ ଆର୍ଥିକ ଅପରାଧ ଆଇନ ପ୍ରଣୟନ କରିଥିଲେ। ଗୃହମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଭାରତ ପଳାତକମାନଙ୍କ ବିରୋଧରେ ଏକ ସମନ୍ୱିତ, ଗୁଇନ୍ଦା-ଆଧାରିତ ଏବଂ ପ୍ରଯୁକ୍ତିବିଦ୍ୟା ପରିଚାଳିତ ମଡେଲ ବିକଶିତ କରିଛି, ଯାହା ସେମାନଙ୍କ ବିରୋଧରେ କଠୋର ପଦକ୍ଷେପ ପାଇଁ ପଥ ପରିଷ୍କାର କରିଛି ଏବଂ ସେମାନଙ୍କୁ ଭାରତକୁ ଫେରାଇ ଆଣିବା ସହଜ କରିଛି। ଅମିତ ଶାହ ମଙ୍ଗଳବାର ଦିନ କହିଛନ୍ତି, ୨୦୧୪ ପୂର୍ବରୁ ଦେଶର ପ୍ରତ୍ୟର୍ପଣ ବ୍ୟବସ୍ଥା ପୁରୁଣା ହୋଇଯାଇଥିଲା ଏବଂ ଭାରତର କେବଳ ୩୭ଟି ଦେଶ ସହିତ ପ୍ରତ୍ୟର୍ପଣ ଚୁକ୍ତି ଥିଲା। ଆର୍ଥିକ ପଳାତକମାନଙ୍କୁ ମୁକାବିଲା କରିବା କିମ୍ବା ସେମାନଙ୍କ ସମ୍ପତ୍ତି ଜବତ କରିବା ପାଇଁ କୌଣସି ଉତ୍ସର୍ଗୀକୃତ ଆଇନ ମଧ୍ୟ ନଥିଲା। ୨୦୦୪ରୁ ୨୦୧୩ ମଧ୍ୟରେ, ଭାରତ ପ୍ରତିବର୍ଷ ହାରାହାରି ମାତ୍ର ଚାରି ଜଣ ପଳାତକଙ୍କ ପ୍ରତ୍ୟର୍ପଣ ହାସଲ କରିଥିଲା, ଯେତେବେଳେ କି ୧୧୦ଟି ପ୍ରତ୍ୟର୍ପଣ ଅନୁରୋଧ ବିଚାରାଧୀନ ରହିଥିଲା। ୨୦୨୪ରେ ମୋଦୀ ସରକାର ପଳାତକ ଅପରାଧୀଙ୍କ ସହ ଜଡିତ ସ୍ୱତନ୍ତ୍ର ବ୍ୟବସ୍ଥା ଅନ୍ତର୍ଭୁକ୍ତ କରି ତିନୋଟି ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ କରିଥିଲେ। ପ୍ରଥମ ଥର ପାଇଁ, ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବି. ଏନ୍. ଏସ୍. ଏସ୍.) ର ଧାରା ୩୫୫ ଏବଂ ୩୫୬ ଅପରାଧିକଙ୍କ ଅନୁପସ୍ଥିତିରେ ବିଚାର ପାଇଁ ବ୍ୟବସ୍ଥା କରିଥାଏ, ଯାହା ପଳାତକ ଅଭିଯୁକ୍ତଙ୍କ ଅନୁପସ୍ଥିତିରେ ମଧ୍ୟ ବିଚାର ଠାରୁ ଆରମ୍ଭ କରି ଅଭିଯୋଜନ ପର୍ଯ୍ୟନ୍ତ ସମଗ୍ର ନ୍ୟାୟିକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାରେ ସକ୍ଷମ କରିଥାଏ।

## ଟ୍ରମ୍ପଙ୍କ ଉପରେ ବଢ଼ିବ ଚାପ

# ଲାଗୁ ହୋଇଥିବା ଶୁଳ୍କ ଉପରେ ମାମଲା ରୁଜୁ



**ୱାଶିଂଟନ,୪।୮:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଶୁଳ୍କ ନୀତି ପୁଣି ଥରେ ଆଇନଗତ ବିବାଦରେ ଫସିଛି। ଡେମୋକ୍ରାଟମାନଙ୍କ ଦ୍ୱାରା ଶାସିତ ୨୫ଟି ଆମେରିକା ରାଜ୍ୟ ଟ୍ରମ୍ପ ପ୍ରଶାସନ ବିରୁଦ୍ଧରେ କୋର୍ଟକୁ ଯାଇଛନ୍ତି। ଏହି ରାଜ୍ୟଗୁଡ଼ିକ ଭାରତ ସମେତ ୬୦ଟି ବାଣିଜ୍ୟିକ ଅଂଶୀଦାରଙ୍କ ଠାରୁ ଆମଦାନୀ ଉପରେ ଲାଗୁ ହୋଇଥିବା ନୂତନ ଶୁଳ୍କକୁ ଚ୍ୟାଲେଞ୍ଜ କରୁଛନ୍ତି। ସୋମବାର ନ୍ୟୁୟର୍କର ଆମେରିକା ଅନ୍ତର୍ଜାତୀୟ ବାଣିଜ୍ୟ ଅଦାଲତରେ ଏହି ମାମଲା ଦାୟର କରାଯାଇଥିଲା। ଏହି ଆବେଦନ ୧୦% ରୁ ୧୨.୫% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କକୁ ଚ୍ୟାଲେଞ୍ଜ କରୁଛି, ଯାହା ଗତ ମାସରେ ଲାଗୁ ହୋଇଥିଲା। ଏହି ଶୁଳ୍କ ୧୯୭୪ ମସିହାର ବାଣିଜ୍ୟ ଆଇନର ଧାରା ୩୦୧ ଅଧୀନରେ ଲାଗୁ କରାଯାଇଥିଲା। ଟ୍ରମ୍ପ ପ୍ରଶାସନ ଦାବି କରୁଛି ଯେ ଏହି ଶୁଳ୍କଗୁଡ଼ିକ ସେହି ଦେଶଗୁଡ଼ିକୁ ଟାର୍ଗେଟ କରେ ଯେଉଁମାନେ ବାଧ୍ୟତାମୂଳକ ଶ୍ରମ ବ୍ୟବହାର କରି ଉତ୍ପାଦିତ ସାମଗ୍ରୀର ରପ୍ତାନିକୁ ରୋକିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନାହାଁନ୍ତି। ଏହି ମାମଲାକୁ ଟ୍ରମ୍ପଙ୍କ ଶୁଳ୍କ ନୀତି ପାଇଁ ଏକ ନୂତନ ଆଇନଗତ ପରୀକ୍ଷା ଭାବରେ ଦେଖାଯାଉଛି; ତାଙ୍କର ପୂର୍ବ ଶୁଳ୍କ ନୀତିଗୁଡ଼ିକ ମଧ୍ୟ ଆମେରିକା କୋର୍ଟରେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ଓରେଗନ ଏବଂ ନ୍ୟୁୟର୍କ ସମେତ ୨୫ଟି ରାଜ୍ୟ ଏହି ମାମଲା ଦାୟର କରିଥିଲେ, ଯାହାର ସମସ୍ତ ରାଜ୍ୟ ଡେମୋକ୍ରାଟିକ ଗଭର୍ଣ୍ଣର କିମ୍ବା ଓକିଲ ଜେନେରାଲ ଅଛନ୍ତି। ରାଜ୍ୟଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ବିଭିନ୍ନ ଆଇନଗତ ଆଧାରରେ ବ୍ୟାପକ ଆମଦାନୀ ଶୁଳ୍କ ପୁନଃ ଲାଗୁ କରିବାକୁ ଚେଷ୍ଟା କରୁଛି ଯାହାକୁ ପୂର୍ବରୁ କୋର୍ଟମାନେ ଅବୈଧ ଘୋଷଣା କରିଥିଲେ।

# ପାକିସ୍ତାନରେ ପୁଣି ବଦଳିବ ସରକାର

## ସିଲ୍ ହେଲା ଇସଲାମାବାଦ

**ଇସଲାମାବାଦ,୪।୮:** ପାକିସ୍ତାନରେ ପୁଣି ଥରେ ବଡ଼ ରାଜନୈତିକ ଓଲଟପାଲଟ ଏବଂ ସାମରିକ ବିପ୍ଲବ ଆଶଙ୍କାରେ ହଲଚଲ ବୃଦ୍ଧି ପାଇଛି। ରାଜଧାନୀ ଇସ୍‌ଲାମାବାଦକୁ ବିଭିନ୍ନ ସ୍ଥାନରେ କଣ୍ଟେନର ଲଗାଇ ସମ୍ପୂର୍ଣ୍ଣ ଭାବେ ସିଲ୍ କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଚୌକି ଏବେ ବିପଦରେ ଥିବା ଦେଖାଯାଉଛି ଏବଂ ଏହି ସମଗ୍ର ଘଟଣାକ୍ରମର ପଟ୍ଟକଥା ରାୱଲପିଣ୍ଡିସ୍ଥିତ ସାମରିକ ମୁଖ୍ୟାଳୟରେ ପ୍ରସ୍ତୁତ କରାଯାଉଛି। ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଏବଂ ଗୃହମନ୍ତ୍ରୀ ମୋହସିନ୍ ନକଭୀଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ବ୍ୟବଧାନ ଏବେ ଖୋଲାଖୋଲି ଭାବେ ସାମ୍ନାକୁ ଆସିଛି। ଏହି ସମୟରେ, ସେନାମୁଖ୍ୟ ଜେନେରାଲ ଆସିମ ମୁନୀରଙ୍କ ଅତି ଘନିଷ୍ଠ ଭାବେ ବିବେଚିତ ମୋହସିନ୍ ନକଭୀ ପାକିସ୍ତାନର ଶାସନ ବ୍ୟବସ୍ଥା 'ଭୁଶୁଡ଼ି ପଡ଼ିବା' ଭଳି ବୟାନ ଦେବା ପରେ ଆଉ ଏକ ବଡ଼ ଦାବି କରିଛନ୍ତି। ଗୃହମନ୍ତ୍ରୀ ମୋହସିନ୍ ନକଭୀ କହିଛନ୍ତି ଯେ ଦେଶର ଇତିହାସର ସବୁଠାରୁ ବଡ଼ ଦୁର୍ନୀତି ସାମ୍ନାକୁ ଆସିଛି, ଯେଉଁଥିରେ ବିଚାରପତି, ଅଧିକାରୀ, ରାଜନେତାଙ୍କଠାରୁ ଆରମ୍ଭ କରି ବ୍ୟାଙ୍କର ପର୍ଯ୍ୟନ୍ତ ସାମିଲ ଅଛନ୍ତି, ଯେଉଁମାନେ ଗତ ୨୧ ବର୍ଷ ଧରି ଲାଞ୍ଚ ନେବାରେ ଲିପ୍ତ ଅଛନ୍ତି।



# ପ୍ରଜାପିତା ବ୍ରହ୍ମାକୁମାରୀ ବଡଚଣା ପକ୍ଷରୁ ନିଶାମୁକ୍ତ ଅଭିଯାନ




**ଚଣ୍ଡିଖୋଲ (ଅମୃତ ମିଡିଆ):** ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ,ବଡଚଣା ପକ୍ଷରୁ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ନିଶାମୁକ୍ତ ଅଭିଯାନ କୁ ସଫଳ କରିବା ପାଇଁ ବଡଚଣା ସ୍ଥିତ ପ୍ରଯାପିତା ବ୍ରହ୍ମା କୁମାରୀ କାର୍ଯ୍ୟାଳୟ ଠାରେ ସରୋଜ ଭାଇଙ୍କ ଅଧକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବଡଚଣା ନିର୍ବାଚନ ମଣ୍ଡଳୀ ର ବିଧାୟକ ଅମର କୁମାର୍ ନାୟକ,ପ୍ରାଜାପିତା ବ୍ରହ୍ମା କୁମାରୀ ର ସଂଚଳିକା ମାନସୀ ଭଉଣୀ, ହରିପୁର ଶାଖାର ଅନ୍ନପୂର୍ଣ୍ଣା ଭଉଣୀ, ଛତିଆ ଶାଖାର କୁସୁମ ଭଉଣୀ,ଯାଜପୁର ଟାଉନ ଶାଖାର ଭାବନା ଭଉଣୀ,ଅବସରପ୍ରାପ୍ତ ଅଧାପକ ପଦ୍ମଲାଭ୍ ପଣ୍ଡା, ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବେହେରା, ସମିତି ସଭ୍ୟ ମଧୁସୂଦନ ବଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ସମେତ ଅନ୍ୟ ସମସ୍ତ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ପ୍ରହାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ,ବଡଚଣା ରେ ଦୀର୍ଘ ୨୦ବର୍ଷ ଧରି ଚାଲୁଅଛି, ପ୍ରତ୍ୟେକ ବର୍ଷ ସମାଜର ମଙ୍ଗଳ ପାଇଁ ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟି କରାଯାଉଛି । ଏବେ ଭାରତ ବର୍ଷ ରୁ ନିଶା ମୁକ୍ତ ଅଭିଯାନ ଆରମ୍ଭ କରାଯାଉଛି, ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଗଷ୍ଟ ୬ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ. ।, ଭାରତ ବର୍ଷ ରୁ ୧୦କୋଟି ଭାରତୀୟଙ୍କୁ ନିଶାମୁକ୍ତ କରି ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ପ୍ରଜାପୀତା ବ୍ରହ୍ମା କୁମାରୀ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ସଂଚାଳିକା ମାନସୀ ଭଉଣୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏ ସମାଜ କୁ ନିଶା ମୁକ୍ତ କରିବା ପାଇଁ ପ୍ରାଯାପିତା ବ୍ରହ୍ମା କୁମାରୀ ପକ୍ଷରୁ ଯେଉଁ ଅଭିଯାନ ଆରମ୍ଭ କରୁଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ, ଆମ ଭାରତ ବର୍ଷର ମହା ମହୀମ ରାଷ୍ଟ୍ରପତି ହେଉଛନ୍ତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ସେ ହେଉଛନ୍ତି ଭାରତବର୍ଷର ପ୍ରଥମ ନାଗରିକ, ସେ ମଧ୍ଯ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ର ସକ୍ରିୟ ସଭ୍ୟ, ସେ ମଧ ସମସ୍ତ ପ୍ରକାର ନିତୀ, ନିୟମ କୁ ମାନି ଚଳୁ ଛନ୍ତି,, ମୁଁ ଜନ୍ମ ହେବା ଦିନ ଠାରୁ ମୋ ମା ଙ୍କ ଆଦେଶ ରେ ଛାତ୍ର ଜୀବନ, ଯୁବକ ସମୟ ଓ ପରବର୍ତ୍ତୀ ସମୟରେ ଆଜି ପର୍ଯ୍ୟନ୍ତ ଆମିଷ, କୌଣସି ମାଦକ ଦ୍ରବ୍ୟ ଗ୍ରହଣ କରିନାହିଁ। ଏ ସମାଜକୁ ଭଲ ଭାବରେ ଗଠନ କରିବାକୁ ହେଲେ ନିଶା ଦ୍ରବ୍ୟକୁ ତ୍ୟାଗ କରିବା ଦରକାର, ଆମେ ଶପଥ ଗ୍ରହଣ କରିବା ଦରକାର ବଡଚଣା ନିର୍ବାଚନ ମଣ୍ଡଳୀ ର ଛାତ୍ର, ଯୁବକସମେତ ବୟସ୍କ ବ୍ୟକ୍ତି ବିଶେଷ ମାନେ ମାଦକ ଦ୍ରବ୍ୟ ଗ୍ରହଣ କ ପରିତ୍ୟାଗ କରି ସୁସ୍ଥ ସମାଜ ଗଠନ ରେ ଅଧିକ୍ ଚିନ୍ତା କରିବା ଦରକାର। ଏହି ସଚେତନତା କାର୍ଯ୍ୟକ୍ରମ ସାରା ବଡଚଣା ବ୍ଲକ୍ ର ସମସ୍ତ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ,ମହାବିଦ୍ୟାଳୟ ମାନଙ୍କରେ କରି ପାରିଲେ ଦେଶର ଅବସ୍ଥା ନିଶ୍ଚିନ୍ତ ଭାବରେ ବଦଳି ଯିବ। ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିବା ମହିଳା ମାନେ ସଂକଳ୍ପ କରନ୍ତୁ ଏହି ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ବୋଲି ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଅମର କୁମାର୍ ନାୟକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଶେଷରେ ଶପଥ ପାଠ କରାଯାଇ ଥିଲା। ସୁରେଶ ଭାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିରଜା ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ



**ଯାଜପୁର (ଅମୃତ ମିଡିଆ):** ଯାଜପୁର ସହର ଯୋଡିକୁ ଅସ୍ଥ ବିରଜା ସଂସ୍କୃତ ମହାବିଦ୍ୟାଳୟ ଠାରେ ସଂସ୍କୃତ ସମ୍ଭାଷଣ ଶିବିର (ଇଣ୍ଟର୍ନଶିପ୍ ପ୍ରୋଗ୍ରାମ)ର ଉଦଯାପନୀ ଉତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଲୋକଭାଷା ପ୍ରଚାର ସମିତି ଆନୁକୁଲରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ମହାବୀର ସଂସ୍କୃତ ମହାବିଦ୍ୟାଳୟ ର ବରିଷ୍ଠ ଅଧାପକ ରମାକାନ୍ତ ବରାଳ ସଂସ୍କୃତ ଭାଷା କଦାପି କଠିନ ନୁହେଁ, ସରଳ ସଂସ୍କୃତ ରେ କଥାବାର୍ତ୍ତା ଆଉ ଜ୍ଞାନ ଆହରଣ ପାଇଁ ଏକମାତ୍ର ମାଧ୍ୟମ ବୋଲି ବକ୍ତବ୍ଯ ପ୍ରଦାନ କରିଥିଲେ, ତାହା ବ୍ୟତିତ ସଂସ୍କୃତ ପଢୁଥିବା ଛାତ୍ର ଛାତ୍ରୀ ମାନେ ଅତ ?ନ୍ତ ଶୃଙ୍ଖଳିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉକ୍ତ ମହାବିଦ୍ୟାଳୟ ର ସଂସ୍କୃତ ବିଭାଗ ର ଅଧାପିକା ତଥା କାର୍ଯକ୍ରମର ସଂଯୋଜିକା ସାବିତ୍ରୀ ଦ୍ୱିବେଦୀ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଆଉ ମହତ୍ତ୍ୱ ଉପରେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ର ଅଧକ୍ଷ ତଥା ସଭାର ସଭାପତି ସୁବ୍ରତ ମହାମାନସିଂହ, ଅତିଥି ମାନଙ୍କର ପରିଚୟ ପ୍ରଦାନ ସହିତ ସଭାକୁ ପରିଚାଳନା କରିବା ସହ ସରକାରଙ୍କର ଉକ୍ତ ଇଣ୍ଟର୍ନଶିପ୍ କାର୍ଯକ୍ରମର ଗାଇଡ୍ ଲାଇନ ସମ୍ପର୍କ ରେ ପିଲାମାନଙ୍କୁ ଦିଗ ଦର୍ଶନ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଲୋକ ଭାଷା ପ୍ରଚାର ସମିତି ର ରଜ୍ୟ ମହାସଚିବ ଡଃ.ବିଭୁତି ନାରାୟଣ କର ପିଲାମାନଙ୍କୁ ଦୈନଦିନ ଜୀବନଚର୍ଯ୍ୟା ରେ ଓ ଜନ୍ମ ଠାରୁ ମୃତ୍ଯୁ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ର ରେ ସଂସ୍କୃତ ର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ରାଜନୀତି ବିଜ୍ଞାନ ର ବରିଷ୍ଠ ଅଧାପକ ସଭାକୁ ସଂଯୋଜନା କରି ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାରରେ ଏପରି ଶିବିରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପକ, କର୍ମଚାରୀ ସହଯୋଗ କରିଥିଲେ ଓ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

**ଖଲ୍ଲିକୋଟ (ଅମୃତ ମିଡିଆ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଅନ୍ତର୍ଗତ ମେରା ଯୁବା ଭାରତ, ଗଞ୍ଜାମ ପକ୍ଷରୁ 'ନିଶାମୁକ୍ତ ଯୁବା ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ବ୍ୟାପାର ଅଧିକାରୀ ଶ୍ରୀଯୁକ୍ତ ସଂକେତ୍ ମୀନାଙ୍କ ପୌରୋହିତ୍ୟରେ ଏହି ଉପଲକ୍ଷେ ଏକ ଭବ୍ୟ ସଭାର ଆୟୋଜନ ହୋଇଥିଲା। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବପୀଢ଼ିଙ୍କୁ ନିଶାଯୁକ୍ତ ନହୋଇ ନିଶାମୁକ୍ତ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି କୁଳସଚିବ ଶ୍ରୀମତୀ ପାର୍ବତୀ ମଂଜରୀ ମହାଳିକ ଯୋଗଦେଇ ଯୁବପୀଢ଼ି ମଦ ଓ ଡ୍ରଗସ୍ ନିଶା ବଦଳରେ ବୃକ୍ଷରୋପଣ, ଗୀତ ଗାଇବା ଓ ଏପରି କିଛି ପ୍ରିୟ ଅଭ୍ୟାସକୁ ନିଶା କରିବା ନିମନ୍ତେ କହିଥିଲେ। କାର୍ଯ୍ୟକ୍ରମ ଅବସରରେ ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ, ଆଇ.କ୍ୟୁ.ଏ.ସି. ସଂଯୋଜକ ଡ. ଗୌତମ ସାବତ ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ ଶ୍ରୀ ଶ୍ରୀକାନ୍ତ କୁମାର ସାହୁଙ୍କ ପରିଚାଳନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀମାନେ ପରବର୍ତ୍ତୀ ସମୟରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେବା ନିମନ୍ତେ ନିର୍ବାଚିତ ହୋଇଛନ୍ତି। ଏଥିନିମନ୍ତେ କୁଳପତି ପ୍ରଫେସର ଅସୀମା ସାହୁ ତଥା ଅଧାପକ ଅଧାପିକା ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ହାତୀ ଆକ୍ରମଣରେ ଯୁବକ ମୃତ



**ଘଟଗାଁ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଡଳଙ୍ଗପାଣି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ପ୍ରାଣହାନୀ ଘଟିଛି। ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ମଦନ ନାୟକ।

ଗତକାଲି ସନ୍ଧ୍ୟାରେ ଡଳଙ୍ଗପାଣି ଗ୍ରାମ ନିକଟରେ ଏକ ଦନ୍ତାହାତୀ ପ୍ରବଳ ଉପଦ୍ରବ ଚଳାଇଥିଲା। ହାତୀକୁ ଘଉଡ଼ାଇବା ପାଇଁ ମଦନ ନାୟକ ଯାଇଥିବା ସମୟରେ ହଠାତ୍ ହାତୀ ଆକ୍ରମଣର ଶିକାର ହୋଇଥିଲେ। ପରିବାରବର୍ଗ ଓ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

ଘଟଣା ସମ୍ପର୍କରେ ଖବର ପାଇ ଘଟଗାଁ ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଘଟଗାଁ ଥାନା ଅନ୍ତର୍ଗତ ମହୁଲଗାଡିଆ ଗାଁରେ ଅଭାବନୀୟ ଘଟଣା

# ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର




**ଘଟଗାଁ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ମହୁଲଗାଡିଆ ଗାଁରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି।

ଗତ ରବିବାର ଦିନ ଅପରାହ୍ଣରୁ ଗାଧୋଇବାକୁ ଯାଇ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଆଜି ଗାଁ ପାଖ ପୋଖରୀରୁ ଉଦ୍ଧାର ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ମୃତ ଯୁବକ ଜଣକ ହେଲେ ସନ୍ତୋଷ କୁମାର ମହାପାତ୍ର। ଗତ ରବିବାର ଅପରାହ୍ଣରେ ସେ ଗାଧୋଇବା ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। ପରିବାରବର୍ଗ ବହୁତ ପଚରାଉଚରା କରିବା ପରେ ମଧ କୌଣସି ସନ୍ଧାନ ନ ପାଇବାରୁ, ସେହି ଦିନ ହିଁ ଢେଙ୍କିକୋଟ ଫାଣ୍ଡିରେ ଏକ ନିଖୋଜ ଅଭିଯୋଗ ଦେଇଥିଲେ ।ଆଜି ସକାଳେ ଘର ପାଖ ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ଭିତରୁ ମୃତଦେହକୁ ଉଦ୍ଧାର କରିଥିଲା। ଏନେଇ ଢେଙ୍କିକୋଟ ଫାଣ୍ଡି ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଏହି ଅଘଟଣ ପରେ ମୃତକଙ୍କ ପରିବାରରେ ଶୋକର କାୟା ଖେଳିଯାଇଛି।

# ଆହତ ଗଣମାଧମ ପ୍ରତିନିଧିଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ଏକ ବୈଦ୍ୟୁତିକ ଗଣମାଧମର ସାମ୍ବାଦିକ ଲକ୍ଷ୍ମଣ ଦାସ କିଛି ଦିନ ପୂର୍ବେ ଖବର ସଂଗ୍ରହ କରି ଫେରୁଥିବା ସମୟରେ ଗଡ଼ିଜଙ୍ଗ ଠାରେ କିଛି ଦୁର୍ବୃତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆହତ ସାମ୍ବାଦିକଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା ଅବସ୍ଥା ଗୁରୁତର ଥିବାରୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ତାଙ୍କ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବଡ଼ଡାକ୍ତରଖାନରୁ ଚିକିତ୍ସିତ ହୋଇ ଏବେ ସେ ଗୋପାଳପୁର ବେଗୁନିଆସ୍ଥିତ ତାଙ୍କ ପୈତୃକ ବାସଭବନରେ ରହି ଚିକିତ୍ସିତ ହେଉଛନ୍ତି। ମାହାଙ୍ଗା ପୂର୍ବତନ ବିଧାୟକ,ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳ ବରିଷ୍ଠ ଉପସଭାପତି ଶ୍ରୀଯୁକ୍ତ ପ୍ରତାପ ଜେନା ଲକ୍ଷ୍ମଣଙ୍କୁ ତାଙ୍କ ବାସଭବନରେ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଶ୍ରୀଯୁକ୍ତ ଜେନାଙ୍କ ସହିତ ବହୁ ଯୁବ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।

## ଦ୍ୱିତୀୟଦିନରେ ଯାଜପୁର ଜଳଯୋଗାଣ ଓ ପରିମଳ ବିଭାଗ ଠିକାଦାର ସଙ୍ଘର ଧାରଣା

# କଟକରେ ଆଲୋଚନା ପ୍ରସ୍ତାବକୁ ଠିକାଦାରଙ୍କ ପ୍ରତ୍ୟାଖ୍ୟାନ



**ଚଣ୍ଡିଖୋଲ (ଅମୃତ ମିଡିଆ):** ଚଣ୍ଡିଖୋଲ ସ୍ଥିତ ପଂଚାୟତରାଜ ଓ ପାନୀୟଜଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଉପଖଣ୍ଡ ଠାରେ ୬ଦଫା ଦାବୀ ନେଇ ଯାଜପୁର ଠିକାଦାର ସଙ୍ଘର ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି । ବିଭାଗୀୟ ଅଧିକାରୀ ମାନେଦୁଇଦିନ ହେଲା କାର୍ଯ୍ୟାଳୟ ନଆ ସି ବାହାରେ ରହି କଟକ ଠାରେ ବସି ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ, ମାତ୍ର ଠିକାଦାର ମାନେ ଉକ୍ତ ପ୍ରସ୍ତାବ କୁ ପ୍ରତ୍ୟାଖାନ କରି କାର୍ଯ୍ୟାଳୟ ନିକଟ ଧାରଣା ସ୍ଥଳରେ ଆଲୋଚନା କରିବାକୁ ଶୁଣାଇ ଦେଇଛନ୍ତି । ଠିକାଦାର ଙ୍କ ଦାବିଗୁଡିକୁ ବିଭାଗ ମାନିବାକୁ ପଡିବ.. ଧାରଣାରେ ଯାଜପୁର ଜିଲ୍ଲାର ୧୦ଗୋଟି ବ୍ଲକ୍ ଠିକାଦାର ସଂଘ ଯୋଗଦେଇଛି। ସଭାପତି ବିଶ୍ୱଜିତ ବିଶ୍ୱାଳ, ସମ୍ପାଦକ ସୁଜିତ ମହାରଣା,ବୀରେନ୍ଦ୍ର କୁମାର ମିଶ୍ର,, ଆକାଶ ମଲ୍ଲିକ, ବୁପ୍ରଭାତ କୁମାର ମହାନ୍ତି, ପ୍ରମୋଦ କୁମାର ସ୍ୱାଇଁ, ସଂଗ୍ରାମ ଜେନା,ରମେଶ ଚନ୍ଦ୍ର ସାହୁ, କୁଳମଣୀ ସେଠୀ, ବିଶ୍ୱନାଥ ପାଢ଼ୀ, ସୁରେଶ୍ ଚନ୍ଦ୍ର ଜେନା ଦେସୁବ୍ରତ ସେଠୀ ପ୍ରଦୀପ କୁମାର ଦାସ ୫୦ରୁ ଉର୍ଦ୍ଧ ଠିକାଦାର ଯୋଗଦେଇ ତୁରନ୍ତ ଆମ ଦାବୀ ଗୁଡିକୁ ପୂରଣ କରିବାକୁ ଅନୁରୋଧ କରିଛନ୍ତି। ନଚେତ୍ ଧାରଣାକୁ ଜୋରଦାର କରାଯିବା ବୋଲି ଚେତାବନୀ ଦେଇଛନ୍ତି।

# ଜୋର୍‌ଧରିଲା କମିଶନରେଟ ପୋଲିସ ବ୍ୟବସ୍ଥା, ବିଜ୍ଞପ୍ତି ପ୍ରକାଶ ଦାବି

**ବ୍ରହ୍ମପୁର (ଅମୃତ ମିଡିଆ):** ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ବ୍ରହ୍ମପୁର ସହରରରେ କମିଶନରେଟ ପୋଲିସ ବ୍ୟବସ୍ଥା ପ୍ରତିଷ୍ଠା ଏବଂ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ନେଇ ଆଜି ଓଡ଼ଶା ସରକାରଙ୍କ ଗୃହ ବିଭାଗର ପ୍ରମୁଖ ସଚିବ ଶ୍ରୀ ହେମନ୍ତ ଶର୍ମା, ଆଇଏଏସ ଙ୍କୁ ଏକ ସ୍ମାରକ ପତ୍ର ଇମେଲ ମାଧ୍ୟମରେ ପ୍ରେରଣ କରାଯାଇଚି। ଏହାର ଏକଳିତା ନକଲ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ଦକ୍ଷିଣାଞ୍ଚଳ ଆରଡିସି, ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଓ ବ୍ରହ୍ମପୁର ଏସପିଙ୍କ ଅବଗତି ନିମନ୍ତେ ମଧ ପଠା ଯାଇଛି।

# 'ହର୍ ହର୍ ମହାଦେବ' ଧ୍ୱନିରେ କମ୍ପିଲା ଶୈବପୀଠ

**ଭଞ୍ଜନଗର (ଅମୃତ ମିଡିଆ):** ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠରେ ବୋଲବମ୍ ଭକ୍ତଙ୍କ ଅପୂର୍ବ ଭିଡ ଦେଖିବାକୁ ମିଳିଛି। ଭୁବନେଶ୍ୱରର ଲିଙ୍ଗରାଜ, କଟକର ପରମହଂସନାଥ, ପୁରୀର ଲୋକନାଥ, ଭଦ୍ରକର ଆଖଣ୍ଡଳମଣି ଓ ସମ୍ବଲପୁରର ହୁମା ପୀଠ ଭଳି ଭଞ୍ଜନଗର ବେଲେଶ୍ୱର ପୀଠ, ସୋରଡା ପଞ୍ଚାନନ ସ୍ୱାମୀ ମନ୍ଦିରରେ ବୋଲବମ୍ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି ।ରବିବାର ରାତିରୁ କାଉଡ଼ିଆମାନେ ବିଭିନ୍ନ ପବିତ୍ର ନଦୀରୁ ଜଳ ଉଠାଇ ବୋଲବମ୍ ଓ 'ହର ହର ମହାଦେବ' ଧ୍ୱନି ଦେଇ ପାଦବ୍ରଜରେ ଚାଲି ଚାଲି ମନ୍ଦିରଗୁଡ଼ିକରେ ପହଞ୍ଚିଥିଲେ। ଭଞ୍ଜନଗର ବ୍ଲକ ଅନ୍ତର୍ଗତ କମଳ ବାଡି ଠାରେ ବଡନଦୀ ରେ ଶନିବାର ଓ ରବିବାର ଦୁଇ ଦିନ ଧରି ଭିଡ ଜମାଇଥିଲେ। ପୂଜାର୍ଚ୍ଚନା କଳାପରେ ପୂଣ୍ୟ ଜଳ ସଂଗ୍ରହ କରି ଭାରରେ ବୋହି ବିଭିନ୍ନ ଶୈବପୀଠ ଅଭିମୁଖେ ବାହାରି ଯାଇଥିଲେ। ଆଉ ସୋମବାର ଭୋରରୁ ଲମ୍ବା ଧାଡ଼ିରେ ଛିଡ଼ା ହୋଇ କାଉଡ଼ିଆମାନେ ବାବା ମହାଦେବଙ୍କ ମସ୍ତକରେ ଜଳାଭିଷେକ କରିଛନ୍ତି।

# ବରିଷ୍ଠ କଳାକାର ସଂଘ ପକ୍ଷରୁ ବନ୍ଧୁତା ଦିବସ ପାଳିତ

**ବ୍ରହ୍ମପୁର (ଅମୃତ ମିଡିଆ):** କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ' ତରଫରୁ ବ୍ରହ୍ମପୁର ସହର ଉପକଣ୍ଠ ସ୍ଥିତ ଫୁଲଟା ନାରାୟଣୀ ମନ୍ଦିର ପରିସରରେ ସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧକ୍ଷତାରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ କୋଷାଧକ୍ଷ ଅଭିରାମ ରାଉଳଙ୍କ ୭୦ ତମ ଜନ୍ମଦିନ ପାଳନ କରାଯାଇଥିଲା। ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନିଳ କୁମାର ପାତ୍ର, ଗଞ୍ଜାମ ଜିଲ୍ଲା କଳାକାର ସଂଘ ସଭାପତି ଶଙ୍କର୍ଷଣ ସାବତ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ବରିଷ୍ଠ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ତ୍ରିପାଠୀ କ୍ଷ୍ମ, ନାଟ୍ୟ ନିର୍ଦ୍ଦେଶକ ସୁଦାମ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଭାରତ ବର୍ଷରେ ଅଗଷ୍ଟ ମାସ ପ୍ରଥମ ରବିବାର ପାଳିତ ହେଉଥିବା ବନ୍ଧୁତା ଦିବସ ସମ୍ୟକ ଆଲୋକପାତ ସହିତ ନାଟ୍ୟଗୁରୁ ଅଭିରାମ ରାଉଳଙ୍କ ନାଟ୍ୟ ଜୀବନ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ସଂଘ ତରଫରୁ ଅଭିରାମ ବାବୁଙ୍କୁ ଜନ୍ମଦିନ ବଧେଇ ଓ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟ ସଭା ସଂଯୋଜନା କରିଥିଲେ। ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ଚାରିପଡାଠାରେ ସ୍ୱତନ୍ତ୍ର ଆଇଆର୍‌ବି ୮ମ ବାଟାଲିୟନ ପାଇଁ କୃଷକମୋର୍ଚ୍ଚା ପକ୍ଷରୁ ଦାବି

## ଭଞ୍ଜନଗରଠାରେ ବାଟାଲିୟନ ନିର୍ମାଣ ଲାଗି ମସୁଧା ଚଳାଇଛନ୍ତି କର୍ତ୍ତୃପକ୍ଷ




**ଫୁଲବାଣୀ (ଅମୃତ ମିଡିଆ):** କନ୍ଧମାଳ ଜିଲ୍ଲା ର ସୁରକ୍ଷା ଦୃଷ୍ଟକୋଣରୁ ୨୦୧୩ ମସିହା ଏକ ସ୍ୱତନ୍ତ୍ର ଆଇ ଆର୍ ବି ଯବାନ ୮ଶ୍ୱଷ ବାଟାଲିୟନ ନିର୍ମାଣ କରିବା ପାଇଁ ଗୃହ ବିଭାଗ ଅଧିସୁଚନା ନମ୍ବର ୪୪୫୭୯/ଇଇଝଜ ଯଶ୍ୱ -୨/୨/୨୦୧୩ ମସିହାରେ ସରକାର ଙ୍କର ମଞ୍ଜୁରୀ ମିଳିଥିଲା। ବାଟାଲିୟନ କର୍ତ୍ତୃପକ୍ଷ ଙ୍କର ଅବହେଳା ଯୋଗୁଁ ସେହି ସମୟରେ ବାଟାଲିୟନ ନିର୍ମାଣ ପାଇଁ ଉଦ୍ୟମ ହେଲା ନାହିଁ। କର୍ତ୍ତୃପକ୍ଷ କାଳ କ୍ଷେପଣ ନୀତି ଅବଲମ୍ବନ କରି ୨୦୨୦ ରୁ ୨୦୨୫ ମଧରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଯୋଜନା କରିଥିଲେ । ସେହି ଅନୁସାରେ ଖଜୁରୀପଡା ତହସିଲ ଅନ୍ତର୍ଗତ ଚାରିପଡା ମୌଜା ଖାତା ନଂ ୧୯୩ (ଇଔଇ) ପ୍ଲଟ ନମ୍ବର ୫୯୬,୫୯୭,୭୫୬୩ ଟି ପ୍ଲଟ ର ୨୦ ହେକ୍ଟର ଜାଗା ଅଞ୍ଚଳରେ ରାଜସ୍ୱ ବିଭାଗ ର ସହଯୋଗ କ୍ରମେ ଅଞ୍ଚଳ ର ଉନ୍ନତି ନିମନ୍ତେ ଦିଆଯାଇଥିଲା । ସେହି ଜାଗା କୁ ବାଟାଲିୟନ କମାଣ୍ଡର ର ଦୁର୍ଗପତି ଅପାରଗତା ଯୋଗୁଁ କାର୍ଯ୍ୟରେ ଲାଗି ପାରିଲା ନାହିଁ। ସେହି ଯୋଜନା ର ନିର୍ମାଣ କାର୍ଯ୍ୟ ଶେଷ ହୋଇଗଲା। ପୁଣି ଥରେ ବାଟାଲିୟନ କମାଣ୍ଡର କନ୍ଧମାଳ ଜିଲ୍ଲା ପ୍ରଶାସନ ନିକଟରେ ଆବେଦନ କଲେ। ପୁଣି ପୁନଃର୍ବାର ଜିଲ୍ଲା ପ୍ରଶାସନ ର ନିର୍ଦ୍ଦେଶ କ୍ରମେ ଖଜୁରୀପଡା ତହସିଲଦାର ଚିଠି ନମ୍ବର ୩୬୨୩ ଯଶ୍ୱ - ୨୯/୧୧/୨୦୨୫ ମାଧମରେ ତହସିଲଦାର ଲେଣ୍ଡ ସିଡ୍ୟୁଲ ଏବଂ ଜାଗାର ସ୍କେଚ ମ୍ୟାପ୍ ସହ ପୁଣି ଥରେ ୩୫ ଏକର ଜାଗା ପ୍ରଦାନ କରିଥିଲେ ସେହି ଡକ୍ୟୁମେଣ୍ଟ କୁ ଯଶ୍ୱ - ୨/୨/୨୦୨୬ ରେ ଓଜଇଘ କର୍ତ୍ତୃ ପକ୍ଷ ଗ୍ରହଣ କରିଛନ୍ତି ।ହେଲେମଧ ବାଟାଲିୟନ କମାଣ୍ଡର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ ନାହିଁ। ପ୍ରଶାସନ ମାଧମରେ ବାରମ୍ବାର ଜଣାଇବା ପରେ ଦୁର୍ଗପତି ବାଟାଲିୟନ କମାଣ୍ଡର ଅବହେଳା ଓ ଆନ୍ତରିକତା ଅଭାବରୁ ଜମି ଅଧିଗ୍ରହଣ କାର୍ଯ୍ୟ ହୋଇ ପାରୁ ନାହିଁ। ବର୍ତ୍ତମାନ ଶୁଣିବାକୁ ମିଳୁଛି କମାଣ୍ଡର ଗଞ୍ଜାମ ଜିଲ୍ଲାରେ ଭଞ୍ଜନଗର ଠାରେ ସେହି ଓଜଇଭ ୮ଶ୍ୱଷ ବାଟାଲିୟନ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିଛନ୍ତି। କମାଣ୍ଡର ସୁଧାକର ମିଶ୍ର ନିଜର ସ୍ୱାର୍ଥ ପାଇଁ ଭଞ୍ଜନଗର କରିବା ପାଇଁ ମସୁଧା ଚଳାଇଛନ୍ତି। କନ୍ଧମାଳ ଜିଲ୍ଲା ଏକ ପଛୁଆ ଅନୁନ୍ନତ ଜିଲ୍ଲା ଏଠାରେ ଅନୁସୂଚିତ ଜାତି,ଅନୁସୂଚିତ ଜନଜାତି ଏବଂ ସଂଖ୍ୟା ଲଘୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଲୋକ ବାସ କରନ୍ତି। ବହୁବାର ଏଠାରେ ଜାତିବାଦ ଓ ଧର୍ମ କୁ ନେଇ ଦଙ୍ଗା ସୃଷ୍ଟି ହୋଇଛି। ଆମ କନ୍ଧମାଳ ଜିଲ୍ଲା ପାଇଁ ଉଦ୍ଧିଷ୍ଟ ଓଜଇ ୮ଶ୍ୱଷ ବାଟାଲିଅନ୍ ଖଜୁରୀ ପଡ଼ା ବ୍ଲକ ଚାରିପଡ଼ା ଠାରେ ନିର୍ମାଣ ହେଲେ ଜିଲ୍ଲା ବାସୀଙ୍କର ସୁରକ୍ଷା ଏବଂ ଚାଷୀ ମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଏହି ବାଟାଲିୟନ ଭଞ୍ଜନଗର ରେ ନ ହେଉ ବୋଲି ଭାରତୀୟ ଜନତା ପାର୍ଟି କନ୍ଧମାଳ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ଆଦିତ୍ୟ କହଁର ଙ୍କ ନେତୃତ୍ୱରେ ଫୁଲବାଣୀ ଜାଗରଣ ମଞ୍ଚ ସଭାପତି ଶେଷଦେବ ଜାନୀ , ସତ୍ୟପ୍ରିୟ କହଁର,ବାବୁଲା କହଁର,ବସନ୍ତ କହଁର,ତୁଷାର ଦିଗାଲ,ଚକ୍ରଧର କହଁର, ବିବାନ ମଲ୍ଲିକ,ଅଜୟ କହଁର,ଲୋଚନ ମଲ୍ଲିକ ପ୍ରମୁଖ ଏ ସମ୍ପର୍କ ରେ ମୁଖ୍ୟମନ୍ତ୍ରୀ,ରାଜ୍ୟପାଳ,କନ୍ଧମାଳ ସାଂସଦ,ବିଧାୟକ ଓ କନ୍ଧମାଳ ଜିଲ୍ଲା ପାଳ ଙ୍କୁ ମଧ ବାରମ୍ବାର ଅଭିଯୋଗ କରିଥିଲେ ମଧ ସୁଫଳ ମିଳି ପାରି ନ ମିଳିବାରୁ ପୁଣି ଆଉ ଥରେ ତା ୧/୮/୨୦୨୬ ରିଖ ଦିନ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ଉମାଚରଣ ମଲ୍ଲିକ ଙ୍କର ଉପସ୍ଥିତ ରେ କନ୍ଧମାଳ ଜିଲ୍ଲାପାଳ ଙ୍କ ସଭାବନା ସଭାଗୃହରେ ହୋଇଥିବା ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ମଧ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀ କହଁର ନେତୃତ୍ୱରେ ଏକ ଅଞ୍ଚଳ ବାସୀ ଙ୍କ ସହଯୋଗ ରେ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିବା ସୂଚନା ମିଳିଛି।



# ଦିଲ୍ଲୀରେ ସ୍ଥାପନ ହେଲା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି

## ଉନ୍ମୋଚନ କଲେ ମହାମହିମ ରାଷ୍ଟ୍ରପତି



**ନୂଆଦିଲ୍ଲୀ (ଲକ୍ଷ୍ମୀ ନାରାୟଣ ବେବର୍ତ୍ତା) :** ଓଡିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଉତ୍କଳର ବରପୁତ୍ର, ମହାନ ଜନ ନାୟକ, ସମାଜସେବୀ, ସାମ୍ବାଦିକ, ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ଉପ ସଭାପତ ତଥା, ଦୈନିକ ଖବର କାଗଜ 'ସମାଜ'ର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶ ଓ ମହାନ ଅବଦାନକୁ ସ୍ମରଣ କରାଇବା, ଆଗାମୀ ଯୁବ ପିଢ଼ିଙ୍କୁ ତାଙ୍କ ସମ୍ପର୍କରେ ପରିଚିତ କରାଇବା, ଜାତୀୟ ସ୍ତରରେ ତାଙ୍କ ଅବଦାନକୁ ଅଧିକ ରୁ ଅଧିକ ପ୍ରଚାର ପ୍ରସାର କରାଇବା ସହ ଏହାକୁ ଲୋକଲକ୍ଷ୍ୟଭିମୁଖୀ କରାଇବାର ମହାନ ଆଭିମୁଖ୍ୟ ନେଇ ଗତ ସୋମବାର ଦିନ ଦିଲ୍ଲୀର ଲାଜପତ ନଗର ମେଟ୍ରୋ ଷ୍ଟେସନ ନିକଟରେ ଥିବା ଲୋକ ସେବକ ମଣ୍ଡଳ କାର୍ଯ୍ୟାଳୟ ପରିସରରେ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁ ଗତ ସୋମବାର ଦିନ ଅପରାହ୍ନରେ ଏହାକୁ ଅନାବରଣ କରିଥିଲେ। ଏଥି ପୂର୍ବରୁ ସେ କାର୍ଯ୍ୟାଳୟ ପରିସରରେ ଥିବା ଲାଲ ଲାଜପତ୍ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ଭୁବନେଶ୍ୱର ସାଂସଦ ଅପରିଜିତା ଷଡ଼ଙ୍ଗୀ, କୋରାପୁଟ ସାଂସଦ ସପ୍ତଗିରି ଉଲାକା, ଯାଜପୁର ସାଂସଦ ରବି ନାରାୟଣ ବେହେରା, ରାଜ୍ୟ ସଭା ସାଂସଦ ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ସଂତୃପ ମିଶ୍ର, ସୁଭାଶିଷ ଖୁଣ୍ଟିଆ, ଦେବାଶିଷ ସାମନ୍ତରାୟ, ସୁଜିତ କୁମାର, ସୁଲତା ଦଓ ପ୍ରମୁଖ ଉପସ୍ଥିତ ଥିଲେ। ସାଂସଦ ଅପରିଜିତା ଷଡ଼ଙ୍ଗୀ କହିଥିଲେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ରେ ଏହିଭଳି ଏକ ମହାନ ଜନନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ନିଶ୍ଚିତ ଭାବେ ଆମ ସମସ୍ତ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। କେବଳ ସେ ଜଣେ ସମାଜ ସେବୀ ନ ଥିଲେ, ଥିଲେ, ସାମ୍ବାଦିକ, ସ୍ୱାଧୀନତା ସଂଗ୍ରାମୀ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସେ ଥଲେ ପ୍ରମୁଖ ବିନ୍ଧାଣି, ଭାଷା ଭିତ୍ତିକ ରାଜ୍ୟ ଗଠନ ଦିଗରେ ତାଙ୍କ ଅବଦାନ ଭୂମିକା ସହ ବନ୍ୟା ବାତ୍ୟା ଭଳି ଦୈବୀ ଦୁର୍ବିପାକ ସମୟରେ ତାଙ୍କର ନିରନ୍ତର ସେବା ଏ ଜାତି ପାଇଁ ଜନମାନସ ରେ ସବୁଦିନ ସ୍ମରଣୀୟ ଓ ପ୍ରେରଣା ହୋଇ ରହିବ। ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ମୁଖ୍ୟ ନ୍ୟାୟାଧୀସ ଗୋପାଳ ବଲ୍ଲଭ ପଟ୍ଟନାୟକ, ଅବସରପ୍ରାପ୍ତ ନ୍ୟାୟାଧୀଶ ଅରଜିତ ପସ୍ୟାୟତ, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପଣ୍ଡା, ଶ୍ରୀନୀଳାଚଳ ସେବା ସଂଘ ତଥା ହାଉଜ୍‌ଖାସସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଆଇନଜୀବୀ ଏସ. କେ. ରାଉତ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଗୋକୁଳ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଶାସକ କବି ଅମରେନ୍ଦ୍ର ଖଟୁଆ, ଦିଲ୍ଲୀ ସରକାରଙ୍କ ଅବସରପ୍ରାପ୍ତ ପ୍ରଶାସକ ଡ଼. ଜୟଦେବ ଷଡ଼ଙ୍ଗୀ, ଇରିଡାର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ବିଜୟ କୁମାର ମହାନ୍ତି, ୟୁନିୟନ ବ୍ୟାଙ୍କର ଅବସର ପ୍ରାପ୍ତ ବରିଷ୍ଠ ପ୍ରଶାସକ ହୃଷିକେଶ ବେହେରା, ଡ଼. ପ୍ରକାଶ ଷଡ଼ଙ୍ଗୀ, ଦିଲ୍ଲୀ, ଏନ.ସି.ଆର.ର ବିଭିନ୍ନ ଓଡ଼ିଆ ସାମାଜିକ ଓ ସାଂସ୍କୃତିକ ସଂଗଠନର ପ୍ରମୁଖ କର୍ମକର୍ତ୍ତା, ଅନେକ ବୁଦ୍ଧିଜୀବୀ, ସାହିତ୍ୟିକ ଏଥିରେ ଯୋଗ ଦେଇ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିବା ଦେଖା ଦେଇଥିଲା। ଉତ୍ସବରେ ଦିଲ୍ଲୀର ଲୋକ ସେବକ ମଣ୍ଡଳ କାର୍ଯ୍ୟାଳୟର ପ୍ରମୁଖ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିବା ବେଳେ 'ସମାଜ' ଦିଲ୍ଲୀ ବ୍ୟୁରୋ ମୁଖ୍ୟ ଶକ୍ତି ପ୍ରସାଦ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବନ୍ୟାଞ୍ଚଳ ଗସ୍ତ

## ରିଲିଫ୍ ସମାଗ୍ରୀ ବଣ୍ଟନ ପକ୍ଷପାତିତା ଅଭିଯୋଗରେ ପ୍ରତିବାଦ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ମଙ୍ଗଳବାର ବଡ଼ଚଣା ଗସ୍ତରେ ଆସିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ତାଙ୍କ କାର୍ଯ୍ୟଳୟ ପତ୍ର ସଂଖ୍ୟା ୧୪୧୪/ ୩.୮.୨୬ ମୁତାବକ ବଡ଼ଚଣା ବ୍ଲକର ଗୋପଲପୁର୍ ପଞ୍ଚାୟତକୁ ଆସି ବନ୍ୟାଞ୍ଚଳ ପରିଦର୍ଶନ କରିବା ଏବଂ ଲୋକଙ୍କ ଦୁଖଃ ଦୁର୍ଦ୍ଦଶା ବୁଝିବା, ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ଗୋପଲପୁର୍ ପଞ୍ଚାୟତରେ ପହଁଞ୍ଚିଲେ ସାଥିରେ ଥିଲେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା ବି.ଜେ.ପି ସଭାପତି ଦେବଯାନୀ ପ୍ରଧାନ ଏବଂ ଅନ୍ୟ ଜିଲ୍ଲା ଓ ବ୍ଲକ ଅଧିକାରୀ ଗଣ, ଗୋପଲପୁର୍ ପଞ୍ଚାୟତର ତାରିଣୀଛକରେ ପହଂଚିବା କ୍ଷଣି ଦଳ ତରଫରୁ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନେ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ୍ ନାରା ଦେଲା ବେଳକୁ ସେଇ ସମୟରେ ବିଜେଡି ନେତା ଯଶୋଦୀପ୍ତ ସାମଲଙ୍କ ନେତୃତ୍ୱରେ ପଞ୍ଚାୟତର ଜନସାଧାରଣ ରିଲିଫ୍ ସମାଗ୍ରୀ ବଣ୍ଟନ ପକ୍ଷପାତିତା ଓ ପାଲ ପାଇ ନଥିବା ନେଇ ସ୍ଲୋଗାନ ଦେଇ ଉପମୁଖ୍ୟମନ୍ତ୍ରୀ ବିଧାୟକଙ୍କୁ ଘେରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗାଡିରୁ ଓହ୍ଲାଇ ଅଭିଯୋଗ କାରୀଙ୍କ ନିକଟକୁ ଯାଇ ସମସ୍ତଙ୍କୁ ପାଲ ଯୋଗାଇ ଦିଆଯିବ ବୋଲି ଘୋଷଣା କରିବାରୁ ଜନସାଧାରଣ ଆଶ୍ୱସ୍ତି ହୋଇଥିଲେ। ତେବେ ଯାଜପୁର ରୋଡ ଏସ.ଡି.ପି.ଓ ଶରତ ଚନ୍ଦ୍ର ପାତ୍ର ଓ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତି ବିରୁଦ୍ଧ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ, ଶ୍ରୀମତୀ ପରିଡା ବନ୍ୟା ପୀଡିତଙ୍କ ନିକଟକୁ ନ ଯାଇ ଫୁଲ ଗାମୁଛା ନେଇ ରାସ୍ତା ରାସ୍ତା ରେ ପଳାଇ ଯାଇଥିବା ଅଭିଯୋଗ ହୋଇଛି। କାଯ୍ୟସୂଚୀ ବାହାରେ ବଡ଼ଚଣାର ଅନ୍ୟ ଏକ ପଞ୍ଚାୟତ ମଝିପଡା ପଞ୍ଚାୟତ ରାସ୍ତାରେ ହାଇସ୍କୁଲ ପର୍ଯ୍ୟନ୍ତ ଯାଇ ସେଇ ଠାରୁ ପ୍ରତ୍ୟାବର୍ତ୍ତନ କରି ବାଲିକୁଦା ବଜାର ଦେଇ ବରୀ ନିର୍ବାଚନ ମଣ୍ଡଳୀ ଦେଇ ଦଶରଥପୁର ଗସ୍ତ କରିଥିବା ଜଣା ପଡିଛି। କହିବାକୁ ଗଲେ ଉପମୁଖ୍ୟମନ୍ତ୍ରୀଙ୍କୁ ଆଜିର ଏହି ବଡ଼ଚଣା ଗସ୍ତରେ ନିନ୍ଦିତ ହେବାକୁ ପଡିଛି।

## ରାଜ୍ୟରେ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ଼ ପ୍ରସଙ୍ଗ

# ଜରୁରୀ ପରିସ୍ଥିତିରେ ସ୍ତ୍ରୀ'ଙ୍କ ଆୟୁଷ୍ମାନ କାର୍ଡ ସ୍ୱାମୀଙ୍କ ପାଇଁ ବ୍ୟବହାର ହେଉ



**ଖୋର୍ଦ୍ଧା (ଅମୃତ ମିଡିଆ) :** ଜରୁରୀ ପରିସ୍ଥିତିବେଳେ ସ୍ତ୍ରୀଙ୍କ ଆୟୁଷ୍ମାନ୍ କାର୍ଡ଼ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବ୍ୟବହାର କରାଯିବାର ଯଥେଷ୍ଟ ଆବଶ୍ୟକତା ଅଛି। ଏ ସମ୍ପର୍କରେ ଆଜି ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ତଥା ଆଇନଜୀବୀ ନରେନ୍ଦ୍ର ପୃଷ୍ଟି ଓ ସମ୍ପର୍କ ଯୋଗ ଅନୁଷ୍ଠାନ ଖୋର୍ଦ୍ଧାର ସମ୍ପାଦକ ଲଳିତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସ୍ଥାନୀୟ ଜିଲ୍ଲାପାଳଙ୍କ ମାଧ୍ୟମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରସ୍ତାବ ପଠାଇଛନ୍ତି। ପ୍ରକାଶଥାଉକି, ଆଜିର ବ୍ୟୟ ବହୁଳ ଯୁଗରେ ଅନେକ କ୍ଷେତ୍ରରେ ବହୁ କଷ୍ଟକର ରୋଗ ପାଇଁ ୫ ଲକ୍ଷ ଟଙ୍କା ସ୍ୱାମୀଙ୍କ ଚିକିତ୍ସା ନିମିତ୍ତ ଯଥେଷ୍ଟ ହେଉନଥିବାରୁ ଅନେକ କ୍ଷେତ୍ରରେ ସ୍ୱାମୀଙ୍କର ମୃତ୍ୟୁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଠାରେ ପ୍ରଶ୍ନ ଉଠେ, ସ୍ତ୍ରୀର ସ୍ୱାସ୍ଥ୍ୟକାର୍ଡରେ ୧୦ ଲକ୍ଷ ଟଙ୍କା ଜମା ଥିବା ବେଳେ ସ୍ୱାମୀ କଣ ମୃତ୍ୟୁ ମୁଖରେ ପଡିବା ଠିକ୍? ତେଣୁ ଏହିଭଳି ଜରୁରୀ ପରିସ୍ଥିତିରେ ସ୍ତ୍ରୀର ଅୟୁଷ୍ମାନ କାର୍ଡ ଟଙ୍କା ସ୍ୱାମୀର ସ୍ୱାସ୍ଥ୍ୟ ସେବା ପାଇଁ ଖର୍ଚ୍ଚ କରାଯିବାର ଆବଶ୍ୟକତା ରହିଛି। ଅର୍ଥାତ୍ ଏହି ବ୍ୟବସ୍ଥା ଜରୁରୀକାଳୀନ ପରିସ୍ଥିତିରେ ଗୋଟିଏ ପରିବାରର ସମସ୍ତ ବ୍ୟକ୍ତିଙ୍କ କ୍ଷେତ୍ରରେ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରାଯିବାର ବ୍ୟବସ୍ଥା କରିବାକୁ ସରକାରଙ୍କୁ ନିବେଦନ କରୁଅଛୁ। ଅନେକ କ୍ଷେତ୍ରରେ ଏହି ଯୋଜନା ଅନୁଯାୟୀ ରାଜ୍ୟର ୪.୫ କୋଟି ଲୋକ ଥିଲେ ମଧ୍ୟ ସେଥିରୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ମାତ୍ର ୩.୫୨ କୋଟି ଲୋକ, ଯାହା ହେଉଛି ମୂଳ ସଂଖ୍ୟାର ୮୬%। ଆଉ ବାକି ରହିଲେ ୧୪% ଲୋକ। ଏହି ୧୪% ମଧ୍ୟରେ ରହିଲେ ମଧ୍ୟବିତ୍ ବର୍ଗ ୮% ଓ ଉଚ୍ଚ ଆୟକର ଦାତା ୬%। ଏହି ୧୪% ଲୋକଙ୍କୁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ନ କରିବାର ଉଦ୍ଦେଶ୍ୟ ହେଉଛି ସେମାନଙ୍କର କାର କିମ୍ବା କୋଠାଘର ଅଛି ଏବଂ ସେଥିମଧ୍ୟରୁ ଅନେକ ହେଉଛନ୍ତି ଉଚ୍ଚ ଆୟକର ଦାତା ଶ୍ରେଣୀର। ଏଠାରେ ପ୍ରଶ୍ନଉଠେ କାର ଓ କୋଠାଘର ଯେଉଁମାନଙ୍କର ଅଛି ସେମାନେ ସମସ୍ତେ ସ୍ୱଚ୍ଛଳ ବର୍ଗର ଅନ୍ତର୍ଭୁକ୍ତ ବୋଲି କହିପାରିବା ନାହିଁ, ପ୍ରକୃତପକ୍ଷେ ସେମାନେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ସମର୍ଥ ନୁହଁନ୍ତି। ଏହି ୮ % ଲୋକଙ୍କୁ ଯଦି ଅୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ କାରାଯାଏ ତେବେ ଆର୍ଥିକ ଦୃଷ୍ଟି କୋଣରୁ ସରକାରଙ୍କୁ ବିଶେଷ କିଛି ଫରକ ପଡିବ ନାହିଁ। ଉପରୋକ୍ତ ତଥ୍ୟ ଅନୁଯାୟୀ ଜରୁରୀ ପରିସ୍ଥିତିରେ ସ୍ତ୍ରୀର ଅୟୁଷ୍ମାନ କାର୍ଡ ସ୍ୱାମୀ ପାଇଁ ବ୍ୟବହାର କରାଯିବା ସଙ୍ଗେ ସଙ୍ଗେ ଅବଶିଷ୍ଟ ୮%ମଧ୍ୟବିତ୍ତ ଶ୍ରେଣୀର ଉପଭୋକ୍ତାଙ୍କୁ ମଧ୍ୟ ଅୟୁଷ୍ମାନ ଯୋଜନାର ଅନ୍ତର୍ଭୁକ୍ତ କରାଯାଉ। ଏଥିସହିତ ଆଉ ଅବଶିଷ୍ଟ ୬% ଉଚ୍ଚ ଆୟକର ଦାତାଙ୍କୁ ଅୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ କି ନାହିଁ ତାହା ସରକାର ଚିନ୍ତା କରିବାର ଆବଶ୍ୟକ। ଆଜିର ଏହି ଅଭିଯାନରେ ସାମିଲ ହୋଇଥିଲେ ସମାଜସେବୀ ସ୍ମିତି ମିଶ୍ର, ମାମିନା ପ୍ରଧାନ, ପ୍ରକାଶ ପରିଡ଼ା, ପ୍ରମୋଦ ପଟ୍ଟନାୟକ, ଗୁଣନିଧି ମହାପାତ୍ର, ବୈକୁଣ୍ଠ ମହାପାତ୍ର, ବଦ୍ରି ନାରାୟଣ ଦାଶ, ଗାୟତ୍ରୀ ବୋଷ, ଜ୍ୟୋତ୍ସ୍ନା ମହାନ୍ତି, ପୁଷ୍ପା ମହାପାତ୍ର, ହେମନ୍ତ ଅଗ୍ରୱାଲା, ଇତିଶ୍ରୀ ସାହୁଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

# କୃଷ୍ଣଚନ୍ଦ୍ରପୁର ଜୁନିଅର କଲେଜରେ ସର୍ପାଘାତ ସଚେତନତା କାର୍ଯ୍ୟକ୍ରମ



**ବେତନଟୀ (ଅମୃତ ମିଡିଆ) :** ସ୍ଥାନୀୟ କୃଷ୍ଣଚନ୍ଦ୍ରପୁର ଜୁନିଅର କଲେଜରେ ସର୍ପାଘାତ ଜନିତ ସଚେତନତା କାର୍ଯ୍ୟକ୍ରମ କଲେଜର ଅଧକ୍ଷା ଡକ୍ଟର ମନ୍ଦାକିନୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବା ସହିତ ସ୍ଥାନୀୟ ମେଡିକାଲର ମେଡିକାଲ ଅଫିସର ଡାକ୍ତର ମହେଶ୍ୱର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ଡାକ୍ତରଖାନାର ବିପିଏମ ସୀମା ସଙ୍ଗୀତା ପରିଡା ସୁପର ଭାଇଜର ଜଗନ୍ନାଥ ମାଝୀ ପ୍ରମୁଖ ଯୋଗ ଦେଇ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ସମସ୍ତ ଛାତ୍ରଛାତ୍ରୀ କଲେଜର ସମସ୍ତ କର୍ମଚାରୀ ମାନଙ୍କ ସମେତ ଅଧ୍ୟାପକ ମାନେ ମଧ୍ୟ ଯୋଗ ଦେଇ ସର୍ପ ଦଂଶନରେ ବର୍ଷକୁ ବର୍ଷ ଜୀବନ ହାନି ଘଟୁଥିବା ହେତୁ ସତର୍କତା ଅବଲମ୍ବନର ଯଥେଷ୍ଟ ଆବଶ୍ୟକତା ଥିବା ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ଶେଖାୱତ ଅଲ୍ଲୀ ପରିଚାଳନା କରିଥିବା ବେଳେ ବକ୍ତା ମାନେ ଏହାର କାରଣ ଓ ନିରାକରଣ ତଥା ପ୍ରତିକାର ପାଇଁ ବିଭିନ୍ନ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ। ବିଶେଷ କରି ଗ୍ରୀଷ୍ମ ଦିନେ ଗରମ ସହିନପାରି ଘର ଭିତରକୁ ସାପ ମାନେ ପ୍ରବେଶ କରୁଥିବା ସହିତ ବର୍ଷା ଦିନେ ଗାତରେ ପାଣି ପଶିବା ଯୋଗୁଁ ଏବଂ ଖାଦ୍ୟ ଅନ୍ୱେଷଣ ରେ ମୂଷା କିମ୍ବା ବେଙ୍ଗ ଶିକାର କରିବା ପାଇଁ ସାପ ମାନେ ଘରେ ପଶି ଥାନ୍ତି। କୁକୁଡା ମଧ୍ୟ ସାପ ମାନଙ୍କ ପାଇଁ ବିପଦର କାରଣ ହେଉଥିବା ବକ୍ତା ମାନେ ସତର୍କ କରାଇଥିଲେ। ଘର ବାରଣ୍ଡା ଘର ଓ ଅଗଣା ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ରାତିରେ ପର୍ଯ୍ୟାପ୍ତ ଆଲୋକିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ର ଅଧ୍ୟାପକ ମାନଙ୍କ ମଧ୍ୟରେ ଭବେନ୍ଦ୍ର କୁମାର ଦେ ଅଜିତ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଅନ୍ୟ ସମସ୍ତ ଷ୍ଟାଫ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା ନିମନ୍ତେ କୌଶଳ ତାଲିମ ପ୍ରଦାନ ସହିତ ସର୍ପ ଦଂଶନ ରୁ ରକ୍ଷା ପାଇବା ପାଇଁ ସତର୍କତା ଅବଲମ୍ବନ ଆବଶ୍ୟକତା ଓ ଗୁରୁତ୍ୱ ସଂପର୍କରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସଚେତନତା ତାଲିମ କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ସଚେତନତା କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ ଦେବାର ଆବଶ୍ୟକତା ଥିବା ଅଧକ୍ଷା ଡକ୍ଟର ମନ୍ଦାକିନୀ ସାହୁ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ।

# ଦିନରେ ସୁରକ୍ଷିତ ନାହାନ୍ତି ୧୯ଟିକିଆ ହାତୀପଲ

## ବନାଞ୍ଚଳ ଅଧିକାରୀ ଜଗିବସିଛନ୍ତି ଅଫିସ



**ବାରିପଦା/ସାହାରପଡା (ଅମୃତ ମିଡିଆ) :** କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଖିରେଇଟାଙ୍ଗିରି ବନପାଳ କାର୍ଯ୍ୟାଳୟ ଅଧୀନ ପଦ୍ମପୁର ଅଞ୍ଚଳର ହାତୀ ସମ୍ପର୍କିତ ଆଉ ଏକ ଭିଡିଓ ଭାଇରାଲ ହେଉଛି। ଏହି ଭାଇରଲ ଭିଡିଓ ରେ ଦିନ ଦିପହରରେ ହାତୀ ମାନଙ୍କୁ ଜଙ୍ଗଲରେ ବହୁତ ବିଚଳିତ କରିବା ସହ ରଗାଯାଉଥିବା ଏବଂ ଜଙ୍ଗଲ ଭିତର କିପରି ଯାଉଛି ବାଇକ, ହାତୀ ମାନେ ଏତେ ଭୟ ହେଇ ପଡୁଥିବା ଭିଡିଓରୁ ଜଣାପଡୁଛି। କିଛି ଯୁବକମାନେ ସଂଘବୋଧ ଭାବେ ହାତୀ ମାନଙ୍କୁ ବିଚଳିତ କରୁଛନ୍ତି। ସେହିପରି ପୂର୍ବରୁ ଆଉ ଏକ ଭିଡିଓ ଭାଇରଲ ଶୀର୍ଷକ ସ୍ଥାନିତ କରାଯାଇଥିଲା, ଯେଉଁଥିରେ କି ବାଉଁଶୁଳି ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀ କାଦୁଅରେ ଫସି ରହିଥିବା ବେଳେ କିଛି ବ୍ୟକ୍ତି ବାଡ଼ି ଧରି ତାକୁ ଆଘାତ କରୁଥିବା ଏବଂ ପଥର ଫିଙ୍ଗୁଥିବା ଦୃଶ୍ୟ ଭାଇରାଲ ହୋଇଥିଲା। ଆଜି ପ୍ରଯ୍ୟନ୍ତ ତାର ସଠିକ ତଦନ୍ତ କରା ଯାଇନଥିବା ଏବଂ ନିର୍ଯ୍ୟାତନା ଦେଉଥିବା ବ୍ୟକ୍ତି ମାନଙ୍କୁ ଚିହ୍ନଟ କରିପାରୁନି ପାଟଣା ବନ ବିଭାଗ। ପୁଣି ଆଉ ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଟାରେ କି ହାତୀ ମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇପଡିଛି ବନ ବିଭାଗ। ସେପଟେ ବିଭିନ୍ନ ଗ୍ରାମ ଗୁଡିକରେ ହାତୀପଲ ଘର ଭାଙ୍ଗି ଦେଉଥିବାରୁ କିଛି ଆଦିବାସୀ ପରିବାର ଘର ହୀନ ହୋଇପଡୁଛନ୍ତି ହେଲେ ମଧ୍ୟ କିପରି ଅଧିକାରୀ ଅଫିସ ଛାଡୁ ନାହାନ୍ତି। କେବେ ବାହାରିବେ ଅଧିକାରୀ ହାତୀପଲଙ୍କ ସୁରକ୍ଷା ଏବଂ ଲୋକଙ୍କ ଘର ସୁରକ୍ଷା ପାଇଁ। ୧୯ଟିକିଆ ହାତୀପଲଙ୍କ ଚଳପ୍ରଚଳ ମଧ୍ୟରେ କେତେକ ଯୁବକ ବାଇକ ନେଇ ଜଙ୍ଗଲ ମଧ୍ୟରେ ଛିଡା କରି ହାତୀମାନଙ୍କ ପଛେ ପଛେ ଦୌଡ଼ା ଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରେ ହାତୀଙ୍କ ଅତି ନିକଟକୁ ଯାଇ ପିଛା କରାଯାଉଥିବା ଦୃଶ୍ୟ ଦେଖାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଭଳି କାର୍ଯ୍ୟ ହାତୀଙ୍କୁ ଉତ୍ତେଜିତ କରିବା ସହ ଯୁବକମାନଙ୍କ ଜୀବନ ପ୍ରତି ମଧ ବିପଦ ସୃଷ୍ଟି କରିପାରେ। ବାରମ୍ବାର ସଚେତନତା ସତ୍ତ୍ୱେ କେତେକ ଲୋକ ଏପରି ବିପଦଜନକ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଭାଇରାଲ ଭିଡିଓକୁ ନେଇ ସ୍ଥାନୀୟ ଅଞ୍ଚଳରେ ବନ ବିଭାଗର ତଦାରଖକୁ ନେଇ ପ୍ରଶ୍ନ ଉଠିଛି। କେତେକ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ଘଟଣା ସମୟରେ ବନାଞ୍ଚଳ ଅଧିକାରୀ (ରେଞ୍ଜର)ଙ୍କ ଉପସ୍ଥିତି ଦେଖିବାକୁ ମିଳିନଥିଲା। ସେମାନେ ବନ ବିଭାଗକୁ ଏଭଳି ଘଟଣା ଉପରେ କଡ଼ା ନଜର ରଖିବା ସହ ଲୋକଙ୍କୁ ସଚେତନ କରିବା ଏବଂ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବନ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ।

# ଜିଲ୍ଲାର ବନ୍ୟା ପରିସ୍ଥିତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗ ମନ୍ତ୍ରୀ କେ.ଭି. ସିଂହଦେଓ ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଓ ପଦକ୍ଷେପ ସମ୍ପର୍କରେ ସ୍ଥିତି ସମୀକ୍ଷା କରିଛନ୍ତି। ଆଜି ସକାଳେ ଉପମୁଖ୍ୟମନ୍ତ୍ରୀ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ଛକ, କୃଷ୍ଣଦାସପୁର (ସିଂହଗାଁ), ଅଣ୍ଡରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଦୀକୂଳ ହରିଜନସାହି ଏବଂ ଅମୃତମଣୋହୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଛନ୍ତି। ଏହାପରେ ଆଳି ବ୍ଲକ୍ ଅନ୍ତର୍ଗତ ଭୂଇଁପୁର,ମାନପୁର, ମଙ୍ଗରାଜପୁର, ଠାକୁରପାଟଣା ପେତପଡା ପରିଦର୍ଶନ କରି ଉପମୁଖ୍ୟମନ୍ତ୍ରୀ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ ଏବଂ ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ଲୋକଙ୍କ ସ୍ଥାନାନ୍ତରଣ, ରିଲିଫ୍ ବଣ୍ଟନ, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଯୋଗାଯୋଗ ବ୍ୟବସ୍ଥା, କୃଷି କ୍ଷୟକ୍ଷତି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ତ୍ୱରିତ ଓ ଆବଶ୍ୟକ ସହାୟତା ପହଞ୍ଚାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ ସେ ସମୀକ୍ଷା କରିଥିଲେ। ଅପରାହ୍ନ ୩ଟା ସମୟରେ କେନ୍ଦ୍ରାପଡ଼ା ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ବନ୍ୟା ପରିସ୍ଥିତି ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ। ଏହି ବୈଠକରେ ଜିଲ୍ଲାର ସାମଗ୍ରିକ ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ ବ୍ୟବସ୍ଥା, ରିଲିଫ୍ କେନ୍ଦ୍ର ଓ ମାଗଣା ରନ୍ଧାଘରର ପରିଚାଳନା, ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା, ସ୍ୱାସ୍ଥ୍ୟ ଓ ପ୍ରାଣୀ ଚିକିତ୍ସା ସେବା, ରାସ୍ତା ଓ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର ଏବଂ କ୍ଷୟକ୍ଷତି ଆକଳନର ସ୍ଥିତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ସମୟୋଚିତ ଓ ପ୍ରଭାବଶାଳୀ ସହାୟତା ଯୋଗାଇବା ସହ ସ୍ୱାଭାବିକ ପରିସ୍ଥିତିର ଶୀଘ୍ର ପୁନରୁଦ୍ଧାର ନିମନ୍ତେ ବିଭିନ୍ନ ବିଭାଗର ପ୍ରସ୍ତୁତି, ପରସ୍ପର ସମନ୍ୱୟ ଏବଂ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ମଧ ବୈଠକରେ ଆଲୋଚନା ହୋଇଥିଲା। ବନ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ରିଲିଫ୍, ଉଦ୍ଧାର, ସ୍ୱାସ୍ଥ୍ୟସେବା ଓ ଅତ୍ୟାବଶ୍ୟକ ସେବା ତ୍ୱରିତ ଭାବେ ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ସମେତ ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




## ୧୪ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚାମ୍ପିୟନ୍‌ସିପ୍ ଉଦ୍‌ଯାପିତ୍

# ଷ୍ଟେଟ୍ ସ୍ପୋର୍ଟ୍ସ ହଷ୍ଟେଲ୍ ପୁରୀ ଚାମ୍ପିଅନ୍

**ପୁରୀ ବାଳକ ଦଳ ୧୦ ପଏଣ୍ଟରେ ଜିତିଲା**

**ଜଗତସିଂହପୁର ଦଳ ରନର୍ସ ଅପ୍**

**ତୃତୀୟ ସ୍ଥାନରେ କିସ୍ ୟୁନିଭର୍ସିଟି, ଭୁବନେଶ୍ୱର**

**୪ର୍ଥ ସ୍ଥାନରେ ଗଞ୍ଜାମ ବାଳକ ଦଳ**







**ପୁରୀ,୪/୮(ବ୍ୟୁରୋ):** ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ଓ ଯୁବ କ୍ରୀଡା ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୪ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚମ୍ପିୟନସିପ ମଙ୍ଗଳବାର ତାଳବଣିଆ ସ୍ଥିତ ଇଣ୍ଡୋର ଷ୍ଟାଡିୟମ ଖୋ ଖୋ ଏକାଡେମୀ ହଲ ଠାରେ ବାଳକ ବର୍ଗର ଖୋ ଖୋ ଫାଇନାଲ ମ୍ୟାଚ ଉଦଯାପିତ ହୋଇଯାଇଛି ।

ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ ଖୋ ଖୋ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିବା ବେଳେ ଆୟୋଜକ ଓଡିଶା ଖୋ ଖୋ ସଙ୍ଘକୁ ପ୍ରଶଂସା କରି ପିଲାମାନଙ୍କ କ୍ୟାରିୟର ଆଗକୁ ବଢିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୁରୀ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ,ଅନୁଗୁଳ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସେଠ, ଭାରତୀୟ ଖୋ ଖୋ ମହାସଂଘ ଫେଡେରେସନ ର ଉପସଭାପତି ତଥା ଓଡ଼ିଶା ଖୋ ଖୋ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର , ଯୁଗ୍ମ ସମ୍ପାଦକ ଡିସିଏପି ଦେବାଶିଷ ମିଶ୍ର,

ଓଡ଼ିଶା ଖୋ ଖୋ ସଙ୍ଘ କୋଷାଧକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ,ଖୋ ଖୋ ଯୁଗ୍ମ ସଂପାଦକ ଲକ୍ଷଣନାଥ , ଜଗତସିଂହପୁର ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପ୍ରଶଂସା କରିଥିଲେ । ଫାଇନାଲ ମ୍ୟାଚରେ ସମସ୍ତେ ଭଲ ଖେଳ ପ୍ରଦର୍ଶନ କରିଛନ୍ତି । ସେମାନେ ଏକ ମାସରେ କୋଚିଙ୍ଗ ନେଇ ହିମାଚଳ ପ୍ରଦେଶରେ ଖେଳିବେ । ଆହୁରି ଆଗକୁ ଯିବା ସହ କ୍ୟାରିୟର ନିଶ୍ଚିତ ଉଜ୍ଜଳମୟ ହେବ । ଓଡିଶାର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ । କୋଣ ଅନୁକୋଣରେ ଲୁଚି ରହିଥିବା ଲୁକାୟିତ କ୍ରୀଡାବିତ ପ୍ରତିଭାକୁ ସର୍ବସାଧାରଣରେ ପରି ପ୍ରକାଶ ସହ ତାଙ୍କୁ ଦେଶର ଏକ ଶ୍ରେଷ୍ଠ କ୍ରୀଡାବିତ ଭାବେ ଗଢି ତୋଳାବା ଏହି ପ୍ରତିଯୋଗିତାର ଲକ୍ଷ ଓ ଉଦ୍ଦେଶ୍ୟ । ଏଠାରେ ଯେଉଁମାନେ ଭଲ ଖେଳିଲେ ସେମାନେ ତିନିମାସ ପରେ ହିମାଚଳ ପ୍ରଦେଶର ଜାତୀୟସ୍ତରରେ ଖେଳିବେ । ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ ଆଣି ଆମମାନଙ୍କୁ ଗୌରବାନ୍ୱିତ କରିବା ଲକ୍ଷ ବୋଲି ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ଶ୍ରୀ ମିଶ୍ର କହିଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା । ଫାଇନାଲ ମ୍ୟାଚରେ ବାଳକ ଦଳ ଷ୍ଟେଟ ସ୍ପୋର୍ଟ୍ସ ହଷ୍ଟେଲ ପୁରୀ ୩୯ ପଏଣ୍ଟ ପାଇ ଚାମ୍ପିୟନ ହୋଇ ଥିବାବେଳ ଜଗତସିଂହପୁର ଦଳ ୨୯ ପଏଣ୍ଟ ପାଇ ରନର୍ସ ଅପ ହୋଇଥିଲା । ତୃତୀୟ ସ୍ଥାନ ଅଧିକାର କରିଥିଲେ କିସ ୟୁନିଭରସିଟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ ଗଞ୍ଜାମ ଦଳ ପାଇଥିବା ବେଳେ ଅପ କମିଙ୍ଗ ପ୍ଲେୟାର ମୟୁରଭଞ୍ଜ ଲବ ମୁର୍ମୁ, କଟକ ସତ୍ୟ ରଞ୍ଜନ ବେହେରା, ଷ୍ଟେଟ ସ୍ପୋର୍ଟ୍ସ ହଷ୍ଟେଲ ପୁରୀ ସୌମ୍ୟ ରଞ୍ଜନ ସ୍ୱାଇଁ, ବାଲେଶ୍ୱର ସିପୁନ ହେମ୍ବ୍ରମ, ଦେବଗଡ ଟୁକୁ ବେହେରା ଓ ବେଷ୍ଟ ଡିଫେଣ୍ଡର ଷ୍ଟେଟ ସ୍ପୋର୍ଟ୍ସ ହଷ୍ଟେଲ ବିଜୟ କୁମାର ମାନ୍ଦ୍ରା, ବେଷ୍ଟ ଆଟାକର ଭାବେ ଜଗତସିଂହପୁର ଶୁଭମ ସାହୁ, ପ୍ଲେୟାର ଅଫ ଟୁର୍ଣ୍ଣାମେଣ୍ଟ ଷ୍ଟେଟ ସ୍ପୋର୍ଟ୍ସ ହଷ୍ଟେଲ ପୁରୀ,ଧନ ଖିଲ ,ବେଷ୍ଟ ଅଲରାଉଣ୍ଡର ଷ୍ଟେଟ ସ୍ପୋର୍ଟ୍ସ ହଷ୍ଟେଲ ପୁରୀ ଧନ ଖିଲଙ୍କୁ ଅତିଥିମାନଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଶାରିରୀକ ଶିକ୍ଷା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ୧୮ ବର୍ଷରୁ କମ ବୟସର ବାଳକ ଖେଳ ପ୍ରଦର୍ଶନରେ ଅଂଶ ଗ୍ରହଣ କରିଛନ୍ତି । ସୋମବାର ପ୍ରତିଯୋଗିତାରେ ବାଳକ ଦଳ ଲିଗ ମ୍ୟାଚରେ ୫୦ ଗୋଟି ଖେଳ ପ୍ରଦର୍ଶନ ହୋଇଥିଲା । ଗୋଟିଏ ଗ୍ରୁପରେ ୬ ଟି ଦଳ ଖୋ ଖୋ ଖେଳୁଥିବା ବେଳେ ୨୩ ଦଳ ଅଂଶଗ୍ରହଣ କରିଛନ୍ତି । ବାଳକ ଦଳ ମଧ୍ୟରେ ଷ୍ଟେଟ ସ୍ପୋର୍ଟ୍ସ ହଷ୍ଟେଲ, ବାଲେଶ୍ୱର, ବଲାଙ୍ଗିର,କେନ୍ଦୁଝର, ଝାରସୁଗୁଡ଼ା, ମୟୁରଭଞ୍ଜ, ଜଗତସିଂହପୁର, କଟକ, ଅନୁଗୁଳ, ଖୋର୍ଦ୍ଧା , ଗଜପତି, ମାଲକାନଗିରି, ସୁନ୍ଦରଗଡ,ଗଞ୍ଜାମ,ବୌଦ୍ଧ,ଭୁବନେଶ୍ୱର, ଢେଙ୍କାନାଳ,ନୟାଗଡ, ସମ୍ବଲପୁର, ଦେବଗଡ, କିସ ୟୁନିଭରସିଟ,ପୁରୀ,ଯାଜପୁର ଜିଲ୍ଲାରୁ ଅଂଶଗ୍ରହଣ କରିଛନ୍ତି । ସମୁଦାୟ ୨୭୬ ଜଣ ବାଳକ ଖେଳାଳୀ ଥିବାବେଳେ ସେମାନଙ୍କ ଟିମର ମ୍ୟାନେଜର ଓ କୋଚ ୪୬ ଜଣ ଯୋଗ ଦେଇଛନ୍ତି । ଏହି ଅବସରରେ ଟେକ୍ନିକାଲ ଅଫିସର, ମ୍ୟାନେଜର ଓ ରେଫରି ମାନଙ୍କୁ ଅତିଥିମାନଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା । ଏଚପିସି ର ମୁଖ୍ୟ ସଞ୍ଜୀବ ଶର୍ମା ,ପୋଗ୍ରାମ ମ୍ୟାନେଜର ବାପି କୁମାର ରାୟ,ରବିନାରାୟଣ ପ୍ରଧାନ, ଦେବେଶ ଅଧିକାରୀ, ଅନ୍ନପୂର୍ଣ୍ଣା ରାଉତ, ରଚିତ ନାୟକ ,ଧର୍ମେନ୍ଦ୍ର ପଣ୍ଡା,ଭୁବନ ମୋହନ ଦାସ, ଧିରେନ୍ଦ୍ର ଦାସ, ଉମେଶ ପାଣିଗ୍ରାହୀ, ସନ୍ତୋଷ କୁମାର ପ୍ରଧାନ, ଚିନ୍ତାମଣି ପ୍ରଧାନ, ନିରଞ୍ଜନ ସାହୁ,ସୁନାକର ରାଉତ, ହିମାଂଶୁ ଶେଖର ମହନ୍ତ,ରୁତିଶ୍ରୀ ନାୟକ ,ଇତିଶ୍ରୀ ନାୟକ, ମୋନାଲିସା ପାଲ, କ୍ରୀଷ୍ଣା କୁମାରୀ ରାୟ, ସୁଶାନ୍ତ ସାହାଣୀ, ବିଷ୍ଣୁ ପ୍ରସାଦ ପ୍ରଧାନ, ରୂପାଲି ପ୍ରଧାନ, ପ୍ରକାଶ ବେଜ, ଦେବାଶିଷ ରାଉତ, ସୁବାସ ଚନ୍ଦ୍ର ବେହେରା, ସୁଶାନ୍ତ କୁମାର ଦାସ,କୁନମୁନ ବେହେରା, ଆକାଶ ରଣା ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବାଳକ ଦଳର ଫାଇନାଲ ମ୍ୟାଚ କ୍ରୀଡାବିତ ମାନେ ଶୃଙ୍ଖଳିତ ଭାବେ ଉତ୍ସାହ ଓ ଜୋଶର ସହ ଭଲ ଖେଳୁଥିବା ଦେଖିବାକୁ ମିଳିଥିଲା ।

## ଗୌତମ ଗମ୍ଭୀରଙ୍କ ଚାକିରି ବିପଦରେ

# ବିଗୁଡୁଛି ଡ୍ରେସିଂ ରୁମ୍ ମାହୋଲ




**ନୂଆଦିଲ୍ଲୀ,୪।୮:** ଗୌତମ ଗମ୍ଭୀର ହେଡ କୋଚ୍ ହେବା ପରେ ଭାରତ ୨୦୨୪ ଟି-୨୦ ବିଶ୍ୱକପ ଏବଂ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିଥିଲେ ମଧ, ସତ୍ୟ ଏହା ଯେ ବିଶେଷ କରି ଟେଷ୍ଟ କ୍ରିକେଟରେ ଦଳର ପ୍ରଦର୍ଶନ ଭଲ ରହି ନାହିଁ। ନିକଟରେ ଆୟର୍ଲ୍ୟାଣ୍ଡ ଏବଂ ଇଂଲଣ୍ଡଠାରୁ ସିରିଜ ହାରିବା ପରେ ଗମ୍ଭୀର ପୁଣି ଥରେ ଟାର୍ଗେଟକୁ ଆସିଯାଇଛନ୍ତି। ତଥ୍ୟଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଗମ୍ଭୀରଙ୍କ କାର୍ଯ୍ୟକାଳ ଅତ୍ୟନ୍ତ ସଫଳ ରହି ନାହିଁ। ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବୋର୍ଡର କେତେଜଣ ଅଧିକାରୀ ଏବଂ ଡ୍ରେସିଂ ରୁମର କିଛି ସଦସ୍ୟ ମଧ ଗମ୍ଭୀରଙ୍କ କୋଚିଂ ଶୈଳୀ ଉପରେ ଆପତ୍ତି ପ୍ରକାଶ କରିଛନ୍ତି। ଗୋଟିଏ ବର୍ଷ ପୂର୍ବେ ଗମ୍ଭୀରଙ୍କୁ ଯେଉଁ ସମର୍ଥନ ମିଳୁଥିଲା, ତାହା ବର୍ତ୍ତମାନ କମିବାରେ ଲାଗିଛି। ଗମ୍ଭୀର ସର୍ବଦା ନିର୍ଭୀକ ଭାବରେ ପ୍ରଶ୍ନର ଉତ୍ତର ଦେଇଆସିଛନ୍ତି। କିନ୍ତୁ ବର୍ତ୍ତମାନ ତାଙ୍କ ପାଇଁ ସମସ୍ୟା ବୃଦ୍ଧି ପାଉଛି।

# ପାକିସ୍ତାନ ପାଇଁ ଲଢ଼ିଲେ ସଫିକ-ବାବର




**ନୂଆଦିଲ୍ଲୀ,୪।୮:** ପୋର୍ଟ ଅଫ୍ ସ୍ପେନ୍: ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ପ୍ରଥମ ପାଳିରେ ଲଢୁଆ ପ୍ରଦର୍ଶନ କରିଛି। ଘରୋଇ ୱେଷ୍ଟଇଣ୍ଡିଜ୍ ପ୍ରଥମ ପାଳିରେ ୩୪୪ ରନ୍ କରିଥିବାବେଳେ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ପାକିସ୍ତାନ ୨ ୱିକେଟ୍ ହରାଇ ୨୬୬ ରନ୍ ସଂଗ୍ରହ କରି ଭଲ ସ୍ଥିତିରେ ରହିଛି। ଅବଦୁଲା ସଫିକ୍ ତାଙ୍କ ଖେଳ ଜୀବନର ଷଷ୍ଠ ଟେଷ୍ଟ୍ ଶତକ ହାସଲ କରିଥିବାବେଳେ ବାବର ୪ ବର୍ଷ ପରେ ଶତକ ହାସଲଠାରୁ ମାତ୍ର ୧୪ ରନ୍ ଦୂରରେ ରହିଛନ୍ତି। ଉଭୟ ସଫିକ ଓ ଆଜମ ଅତୁଟ ତୃତୀୟ ୱିକେଟ୍ ପାଇଁ ୧୬୮ ରନ୍ ଯୋଡ଼ିବା ପରେ ଏହି କାରବାୟ ଗସ୍ତରେ ପାକିସ୍ତାନ ଏହି ଫର୍ମାଟରେ ଲଢ଼ିବା ନଜରକୁ ଆସିଛି। ପ୍ରଥମ ଟେଷ୍ଟକୁ ପାକିସ୍ତାନ ୯୦ ରନ୍‌ରେ ହାରିଯାଇଥିଲା। ୨ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ହୋଇଥିବାରୁ ପାକିସ୍ତାନ ପୋର୍ଟ ଅଫ୍ ସ୍ପେନ୍‌ରେ ବିଜୟୀ ହେବା ସହ ଡ୍ର’ ଆଶାରେ ରହିଛି। ସଂକ୍ଷିପ୍ତ ସ୍କୋର: ୱେଷ୍ଟଇଣ୍ଡିଜ୍ ପ୍ରଥମ ପାଳି: ୧୦୫.୪ ଓଭରରେ ୩୪୪/୧୦ (ଜଷ୍ଟିନ୍ ଗ୍ରିଭ୍‌ସ-୭୩, ରଷ୍ଟନ୍ ଚେଜ୍-୭୦, ବ୍ରାଣ୍ଡନ୍ କିଙ୍ଗ୍-୪୬, ସାଜିଦ୍ ଖାନ୍-୪/୮୫, ଉବେଦ ସାହା-୨/୬୬, ମହମ୍ମଦ ଅଲୀ-୨/୬୭, ଅଲୀ ଉସମାନ-୨/୮୦)।

## ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

# ଭାଗନେବେ ପିପିପୁରର ୭ ଖେଳାଳି



**ବାରିପଦା,୪।୮:** ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ୭୨ତମ କନିଷ୍ଠ ଦୌଡକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ ଜଣ ଖେଳାଳି ମନୋନୀତ ହୋଇଛନ୍ତି ଓ ବାରିପଦା ଷ୍ଟାଡିୟମରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଦେବ ତେଲେଙ୍ଗା, ଦେବାଶିଷ କୁଁଅର, ରାକେଶ ବେହେରା, ସଂଜିତ ସିଂହ, ସୁକୁଲ ହେମ୍ବ୍ରମ, ଆକାଶ କୁମାର ମହାନ୍ତ, ଗାଜ ଟୁଡୁ କୃତିତ୍ୱ ହାସଲ କରି ରାଜ୍ୟସ୍ତରରେ ଖେଳିବାର ସୁଯୋଗ ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ଓ ଖବର ପାଇବା ପରେ ବିଦ୍ୟାଳୟରେ ଖୁସିର ଲହରୀ ଖେଳି ଯାଇଛି ଓ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଛାତ୍ରାବାସରେ ରହି ସମସ୍ତେ ୮ମ ଶ୍ରେଣୀରେ ପାଠ ପଢୁଛନ୍ତି ଓ ପ୍ରକାଶ ଥାଉକି ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅତୀତରେ ଦୌଡ଼କୁଦ ସହ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଜାତୀୟ ସ୍ତରରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ଓ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ଶିକ୍ଷକ,ଶିକ୍ଷୟତ୍ରୀ, କୋଚ ବିଷ୍ଣୁପ୍ରିୟା ସାହୁ, ହଷ୍ଟେଲର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ କୃତୀ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି ।

# ଜର୍ସି ବିବାଦ: ହକି ଇଣ୍ଡିଆ ଡିଜିଙ୍କୁ ଜବାବ ମାଗିଲେ ଦିଲୀପ




**ନୂଆଦିଲ୍ଲୀ,୪।୮:** ଭାରତୀୟ ହକି ଦଳର ଜର୍ସି ରଙ୍ଗ ବଦଳାଇବା ବିବାଦ ଏବେ ହକି ଇଣ୍ଡିଆରେ ଆଭ୍ୟନ୍ତରୀଣ ବିବାଦ ପାଲଟିଛି। ଭାରତୀୟ ଦଳର ଜର୍ସିକୁ ନୀଳରୁ କମଳା ରଙ୍ଗ କରିବା ପରେ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କି ବେଶ୍ କ୍ଷୁବ୍ଧ ହୋଇଛନ୍ତି। ଜର୍ସିର ରଙ୍ଗ ପରିବର୍ତ୍ତନ ସମ୍ପର୍କରେ ତଥ୍ୟ ମାଗି ତାଙ୍କ ନୋଟିସ୍‌ର ସନ୍ତୋଷଜନକ ଉତ୍ତର ନ ପାଇବା ପରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏହାକୁ ନେଇ କଡ଼ା ଆପତ୍ତି ଜଣାଇଛନ୍ତି। ଜାତୀୟ ଦଳର ଖେଳାଳିଙ୍କ ଜର୍ସିର ରଙ୍ଗ ପରିବର୍ତ୍ତନର ପ୍ରକ୍ରିୟା ଏବଂ ଆଧାର ସମ୍ପର୍କରେ ଦିଲୀପ ପୂର୍ବରୁ ହକି ଇଣ୍ଡିଆର ମହାନିର୍ଦ୍ଦେଶକ (ଡିଜି) କମାଣ୍ଡର ଆର.କେ. ଶ୍ରୀବାସ୍ତବଙ୍କଠାରୁ ସ୍ପଷ୍ଟୀକରଣ ମାଗିଥିଲେ। ଶ୍ରୀବାସ୍ତବ ଦାବି କରିଥିଲେ ଯେ ଏଭଳି ପରିଚାଳନା ସମ୍ପର୍କିତ ନିଷ୍ପତ୍ତି ପୂର୍ବରୁ ମଧ କାର୍ଯ୍ୟନିର୍ବାହୀ ବୋର୍ଡ ସମ୍ମୁଖକୁ ଅଣାଯାଉ ନଥିଲା। ଦିଲୀପ ପାଲଟା ଜବାବ ଦେଇ ସମସ୍ତ କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟଙ୍କୁ ପଠା ଯାଇଥିବା ଆଉ ଏକ ଇ-ମେଲ୍‌ରେ ଉଠିଥିବା ଆପତ୍ତିଗୁଡ଼ିକର ପୁଙ୍ଖାନୁପୁଙ୍ଖ ଉତ୍ତର ରଖିବାକୁ ସୋମବାର ଦିନ ଶ୍ରୀବାସ୍ତବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସୁଦ୍ଧା ଉତ୍ତର ରଖିବାକୁ ଶ୍ରୀବାସ୍ତବଙ୍କୁ ଦିଲୀପ ତିର୍କୀ ନିର୍ଦ୍ଦେଶ ଦେଇଛନ୍ତି। ଦିଲୀପ ଦର୍ଶାଇଛନ୍ତି, ହକି ଇଣ୍ଡିଆ ଭାରତୀୟ ହକିର ମାଲିକ ନୁହେଁ। କୌଣସି କାଗଜାତ କିମ୍ବା ପ୍ରମାଣ ବିନା କେବଳ ସ୍ପଷ୍ଟୀକରଣ କାର୍ଯ୍ୟନିର୍ବାହୀ ବୋର୍ଡ ପାଇଁ ଯଥେଷ୍ଟ ନୁହେଁ। ଏହି ପ୍ରସଙ୍ଗ କେବଳ ଜର୍ସିର ରଙ୍ଗ କିମ୍ବା ଡିଜାଇନ୍ ନୁହେଁ; ଏହି ମାମଲା ଭାରତୀୟ ହକିର ପ୍ରମୁଖ ପରିଚୟ ସହିତ ଜଡ଼ିତ। କାହା କ୍ଷମତା ବଳରେ ଏହି ନିଷ୍ପତ୍ତି ନିଆ ଯାଇଥିଲା, କେଉଁ ସବୁ ଆଲୋଚନା କରା ଯାଇଥିଲା, ହକି ଇଣ୍ଡିଆର ପ୍ରଶାସନ ପ୍ରଣାଳୀର ଅନୁପାଳନ ଓ ସଠିକ୍ ପ୍ରକ୍ରିୟା ଅନୁସରଣ କରା ଯାଇଥିଲା କି ନାହିଁ; ତାହା ଜାଣିବାକୁ ଚାହେଁ।

## ଇଣ୍ଡୋ-ନେପାଳ ଚାମ୍ପିୟନସିପ୍ ୨୦୨୬

# ପିଟୁ ଶୃଙ୍ଖଳା ଜିତି ସ୍ୱର୍ଣ୍ଣପଦକ ହାତେଇଲା ଭାରତ

**✸ ଓଡ଼ିଶାର ୪ ଖେଳାଳିଙ୍କ କମାଲ**



**ଭୁବନେଶ୍ୱର,୪।୮:** ନେପାଳର ପୋଖରାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ‘ଇଣ୍ଡୋ-ନେପାଳ ଚାମ୍ପିୟନସିପ୍ ୨୦୨୬’ରେ ଭାରତୀୟ ପିଟୁ ଦଳ ଚମତ୍କାର ପ୍ରଦର୍ଶନ କରି ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ଗତ ଜୁଲାଇ ୨୯ ରୁ ୩୧ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିଥିବା ଏହି ରୋମାଞ୍ଚକର ଶୃଙ୍ଖଳାରେ ଭାରତୀୟ ଦଳ ନେପାଳକୁ ୪-୧ ମ୍ୟାଚ୍‌ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିବା ସହ ଦେଶ ଓ ଓଡ଼ିଶା ପାଇଁ ଗୌରବ ଆଣିଦେଇଛି। ଏହି ବିଜୟୀ ଭାରତୀୟ ଦଳରେ ଓଡ଼ିଶାର ୪ ଜଣ କ୍ରୀଡ଼ାବିତ୍ ପ୍ରତିନିଧିତ୍ୱ କରି ନିଜର ଶ୍ରେଷ୍ଠ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ସ୍ୱାଧୀନ ସାମଲ, ମହମ୍ମଦ ସାହି, ଶିଶୁ ଶଙ୍କର ଦାସ, ପ୍ରୟାଶ ପ୍ରଧାନ ଖେଳାଳିମାନଙ୍କ ଏହି ସଫଳତା ପାଇଁ ‘ପିଟୁ ଆସୋସିଏସନ୍ ଅଫ୍ ଓଡ଼ିଶା’ ର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ଆସୋସିଏସନ୍‌ର ଚେୟାରମ୍ୟାନ୍: ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର, ଆଡଭାଇଜର (ଉପଦେଷ୍ଟା), ନୀଳକଣ୍ଠ ସାମଲ, ସଭାପତି, ଶକ୍ତି ପ୍ରକାଶ ପତି, ଉପ-ସଭାପତି, ଦେବାଶ୍ରୀ ମହାପାତ୍ର ଓ ସୁବାଷ ପରିଡ଼ା ସମ୍ପାଦକ, ସତୀଶ ବିଶ୍ୱକର୍ମା ସହ-ସମ୍ପାଦକ, ଜିତେନ୍ଦ୍ର କୁମାର ରାଉତ, ମହେଶ କୁମାର ମିଶ୍ର, ସୂର୍ଯ୍ୟ ପ୍ରକାଶ ପତି, ସୌରଭ ମହାନ୍ତି, ଏବଂ ବିଷ୍ଣୁପ୍ରିୟା ଦାସ। ଓଡ଼ିଶାର ଏହି ଉଦୀୟମାନ ଖେଳାଳିମାନଙ୍କ ସଫଳତା ଯୋଗୁଁ ରାଜ୍ୟରେ ପିଟୁ ଖେଳର ପ୍ରଚାର ଓ ପ୍ରସାର ଆହୁରି ବୃଦ୍ଧି ପାଇବ ବୋଲି ସଂଘର କର୍ମକର୍ତ୍ତାମାନେ ଆଶାପ୍ରକଟ କରିଛନ୍ତି।

# ଫୁଡ୍ ପଏଜନିଂ କାରଣରୁ ସ୍ୱର୍ଣ୍ଣ ପଦକ ହାତଛଡ଼ା କଲେ ସେଲ୍‌ଭା

**ନୂଆଦିଲ୍ଲୀ,୪।୮:** ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକଧାରୀ ସେଲଭା ପ୍ରଭୁଙ୍କ ମତରେ ଫୁଡ୍ ପଏଜନିଂ କାରଣରୁ ସେ ଗ୍ଲାସଗୋରେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଛନ୍ତି। ସେଲଭା ପୁରୁଷ ଟ୍ରିପଲ ଜମ୍ପରେ ୧୬.୫୨ ମି. ଶ୍ରେଷ୍ଠ ଉଦ୍ୟମ ସହ ଭାରତର ପ୍ରବୀନ ଚିତ୍ରାଭେଲ (୧୬.୫୮ ମି.) ଓ ସ୍କଟଲାଣ୍ଡର ଜୋର୍ଡନ ସ୍କଟ (୧୬.୭୨ ମି.) ପଛକୁ ତୃତୀୟ ସ୍ଥାନରେ ରହିଥିଲେ। ସ୍ୱର୍ଣ୍ଣ ପଦକ ଜିତିବାର ଥିଲା। ମୁଁ ଶୀର୍ଷ ସଫଳତା ପାଇଁ ଆଶା ରଖିଥିଲି। କିନ୍ତୁ କ’ଣ କରାଯାଇପାରିବ। ଯେତେବେଳେ ପ୍ରତିଯୋଗିତା ଆରମ୍ଭ ହେଲା, ସେତେବେଳକୁ ମୁଁ ଫୁଡ୍ ପଏଜନିଂ କାରଣରୁ ଅସୁସ୍ଥ ଥିଲି। ମୁଁ ମାନସିକ ସ୍ତରରେ ମଜଭୁତ। ଏଣୁ ମୁଁ ନିଷ୍ପତ୍ତି ନେଇଥିଲି, କିଛି ବି ଘଟୁ, ମୋତେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବାର ଅଛି। ମୋତେ ସୁସ୍ଥ ରହିବାର ଥିଲା। କିନ୍ତୁ ଆଗାମୀ ଥର ପାଇଁ ସର୍ବଦା ପ୍ରସ୍ତୁତ ରହିବି। ମୋ ପାଖରେ ସ୍ଥିରତା ରହିଛି। ନିର୍ଦ୍ଦିଷ୍ଟ ଦିନ ପ୍ରଦର୍ଶନ କେଉଁ ଭଳି ରହୁଛି, ତାହା ଉପରେ ସବୁ କିଛି ନିର୍ଭର କରେ। ଏବେ ମୁଁ ମୋ ଆପ୍ରୋଚ ଉପରେ କାମ କରିବାକୁ ଚାହେଁ’ ବୋଲି ସେଲଭା ପ୍ରକାଶ କରିଛନ୍ତି।




## ଶ୍ରୀଲଙ୍କା ଟେଷ୍ଟ ପୂର୍ବରୁ ବିସିସିଆଇର ବଡ଼ ଘୋଷଣା

# ଟିମ୍ ଇଣ୍ଡିଆକୁ ଆସିଲେ ଆଉ ୨ ଖେଳାଳି



**ନୂଆଦିଲ୍ଲୀ,୪।୮:** ଭାରତୀୟ କ୍ରିକେଟ ଦଳର ଶ୍ରୀଲଙ୍କା ଗସ୍ତ ୧୫ ଅଗଷ୍ଟରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଟିମ ଇଣ୍ଡିଆରେ ଲଗାତାର ପରିବର୍ତ୍ତନ ହେଉଛି। ଜସପ୍ରୀତ ବୁମ୍‌ରାଙ୍କ ସ୍ଥାନରେ ଜମ୍ମୁ-କଶ୍ମୀରର ଉଦୀୟମାନ ଦ୍ରୁତ ବୋଲର ଆକିବ ନବିଙ୍କୁ ଦଳରେ ସାମିଲ କରାଯାଇଛି। ଏବେ ଖବର ମିଳିଛି ଯେ, ବିସିସିଆଇ ଆଉ ଦୁଇଜଣ ଖେଳାଳିଙ୍କୁ ଶ୍ରୀଲଙ୍କା ପଠାଇବାକୁ ନିଷ୍ପତ୍ତି ନେଇଛି। ହର୍ଷ ଦୁବେ ଏବଂ ତନୁଷ କୋଟିଆନଙ୍କୁ ନେଟ ବୋଲର ଭାବେ ଶ୍ରୀଲଙ୍କା ଗସ୍ତରେ ପଠାଯାଇଛି। ଶ୍ରୀଲଙ୍କାର ପିଚ ସାଧାରଣତଃ ସ୍ପିନ ବୋଲରଙ୍କ ପାଇଁ ସହାୟକ ହୋଇଥାଏ। ଏହା ସତ୍ତ୍ୱେ ହର୍ଷ ଦୁବେ ଓ ତନୁଷ କୋଟିଆନ ମୁଖ୍ୟ ଦଳରେ ସ୍ଥାନ ପାଇନଥିଲେ। ତେବେ ଉଭୟ ବର୍ତ୍ତମାନ ନେଟ ବୋଲର ଭାବେ ଭାରତୀୟ ଦଳ ସହ ଯୋଗଦେବେ। ସ୍ପିନ ଆକ୍ରମଣକୁ ଦେଖିଲେ ଭାରତୀୟ ଦଳରେ କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ମାନବ ସୁଥାର ଏବଂ ସାରାଂଶ ଜୈନ ରହିଛନ୍ତି। ଜାଡେଜା ଦୀର୍ଘ କିଛି ମାସ ପରେ ଦଳକୁ ଫେରିଛନ୍ତି। ସେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚରେ ଖେଳିନଥିଲେ। ଅନ୍ୟପଟେ, ଆଫଗାନିସ୍ତାନ ବିପକ୍ଷରେ ଡେବ୍ୟୁ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରି ମାନବ ସୁଥାର ନିଜ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ୩୩ ବର୍ଷୀୟ ସାରାଂଶ ଜୈନ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କା ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ: ଶୁଭମନ ଗିଲ (ଅଧିନାୟକ), କେ.ଏଲ. ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ (ଉଇକେଟ୍‌କିପର), ସାଇ ସୁଦର୍ଶନ, ଧ୍ରୁବ ଜୁରେଲ (ଉଇକେଟ୍‌କିପର), ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୁଥାର, ଆକିବ ନବି, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା, ଗୁରନୂର ବରାଡ଼, ଦେବଦତ୍ତ ପାଡିକ୍କଲ ଏବଂ ସାରାଂଶ ଜୈନ।


କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085/86 (News), 9040003050 (Advt.)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

## ସଜନାଗଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଥାଇ ବି ନଥିଲା ଭଳି

# ବର୍ଷବର୍ଷ ଧରି ଫାର୍ମାସିଷ୍ଟଙ୍କ ହାତରେ ରୋଗୀସେବା



**ନୀଳଗିରି (ଅମୃତ ମିଡିଆ) :** ଡାକ୍ତର ଥାଇ ବି ନାହାନ୍ତି । ଜଣେ ଫାର୍ମାସିଷ୍ଟଙ୍କ ଭରଷାରେ ଚାଲିଥିବା ସଜନାଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଫାର୍ମାସିଷ୍ଟଙ୍କ ବଦଳିପରେ ଏବେ ଭଗବାନଙ୍କ ଭରଷାରେ ୩୦ହଜାରରୁ ଉର୍ଦ୍ଧ୍ୱଲୋକ । ନୀଳଗିରି (ବଣସୀମା) ଭଳି ବଣପାହାଡ ଘେରା ଅଞ୍ଚଳରେ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ସଜନାଗଡ ପଞ୍ଚାୟତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର) ଏବେ ଶ୍ରୀହୀନ । ଅଞ୍ଚଳର ଗରିବ, ଖଟିଖିଆ, ଆଦିବାସୀ ଓ ଅଭାବିପରିବାର ଯେଉଁମାନେ ମୁଖ୍ୟତଃ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭରକରିଥାନ୍ତି ସେମାନେ ଏବେ ଭଗବାନଙ୍କ ଭରଷାରେ । ସୂଚନାଯୋଗ୍ୟ ସଜନାଗଡ ଠାରେ ୧୯୮୨ ମସିହାରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନା ପରଠାରୁ ସଜନାଗଡ଼, ସିଆଡିମାଳ, ଜଡିଦା, ଜାମୁଡିହା, ଭଉଁରିଆବାଡ ଓ ନରଣପୁର ପଞ୍ଚାୟତକୁ ମିଶାଇ ୬ଟି ପଞ୍ଚାୟତର ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ଲୋକେ ନିର୍ଭର କରିଥାନ୍ତି । ପୂର୍ବରୁ ଏଠାରେ ବହୁରୋଗୀ ସ୍ୱାସ୍ଥ୍ୟସେବା ପାଇଁ ଆସୁଥିବାବେଳେ ଗତ କିଛିବର୍ଷ ହେବ ଡାକ୍ତରଙ୍କ ଅବ୍ୟବସ୍ଥା ଯୋଗୁ ଏବେ ପ୍ରତିଦିନ ପ୍ରାୟ ୧୫୦ରୁ ୧୭୦ ରୋଗୀ ଏଠାକୁ ଚିକିତ୍ସାପାଇଁ ଆସୁଛନ୍ତି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରଙ୍କ ନିୟମଅନୁଯାୟୀ ଜଣେ ଆୟୁଷ ଡାକ୍ତର, ଜଣେ ନିୟମିତ ଏମ୍.ବି.ବି.ଏସ୍ ଡାକ୍ତର, ଜଣେ ଫାର୍ମାଷିଷ୍ଟ, ଜଣେ ନର୍ସ,ଲ ଓ ଜଣେ ସୁଇପର ନିଯୁକ୍ତି ହୋଇଛନ୍ତି । ତନ୍ମମଧ୍ୟରୁ ଏମ୍.ବି.ବି.ଏସ୍ ଡାକ୍ତର ବି. ସୁବ୍ରମଣ୍ୟମ ଦାସ ୨୦୧୬ ମସିହାରୁ ଏଠାରେ ନିଯୁକ୍ତି ପାଇଥିଲେ ମଧ୍ୟ, ତାଙ୍କ ଇଚ୍ଛାରେ ଆସନ୍ତି ଏବଂ କେବଳ ହାଜିରା ପକେଇ ପଳେଇ ଯାଆନ୍ତି । ଡାକ୍ତର ସୁବ୍ରମଣ୍ୟମ ସଜନାଗଡ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ କେହିକେବେ ଦେଖିନାହାଁନ୍ତି । ଅପରପକ୍ଷରେ ଆୟୁଷ ଡାକ୍ତର ଉପସ୍ଥାନ ଖାତାରେ ହାଜିରା ପକାଇବା ବ୍ୟତୀତ ରୋଗୀସେବା ଶୁନ କହିଲେ ଚଳେ । ଜଣେଏ ଅନୁଭବି ଫାର୍ମାଷିଷ୍ଟ ପ୍ରତିଦିନ ଆସିବାସହ ତାଙ୍କର ଆୟତ୍ତଭିତରେ ଯାହା ରୋଗୀସେବା ହୋଇପାରେ ତାହାକରୁଥିବା ବେଳେ ଏବେ ତାଙ୍କର ବରହମପୁର ସି.ଏଚ୍.ସି.କୁ ବଦଳିଯାଇଛି । ଫଳରେ ରୋଗୀମାନେ ନାହିଁନଥିବା ହଇରାଣ ହେଉଛନ୍ତି । ଏହି ପରିସ୍ଥିତିରେ ମଙ୍ଗଳବାର ସଜନାଗଡ ମେଡିକାଲର ଡାକ୍ତର ଶ୍ରୀ ଦାସଙ୍କ ଦେଖାନଥିବାବେଳେ ଆୟୁଷ ଡାକ୍ଟର ମଧ୍ୟ ନଥିଲେ ।ଜଣେ ସିଏଚଓ ରୋଗୀସେବା କରୁଥିବା ଦେଖିବାକୁ ମିଳିଥିଲା । ଏନେଇ କିଛି ସ୍ଥାନୀୟ ସମାଜସେବୀ ଡାକ୍ତର ଶ୍ରୀ ଦାସଙ୍କୁ ଫୋନଯୋଗେ ଯୋଗାଯୋଗ କରିଥିବା ବେଳେ ସେ ଛୁଟିରେ ଅଛନ୍ତି ବୋଲି କହିଥିଲେ । ୧୦ବର୍ଷଧରି ସଜନାଗଡ ମେଡ଼ିକାଲରେ ଡାକ୍ତର ଶ୍ରୀ ଦାସ ନିଯୁକ୍ତିଥାଇ କେବଳ ଉପସ୍ଥାନ ବ୍ୟତୀତ ରୋଗୀସେବା କରୁନାହାନ୍ତି କି ହସ୍ପିଟାଲ ଛାଡ଼ି ଯାଉନଥିବା ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି ।ଏଭଳି ଦାୟିତ୍ୱହୀନ ଡାକ୍ତରଙ୍କ ବଦଳିପାଇଁ ବହୁବାର ସାଧାରଣରେ ଦାବୀହେଉଥିବା ବେଳେ ଜିଲ୍ଲା ପ୍ରଶାସନ କି ରାଜ୍ୟସରକାର ବଦଳିର ନାଁ ଧରୁନଥିବା କାରଣରୁ ନିଜର ଡାକ୍ତର ଶ୍ରୀଯୁକ୍ତ ଦାସ ନିଜର ଆଧିପତ୍ୟ ବିସ୍ତାର କରିଚାଲିଥିବା ଚର୍ଚ୍ଚା ଚାଲିଛି । ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ରାଜ୍ୟରେ ଡବଲ ଇଂଜିନର ସାଂସଦ ଓ ବିଧାୟକ ହସ୍ପିଟାଲର ଅବ୍ୟବସ୍ଥାର ସୁଧାର କରିନପାରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଆଲୋଚନା ହେଉଛି । ଏନେଇ ବାଲେଶ୍ୱର ସି.ଡି.ଏମ୍ ଡାକ୍ତର ଦିଲ୍ଲିପ୍ କୁମାର ଜେନାଙ୍କୁ ଯୋଗାଯୋଗ କରିବାପରେପରେ ଡାକ୍ତର ଶ୍ରୀଯୁକ୍ତ ଦାସ ଫୋନ ଉଠାଉଥିବା କହିବା ସହ ବରହମପୁର ସି.ଏଚ୍.ସି ମେଡିକାଲ ଅଫିସର ଜଣାଇଛି କହିଥିଲେ । ପରେ ବରହମପୁର ସି.ଏଚ୍.ସି. ମେଡିକାଲ ଅଫିସର ଡାକ୍ତର ସୌମ୍ୟସମ୍ବିତ ବେହେରାଙ୍କ ମତାମତ ନେବାରୁ ସେ ସି.ଡି.ଏମଙ୍କ ସହ ଆଲୋଚନା ହେଇଛି ଯଥାଶିଘ୍ର ସେଠାରେ ଅନ୍ୟଜଣେ ଡାକ୍ତର ବ୍ୟବସ୍ଥା କରାଇବୁ କହିଥିଲେ । ଆଗାମୀଦିନରେ ହସ୍ପିଟାଲ ଅବ୍ୟବସ୍ଥା ନସୁଧାରିଲେ ବଡ ଆନ୍ଦୋଳନ ହେବାନେଇ ସ୍ଥାନୀୟ ଅଞ୍ଚଳର ଉପେନ୍ଦ୍ର ନାୟକ, ଦୈତାରି ବାରିକ, ନାରାୟଣ ବେହେରା, କୃଷ୍ଣଚନ୍ଦ୍ର ବାଗ, ଚିନମୟରଞ୍ଜନ ସିଂ, ରବିନ୍ଦ୍ର ମାହାଳିକ, ରବିନ୍ଦ୍ର ଖାଲପାଳିଆ, ପ୍ରହଲାଦ ଖଣ୍ଡେଇ ପ୍ରମୁଖ ଆଜି ସକାଳେ ବୈଠକକରି ସଜବାଜ ହେଉଥିବାର ସୂଚନା ଦେଇଛନ୍ତି । ତେବେ ବଦଳି ପରେ ଅଞ୍ଚଳବାସିଙ୍କ ଭିତରେ ଯେଉଁଭଳି ପ୍ରତିକ୍ରିୟା ପ୍ରକାଶ ପାଇଛି ସେହିଭଳି ଭାବେ ଫାର୍ମାସିଷ୍ଟଙ୍କ ବଦଳି ପୂର୍ବରୁ ସେଠାରେ ନିଯୁକ୍ତି ପାଇଥିବା ଡାକ୍ତରଙ୍କ ବିରୋଧରେ ଏହିଭଳି ପଦକ୍ଷେପ ନିଆଯାଇଥାନ୍ତା ତେବେ ଅଞ୍ଚଳବାସୀଙ୍କୁ ଏଭଳି ଅବସ୍ଥା ଭୋଗିବାକୁ ପଡ଼ିନଥାନ୍ତା । ଯଦି ଉପରସ୍ଥ ଅଧିକାରୀ ମାନେ ଅବ୍ୟବସ୍ଥା ସୃଷ୍ଟି କରୁଥିବା ଡାକ୍ତରଙ୍କ ଉପରେ ନିଘା ରଖିଥାନ୍ତେ ଡାକ୍ତର ଜଣଙ୍କ ମନମୁଖୀ ଭାବେ କାର୍ଯ୍ୟ କରିନଥାନ୍ତେ । ମନମୁଖୀ ଶାସନ କରୁଥିବା ଡାକ୍ତର ଶ୍ରୀ ଦାସଙ୍କ ପ୍ରତି କୋହଳପୋଷଣ କାହା ଇସାରାରେ ଓ କାହା ସ୍ୱାର୍ଥରେ ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରିଛନ୍ତି । ଯାହା ଜଣାପଡୁଛି ବିଭାଗୀୟ ଅଧିକାରୀଙ୍କ ନୀତି କଉଡ଼ିଆ ଦମେ ତ ନିକଉଡ଼ିଆ ଦିଦମ । ଡାକ୍ତର ନଆସିବା ଏବଂ ଫାର୍ମାସିଷ୍ଟ ଜଣଙ୍କ ବଦଳି ପରେ ରୋଗୀମାନେ ଡହଳବିକଳ ହେଉଛନ୍ତି । ଖର୍ଚ୍ଚାନ୍ତ ହୋଇ କିଏ ନୀଳଗିରି ତ କିଏ ବାଲେଶ୍ୱର ଡାକ୍ତରଖାନା ଯାଉଥିବାର ଦେଖିବାକୁ ମିଳିଛି ।

## 'ନିଶାମୁକ୍ତ ଭାରତ ମହାଅଭିଯାନ'ର ଶୁଭାରମ୍ଭ



**ଖୋର୍ଦ୍ଧା (ଅମୃତ ମିଡିଆ) :** ଗୋଡ଼ିପୋଖରୀ ଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ର ପରିସରରେ ଏହାର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କର ସଭାପତିତ୍ୱ ରେ 'ନିଶା ମୁକ୍ତ ଭାରତ ମହା ଅଭିଯାନ'ର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଂସ୍ଥାର ମେଡିକାଲ ପ୍ରଭାଗ ଦ୍ୱାରା ସମଗ୍ର ଭାରତ ବର୍ଷରେ ଦଶ କୋଟି ବ୍ୟକ୍ତିଙ୍କୁ ନିଶା ମୁକ୍ତିର ପ୍ରତିଜ୍ଞା କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି ଉଦଘାଟନ କରିଥିଲେ । ଏଥିପାଇଁ ଆମ ଖୋର୍ଦ୍ଧା ଜିଲ୍ଲାରେ ବ୍ରହ୍ମାକୁମାରୀ ସେବା କେନ୍ଦ୍ର ମାଧ୍ୟମରେ ଏହି ଅଗଷ୍ଟ ମାସ ୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନମଧ୍ୟରେ ବିଭିନ୍ନ ଗ୍ରାମ, ପଂଚାୟତ, ସ୍କୁଲ, କଲେଜ, କ୍ଲବ, ଅନୁଷ୍ଠାନ, ନିଶା ନିବାରଣ କେନ୍ଦ୍ର, କାରାଗାର, ଆଇଟି ବିପି ଇତ୍ୟାଦି ରେ ପଚିଶ ହଜାରରୁ ଉର୍ଦ୍ଧ ଯୁବକ, ଛାତ୍ରଛାତ୍ରୀ ଓ ଜନ ସାଧାରଣଙ୍କୁ ନିଶାମୁକ୍ତିର ପ୍ରତିଜ୍ଞା ପାଠ କରାଇ ସୁସ୍ଥ ସମାଜ ଗଠନ କରିବାର ଉଚ୍ଚ ଲକ୍ଷ୍ୟ ରଖା ଯାଇଅଛି ବୋଲି ବ୍ରହ୍ମା କୁମାର ଜୟ କୃଷ୍ଣ ଭାଇ କହିଥିଲେ । ଏଥିରେ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ପୌରାଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପପୌରାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି । ଏମ୍ସର ପୂର୍ବ ନିର୍ଦ୍ଦେଶକ ଡାକ୍ତର ଅଶୋକ ମହାପାତ୍ର, ଯୋଗଦାନ କରି ନିଶା ସେବନର ଅପକାରିତା ବିଷୟ ରେ କହିଥିଲେ । ବ୍ରହ୍ମାକୁମାରୀ ଗୌରୀ, ତିଲୋତମା ଭଉଣୀ, ରଶ୍ମି ଭଉଣୀ, କଳ୍ପନା ଭଉଣୀ ଓ ପୂଜା ଭଉଣୀ ଅତିଥି ମାନଂକୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ତିଳକ ପ୍ରଦାନ କରି ସମ୍ମାନିତ କରିଥିଲେ ।

## ଚିଲିକାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଦିଗରେ ଲୋକଙ୍କ ସରକାର ସଂକଳ୍ପବଦ୍ଧ



**ବାଲୁଗାଁ (ଅମୃତ ମିଡିଆ) :** ଲୋକସେବା ଭବନର ସମ୍ମିଳନୀ କକ୍ଷଠାରେ ଚିଲିକାର ସାମଗ୍ରିକ ପର୍ଯ୍ୟଟନ ବିକାଶ ସମ୍ପର୍କିତ ଆୟୋଜିତ ଏକ ବୈଠକରେ ମାନନୀୟା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ ଯୋଗଦେଇଛନ୍ତି । ଅନୁଷ୍ଠିତ ବୈଠକରେ ଚିଲିକାର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଐତିହ୍ୟ ଓ ଅପାର ପର୍ଯ୍ୟଟନ ସମ୍ଭାବନାକୁ ବିଶ୍ୱସ୍ତରରେ ପରିଚିତ କରିବା, ସୁଦୃଢ ସଡ଼କ ସଂଯୋଗର ଉନ୍ନତି, ପର୍ଯ୍ୟଟକଙ୍କ ସୁବିଧା, ୱାଟର ସ୍ପୋର୍ଟ୍ସ, ବୋଟିଂ, ଚିଲିକା ଜେଟିର ଉନ୍ନତି ସହିତ ଅନ୍ୟାନ୍ୟ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଦେବୋତ୍ତର ଆୟୁକ୍ତ ସତ୍ୟନାରାୟଣ ଷଡ଼ଙ୍ଗୀ, ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଅନୁପମ ଶାହା, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଇଆଇସି ଇଂ ସତ୍ୟବ୍ରତ ବେହେରା ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ବେତନଟୀ (ଅମୃତ ମିଡିଆ) : ବେତନଟୀ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବେତନଟୀ ଏମ ପି ସି ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିଥି ଭାବେ ଉପସଭାପତି ଉଜ୍ଜଳ କୁମାର ବେହେରା ଓ ଏମ ପି ସି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ମଞ୍ଚରେ ଉପସ୍ଥିତ ରହିଥିଲେ । ବୈଠକରେ ଉପସ୍ଥିତ ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଓ କମିଟିର ସଦସ୍ୟମାନଙ୍କ ସହିତ କାର୍ଯ୍ୟକ୍ରମକୁ କିପରି ସୁଚାରୁ ରୂପେ ସମାପନ କରିହେବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଆସନ୍ତା ଅଗଷ୍ଟ ୧୦ ତାରିଖ ସୋମବାର ଦିନ ସିନିୟର, ଜୁନିଅର, ସବ ଜୁନିଅର ବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାମାନ ହେବା ନେଇ ନିଷ୍ପତି ନିଆଯାଇଥିଲା । ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଦିନ ସକାଳ ୮ଟା ରେ ହାଇସ୍କୁଲ ପଡିଆରେ ଜାତୀୟ ପତାକା ଉତ୍ତୋଳନ ସହିତ ଛାତ୍ରଛାତ୍ରୀଙ୍କୁ ନେଇ ପ୍ୟାରେଡ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହ କରାଯିବା ନେଇ ଆଲୋଚନା ହୋଇଥିଲା । ବୈଠକରେ କମିଟିର କୋଷାଧକ୍ଷ ଉଦିତ କୁମାର ପରିଡା ମଞ୍ଚ ପରିଚାଳନା କରୁଥିବା ବେଳେ ସହ ସମ୍ପାଦକ ସର୍ବେଶ୍ୱର ଦାସ, ସହ ସମ୍ପାଦକ ମନୋଜ ପଣ୍ଡା, ଉପ କୋଷାଧକ୍ଷ ସଞ୍ଜୀବ ଜେନା, ଅନୁପ ଦଣ୍ଡପାଟ, ହରିଶ ଚନ୍ଦ୍ର ସାମଲ, ପ୍ରକାଶ କୁମାର ବେହେରା, ପ୍ରଦୀପ କୁମାର ମହାପାତ୍ର, ପଦ୍ମମାଳି ସଂଗଠନ ସମ୍ପାଦିକା ପ୍ରଭାତୀ ମହାନ୍ତି, ଅନିନ୍ଦିତା ସାହୁ, ରଞ୍ଜିତା କର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପରିଶେଷରେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଧନ୍ୟବାଦ ନେଇ ସଭାକାର୍ଯ୍ୟ ସମାପ୍ତ କରିଥିଲେ ।

## ରେଳ ଓଭରବ୍ରିଜ ରାସ୍ତା ସିଲ୍ : ସାଧାରଣ ଜନତା ହନ୍ତସନ୍ତ



**ବାଲୁଗାଁ (ଅମୃତ ମିଡିଆ) :** ମଙ୍ଗଳବାର ପୂର୍ବାହ୍ନରେ ମହାମହିମ ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଗସ୍ତକୁ ନେଇ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଅନ୍ତର୍ଗତ ବାଲୁଗାଁ ରେଳ ଓଭରବ୍ରିଜ୍ ଉପରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବାଲୁଗାଁ ରେଳ ଷ୍ଟେସନ୍ ପରିସରକୁ କଡ଼ାକଡ଼ି କରାଯାଇଥିଲା । ହେଲେ ରେଳ ପଥରେ ମହାମହିମ ରାଷ୍ଟ୍ରପତି ଯାଉଥିବା ବେଳେ ରେଳ ଓଭର ବ୍ରିଜ ଉପରେ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଉଭୟ ପାର୍ଶ୍ୱକୁ ସିଲ୍ କରିଦିଆଯାଇଥିଲା । ଯାହାଫଳରେ ଉଭୟ ପାର୍ଶ୍ୱରେ ଯାତାୟାତ ଠପ୍ ହେବାରୁ ସ୍କୁଲ ଛାତ୍ରଛାତ୍ରୀ ଠାରୁ ଆରମ୍ଭ କରି ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ।ପ୍ରବଳ ଖରା ସାଙ୍ଗକୁ ବିଳମ୍ବ ମଧ୍ୟରେ ଘଣ୍ଟା ଘଣ୍ଟା ଧରି ଲୋକେ ରାସ୍ତାରେ ଅଟକି ରହିଥିଲେ । ଯଦ୍ୱାରା ଓଭରବ୍ରିଜ୍ ରାସ୍ତା ବନ୍ଦ ହେବା କାରଣରୁ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକାଇବା ଫଳରେ ଛାତ୍ରଛାତ୍ରୀ,ସରକାରୀ ଅବା ବେସରକାରୀ କର୍ମଚାରୀଙ୍କ ସମେତ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସ୍ଥାନୀୟ ଲୋକେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ନିନ୍ଦା କରିବା ସହ ବିକଳ୍ପ ବ୍ୟବସ୍ଥା ନ କରି ଓଭରବ୍ରିଜ୍ ରାସ୍ତା ବନ୍ଦ କରିବା ଅନୁଚିତ ବୋଲି କହିଥିଲେ ।

## ବନ୍ୟା ପରବର୍ତ୍ତୀ ସମୀକ୍ଷା ପାଇଁ ଜିଲ୍ଲାପାଳ ଓ ବିଧାୟକଙ୍କ ବୈଠକ



**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ବଡଚଣା ବ୍ଲକ୍ ରେ ହେଇଥିବା ବନ୍ୟା ର ପରବର୍ତ୍ତୀ ଏକ ପ୍ରସାଶନିକ ବୈଠକ ଯାଜପୁର ଜିଲ୍ଲାପାଳ ଅମ୍ବର୍ କୁମାର କର ଓ ବଡଚଣା ବିଧାୟକ ଅମର ନାୟକ ଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ୟା ପରବର୍ତ୍ତୀ ସମୟରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ଅବ୍ୟବସ୍ଥା ଯୋଗୁ ବ୍ୟାପକ ଚାଷ ଜମି ଜଳମଗ୍ନ ହେବା ଯୋଗୁ ବ୍ୟାପକ ଫସଲ ନଷ୍ଟ, ବନ୍ୟା । ପ୍ରଭାବରେ ଅଙ୍ଗନବାଡି ଓ ସ୍କୁଲ ଗୃହ ଗୁଡ଼ିକ କ୍ଷତିଗ୍ରସ୍ତ ରିପୋର୍ଟ ପ୍ରସ୍ତୁତ କରିବା, ବ୍ଲିଚିଂ ପକାଇବା, ହାଲୋଜିନ ବଟିକା ବଣ୍ଟନ, ସ୍ୱାସ୍ଥ୍ୟ ସେବା ସୁଦୃଢ କରିବା, ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା, ବନ୍ୟାରେ କ୍ଷୟ କ୍ଷତି ଫସଲ, ବନ୍ୟାରେ କ୍ଷତି ହୋଇଥିବା ମାଟି ଘର ସଠିକ୍ ସର୍ଭେ କରି କ୍ଷତି ଗ୍ରସ୍ତ ମାନଙ୍କୁ ତୁରନ୍ତ ସରକାରୀ ସାହଯ୍ୟ ଯୋଗାଇ ଦେବାକୁ ଏହି ବୈଠକର ଆଲୋଚନା କରାଯାଇଥିଲା । ଏହି ସମୀକ୍ଷା ବୈଠକରେ, ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିଭାଷ ଚନ୍ଦ୍ର ନନ୍ଦ ଯାଜପୁର ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲ୍ ଦାର୍ ମାନସ ରଞ୍ଜନ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ନନ୍ଦ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ଜୟପୁର (ଅମୃତ ମିଡିଆ) : ଜୟପୁର ଠାରେ ନନ୍ଦ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୋରାପୁଟ ଜିଲ୍ଲା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ଜୟପୁର ଟାଉନ୍ ହଲ୍ ପରିସରରେ ଆସନ୍ତା ସେପଟ୍ଟେମ୍ବର ୫ ତାରିଖ ଶନିବାର ଦିନ ଏହା ପାଳନ ହେବ । ଏନେଇ ଜିଲ୍ଲା ସଭାପତି କବିରାଜ ପରମେଶ୍ୱର ପାତ୍ରଙ୍କ ପୌରୋହିତ୍ୟରେ ଆଜି ସ୍ଥାନୀୟ ଯାଦବ ଭବନ ପରିସରରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସଭାକୁ ସ୍ୱାଗତ କରି ସଂପାଦକ ରାଜେନ୍ଦ୍ର ଗୌଡ଼ କହିଥିଲେ ଯେ, ଦୀର୍ଘ ୪୦ ବର୍ଷ ହେବ ସମାଜ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ପ୍ରତିବର୍ଷ ପାଳିତ ହେଉଛି । ସହରର ପୁରୁଣାଗଡ଼, ଜ୍ୟୋତି କଲ୍ୟାଣ ମଣ୍ଡପ, କୁମ୍ଭାର ସାହି, ଟାଉନ୍ ହଲ୍ରେ ବେଳେ ବେଳେ ଏହା ପାଳିତ ହେଉଥିବା ବେଳେ କୋରାପୁଟ ଏବଂ ବୈପାରିଗୁଡ଼ାରେ ମଧ୍ୟ ପାଳିତ ହେଉଛି । ଚଳିତ ବର୍ଷ ପୂର୍ବ ବର୍ଷ ଅପେକ୍ଷା ଅଧିକ ସୃଙ୍ଖଳିତ ଢ଼ଙ୍ଗରେ ପରମ୍ପରାକୁ ପାଥେୟ କରି ପାଳନ କରାଯିବ ବୋଲି କହିଥିଲେ । ବୈଠକରେ ଉପଦେଷ୍ଟା ଡ଼ାକ୍ତର ସୁଦର୍ଶନ ଗୌଡ଼, ମୁଠା ସଭାପତି ଭାସ୍କର ଗୌଡ଼ ମଂଚାସୀନ ରହିଥିବା ବେଳେ ନରେଶ ମହାକୁଳ ସଂଯୋଜନା କରିଥିଲେ । ବୈଠକରେ ରବି ନାରାୟଣ ଗୌଡ଼, ଦଣ୍ଡାସୀ ଗୌଡ଼, ନାରାୟଣ ଗୌଡ଼, କୃଷ୍ଣଚନ୍ଦ୍ର ଗୌଡ଼, ମାଗୁଣୀ ଗୌଡ଼, ରାମଚନ୍ଦ୍ର ମହାଙ୍କୁଡ଼, ବିଜୟ ଗୌଡ଼, ରାଧେଶ୍ୟାମ ଗୌଡ ପ୍ରମୁଖ ଯୋଗ ଦେଇଥିବା ବେଳେ କବିରାଜ ପରମେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଇତିହାସରେ ରହିଛି ସ୍ୱତନ୍ତ୍ର ମହକ



**ବାରିପଦା /ଉଦଳା (ଅମୃତ ମିଡିଆ) :** ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ଚଳିତ ଅଗଷ୍ଟ ୩ ତାରିଖ ସୋମବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ସାଧାରଣ ସଭା ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୁଷଣ ପାଣିଗ୍ରାହି ଉକ୍ତ ଉତ୍ସବରେ ଅଧ୍ୟକ୍ଷତା କରି ସମଗ୍ର କପ୍ତିପଦା ଉପଖଣ୍ଡରେ ଏକମାତ୍ର ମହିଳା ମହାବିଦ୍ୟାଳୟ ଭାବରେ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର କିପରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇ ପାରିଛି ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିବା ସହ ମହିଳା ମହାବିଦ୍ୟାଳୟକୁ ଆର୍ଥିକ ଅନୁଦାନ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଇତିହାସରେ ଥିବା ସ୍ୱତନ୍ତ୍ର ମହକ କିପରି ବାରି ହୋଇ ପଡ଼େ ବିସ୍ତୃତ ବର୍ଣ୍ଣନା କରିଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଂପାଦକ ଆଇନ ଜୀବି ବସନ୍ତ କୁମାର ପରିଡ଼ା ସମ୍ମାନିତ ଅତିଥିଭାବରେ ଯୋଗଦେଇ ମହିଳା ମାନଙ୍କୁ ଆଗକୁ ନେବା କ୍ଷେତ୍ରରେ ଏହି ମହାବିଦ୍ୟାଳୟ କିପରି ବହୁ ସମ୍ଭାବନାର ଭିତିଭୂମି ସୃଷ୍ଟି କରିଛି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା କମିଟିର ପୂର୍ବତନ ସଭାପତି ରବିନ୍ଦ୍ର କଟୁଆଳ ଓ ପ୍ରତିଷ୍ଠାତା ସଦସ୍ୟ ଯଜ୍ଞନାରାୟଣ ମହାନ୍ତି ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଆଉ କେତୋଟି ବର୍ଷ ପରେ ଏହି ମହାବିଦ୍ୟାଳୟ ତାର ସୁବର୍ଣ୍ଣ ଜୟନ୍ତି ଉତ୍ସବ ପାଳନ କରିବ, ଏଥିପାଇଁ ଆମକୁ ଏବେ ଠାରୁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ବକ୍ତବ୍ୟ ରେ କହିଥିଲେ । ପରେ +୩ ଇତିହାସ ବିଭାଗର ଛାତ୍ରୀ ବିଦୁସ୍ମିତା ଘୋଷ ଚଳିତ ବର୍ଷ ବିଶ୍ୱିଦ୍ୟାଳୟ ଟପ୍ପର ହୋଇଥିବା ବେଳେ +୨ କଳା ବିଭାଗରେ ରିନା ମୁର୍ମୁ, ବିଜ୍ଞାନରେ ସୀମା ବେହେରା ଓ ମମତା ସିଂ ସର୍ବାଧିକ ନମ୍ବର ରଖି ମହାବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ଅତିଥି ମାନେ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ କ୍ଷିରୋଦ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଶ୍ୱିନି ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ମହାବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ଆଜିର ଏହି ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ ।




# ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳିତ




**ଭୁବନେଶ୍ୱର (ବ୍ୟୁରୋ) :** ଦି ଇନ୍ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଚାପ୍ଟର ପକ୍ଷରୁ ସୋମବାର ଚାପ୍ଟରରେ ଆନ୍ତର୍ଜାତୀୟ ବାଣିଜ୍ୟ ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଚାପ୍ଟରର ଅଧ୍ୟକ୍ଷ ସିଏମଏ ଅବିନାଶ କୋଟନୀ ସ୍ୱାଗତ ଭାଷଣରେ କହିଥିଲେ ଯେ, ଆନ୍ତର୍ଜାତୀୟ ବାଣିଜ୍ୟ ଦିବସ ବିଶ୍ୱ ବାଣିଜ୍ୟ, ନୈତିକ ବ୍ୟବସାୟ, ଆର୍ଥିକ ଶୃଙ୍ଖଳା ଏବଂ ବିକାଶ ପ୍ରତି ଜନସଚେତନତା ସୃଷ୍ଟି କରିବାର ଏକ ଉତ୍କୃଷ୍ଟ ଅବସର। ସେ କହିଥିଲେ ଯେ, କଷ୍ଟ ଆକାଉଣ୍ଟାଣ୍ଟମାନେ ଦେଶର ଆର୍ଥିକ ବିକାଶ, ସୁଶାସନ ଏବଂ କର୍ପୋରେଟ୍ ସ୍ୱଚ୍ଛତାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ମୁଖ୍ୟ ଅତିଥି ସମ୍ବାଦ ଗ୍ରୁପ୍‌ର ଚେୟାରମ୍ୟାନ୍-କମ୍-ମ୍ୟାନେଜିଂ ଡିରେକ୍ଟର ସୌମ୍ୟ ରଞ୍ଜନ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ ଯେ, ବାଣିଜ୍ୟ କେବଳ ବ୍ୟବସାୟରେ ସୀମିତ ନୁହେଁ, ବରଂ ଏହା ରାଷ୍ଟ୍ରର ଆର୍ଥିକ ପ୍ରଗତି, ରୋଜଗାର ସୃଷ୍ଟି ଓ ସାମାଜିକ ବିକାଶର ଏକ ମୁଖ୍ୟ ଆଧାର। ସେ ଯୁବ ପେଶାଦାରମାନଙ୍କୁ ସତ୍ୟନିଷ୍ଠା, ଦକ୍ଷତା, ନବସୃଜନ ଓ ନିରନ୍ତର ଜ୍ଞାନାର୍ଜନ ମାଧ୍ୟମରେ ଦେଶର ଆର୍ଥିକ ବିକାଶରେ ସହଭାଗୀ ହେବାକୁ ଆହ୍ୱାନ କରିଥିଲେ। ସେ ଓଡ଼ଗଇଓର ଦେଶକୁ ଦକ୍ଷ ଆର୍ଥିକ ପେଶାଦାର ଯୋଗାଇବାରେ ଅବଦାନକୁ ମଧ୍ୟ ପ୍ରଶଂସା କରିଥିଲେ। ଏହି ଅବସରରେ ଡି.ଏ.ଭି. ସ୍କୁଲ୍ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱରର ପ୍ରିନ୍ସିପାଲ୍ ଡ.ଡି. ଏନ୍. ମିଶ୍ର, ଅଧ୍ୟକ୍ଷ ସିଏମଏ ଦାମୋଦର ମିଶ୍ର ଏବଂ ଇଣ୍ଡିଆନ୍ ଚେମ୍ବର ଅଫ୍ କମର୍ସର ନ୍ୟାସନାଲ୍ ଓ୍ୱିମେନ୍ସ ଏଣ୍ଟରପ୍ରେନ୍ୟୁରଶିପ୍ କାଉନ୍ସିଲ୍‌ର ସଂଯୋଜିକା ସିଏମଏ ସ୍ୱାତି କେଜ୍ରିଓ୍ୱାଲ୍ ବାଣିଜ୍ୟ, ଉଦ୍ୟମିତା, ଆର୍ଥିକ ଶୃଙ୍ଖଳା, ନୈତିକ ବ୍ୟବସାୟ ଏବଂ ବିକଶିତ ଭାରତ ଗଠନରେ କଷ୍ଟ ଆକାଉଣ୍ଟାଣ୍ଟମାନଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଶେଷରେ ଚାପ୍ଟରର ପୂର୍ବତନ ଅଧ୍ୟକ୍ଷ ସିଏମଏ ଶରତ କୁମାର ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଚାପ୍ଟରର ସଦସ୍ୟ, ଛାତ୍ରଛାତ୍ରୀ, ଶିକ୍ଷାବିତ୍, ଶିଳ୍ପ ପ୍ରତିନିଧି ଓ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବର୍ଗ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ଏନ୍‌ପିସିଆଇର ଟେକ୍ସ୍ଟ ମେସେଜ୍ ଠକେଇ ସମ୍ପର୍କରେ ସଚେତନତା

କଟକ (ବ୍ୟୁରୋ) : ଡିଜିଟାଲ୍ ପେମେଣ୍ଟ ବର୍ତ୍ତମାନ ସାରା ଦେଶରେ ସହଜରେ ଉପଲବ୍ଧ ହୋଇଛି, ଯାହା ଭାରତକୁ ଡିଜିଟାଲ୍-ପ୍ରଥମ ଅର୍ଥନୀତି ଦିଗରେ ଆଗେଇ ନେଉଛି ଏବଂ ସୁରକ୍ଷା ସହିତ ସୁବିଧା ମଧ୍ୟ ପ୍ରଦାନ କରୁଛି। ଆଜିକାଲି ଅନେକ ଠକେଇ ଏକ ସରଳ ଟେକ୍ସ୍ଟ ମେସେଜ୍‌ରୁ ଆରମ୍ଭ ହୁଏ, ଯାହା ଲୋକମାନଙ୍କ ମନରେ ତୁରନ୍ତ କାର୍ଯ୍ୟ କରିବା ପାଇଁ ଜରୁରୀଭାବ, ଭୟ କିମ୍ବା ଉତ୍ସୁକତା ସୃଷ୍ଟି କରି ଶୀଘ୍ର ନିଷ୍ପତ୍ତି ନେବାକୁ ପ୍ରଭାବିତ କରେ। ଏହି ପ୍ରକାରର ସାମାଜିକ ପ୍ରଭାବ ଆଧାରିତ ଠକେଇ ପ୍ରାୟୋଗିକ ଜ୍ଞାନ ପରିବର୍ତ୍ତେ ମାନବୀୟ ଭାବନା ଉପରେ ନିର୍ଭର କରେ। ଏହି ଠକେଇଗୁଡ଼ିକ କିପରି କାମ କରେ ତାହା ଜାଣିବା ଦ୍ୱାରା ଆପଣ ସତର୍କ ସଙ୍କେତଗୁଡ଼ିକୁ ଚିହ୍ନଟ କରିପାରିବେ ଏବଂ ଆର୍ଥିକ ଠକେଇରୁ ନିଜକୁ ସୁରକ୍ଷିତ ରଖିପାରିବେ। ଟେକ୍ସ୍ଟ ମେସେଜ୍ ଠକେଇ ହେଉଛି ଏକ ନକଲି ଯାହା ଆପଣଙ୍କୁ ଏପରି କୌଣସି କାର୍ଯ୍ୟ କରାଇବା ପାଇଁ ପଠାଯାଏ, ଯାହା ଆପଣଙ୍କ ଟଙ୍କା, ବ୍ୟକ୍ତିଗତ ସୂଚନା କିମ୍ବା ଡିଜିଟାଲ୍ ଆକାଉଣ୍ଟ୍ ?କୁ ବିପଦରେ ପକାଇପାରେ। ଏହିପରି ମେସେଜ୍‌ଗୁଡ଼ିକ ପ୍ରାୟତଃ କୌଣସି ବିଶ୍ୱସନୀୟ ସଂସ୍ଥା କିମ୍ବା ଆପଣଙ୍କ ପରିଚିତ ବ୍ୟକ୍ତିଙ୍କ ନାମରେ ପଠାଯାଇଥାଏ, ଯାହା ଫଳରେ ସେଗୁଡ଼ିକ ଅସଲି ଭଳି ଲାଗିଥାଏ। ଅଧିକାଂଶ ଟେକ୍ସ୍ଟ ମେସେଜ୍ ଠକେଇର ଉଦ୍ଦେଶ୍ୟ ହେଉଛି ଆପଣଙ୍କୁ ନିମ୍ନଲିଖିତ ପାଞ୍ଚଟି କାର୍ଯ୍ୟ ମଧ୍ୟରୁ କୌଣସି ଗୋଟିଏ କରିବାକୁ ପ୍ରଲୋଭିତ କରିବା: ଏପରି ଏକ ଲିଙ୍କ୍‌ରେ କ୍ଲିକ୍ କରିବା, ଯାହା ଏକ ନକଲି ଓ୍ୱେବସାଇଟ୍‌କୁ ନେଇଯାଏ। ଏକ ନକଲି କଷ୍ଟମର୍ କେୟାର୍ କିମ୍ବା ହେଲ୍ପଲାଇନ୍ ନମ୍ବରକୁ କଲ୍ କରିବା। ଅଜଣା ଆପ୍ କିମ୍ବା ଫାଇଲ୍ ଡାଉନଲୋଡ୍ କରିବା। ନିଜର ବ୍ୟକ୍ତିଗତ କିମ୍ବା ଆର୍ଥିକ ସୂଚନା ଯଥା ପାସଓ୍ୱାର୍ଡ ଅନ୍ୟମାନଙ୍କ ସହିତ ଶେୟାର କରିବା। କାହାକୁ ଟଙ୍କା ପଠାଇବା । ଠକେଇକାରୀମାନେ ପ୍ରାୟତଃ ନିଜକୁ ବ୍ୟାଙ୍କ, ସରକାରୀ ସଂସ୍ଥା, ଡେଲିଭରି କମ୍ପାନୀ, ଟେଲିକମ୍ ସେବା ପ୍ରଦାନକାରୀ କିମ୍ବା ଅନ୍ୟ କୌଣସି ବିଶ୍ୱସନୀୟ ସଂଗଠନର ପ୍ରତିନିଧି ଭାବେ ପରିଚୟ ଦିଅନ୍ତି। ସେମାନେ ସାମାଜିକ ପ୍ରଭାବ ଉପାୟ ବ୍ୟବହାର କରି ଲୋକମାନଙ୍କୁ ଅନୁରୋଧଟିକୁ ଭଲଭାବେ ଭାବିବା କିମ୍ବା ଯାଞ୍ଚ କରିବା ପୂର୍ବରୁ ଶୀଘ୍ର କାର୍ଯ୍ୟ କରିବାକୁ ଉତ୍ସାହିତ କରନ୍ତି। ସେମାନେ ଆପଣଙ୍କ ଆକାଉଣ୍ଟ୍ ବନ୍ଦ ହୋଇଯିବ କିମ୍ବା ଆପଣଙ୍କ ଟଙ୍କା ସମ୍ପର୍କରେ କୌଣସି ସମସ୍ୟା ଅଛି ବୋଲି କହି ଭୟ ସୃଷ୍ଟି କରିପାରନ୍ତି। ଏହା ସହିତ, ସେମାନେ ପୁରସ୍କାର, ଉପହାର କିମ୍ବା ରିଫଣ୍ଡର ପ୍ରଲୋଭନ ଦେଇ ଲୋଭକୁ ମଧ୍ୟ ଉପଯୋଗ କରନ୍ତି। ସେମାନଙ୍କର ମେସେଜ୍‌ଗୁଡ଼ିକ ପ୍ରାୟତଃ ଅସଲି ଭଳି ଦେଖାଯାଏ ଏବଂ ସଚେତନତାର ଅଭାବ ଓ ଅବହେଳିତ ସତର୍କ ସଙ୍କେତଗୁଡ଼ିକର ଫାଇଦା ଉଠାଇବା ପାଇଁ ତିଆରି କରାଯାଇଥାଏ।

# ପୂର୍ବ ସରକାରକୁ ବଦ୍‌ନାମୀରୁ ବଞ୍ଚାଇବା ପାଇଁ ବିଜେଡିର ବୟାନବାଜୀ : ବିରଞ୍ଚି ନାରାୟଣ



**ଭୁବନେଶ୍ୱର (ବ୍ୟୁରୋ) :** ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ (ସିଏମ୍ଓ)ରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣା ଫାଇଲ ଚୋରି ଘଟଣାରେ ବିଜୁ ଜନତା ଦଳର ନେତାମାନେ ତାଙ୍କ ଦଳର ତତ୍କାଳୀନ ସରକାରକୁ ବଦ୍‌ନାମୀରୁ ବଂଚାଇବା ପାଇଁ ସାମ୍ବାଦିକ ସମ୍ମିଳନୀ କରି ବୟାନବାଜୀ କରୁଛନ୍ତି ବୋଲି ଏକ ପ୍ରେସ୍ ବାର୍ତ୍ତାରେ ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ସିଏମ୍ଓରୁ ଫାଇଲ୍ ଚୋରି ପ୍ରସଙ୍ଗ ଯେତେବେଳେ ପ୍ରଘଟ ହେଲା ସେତେବେଳେ ଜଷ୍ଟିସ ଏ.ଏସ୍ ନାଇଡୁ ଗଣମାଧ୍ୟମ ଆଗରେ କହିଥିଲେ ଯେ, କମିଶନ୍ ରିପୋର୍ଟରେ ଗୋଟିଏ କପି ୨ଟି ଭଲ୍ୟୁମରେ ସେ ତତ୍କାଳୀନ ବିଜେଡି ସରକାରଙ୍କୁ ଦେଇଥିଲେ। ଉକ୍ତ ରିପୋର୍ଟ ୧୫୦୦ରୁ ୨୦୦୦ ପୃଷ୍ଠା ପର୍ଯ୍ୟନ୍ତ ଥିଲା। ଯଦି ଗୋଟିଏ ଭଲ୍ୟୁମରେ ଜଷ୍ଟିସ୍ ନାଇଡୁ ଗୋଟିଏ କପି ଦେଇଥିଲେ ତାହଲେ ବିଜୁ ଜନତା ଦଳର ସର୍ବୋଚ୍ଚ ନେତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରରେ ଥିଲାବେଳେ ୮ ବର୍ଷ କାଳ ଉକ୍ତ ରିପୋର୍ଟକୁ ତାଙ୍କ ପାଖରେ ରଖିଥିଲେ କାହିଁକି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ କ'ଣ ଉକ୍ତ ରିପୋର୍ଟକୁ ୩ଟା ଭଲ୍ୟୁମ କରି ୩ଟା ଜାଗାରେ ରଖଥିଲେ କି? ୨୦୧୬ ଅକ୍ଟୋବର ୧୯ରୁ ୨୦୨୪ ଜୁନ ୪ ତାରିଖ ପର୍ଯ୍ୟନ୍ତ ତାଙ୍କ ପାଖରେ ଫାଇଲ୍ ରହିଥିଲା ବୋଲି ରିପୋର୍ଟରୁ ଜଣାପଡୁଛି। ସେତେବେଳେ ଏହି ଫାଇଲ ନବୀନ ପଟ୍ଟନାୟକ କ'ଣ ପାଇଁ ସାର୍ବଜନୀନ କଲେ ନାହିଁ ତାହା ପ୍ରଥମେ ସ୍ପଷ୍ଟ କରନ୍ତି। ନବୀନ ବାବୁ ଶାସନରୁ ଗଲାପରେ ସବୁ ଫାଇଲ ସିଏମ୍ଓକୁ ଆସିଲା ମାତ୍ର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣା ଫାଇଲ ଆସି ନ ଥିଲା। ଏନେଇ ଫାଇଲ୍ ସମ୍ପର୍କରେ ବିଜେପି ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ପାଖକୁ ଚିଠି ପ୍ରେରଣ କରାଯାଇ ଅନୁସନ୍ଧାନ କରାଯାଇଥିଲା। ମାତ୍ର ନବୀନ ପଟ୍ଟନାୟକଙ୍କ ପାଖରୁ କୌଣସି ଉତର ମିଳି ନ ଥିଲା। ୨୦୨୫ ନଭେମ୍ବର ୧୫ ତାରିଖରେ ଓଡ଼ିଶା ସରକାରଙ୍କୁ ନବୀନଙ୍କ ପର୍ସନାଲ ସେକ୍ରେଟାରୀ (ପିଏସ୍) ଚିଠି ଲେଖି କହିଲେ ଯେ, ବିରୋଧୀ ଦଳ ନେତା କୁଆଡ଼େ ତାଙ୍କ ପିଏସଙ୍କୁ କହିଛନ୍ତି ଯେ ଫାଇଲ୍ କେଉଁଠି ଅଛିତାକୁ ଖୋଜାଖୋଜି କରନ୍ତୁ। ପୂର୍ବରୁ ନବୀନ ଉକ୍ତ ଫାଇଲ୍‌ର ଅଧିକୃତ ବ୍ୟକ୍ତି ଥିବାରୁ ଫାଇଲ୍ କେଉଁଠି ଥିଲା ସେବିଷୟରେ କହିପାରିଥାନ୍ତେ। ମାତ୍ର ସେପରି ନ କରି ପିଏସ୍‌ଙ୍କ ଜରିଆରେ ଫାଇଲ୍ ଖୋଜିବାକୁ କହି ଓଡ଼ିଶାବାସୀଙ୍କୁ ନବୀନ ଓ ତାଙ୍କ ଦଳ ଭୂଆଁ ଭୁଲାଉଛନ୍ତି। ସେ ସରକାରରେ ଥିଲାବେଳେ ଉକ୍ତ ଫାଇଲ୍ କାହିଁକି ସାର୍ବଜନୀନ କଲେ ନାହିଁ ଓଡ଼ିଶାବାସୀ ତାହା ଜାଣିବାକୁ ଚାହୁଁଛନ୍ତି। ଅପରପକ୍ଷେ ଏହି ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଫ୍‌ଆଇଆର୍ ଦିଆଯାଇଛି। ରାଜ୍ୟର ସବୁଠାରୁ ବୃହତ୍ ଓ ବିଶ୍ୱାସନୀୟ ତଦନ୍ତକାରୀ ସଂସ୍ଥା କ୍ରାଇମ୍‌ବ୍ରାଂଚ ଏହି ମାମଲାର ତଦନ୍ତ କରୁଛି। ଭାରତ ବର୍ଷର ନ୍ୟାୟିକ ବ୍ୟବସ୍ଥା ଅନୁସାରେ ଏବେ ତଦନ୍ତ ଚାଲିଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ଆଦିନେତାଙ୍କ ତିରୋଧାନ ଦିବସ ଅବସରରେ ଓଡ଼ିଆ ସାମ୍ବାଦିକ ଦିବସ ପାଳିତ




ଭୁବନେଶ୍ୱର (ବ୍ୟୁରୋ) : ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବିଶ୍ୱ ଓଡ଼ିଆ ପରିବାର ତରଫରୁ ଆଦିନେତା ସ୍ୱର୍ଗତ ବିଚିତ୍ରାନନ୍ଦ ଦାସଙ୍କ ତିରୋଧାନ ଦିବସ ଅବସରରେ ଓଡ଼ିଆ ସାମ୍ବାଦିକ ଦିବସ ସ୍ଥାନୀୟ ଆଇଆରସି ଭିଲେଜ ସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ମୋ ଭାଷା ମୋ ଦାୟିତ୍ୱ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଟ୍ରଷ୍ଟର ମୁଖ୍ୟ ସଜ୍ଜନ ଶର୍ମା ବିଚିତ୍ରାନନ୍ଦଙ୍କର ଓଡିଆ ଭାଷା ଆନେ୍ଦାଳନରେ ବିଚିତ୍ରାନନ୍ଦଙ୍କ କାଳଜୟୀ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଓଡ଼ିଶାର ଆଦ୍ୟ ସମ୍ବାଦପତ୍ର ଉତ୍କଳ ଦୀପିକା ସମ୍ପର୍କରେ ଉଲ୍ଲେଖ କରି ଏହା ଓଡ଼ିଶାର ଭାଷା ସାହିତ୍ୟ ସାଂସ୍କୃତିକ ଚେତନା ଜାଗ୍ରତ କରବାରେ ଏକ ପ୍ରମୁଖ ବାର୍ତ୍ତା ବାହାକ ହୋଇଥିଲା। ବରିଷ୍ଠ ସାମ୍ବାବାଦିକ ଶ୍ରୀ ରାମ ଦାସ କହିଲେ ଯେ ଓଡ଼ିଶାରେ ଭାଷାର ସୁରକ୍ଷା ଦିଗରେ ଓଡ଼ିଆ ସାମ୍ବାବାଦିକଙ୍କ ଭୂମିକା ଅତୁଳନୀୟ। ବିଶିଷ୍ଟ ପ୍ରଶାସକ ତଥା ଭାଷାବିତ୍ ଡକ୍ଟର ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି କି ଓଡ଼ିଶା ଭାଷା ସର୍ବପ୍ରାଚୀନ ଭାଷାମାନଙ୍କ ମଧ୍ୟରେ ଅନ୍ୟତମ। ଆମ ଉତ୍ତର ପିଢ଼ିଆମର ଭାଷାର ସୁରକ୍ଷା ନିମନ୍ତେ କେମିତି ଯତ୍ନଶୀଳ ହେବେ ସେଥିପାଇଁ ସଙ୍କଳ୍ପ ନେବା ପ୍ରୟୋଜନ ଅଟେ। ଆଦିନେତା ବିଚିତ୍ରାନନ୍ଦଙ୍କ ବଂଶଜ ତଥା ପ୍ରସିଦ୍ଧ ଚଳଚ୍ଚିତ୍ର ତାରକା ଶ୍ରୀତମ ଦାଶ ତାଙ୍କର ବକ୍ତବ୍ୟ ରଖି କହିଲେ ଯେ, 'ଭାଷା ସାହିତ୍ୟର ସ୍ଥାୟିତ୍ୱ ପ୍ରତି ଓଡ଼ିଆର ଦାୟିତ୍ୱ'। ବିଶେଷ କରି ପ୍ରବାସୀ ଓଡ଼ିଆ ଏବଂ ତାଙ୍କର ପରବର୍ତ୍ତୀ ପିଢ଼ି ଓଡ଼ିଆ ଭାଷା ବ୍ୟବହାର କରିବାରେ ଅଭିମନ୍ତିତ ହେବେ। ସେଥିପ୍ରତି ଆମକୁ ଦୃଷ୍ଟିଦେବାକୁ ପଡ଼ିବ। ଆଲୋଚକ ଗଣ ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ଓ ବ୍ୟାପକତା ଉପରେ ସୁଚିନ୍ତିତ ମତପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ କଳିଙ୍ଗ ଟିଭିର ମୁଖ୍ୟ ସମ୍ପାଦକ ରକ୍ଷକ ନାୟକ, କବି ମନୋରଂଜନ ଷଡ଼ଙ୍ଗୀ, ବିଶିଷ୍ଟ ଶ୍ରମିକ ନେତା କୃଷ୍ଣ ଚନ୍ଦ୍ର ମିଶ୍ର, ପରିବେଷ ବିଜ୍ଞାନୀ ଡ଼କ୍ଟର ହାଡିବନ୍ଧୁ ପାଣିଗ୍ରାହୀ, ବିଶିଷ୍ଟ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ଡ଼କ୍ଟର ପ୍ରତାପ ପାଣୀ, ଇଂ ସନ୍ଦୀପ ପ୍ରଧାନ ଶିକ୍ଷାବିତ ଅଂଜନ ଦେବତା, ଲେଖକ ତଥା ସ୍ତମ୍ଭକାର ଡକ୍ଟର ବିକ୍ରମ ଜେନା, ଡ଼କ୍ଟର ମଧୁସୂଦନ ଦାଶ, ବିଶିଷ୍ଟ ନାରୀନେତ୍ରୀ ଜୟଶ୍ରୀ ମହାପାତ୍ର, ଜୟଶ୍ରୀ ମହାପାତ୍ର ଗୋପାଳକୃଷ୍ଣ ମହାପାତ, ରାକେଶ ସାହୁ,ସୁବ୍ରତ ପୃଷ୍ଟି ସଂଗ୍ରାମ କେଶରୀ ପାତ୍ର,ସରୋଜକାନ୍ତ ନାୟକ୍ର, ଭବାନୀ ପ୍ରସାଦ ମିଶ୍ର, ସାରଦା ଷଡ଼ଙ୍ଗୀ, ତପନ କୁମାର ବେହେରା ଓ ସୁଶାନ୍ତ କୁମାର ପାଣି ଆଦି ନିଜନିଜର ମତପ୍ରକାଶ କରିଥିଲେ।

# ଆମାଜନ ପେର ଗ୍ରେଟ ଫ୍ରିଡ଼ମ ସେଲ୍ ୨୦୨୬

## ସପିଙ୍ଗ, ଯାତ୍ରା ଓ ନିୟମିତ ଦେୟ ଉପରେ ପାଆନ୍ତୁ ବଡ଼ ସଞ୍ଚୟ

ଭୁବନେଶ୍ୱର (ବ୍ୟୁରୋ) : ଆମାଜନ ପେ ଆଜି ଗ୍ରେଟ ଫ୍ରିଡ଼ମ ସେଲ୍ ୨୦୨୬ (୭-୧୨ ଅଗଷ୍ଟ) ପାଇଁ ସପିଙ୍ଗ, ଯାତ୍ରା ଏବଂ ନିୟମିତ ଦେୟ ଉପରେ ବିଭିନ୍ନ ଅଫର ଘୋଷଣା କରିଛି - ଯାହା ଆମାଜନ ଡ଼ଟ ଇନରେ ସପିଙ୍ଗ କରିବାକୁ ଆହୁରି ଲାଭଜନକ ଏବଂ ଶସ୍ତା କରିଥାଏ । ଏହି ସେଲ୍ ଆମାଜନ ପେର ସମ୍ପୂର୍ଣ୍ଣ ଇକୋସିଷ୍ଟମ ଉପରେ ସଞ୍ଚୟ ସୁଯୋଗ ଆଣିଦେଇଛି ଯାହା ମଧ୍ୟରେ ରହିଛି: ବିମାନ ବୁକିଙ୍ଗ ଉପରେ ୨୧% ପର୍ଯ୍ୟନ୍ତ, ହୋଟେଲ ଉପରେ ୬୦% ପର୍ଯ୍ୟନ୍ତ ରିହାତି, ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡ଼ିଟ୍ କାର୍ଡ଼ ଉପରେ ୫% କ୍ୟାସବ୍ୟାକ, ପେ-ଇନ-୩ ମାଧ୍ୟମରେ ୧୫,୦୦୦ଟଙ୍କାରୁ ଅଧିକ କୌଣସି କ୍ରୟ ଉପରେ ସୁଧ-ମୁକ୍ତ କିସ୍ତି, ଏବଂ ୟୁପିଆଇ ବ୍ୟୟ ଓ ମୋବାଇଲ ରିଚାର୍ଜ ଉପରେ କ୍ୟାସବ୍ୟାକ ପୁରସ୍କାର। ବିମାନ ଯାତ୍ରା ଉପରେ ୨୧% ପର୍ଯ୍ୟନ୍ତ ଏବଂ ହୋଟେଲ ଗୁଡ଼ିକ ଉପରେ ୬୦% ପର୍ଯ୍ୟନ୍ତ ରିହାତି ଗ୍ରାହକମାନେ ଗ୍ରେଟ୍ ଫ୍ରିଡ଼ମ ସେଲ ସମୟରେ ଯାତ୍ରା ବୁକିଙ୍ଗ ଉପରେ ୨୧% ପର୍ଯ୍ୟନ୍ତ ସଂଚୟ କରିପାରିବେ। ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡ଼ିଟ କାର୍ଡ଼: ପ୍ରତ୍ୟେକ କିଣାକିଣି ଉପରେ ୫% କ୍ୟାସବ୍ୟାକ। ଆମାଜନ ପେ ଆଇସିଆଇସି ବ୍ୟାଙ୍କ କ୍ରେଡ଼ିଟ କାର୍ଡ଼ - ଯାହାର କୌଣସି ଜଏନିଙ୍ଗ ଫି କିମ୍ବା ବାର୍ଷିକ ଫି ନାହିଁ – ଗ୍ରେଟ ଫ୍ରିଡ଼ମ ସେଲ ସମୟରେ ସପିଙ୍ଗ ଉପରେ ଅସୀମିତ ୫% କ୍ୟାସବ୍ୟାକ ପ୍ରଦାନ କରୁଛି। ପ୍ରତ୍ୟେକ କ୍ରୟ ଉପରେ ରିଓ୍ୱାର୍ଡ଼ ମିଳୁଥିବାରୁ ଏହା ସେଲ ସମୟରେ ପେମେଣ୍ଟ କରିବାର ସବୁଠାରୁ ଲାଭଦାୟକ ଉପାୟ ଅଟେ। ସୁବିଧା ଦେୟ ପାଇଁ ଗ୍ରାହକଙ୍କ ପସନ୍ଦ କ୍ରମାଗତ ଭାବରେ ବୃଦ୍ଧି ପାଉଛି ମୋବାଇଲ, ବଡ଼ ଗୃହ ଉପକରଣ, ଟିଭି ଏବଂ ଇଲେକ୍ଟ୍ରୋନିକ୍ସ ବର୍ଗରେ ପ୍ରତ୍ୟେକ ୪ଟି କ୍ରୟ ମଧ୍ୟରୁ ଗୋଟିଏ ଇଏମଆଇ ମାଧ୍ୟମରେ ହେଉଛି, ଯେଉଁଥିରେ ୫ଜଣଙ୍କ ମଧ୍ୟରୁ ୪ଜଣ ନୋ କଷ୍ଟ ଇଏମଆଇ ବାଛୁଛନ୍ତି। ନୋ କଷ୍ଟ ଇଏମଆଇ ନେଣଦେଣ ଏବେ କେବଳ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମଧ୍ୟରେ ସୀମିତ ନ ରହି ଗୃହ ଓ ରୋଷେଇ ଘରର ଉପକରଣ, ଆସବାବପତ୍ର, ଫ୍ୟାସନ ଏବଂ ଗ୍ରୋସରୀ ପର୍ଯ୍ୟନ୍ତ ବିସ୍ତାରିତ ହେଉଛି। ପେ-ଇନ-୩ ଏହାକୁ ବଦଳାଇ ଦେଇଛି -ଯାହା ଗ୍ରାହକଙ୍କୁ ୧୫୦୦ ଟଙ୍କାରୁ ଅଧିକ ମୂଲ୍ୟର କୌଣସି କ୍ରୟକୁ ୦% ସୁଧ ଏବଂ ୦% ପ୍ରୋସେସିଙ୍ଗ ଫିରେ ୩ଟି ସମାନ ମାସିକ କିସ୍ତିରେ ଭାଗ କରିବାକୁ ଅନୁମତି ଦିଏ। ଏହା ଗ୍ରୋସରୀ, ଫ୍ୟାସନ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଠାରୁ ଆରମ୍ଭ କରି ଘରୋଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପର୍ଯ୍ୟନ୍ତ ସମସ୍ତ ବର୍ଗରେ ଲାଗୁ ହୁଏ। ଏହି ସୁବିଧା ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ନୁହେଁ, ବରଂ ସମ୍ପୂର୍ଣ୍ଣ କାର୍ଟ ମୂଲ୍ୟ ଉପରେ ଲାଗୁ ହୋଇଥାଏ, ଯାହା ପ୍ରତ୍ୟେକ ଅର୍ଡ଼ରରେ ସହଜ ଋଣ / କ୍ରେଡ଼ିଟ ସୁବିଧା ଉପଲବ୍ଧ କରାଏ । ସେଲ ସମୟରେ ଆମାଜନ ପେ ଲାଟର ଗ୍ରାହକମାନେ କ୍ରେଡ଼ିଟ ଅପଗ୍ରେଡ଼ ଏବଂ ନୂଆ ସାଇନ-ଅପ ପାଇଁ ୬୦୦ ଟଙ୍କା ମୂଲ୍ୟର ଓ୍ୱେଲକମ ରିଓ୍ୱାର୍ଡ଼ ମଧ୍ୟ ପାଇପାରିବେ।

# ବନ୍ୟା ପୀଡିତଙ୍କୁ ରିଲିଫଂରୁ କ୍ଷତିପୂରଣ ସବୁ କ୍ଷେତ୍ରରେ ସରକାର ବିଫଳ: ଓଜେସି

## 'ଚାଷୀଙ୍କ କ୍ଷତିପୂରଣ ବଢ଼ାଅ, ଋଣ ଛାଡ଼କର' ଓଜେସି କୃଷକ ମୋର୍ଚ୍ଚାର ୯ ଦଫା ଦାବି




**ଭୁବନେଶ୍ୱର, (ବ୍ୟୁରୋ) :** ରାଜ୍ୟରେ ବନ୍ୟା ପରିଚାଳନା, ରିଲିଫ ବଣ୍ଟନ, କ୍ଷୟକ୍ଷତି ଆକଳନ ଓ କ୍ଷତିପୂରଣ ଘୋଷଣାରେ ଘୋର ଅବ୍ୟବସ୍ଥା ପ୍ରସଙ୍ଗରେ ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କୃଷକ ଜନତା କଂଗ୍ରେସର ଅଧ୍ୟକ୍ଷ ସଂଗ୍ରାମ କିଶୋର ମାଝୀ, ବନ୍ୟା ପରିଚାଳନା ଓ ବନ୍ୟା ବିପନ୍ନଙ୍କ ସହାୟତାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଥିବା ଅଭିଯାଗ କରିଥିଲେ । ସେ କହିଥିଲେ ଯେ, ଓଡ଼ିଶାରେ ବନ୍ୟାର ପ୍ରକୋପ ବଢୁଥିବାବେଳେ ମୁଖ୍ୟମନ୍ତ୍ରୀ ଓ ଏମପିମାନେ ଦିଲ୍ଲୀରେ ଦଳୀୟ ରାଜନୀତିରେ ବ୍ୟସ୍ତଥିଲେ। ବନ୍ୟାହେବା ଜାଣି ମଧ୍ୟ ସରକାର ଆଦୌ କୌଣସି ପୂର୍ବ ପ୍ରସ୍ତୁତି କରିନଥିଲେ। ପ୍ରଥମେ କହିଲେ ୩ଟି ଜିଲ୍ଲା ପ୍ରଭାବିତ ହେବ, ତାପରେ ୭, ୧୦ ଏବଂ ୧୫ଟି ଜିଲ୍ଲା କହି ବାସ୍ତବରେ ୨୨ଟି ଜିଲ୍ଲା ପ୍ରଭାବିତ ହେଲା। ପୂର୍ବ ବିଜେଡି ସରକାରର ଅପାରଗତା ପାଇଁ ଛତିଶଗଡ଼ ମନମାନୀ କରିବା ସହ ମହାନଦୀ ପାଣିକୁ ବଡ଼ ବଡ଼ ବ୍ୟାରେଜ ଓ ଚେକଡ୍ୟାମ ଜରିଆରେ ଅଟକାଇ ରଖିଲା। ଏବେ ଛତିଶଗଡ଼ରେ ବିଜେପି, କେନ୍ଦ୍ରରେ ବିଜେପି ଏବଂ ଓଡ଼ିଶାରେ ବିଜେପି ସରକାର ଥିଲେ ମଧ୍ୟ ଉପରମୁଣ୍ଡରେ କ୍ୟାଚମେଣ୍ଟ ସମୟରେ କେତେ ପାଣି ଆସିବ ତାହାର କୌଣସି ପ୍ରାକ୍ ସୂଚନା ସମୟାନୁସାରେ ଦିଆଯାଉନାହିଁ। ମହାନଦୀ ଜଳ ପରିଚାଳନାରେ କୌଣସି ସମନ୍ୱୟ ନରହିବା କାରଣରୁ ଓଡ଼ିଶାରେ ବଡ଼ ବନ୍ୟା ହେଲା ଏବଂ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହେଲେ। ବନ୍ୟା ପରବର୍ତ୍ତୀ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ରିଲିଫ, ଶୁଖିଲା, ରନ୍ଧା ଖାଦ୍ୟ କିମ୍ବା ଗୋଖାଦ୍ୟର କୌଣସି ସୁବ୍ୟବସ୍ଥା ହେଲାନାହିଁ। ଯାହାଫଳରେ ରାଜ୍ୟର ୬ଟି ମୂଲ୍ୟବାନ ଜୀବନହାନୀ ହେଲା, ତାହାପାଇଁ ସରକାର ସଂପୂର୍ଣ୍ଣ ଦାୟୀ। ବନ୍ୟାପରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଗସ୍ତ ବାସ୍ତବରେ ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ ଥିଲା ନା ଲୋକଦେଖାଣିଆ ପ୍ରହସନ କରୁଥିଲେ? ସରକାର ଯେଉଁ କ୍ଷୟକ୍ଷତି ରାଶି ଦେବା ପାଇଁ ଘୋଷଣା କଲେ ତାହା ସମୁଦ୍ରକୁ ଶଙ୍ଖେ। ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭ହଜାର ଟଙ୍କା ଦେବାକୁ ସରକାର ଘୋଷଣା କରିଥିବାସ୍ଥଳେ ଚାଷୀଙ୍କ ଖର୍ଚ୍ଚ ପ୍ରାୟ ୮୦ରୁ ୯୦ ହଜାର ଟଙ୍କା ହୋଇଛି। ସେହିପରି ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ମାତ୍ର ୮,୫୦୦ ଟଙ୍କା ସହାୟତା ରାଶି ଘୋଷଣା ହୋଇଥିବାବେଳେ, ଖର୍ଚ୍ଚ କିନ୍ତୁ ୮୦ ହଜାର ଟଙ୍କା। ଯେଉଁ ଚାଷୀମାନେ ପନିପରିବା ଚାଷ କରିଥିଲେ ସେମାନଙ୍କର ସଂପୂର୍ଣ୍ଣ ଚାଷ ଉଜୁଡ଼ି ଯାଇଛି। ୨୦୧୮ ମସିହାରେ ବିଧାନସଭାରେ ପାରିତ ହୋଇଥିବା ସର୍ବଦଳୀୟ ପ୍ରସ୍ତାବ ଅନୁସାରେ, ପ୍ରତି କ୍ୱିଣ୍ଟାଲ ପିଛା ଚାଷୀର ଖର୍ଚ୍ଚ ଅତିକମରେ ୨୩୪୪ ଟଙ୍କାକୁ ଅନୁମୋଦନ ମିଳିଥିଲା। ସେହି ଅନୁସାରେ ହେକ୍ଟର ପିଛା ଧାନ ଚାଷ ପାଇଁ ଖର୍ଚ୍ଚ ଅତିକମରେ ୯୦ ହଜାର ଟଙ୍କା ହୋଇଥିବାବେଳେ, ବନ୍ୟା ସହାୟତା ରାଶି ଚାଷୀଙ୍କ ଦୁର୍ଦ୍ଦଶାପ୍ରତି ଚରମ ଉପହାସ। ଡବଲ ଇଞ୍ଜିନ ସରକାର ପଖାଳ ଖାଇବାରେ, ରଙ୍ଗବୋଳିବାରେ, ସରକାରୀ ଉତ୍ସବ ପାଳନରେ ଏବଂ ମୁଖ୍ୟମନ୍ତ୍ରୀ ତାଙ୍କ ଥାଟବାଟ ଦେଖାଇ ବୁଲିବାରେ ଶହ ଶହ କୋଟି ଖର୍ଚ୍ଚ ହେଉଥିବାବେଳେ, ଚାଷୀର ମୃତ୍ୟୁରେ ମାତ୍ର ୪ ଲକ୍ଷ ଟଙ୍କା ଘୋଷଣା ସରକାରଙ୍କ ସମ୍ବେଦନହୀନତାକୁ ପ୍ରମାଣିତ କରୁଛି। ଘୋଷଣା ହୋଇଥିବା ଭଙ୍ଗା ଗୁହାଳ ଘର ପାଇଁ ୩ହଜାର ଟଙ୍କା, ଭଙ୍ଗା କୁଡ଼ିଆ ଘର ପାଇଁ ୮ହଜାର ଓ ଆଂଶିକ କ୍ଷତିଗ୍ରସ୍ତ ଛାତଘର ମରାମତି ପାଇଁ ୬୫୦୦ ଟଙ୍କା ଆଦୌ ପର୍ଯ୍ୟାପ୍ତ ନୁହେଁ। ପୁରୁଣା ୫ଉଜର ନିୟମ ଅନୁସାରେ ସହାୟତା ରାଶି ଘୋଷଣା କରି ସରକାର ଚାଷୀକୂଳକୁ ଠକୁଛନ୍ତି। ଆଜି ଦରଦାମ ଯାହା ସେହି ଅନୁସାରେ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରିବା ପାଇଁ ଶ୍ରୀ ମାଝୀ ଦୃଢ଼ ଦାବି ଜଣାଇଥିଲେ। ଓଜେସି କୃଷକ ମୋର୍ଚ୍ଚାର ପ୍ରମୁଖ ଦାବି: ସରକାର ତୁରନ୍ତ ଚାଷଜମିର କ୍ଷୟକ୍ଷତି ବାବଦରେ ଘୋଷିତ ନିଷ୍ପତ୍ତିରେ ପରିବର୍ତ୍ତନ କରନ୍ତୁ ଏବଂ ହେକ୍ଟର ପିଛା ସର୍ବନିମ୍ନ ୮୦ ହଜାର ପର୍ଯ୍ୟନ୍ତ ସହାୟତା ରାଶି ତୁରନ୍ତ ପ୍ରଦାନ କରନ୍ତୁ। କେବଳ ଧାନ ନୁହେଁ, ପନିପରିବା କ୍ଷୟକ୍ଷତିର ମଧ୍ୟ ଆକଳନ କରି କ୍ଷତି ଭରଣା କରନ୍ତୁ। ୨: ସରକାର ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କର ଅବିଳମ୍ବେ ଋଣ ଛାଡ଼ କରନ୍ତୁ। ୩: ବନ୍ୟା ଛାଡ଼ିଲା ପରେ ଚାଷକାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ସ୍ୱଳ୍ପ ସମୟ ମଧ୍ୟରେ ଚାଷୀଙ୍କୁ ବିହନ, ସାର ମାଗଣାରେ ଯୋଗାଇ ଦିଅନ୍ତୁ। ୪: ଗୋ ଚାଷୀ, ମତ୍ସ୍ୟ ଚାଷୀ ଓ କୁକୁଡ଼ା ଚାଷୀ ମାନଙ୍କର କ୍ଷୟକ୍ଷତି ଆକଳନ କରି ଅତିଶୀଘ୍ର କ୍ଷତିପୂରଣ ରାଶି ପ୍ରଦାନ କରନ୍ତୁ। ୫: ବନ୍ୟାରେ ଭାଙ୍ଗି ଯାଇଥିବା ଘର ପାଇଁ ଅତିକମରେ ୨ ଲକ୍ଷ ୫୦ ହଜାର ଟଙ୍କା ସରକାର ପ୍ରଦାନ କରନ୍ତୁ। ୬: ବନ୍ୟାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ବଦଳରେ ସରକାର ୧୦ ଲକ୍ଷ ଅନୁକମ୍ପା ରାଶି ପ୍ରଦାନ କରନ୍ତୁ। ୭: ବନ୍ୟା ପ୍ରଭାବିତ ଅଞ୍ଚଳକୁ ସରକାର ସ୍ୱତନ୍ତ୍ର ମେଡିକାଲ ଟିମ ପଠାନ୍ତୁ ଏବଂ ଡାଇରିଆ ଓ ପାଣିଜନିତ ରୋଗ ସମସ୍ୟାର ନିରାକରଣ ଦିଗରେ ଚେଷ୍ଟିତ ହୁଅନ୍ତୁ। ୮: ସଂପୂର୍ଣ୍ଣ ନିରପେକ୍ଷ ଭାବରେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଅତିଶୀଘ୍ର ସହାୟତା ରାଶି ପ୍ରଦାନ କରନ୍ତୁ। ୯: ଘାଇ ସୃଷ୍ଟି ହୋଇଥିବା ବନ୍ୟାଞ୍ଚଳରେ ବାଲିଚର ଚାଷଜମିରୁ ବାଲି ଉଦ୍ଧାର ପାଇଁ ସରକାର ପଦକ୍ଷେପ ନିଅନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଜେସି ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଏବଂ ବରିଷ୍ଠ କୃଷକ ନେତା ଦୁର୍ଗାଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.107, Wednesday, 5 August 2026, Puri, Pages - 21, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୭, ବୁଧବାର, ୫ ଅଗଷ୍ଟ ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



